NITIDIN
# ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8+16 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

୧୬ ପୃଷ୍ଠାର ରବିବାର ମ୍ୟାଗାଜିନ୍ 'ନଜର' ସହ

SUNDAY 8 JUNE 2025
ରବିବାର ୮ ଜୁନ୍ ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 24 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୨୪ ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର


## ୨୦ରେ ଓଡ଼ିଶା ଆସିବେ ମୋଦୀ

**ଭୁବନେଶ୍ୱର,୭ା୬/ଏନ୍ଏନ୍ଏସ୍:**



ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତି ସମାରୋହରେ ଯୋଗଦେବେ

ଜୁନ୍ ୧୨ ନୁହେଁ, ଜୁନ୍ ୨୦ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ଗସ୍ତରେ ଆସିବେ। ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତି ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେବେ। ଶନିବାର ଏହି ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ସେ କହିଛନ୍ତି ଯେ ଭୁବନେଶ୍ୱରର ଜନତା ମଇଦାନରେ ହେବାକୁ ଥିବା ବର୍ଷ ପୂର୍ତ୍ତି ସମାରୋହ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଯୋଗଦେବେ। ଏହି କାର୍ଯ୍ୟକ୍ରମ ଓଡ଼ିଶା ସରକାର ଓ ବିଜେପି ନେତାମାନଙ୍କର ମନୋବଳ ବୃଦ୍ଧି କରିବ। ଏହି ଉତ୍ସବରେ ରାଜ୍ୟସ୍ତରୀୟ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ସହିତ ମହିଳା ସଶକ୍ତିକରଣ, ଯୁବ ବିକାଶ, ଆଦିବାସୀ କଲ୍ୟାଣ ଏବଂ କୃଷକଙ୍କ ସମସ୍ୟା ସମ୍ପର୍କୀତ ବିଭିନ୍ନ କାର୍ଯ୍ୟର ସଫଳ ପ୍ରାମାଣିକ ଚଳଚିତ୍ର ପ୍ରଦର୍ଶିତ କରାଯିବ। ବିଜେପି ସରକାର ଦାୟିତ୍ୱ ଗ୍ରହଣ କରିବାର ବର୍ଷକ ଭିତରେ କ'ଣ କରିଛି ତାହାର ସଫଳତା ବଖାଣିବ ବୋଲି ସେ ପ୍ରକାଶ କରିଛନ୍ତି।

## ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**କୁଆଁପାଳ,୭ା୬/ଏନ୍ଏନ୍ଏସ୍:**

ଦୁଇ ଦିନ ଧରି ଘର ବନ୍ଦ ରହିଥିଲା। ସନ୍ଦେହରେ ଲୋକେ ପୁଲିସକୁ ଖବର ଦେଇଥିଲେ। ପୁଲିସ ତହସିଲଦାରଙ୍କ ଉପସ୍ଥିତିରେ ଘର କବାଟ ଭାଙ୍ଗି ପ୍ରେମୀଯୁଗଳଙ୍କ ମୃତଦେହ ଉଦ୍ଧାର କରିଥିଲା। ମାହାଙ୍ଗା ବ୍ଲକ ଖଣ୍ଡୋଳ ଗ୍ରାମରେ ଏପରି ଘଟଣା ଦେଖିବାକୁ ମିଳିଛି।

ସୂଚନା ମୁତାବକ ଗ୍ରାମର କ୍ଷୀରୋଦ ଲେଙ୍କାଙ୍କ ଘରେ ଗତ ୪ଦିନ ହେବ ସାଲେପୁର ମାଛୁଆଡି ବାଲିସାହିର ଦୁର୍ଲ୍ଲଭ ଭୋଇଙ୍କ ଝିଅ ଚିନ୍ମୟୀ ଭୋଇ ଭଡ଼ାରେ ରହୁଥିଲେ। ଚିନ୍ମୟୀ ରାଇସୁଙ୍ଗୁଡ଼ା ମେଡିକାଲ୍‌ରେ ନର୍ସ ଭାବେ କାର୍ଯ୍ୟ କରୁଥିଲେ। ସବୁଦିନ ସେ ମେଡିକାଲରେ ଡ୍ୟୁଟି କରିବାକୁ ସକାଳୁ ଯାଇ ସନ୍ଧ୍ୟାରେ ଫେରନ୍ତି। ଗତ ଦୁଇଦିନ ଧରି ସେ ଘରୁ ବାହାରିନଥିଲେ। ୬ରୁ ୭ତାରିଖ ଦିନ ଅପରାହ୍ଣ ପର୍ଯ୍ୟନ୍ତ ଭଡ଼ାଘରର କବାଟ ବନ୍ଦ ଥିବାରୁ ସ୍ଥାନୀୟ ଲୋକେ ସନ୍ଦେହ କରି ଏନେଇ ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି କବାଟ ଖୋଲିବାରୁ ଚିନ୍ମୟୀଙ୍କ ସହିତ ସାଲେପୁର ଅଞ୍ଚଳ ସୌରୀ ଗ୍ରାମର ଦେବେନ୍ଦ୍ର ମୁଣ୍ଡାଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ମିଳିଥିଲା। ତେବେ ପ୍ରେମ ସମ୍ପର୍କକୁ ନେଇ ଏଭଳି କରୁଣ ପରିସ୍ଥିତି ହୋଇଥିବା ଚିନ୍ମୟୀଙ୍କ ଅଜା କହିଥିଲା ବେଳେ ମାଆ ଅନ୍ନପୂର୍ଣ୍ଣା ▶▶ ୫

### ୭ ଦିନ ଲାଗିରହିବ ବର୍ଷା

## ଆଜିଠୁ ତାପମାତ୍ରା ଛୁଇଁବ ୪୦ ଡିଗ୍ରୀ

**ଭୁବନେଶ୍ୱର,୭ା୬/ଏନ୍ଏନ୍ଏସ୍:**

ବର୍ଷା ସତ୍ତ୍ୱେ ରାଜ୍ୟରେ ଗରମ ଓ ଗୁଳୁଗୁଳି ଜାରିରହିଛି । ଆଗାମୀ ପାଞ୍ଚଦିନ ଯାଏ ଉପକୂଳ ଓଡ଼ିଶାରେ ହଟ୍ ଆଣ୍ଡ୍ ହିଟ୍ ହ୍ୟୁମିଡିଟି ଜାରି ରହିବ। ଅସହ୍ୟ ଗରମ ଗୁଳୁଗୁଳି ଅନୁଭୂତ ହେବ। ଆସନ୍ତାକାଲିଠୁ ଏକାଧିକ ଜିଲ୍ଲାରେ ତାପମାତ୍ରା ୪୦ଡିଗ୍ରୀ ଅତିକ୍ରମ କରିବ। ପୁରୀ, ଖୋର୍ଦ୍ଧା, ନୟାଗଡ଼, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ଯାଜପୁର, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଆଗାମୀ ପାଞ୍ଚ ଦିନ ଯାଏ ଅସହ୍ୟ ଗରମ ଓ ଗୁଳୁଗୁଳି ହେବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି। ଉପକୂଳର ୧୧ଟି ଜିଲ୍ଲାକୁ ଛାଡ଼ିଦେଲେ ବାକି ଜିଲ୍ଲାରେ ଗରମ ଗୁଳୁଗୁଳିରୁ ତ୍ରାହି ମିଳିବ। ଆଗାମୀ ସାତ ଦିନ ଯାଏଁ ରାଜ୍ୟର ସମସ୍ତ ଜିଲ୍ଲାରେ ବର୍ଷା ଲାଗିରହିବ।

ଏନେଇ ପାଣିପାଗ ନିର୍ଦ୍ଦେଶକ ମନୋରମା ମହାନ୍ତି କହିଛନ୍ତି ଆଗାମୀ ସାତ ଦିନ ପାଇଁ ବର୍ଷା ଲାଗିରହିବା ସହ ବିଜୁଳି ଘଡ଼ଘଡ଼ି ଓ ଝଟକା ପବନ ମଧ୍ୟ ୩୦ରୁ ୪୦କିମି ପ୍ରତି ଘଣ୍ଟା ବେଗରେ ବହିବାର ସମ୍ଭାବନା ରହିଛି। ଆଗାମୀ ୨୪ଘଣ୍ଟା ପାଇଁ ମଧ୍ୟ ରାଜ୍ୟର କିଛି କିଛି ସ୍ଥାନରେ ହାଲୁକା ଓ ମଧ୍ୟମ ଧରଣର ବର୍ଷା ସହିତ ବିଜୁଳି ଘଡ଼ଘଡ଼ି ଓ ଝଟକା ପବନ ବହିବାର ସମ୍ଭାବନା ▶▶ ୫

### ଆର୍ଥିକସ୍ତରରେ ସଶକ୍ତ ହେଉଛନ୍ତି ଭାରତୀୟ

# ୫.୩%କୁ ଖସିଲା ଦାରିଦ୍ର୍ୟତା ହାର

**ନୂଆଦିଲ୍ଲୀ,୭ା୬/ଏଜେନ୍ସି:**

ଭାରତ ଏବଂ ପ୍ରତ୍ୟେକ ଭାରତୀୟ ନାଗରିକଙ୍କ ପାଇଁ ଏକ ବଡ଼ ଖୁସି ଖବର। ଦେଶରେ ଏବେ ଦାରିଦ୍ର୍ୟ ହାର ଅତ୍ୟନ୍ତ ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି। ୨୦୧୧-୧୨ ବର୍ଷ ତୁଳନାରେ ୨୦୨୨-୨୩ ବର୍ଷରେ ଦେଶରେ ଅନେକ ଲୋକ ଦାରିଦ୍ର୍ୟ ସୀମାରେଖାରୁ ଉପରକୁ ଉଠିଛନ୍ତି। ବିଶ୍ୱବ୍ୟାଙ୍କ୍ ପକ୍ଷରୁ ସଦ୍ୟ ପ୍ରକାଶିତ ରିପୋର୍ଟରୁ ଏପରି କିଛି ଦର୍ଶାଯାଇଛି, ଯାହାକି ଆର୍ଥିକସ୍ତରରେ ଭାରତର ଜୟଯାତ୍ରାକୁ ପ୍ରତିଫଳିତ କରିଛି। ବିଶ୍ୱବ୍ୟାଙ୍କ୍ ରିପୋର୍ଟ ଅନୁସାରେ ୨୦୧୧-୧୨ ବର୍ଷ ବେଳକୁ ଭାରତରେ ଦାରିଦ୍ର୍ୟତା ହାର ଯେଉଁଠି ୨୭%ରୁ ଉର୍ଦ୍ଧ୍ୱରେ ରହିଥିଲା ସେତେବେଳେ ୨୦୨୨-୨୩ ସୁଦ୍ଧା ଏହା ୫.୩%କୁ ହ୍ରାସ ପାଇଛି। ୨୦୧୧-୧୨ ବେଳକୁ ଯେଉଁଠି ଭାରତରେ ୩୪୪.୪୭ ନିୟୁତ ଲୋକ ଦାରିଦ୍ର୍ୟ ସୀମାରେଖା ଅନ୍ତର୍ଗତ ରହୁଥିଲେ ସେତେବେଳେ ୨୦୨୨-୨୩ ବେଳକୁ ମାତ୍ର ୭୫.୨୪ ନିୟୁତ ଲୋକ ଏବେ ଏହି ବର୍ଗରେ ରହିଛନ୍ତି। ସିଧାସଳଖ ଅର୍ଥରେ ମାତ୍ର ୧୦-୧୧ ବର୍ଷ ମଧ୍ୟରେ ଭାରତରେ ଜୀବନଧାରଣ ମାନ (ଆର୍ଥିକ ସ୍ତର)ରେ ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି। ଅତ୍ୟଧିକ ଗରିବୀ ସୀମାରେଖାରେ ଥିବା ଜନସଂଖ୍ୟା ଏହି ସମୟରେ ୩୪.୪୪ କୋଟିରୁ ୭.୫୦କୋଟିକୁ ହ୍ରାସ ପାଇଛି। ମୋଟାମୋଟି ଏହି ସମୟ ସୁଦ୍ଧା ୨୬୯ ନିୟୁତ ଲୋକ ଦାରିଦ୍ର୍ୟ ସୀମାରେଖାରୁ ବାହାରିବା ଭାରତ ପାଇଁ ଏକ ବହୁତ ବଡ଼ ଉପଲବ୍ଧି ବୋଲି ବିଶ୍ୱ ବ୍ୟାଙ୍କ୍ ରିପୋର୍ଟ ଦର୍ଶାଇଛି। ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ବିହାର, ପଶ୍ଚିମବଙ୍ଗ ଏବଂ ମଧ୍ୟପ୍ରଦେଶରେ ଦାରିଦ୍ର୍ୟ ହାର ଆଖିଦୃଶିଆ ଭାବେ ହ୍ରାସ ପାଇଛି। ଏହି ରାଜ୍ୟଗୁଡ଼ିକ ମୁଖ୍ୟତଃ ଦାରିଦ୍ର୍ୟତା ହାର ପାଇଁ ଅଧିକ ମାତ୍ରା (ଦୁଇ ତୃତୀୟାଂଶ)ରେ ଦାୟୀ ରହିଥିଲେ।

### ୧୧ବର୍ଷରେ ସୀମାରେଖା ଡେଇଁଲେ ୨୬୯ ନିୟୁତ




ନିକଟରେ ବିଶ୍ୱବ୍ୟାଙ୍କ ଦାରିଦ୍ର୍ୟ ସୀମାରେଖା ହାର ଲାଗି ମାନକରେ ସଂଶୋଧନ କରିଥିଲା। ଦୈନିକ ଆୟ ୨.୧୫ ଡଲାର୍‌ରୁ ବଢ଼ାଇ ଏହାକୁ ୩ ଡଲାର୍ କରିଥିଲା। ଏହି ମାନଦଣ୍ଡ ଅନୁଯାୟୀ ଦେଶର ପ୍ରାୟ ୨୭ କୋଟି ଲୋକ ଦାରିଦ୍ର୍ୟ ସୀମାରେଖାରୁ ଉପରକୁ ଉଠିଛନ୍ତି। ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ହାର ୧୮.୪%ରୁ ୨.୮%କୁ ଖସିଥିବାବେଳେ ସହରାଞ୍ଚଳରେ ଏହା ୧୦.୭%ରୁ ୧.୧%କୁ ହ୍ରାସ ପାଇଛି। ଏତଦ୍‌ବ୍ୟତୀତ ବିଶ୍ୱବ୍ୟାଙ୍କ୍ ରିପୋର୍ଟ ଏହା ମଧ୍ୟ ଦର୍ଶାଉଛି ଯେ ଭାରତ ବହୁ ପରିମାଣୀୟ ଦାରିଦ୍ର୍ୟ ହ୍ରାସ କରିବାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି କରିଛି। ତଥ୍ୟ ଅନୁଯାୟୀ, ବହୁପରିମାଣୀୟ ଦାରିଦ୍ର୍ୟ ସୂଚକାଙ୍କ (ଏମ୍‌ପିଆଇ) ୨୦୦୫-୦୬ରେ ୫୩.୮%ରୁ ୨୦୧୯-୨୧ ସୁଦ୍ଧା ୧୬.୪%କୁ ହ୍ରାସ ପାଇଛି। ତେବେ ୨୦୨୨-୨୩ରେ ଏହା ୧୫.୫%କୁ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି।

କେନ୍ଦ୍ରରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କ ୧୧ବର୍ଷ ପୂରଣ ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ଲୋକଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରିବା ପାଇଁ କେନ୍ଦ୍ର ଦ୍ୱାରା ନିଆଯାଇଥିବା ଯୁଗାନ୍ତକାରୀ ପଦକ୍ଷେପ ଏବଂ ସଶକ୍ତିକରଣ, ଭିତ୍ତିଭୂମି ଏବଂ ଅନ୍ତର୍ଭୁକ୍ତିକରଣ ଉପରେ ଧ୍ୟାନଦେବା ଉପରେ ନିରନ୍ତର ଭାବେ ଗୁରୁତ୍ୱାରୋପ କରିଆସୁଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦୂରଦୃଷ୍ଟିସମ୍ପନ୍ନ ସରକାରଙ୍କ ଅଧୀନରେ ଏକ ପ୍ରମୁଖ ସଫଳତା ସ୍ୱରୂପ, ଭାରତ ଗତ ଦଶନ୍ଧିରେ ଏହାର ଚରମ ଦାରିଦ୍ର୍ୟ ହାର ହ୍ରାସ କରିବାରେ ଉଲ୍ଲେଖନୀୟ ଅଗ୍ରଗତି କରିଛି। 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା, ଜନଧନ ଯୋଜନା ଏବଂ ଆୟୁଷ୍ମାନ ଭାରତ ଭଳି ପଦକ୍ଷେପ ଗୃହ, ସ୍ୱଚ୍ଛ ରୋଷେଇ ଇନ୍ଧନ, ବ୍ୟାଙ୍କିଙ୍ଗ ଏବଂ ସ୍ୱାସ୍ଥ୍ୟସେବା ପାଇଁ ସୁବିଧାକୁ ବ୍ୟାପକ କରାଯାଇଛି। ଏତଦ୍‌ବ୍ୟତୀତ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି), ଡିଜିଟାଲ୍ ଅନ୍ତର୍ଭୁକ୍ତିକରଣ ଏବଂ ଦୃଢ଼ ଗ୍ରାମୀଣ ଭିତ୍ତିଭୂମି ଶେଷ ମାଇଲ ପର୍ଯ୍ୟନ୍ତ ସ୍ୱଚ୍ଛତା ଏବଂ ଦ୍ରୁତ ଲାଭ ବିତରଣ ସୁନିଶ୍ଚିତ କରିଛି, ଯାହା ୨୫ କୋଟିରୁ ଅଧିକ ଲୋକଙ୍କୁ ଦାରିଦ୍ର୍ୟ ଦୂର କରିବାରେ ସାହାଯ୍ୟ କରିଛି।

### ବଢ଼ିଚାଲିଛି କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା

## ଅଧିକ ସଜାଗ ହେଲେ ରାଜ୍ୟ ସରକାର

**ଭୁବନେଶ୍ୱର,୭ା୬/ଏନ୍ଏନ୍ଏସ୍:**

ରାଜ୍ୟ ତଥା ଦେଶରେ କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ସପ୍ତାହ ଭିତରେ ରାଜ୍ୟରେ କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା ୩୮କୁ ବୃଦ୍ଧି ହୋଇଛି। ସେହିପରି ଦେଶରେ ଏବେ ୫୦୦୦ ପାର୍ କଲାଣି ସଂକ୍ରମଣ ସଂଖ୍ୟା। ଯାହାକୁ ନେଇ ଏବେ ଅଧିକ ସଜାଗ ହୋଇଛନ୍ତି ରାଜ୍ୟ ସରକାର।

ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟରେ ଜୁନ୍ ୬ ସୁଦ୍ଧା ମୋଟ୍ ୭୫୫ ନମୁନା ପରୀକ୍ଷା କରାଯାଇଥିବା ବେଳେ ଏଥିରେ ୩୮ ପଜିଟିଭ୍ କେସ୍ ବାହାରିଛି। ଏମାନଙ୍କ ମଧ୍ୟରୁ ୯ଜଣ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି। ଯେତେବେଳେ ବାକି ମାମଲାଗୁଡ଼ିକ ଘରୋଇ ଚିକିତ୍ସାରେ ରହିଛି। ଏଥିସହିତ ଏମାନେ କ୍ଲିନିକାଲ୍ ସ୍ଥିରଥିବା ରିପୋର୍ଟ କରାଯାଇଛି।



ବଢୁଥିବା କୋଭିଡ୍-୧୯ ସଂକ୍ରମଣକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ବଢୁଥିବା ଜନସ୍ୱାସ୍ଥ୍ୟ ପରିସ୍ଥିତିକୁ ତଦାରଖ, ନିୟନ୍ତ୍ରଣ ଏବଂ ପରିଚାଳନା ପାଇଁ ପଦକ୍ଷେପ ନେଇଛନ୍ତି। ଜାତୀୟ ପ୍ରସ୍ତୁତିର ମୂଲ୍ୟାଙ୍କନ ପାଇଁ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟର ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଗତ ୩ ତାରିଖରେ ଏକ ଭର୍ଚୁଆଲ୍ ବୈଠକ ଡକାଯାଇଥିଲା। ଯେଉଁଥିରେ ରାଜ୍ୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ, ଆଇସିଏମ୍‌ଆର୍ ପ୍ରତିଷ୍ଠାନ, ରାଜ୍ୟ ପରୀକ୍ଷଣ ୟୁନିଟ୍ ଏବଂ ଏନ୍‌ସିଡିସିର ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଏହି ବୈଠକ ପରେ ଭାରତ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଏକ ପ୍ରେସ୍‌ନୋଟ୍ ସନ୍ଦର୍ଭ ପାଇଁ ସଂଲଗ୍ନ କରାଯାଇଛି। ଯେଉଁଥିରେ ନାଗରିକଙ୍କ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସମସ୍ତ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନଗୁଡ଼ିକୁ ଅକ୍ସିଜେନ୍ ଯୋଗାଣ, ଆଇସୋଲେସନ୍ ବେଡ୍, ଭେଣ୍ଟିଲେଟର୍‌ର ଏବଂ ଅତ୍ୟାବଶ୍ୟକ ଔଷଧର ଉପଲବ୍ଧତା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ଆଇଡିଏସ୍‌ପି ଅଧୀନରେ ଥିବା ରାଜ୍ୟ ଏବଂ ▶▶ ୫

## ରଥ ଉପକରଣ ବିକ୍ରି ପାଇଁ ନୂଆ ଏସ୍ଓପି



**ପୁରୀ,୭ା୬/ଏନ୍ଏନ୍ଏସ୍:**

ରଥ ଉପକରଣ ବିକ୍ରି ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆସିଲା ନୂଆ ଏସ୍‌ଓପି। ଉଚ୍ଚା ଦର ଯୋଗୁ ବିକ୍ରି ହୋଇନପାରି ଶ୍ରୀଗୁଣ୍ଡିଚା ମନ୍ଦିର ପରିସରରେ ଖତ ଖାଉଛି ଗତ ବର୍ଷଗୁଡ଼ିକରେ ବ୍ୟବହୃତ ରଥର ଚକ, ପ୍ରଭା ସମେତ ବିଭିନ୍ନ ଉପକରଣ। ସେପଟେ ୨୦୨୫ ରଥ ଉପକରଣ ବିକ୍ରି ନିମନ୍ତେ ନୂଆ ଏସ୍‌ଓପି ଜାରି କରିଛି ଶ୍ରୀମନ୍ଦିର ପ୍ରଶାସନ। ଏଥିସହ ନୂଆ ଦର ମଧ୍ୟ ନିର୍ଦ୍ଧାରଣ ହୋଇଛି। ବଡ଼ଠାକୁରଙ୍କ ତାଳଧ୍ୱଜ ରଥର ଚକ ପିଛା ଦାମ୍ ୨ ଲକ୍ଷ ଟଙ୍କା, ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଚକ ପିଛା ଦାମ୍ ଦେଢ଼ ଲକ୍ଷ ଟଙ୍କା, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଚକ ଦାମ୍ ୩ ଲକ୍ଷ ଟଙ୍କା ରଖାଯାଇଛି। ସେହିପରି ଗୁଜ ଓ ଅଂଶୁଆରୀ ଗୋଟା ପିଛା ଦାମ୍ ୧୫ ହଜାର ଟଙ୍କା ରହିଛି। ପ୍ରଭା ପିଛା ଦାମ୍ ୨୫ ହଜାର ଟଙ୍କା ରହିଛି। ତେବେ ପ୍ରତ୍ୟେକ ରଥର ଗୋଟାଏ ଲେଖାଏଁ ଚକ କିଣିଲେ ଦାମ୍ ୬ ଲକ୍ଷ ଟଙ୍କା ସ୍ଥିର କରାଯାଇଛି। ଆବେଦନକାରୀ ନିର୍ଦ୍ଧାରିତ ଫି' ଦେଇ ଆବେଦନ କରିବା ପରେ ଏହା ଉପରେ ବିଚାର କରି ଶ୍ରୀମନ୍ଦିର ପ୍ରଶାସନ ପଦକ୍ଷେପ ନେବ ବୋଲି ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ସୂଚନା ଦେଇଥିଲେ। ତେବେ ଆବେଦନର ଶେଷ ତାରିଖ ଆସନ୍ତା ସେପ୍ଟେମ୍ବର ୧୫ ତାରିଖ ରଖାଯାଇଛି।

### ଟଳିଲା ଆଉ ଏକ ବଡ଼ ମୁଣ୍ଡ, ମୃତ୍ୟୁସଂଖ୍ୟା ୭କୁ ବୃଦ୍ଧି

## ସୁରକ୍ଷାକର୍ମୀଙ୍କ ଗୁଳିରେ ଭାସ୍କର ନିପାତ



**ବିଜାପୁର,୭ା୬/ଏଜେନ୍ସି:**

ଛତିଶଗଡ଼ ବିଜାପୁରସ୍ଥିତ ଇନ୍ଦ୍ରାବତୀ ଜାତୀୟ ଉଦ୍ୟାନରେ ଗତ ୩ଦିନ ଧରି ଚାଲିଥିବା ମାଓ ବିରୋଧୀ କମ୍ବିଂ ଅପରେସନ୍‌କୁ ଏକ ବଡ଼ ସଫଳତା ମିଳିଛି। ସୁରକ୍ଷା ଯବାନ୍‌ଙ୍କ ଗୁଳିରେ ଶନିବାର ଆଉ ୫ ମାଓବାଦୀ ନିହତ ହୋଇଛନ୍ତି। ଫଳରେ ଏହି ଅପରେସନ୍‌ରେ ନିହତ ମାଓବାଦୀଙ୍କ ସଂଖ୍ୟା ୭କୁ ବୃଦ୍ଧି ପାଇଛି। ଏସମସ୍ତ ମାଓବାଦୀଙ୍କ ମୃତଦେହକୁ ଜବତ କରାଯାଇଛି। ଏହାପୂର୍ବରୁ ଅର୍ଥାତ୍ ଶୁକ୍ରବାର କମ୍ବିଂ ତଥା ସର୍ଚ୍ଚ ଅପରେସନ୍ ସମୟରେ ତେଲେଙ୍ଗାନା ଷ୍ଟେଟ୍ କମିଟି ସଦସ୍ୟ ତଥା କୁଖ୍ୟାତ ମାଓବାଦୀ ନେତା ମୈଲାରାପୁ ଆଦେଲୁ ଓରଫ୍ ଭାସ୍କର ପ୍ରାଣ ହରାଇଥିଲେ। ସେ ଦୀର୍ଘ ସମୟ ଧରି ଉଭୟ ଛତିଶଗଡ଼ ଏବଂ ତେଲେଙ୍ଗାନା ରାଜ୍ୟ ପାଇଁ ମୋଷ୍ଟ ୱାଣ୍ଟେଡ୍ ମାଓବାଦୀ ଭାବେ ବିବେଚିତ ହୋଇଆସୁଥିଲେ। ତାଙ୍କ ମୁଣ୍ଡ ଉପରେ ଛତିଶଗଡ଼ ସରକାର ୨୫ଲକ୍ଷ ଓ ତେଲେଙ୍ଗାନା ସରକାର ୨୦ଲକ୍ଷ ଟଙ୍କାର ପୁରସ୍କାର ରାଶି ମଧ୍ୟ ଘୋଷଣା କରିଥିଲେ। ତେବେ ଡିଆର୍‌ଜି ଓ ▶▶ ୫

## ଫୁଲବାଣୀରେ ମେଡିକାଲ୍ କଲେଜ, ୬୫୦ ଶଯ୍ୟାର ହସ୍ପିଟାଲ୍ ଉଦ୍‌ଘାଟିତ

# ସମୃଦ୍ଧ ଓଡ଼ିଶାରେ ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ଭିତ୍ତିଭୂମିକୁ ଗୁରୁତ୍ୱ

**ଭୁବନେଶ୍ୱର,ଫୁଲବାଣୀ,କନ୍ଧମାଳ,୭ା୬/ଏନ୍ଏନ୍ଏସ୍:**

କନ୍ଧମାଳବାସୀଙ୍କ ଆଶା ପୂରଣ ହୋଇଛି। ଉନ୍ନତ ସ୍ୱାସ୍ଥ୍ୟ ସେବା ପାଇବା ପାଇଁ ସେମାନଙ୍କର ବହୁଦିନର ସ୍ୱପ୍ନ ସାକାର ହୋଇଛି। ଏହି ମେଡିକାଲ୍ କଲେଜ୍ ଏକ ସୁନିଶ୍ଚିତ ଓ ଗୁଣବତ୍ତାପୂର୍ଣ୍ଣ ସ୍ୱାସ୍ଥ୍ୟସେବା ପ୍ରଦାନ କରିବ। ଆଖପାଖ ଅଞ୍ଚଳର ଲୋକଙ୍କ ଜୀବନରେ ବଡ଼ ପରିବର୍ତ୍ତନ ଆଣିବା ପାଇଁ ପ୍ରେରଣା ହେବ। ଏହି ୬୫୦ ଶଯ୍ୟା ବିଶିଷ୍ଟ ସରକାରୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ଦ୍ୱାରା କେବଳ କନ୍ଧମାଳ ଜିଲ୍ଲା ନୁହେଁ ବରଂ ସମଗ୍ର ରାଜ୍ୟରେ ସ୍ୱାସ୍ଥ୍ୟସେବାର ଏକ ନୂତନ ଅଧ୍ୟାୟ ସୃଷ୍ଟିହେବ।

ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କନ୍ଧମାଳ ଜିଲ୍ଲା ଗସ୍ତକରି ଫୁଲବାଣୀଠାରେ ୧୦୦ ଶଯ୍ୟା ବିଶିଷ୍ଟ ସରକାରୀ ମେଡିକାଲ୍ କଲେଜ ଓ ୬୫୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ୍‌ର ଶୁଭ ଉଦ୍‌ଘାଟନ କରିବା ସହିତ ଜିଲ୍ଲାର ବିକାଶ ପାଇଁ ପ୍ରାୟ ୭୫୦ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରି ଏହା ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମ ସରକାର ଆସିବା ମାତ୍ରେ ଓଡ଼ିଶା ଲୋକଙ୍କ ବହୁ ଆକାଂକ୍ଷିତ 'ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଏହା ଦ୍ୱାରା ଓଡ଼ିଶାର ସାଢ଼େ ତିନି କୋଟି ଲୋକ ଦେଶର ୨୯ ହଜାର ବେସରକାରୀ ମେଡିକାଲରେ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ପାଇପାରିବେ। 'ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ସହିତ ରାଜ୍ୟ ସରକାରଙ୍କ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାକୁ ଏକକ ସ୍ୱାସ୍ଥ୍ୟସେବା ଯୋଜନା ଭାବେ କାର୍ଯ୍ୟକାରୀ କରାଯାଉଛି। ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା ସମ୍ମିଳିତ ଭାବେ ଉତ୍ତମ ସ୍ୱାସ୍ଥ୍ୟ ସେବାର ସୁବିଧା ବୃଦ୍ଧି ପାଇଁ ଗୁରୁତ୍ୱ ପ୍ରଦାନ କରୁଛି। ଏହି ତିନୋଟି ସ୍ୱାସ୍ଥ୍ୟସେବା ଯୋଜନା ଦ୍ୱାରା ରାଜ୍ୟର ୮୦ ପ୍ରତିଶତରୁ ବି ଅଧିକ ସାଧାରଣ ଜନତା ସୁବିଧା ପାଇବେ।



ମୁଖ୍ୟମନ୍ତ୍ରୀ କହିଛନ୍ତି, ଗତ ୨୪ ବର୍ଷରେ ବିଶ୍ୱସ୍ତରୀୟ ସେବା ନାଁରେ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସଂପୂର୍ଣ୍ଣ ଭାବେ ଅଣଦେଖା କରାଯାଇଥିଲା। ଏହାକୁ ସଜାଡ଼ିବା ସହିତ ଉନ୍ନତ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ କାର୍ଯ୍ୟ ଜାରିରହିଛି। ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପାଇଁ ଆସନ୍ତା ଏକ ବର୍ଷ ମଧ୍ୟରେ ଓଡ଼ିଶାରେ ଡାକ୍ତରଙ୍କ ଅଭାବ ରହିବ ନାହିଁ, ପ୍ରତ୍ୟେକ ହସ୍ପିଟାଲ୍‌ରେ ଆବଶ୍ୟକ ଡାକ୍ତରଙ୍କୁ ପୋଷ୍ଟିଂ କରାଯିବ। ଏହି ସେବା ପାଇଁ ଆବଶ୍ୟକ ପାଣ୍ଠି। ମୁଁ ସେଥିପାଇଁ କୌଣସି କାର୍ପଣ୍ୟ କରିନାହିଁ। ଚଳତ ବଜେଟ୍‌ରେ କେବଳ ସ୍ୱାସ୍ଥ୍ୟସେବା ପାଇଁ ୨୩ ହଜାର ୬୩୫ କୋଟି ଟଙ୍କାର ପ୍ରାବଧାନ କରିଛି ଯାହା ମୋଟ ବଜେଟ୍‌ର ୮.୨%। ଏହା ରାଜ୍ୟ ଇତିହାସରେ ସବୁଠାରୁ ଅଧିକ। ▶▶ ୫

**୭୫୦ କୋଟିର ୧୦ ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ**

**ପ୍ରାୟ ୯୪ କୋଟିରୁ ଉର୍ଦ୍ଧ୍ୱ ୫ ପ୍ରକଳ୍ପର ଭିତ୍ତିପ୍ରସ୍ତର**

**କନ୍ଧମାଳ ପର୍ଯ୍ୟଟନର ବିକାଶ ପାଇଁ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଧ୍ୟାନ**

**ଜମିକୁ ଜଳ ଓ ଚାଷୀଙ୍କୁ ବଳ ଦେଇ ତ୍ୱରାନ୍ୱିତ ହେବ ବିକାଶର ଧାରା**

### ସୁବର୍ଣ୍ଣପୁର ହେବ ସୁନାର ଜିଲ୍ଲା

**ଭୁବନେଶ୍ୱର,୭ା୬/ଏନ୍ଏନ୍ଏସ୍:**

- ୩୨୩ କୋଟିରୁ ଉର୍ଦ୍ଧ୍ୱ ମୂଲ୍ୟର ୫୬ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ
- ଗୋଧନେଶ୍ୱର, ଖଇରମାଳ, ଉଲୁଣ୍ଡା, ସୁରୁବାଲିରେ ହେବ ନଦୀଗର୍ଭ ଜଳାଶୟ

ଓଡ଼ିଶାର ରାଜନୈତିକ ଓ ସାଂସ୍କୃତିକ ମାନଚିତ୍ରରେ ସୁବର୍ଣ୍ଣପୁର ଅଞ୍ଚଳ ପୁରାତନ କାଳରୁ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏହି ଜିଲ୍ଲା ହେଉଛି ପ୍ରାଚୀନ ଐତିହ୍ୟ, ଧାର୍ମିକ ଭାବନା, ଆଧ୍ୟାତ୍ମିକ ଚିନ୍ତାଧାରା ଓ ଲୋକସଂସ୍କୃତିର ଗୌରବମୟ ପ୍ରତୀକ। ସନ୍ଥକବି ଭୀମଭୋଇଙ୍କର ଶିକ୍ଷା, ଦୀକ୍ଷା ତଥା ସାଧନାର କ୍ଷେତ୍ର। ସାହିତ୍ୟ, ଇତିହାସ ଓ କଳା କ୍ଷେତ୍ରରେ ରାଜ୍ୟରେ ଏ ମାଟିର ପ୍ରସିଦ୍ଧି ରହିଛି। ଜିଲ୍ଲାର ଆକର୍ଷଣୀୟ ବୟନ ଶିଳ୍ପ ଏବଂ ହସ୍ତଶିଳ୍ପ ଓଡ଼ିଶାକୁ ଗୌରବାନ୍ୱିତ କରିଛି। ଏହି ଜିଲ୍ଲାକୁ ସୁନାରେ ପରିଣତ କରିବ ଆମ ସରକାର। ଏଭଳି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଶନିବାର ମୁଖ୍ୟମନ୍ତ୍ରୀ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତରେ ଯାଇ ଜିଲ୍ଲାରେ ୩୨୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପ୍ରକଳ୍ପ ମୂଲ୍ୟର ୫୬ଟି ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ୮୦ କୋଟି ଟଙ୍କା ମୂଲ୍ୟର ୧୧ଟି ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି ଏବଂ ୨୪୪ କୋଟି ଟଙ୍କା ମୂଲ୍ୟର ୪୫ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏହିସବୁ ପ୍ରକଳ୍ପଗୁଡ଼ିକ ମଧ୍ୟରେ ମୁଖ୍ୟତଃ ସଡ଼କ ନିର୍ମାଣ, ଜଳସେଚନ, ସେତୁ ନିର୍ମାଣ, ସ୍ୱାସ୍ଥ୍ୟସେବା ପ୍ରକଳ୍ପ, ମେଗା ଲିଫ୍ଟ ପ୍ରୋଜେକ୍ଟ ଏବଂ ହଷ୍ଟେଲ୍ ଇତ୍ୟାଦି ରହିଛି । ମୁଖ୍ୟମନ୍ତ୍ରୀ ସୁବର୍ଣ୍ଣପୁର ଜିଲ୍ଲାରେ ମହାନଦୀ ଉପରେ ଗୋଧନେଶ୍ୱର ଓ ଖଇରମାଳ (ବୀରମହାରାଜପୁର ବ୍ଲକ) ସହିତ ଉଲୁଣ୍ଡାର ହରିହର ଜୋର ଏବଂ ବୀରମହାରାଜପୁରର ସୁରୁବାଲିଠାରେ ୪ଟି ନଦୀଗର୍ଭ ଜଳାଶୟ ନିର୍ମାଣ କରାଯିବ ବୋଲି ଘୋଷଣା କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ସରକାର ଯାହା କଥା ଦିଅନ୍ତି, ତାହା କରିକି ଦେଖାନ୍ତି। ଆମେ ▶▶ ୫

# ରଥଯାତ୍ରା ନିମନ୍ତେ ଆଇସିଏମ୍ଆର୍‌ର ପ୍ରସ୍ତୁତି




**ପୁରୀ,୭।୬/ଏନ୍ଏନ୍ଏସ୍:** ଆଗାମୀ ରଥଯାତ୍ରା ନିମିତ୍ତ ଆଇସିଏମ୍ଆର୍ ଇଣ୍ଡିଆ ଇଏମ୍ଏସ୍ ପ୍ରକଳ୍ପ ଏବଂ ଏନ୍ଏସ୍ଏସ୍ ବ୍ୟୁରୋ (ଏମ୍ସ ଭୁବନେଶ୍ୱର) ଏକ ହୃଦ-ଫୁସଫୁସିୟ ପୁନର୍ଜୀବନର ପ୍ରଣାଳୀ (ସିପିଆର୍) ଏବଂ ପ୍ରାଥମିକ ଚିକିତ୍ସା ତାଲିମ ଆୟୋଜନ କରିଛନ୍ତି। ଜିଲ୍ଲା ପ୍ରଶାସନ, ପୁରୀ ସହିତ ମିଳିତ ସହଯୋଗରେ ଏକ ଦିନିକିଆ ସିପିଆର ଏବଂ ପ୍ରାଥମିକ ଚିକିତ୍ସା ତାଲିମ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଥିଲା। ଆଇସିଏମଆର-ଇଣ୍ଡିଆ ଇଏମଏସ୍ ପ୍ରୋଜେକ୍ଟ ହେଉଛି ପୁରୀ ଜିଲ୍ଲାରେ ଉନ୍ନତମାନର ଜରୁରୀକାଳୀନ ଚିକିତ୍ସା ବ୍ୟବସ୍ଥାର ମଡେଲ୍ ବିକଶିତ କରିବା ପାଇଁ ଏକ ପ୍ରକଳ୍ପ ଯାହା ଆଇସିଏମଆର ଦ୍ୱାରା କମିଶନ କରାଯାଇଛି ଏବଂ ରାଜ୍ୟ ସରକାରଙ୍କ ସହିତ ମିଳିତ ସହଯୋଗରେ ଏମ୍ସ ଭୁବନେଶ୍ୱର ଦ୍ୱାରା କାର୍ଯ୍ୟକାରୀ କରାଯାଇଛି। ୨୦ ଜଣ ପୁଲିସ କର୍ମଚାରୀ, ୨୦ ଜଣ ଅଗ୍ନିଶମ କର୍ମଚାରୀ, ୨୦ ଜଣ ଲାଇଫଗାର୍ଡ, ୧୪ ଜଣ ନର୍ସିଂ ଅଧିକାରୀ, ୧୭ ଜଣ ଆଟେଣ୍ଡାଣ୍ଟ, ୧୯ ଜଣ ସ୍ୱେଚ୍ଛାସେବୀ (ଆପାଦ ମିତ୍ର, ଏନଏସଏସ, ରେଡକ୍ରସ, ସେଣ୍ଟ ଜନ୍ ଏବଂ ହାପିନେସ୍ ଫାଉଣ୍ଡେସନ୍) ଏବଂ ୧୯ ଜଣ ଅଟୋ ଡ୍ରାଇଭରଙ୍କ ସମେତ ମୋଟ ୧୨୯ ଜଣ ଅଂଶଗ୍ରହଣକାରୀଙ୍କୁ ସିପିଆର, ପ୍ରାଥମିକ ଚିକିତ୍ସା ଏବଂ ଅଗ୍ନି ନିରାପତ୍ତା ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଏହି ତାଲିମର ଲକ୍ଷ୍ୟ ଥିଲା ସମୟରେ ଆଶା କରାଯାଉଥିବା ବଡ଼ ସମାବେଶକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଭାବରେ କାର୍ଯ୍ୟ କରୁଥିବା ସମ୍ଭାବ୍ୟ ପ୍ରଥମ ପ୍ରତିକ୍ରିୟାକାରୀଙ୍କୁ ଜୀବନ ରକ୍ଷାକାରୀ କୌଶଳ ସହିତ ସଜ୍ଜିତ କରିବା। ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲ୍ଲାପାଳ, ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ, ମନୀଷା ଷଡ଼ଙ୍ଗୀ, ଡେପୁଟି କଲେକ୍ଟର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ, ଡକ୍ଟର ପବିତ୍ର ମୋହନ ମଲ୍ଲିକ, ଜିଲ୍ଲା ଚିକିତ୍ସା ଅଧିକାରୀ କମ୍ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ, ପୁରୀଙ୍କ ମାର୍ଗଦର୍ଶନରେ ଏହି ତାଲିମ କାର୍ଯ୍ୟକ୍ରମ ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ, ପୁରୀ ସହିତ ମିଳିତ ସମନ୍ୱୟରେ ପରିଚାଳିତ ହୋଇଥିଲା। ତାଲିମ ଏମ୍ସ ଭୁବନେଶ୍ୱରର ବିଶେଷଜ୍ଞଙ୍କ ଏକ ବହୁମୁଖୀ ଦଳ ଦ୍ୱାରା ପରିଚାଳିତ ହୋଇଥିଲା। ସେମାନଙ୍କ ମଧ୍ୟରେ ଥିଲେ ଡକ୍ଟର ଅରବିନ୍ଦ କୁମାର ସିଂହ (ପ୍ରମୁଖ ତଦନ୍ତକାରୀ-ଇଣ୍ଡିଆ ଏମ୍ଏସ୍ ପ୍ରୋଜେକ୍ଟ), ଡକ୍ଟର ପ୍ରିୟମାଧବ ବେହେରା (ଏନଏସଏସ୍ ସଂଯୋଜକ ଏମ୍ସ ଭୁବନେଶ୍ୱର), ଡକ୍ଟର ଶ୍ରୀତମ ସ୍ୱରୂପ ଜେନା, ଡକ୍ଟର ହେପସି ବାଇ ଯୋସେଫ, ଡକ୍ଟର ଅମଲ ରବି, ଏବଂ ଶ୍ରୀ ଜିତେନ୍ଦ୍ର ସାହୁ। ଏହି ତାଲିମ ଦଳର ସଦସ୍ୟଙ୍କ ସହାୟତାରେ ପ୍ରଭାବଶାଳୀ ଭାବରେ ସମନ୍ୱିତ ହୋଇଥିଲା।

# ପୁରୀରେ ସ୍ନାନଯାତ୍ରା ପାଇଁ ମକ୍ ଡ୍ରିଲ୍




**ପୁରୀ,୭।୬/ଏନ୍ଏନ୍ଏସ୍:** ଆଗାମୀ ସ୍ନାନଯାତ୍ରାକୁ ଶୃଙ୍ଖଳିତ ତଥା ସୁରକ୍ଷିତ ଭାବେ ସମ୍ପର୍ଣ୍ଣ ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସୁସମନ୍ୱୟର ଏକ ମକ୍ ଡ୍ରିଲ୍ ଆଜି ଟାଉନ ଥାନା ପରିସରର ସମନ୍ୱିତ ନିୟନ୍ତ୍ରଣ କକ୍ଷ ବା ଇଣ୍ଟିଗ୍ରେଟେଡ କଣ୍ଟ୍ରୋଲ ରୁମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା କହିଛନ୍ତି ଯେ, ଚଳିତ ସ୍ନାନଯାତ୍ରାରେ ପୂର୍ବ ବର୍ଷ ତୁଳନାରେ ଅଧିକ ଜନଗହଳି ଆଶା କରାଯାଉଛି। ତେଣୁ ଆମକୁ ଯାତ୍ରୀଙ୍କ ସୁବିଧା ଓ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି। ସମସ୍ତ କାର୍ଯ୍ୟକୁ ବିଭିନ୍ନ ବିଭାଗ ସଠିକ ଭାବେ ପରିଚାଳନା କରୁଛନ୍ତି। ତାହାର ଏକ ବାସ୍ତବ ବ୍ୟବସ୍ଥାର ଅନୁଧ୍ୟାନ ପାଇଁ ମକ୍ ଡ୍ରିଲ୍‌ର ପରିକଳ୍ପନା। ଏହାଦ୍ୱାରା ଆମେ ସଶକ୍ତ ହେବା ସହ କାର୍ଯ୍ୟକୁ ଖୁବ୍ ଭଲ ଭାବରେ ପରିଚାଳନା କରିବାର ଅଭିଜ୍ଞତା ହାସଲ କରିବା ବୋଲି ଅତିରିକ୍ତ ଜିଲ୍ଲାପାଳ କହିଥିଲେ। ସମସ୍ତ ବିଭାଗ ତାଙ୍କର ଦାୟିତ୍ୱକୁ ବୁଝିବା ଓ ଅନ୍ୟ ବିଭାଗ ସହ ସମନ୍ୱୟ ରଖି କାର୍ଯ୍ୟକରିବା ଲକ୍ଷ୍ୟରେ ଏହି ମକ୍ ଡ୍ରିଲ୍ ବେଶ ସହାୟକ ହେବ ବୋଲି ସେ କହିଥିଲେ। ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରାରମ୍ଭିକ ସୂଚନା ଦେଇ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜକିଶୋର ଜେନା, ଡିଆଇବି ଅତିରିକ୍ତ ଏସ୍‌ପି ଦେବୀପ୍ରସାଦ ପ୍ରତାପ, ଅତିରିକ୍ତ ଏସପି ସୌମ୍ୟରଞ୍ଜନ ମଲ୍ଲିକ, ଏନଡିଆରଏଫ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଗୌରବ ଜେନଗେଟ, ଏଡିଏମ୍‌ଓ ଡା ବିନୋଦ ରଥ, ମୁଖ୍ୟ ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ଅଞ୍ଜଳି ତରାଇ, ଟ୍ରାଫିକ୍ ଡିଏସ୍‌ପି ରାଜକୁମାର ପରିଡା, ସହକାରୀ କଲେକ୍ଟର ପଞ୍ଚାନନ ପରିଜା ପ୍ରମୁଖ ଯୋଗ ଦେଇଥିଲେ। ମୁଣ୍ଡୁଳୀ ଏନ୍‌ଡିଆରଏଫ ଥାର୍ଡ ବାଟାଲିୟନ ର କାର୍ଯ୍ୟକର୍ତ୍ତା, ଓଡ୍ରାଫ, ଅଗ୍ନିଶମ, ସ୍ୱାସ୍ଥ୍ୟ ବିଭା, ଅନ୍ୟାନ୍ୟ ବିଭାଗ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ର କର୍ମକର୍ତ୍ତା ପ୍ରମୁଖ ମକ୍ ଡ୍ରିଲ୍ ପରିଚାଳନା କରିଥିଲେ। ସ୍ନାନଯାତ୍ରା ସମୟରେ କୌଣସି ଘଟଣା ଦୁର୍ଘଟଣା ଘଟିଲେ କିପରି ତାହାର ସଫଳ ମୁକାବିଲା ତ୍ୱରାନ୍ୱିତ ଭାବରେ କରାଯାଇ ପାରିବ ତାହାର କୌଶଳ ପ୍ରଦର୍ଶନ କରାଯାଇ ସଚେତନ କରାଯାଇଥିଲା। ଜିଲ୍ଲା ଜରୁରୀ ବିଭାଗ ଡିପିଓ ସୁକାନ୍ତ କୁମାର ଦାଶ, ଆଦିତ୍ୟ କୁମାର ବରାଳ, ରାମକୃଷ୍ଣ ବଡଜେନା, ରଞ୍ଜନ କୁମାର ବେହେରା, ଅଶୋକ କୁମାର ମଲ୍ଲିକ, ରୂପଶ୍ରୀ ପଣ୍ଡା, ସୁଶ୍ରୀ ସଂଗୀତା ମହାପାତ୍ର, ମମତା ବାରିକ, ସଞ୍ଜୟ ମହାପାତ୍ର, ସୁମନ ମହାପାତ୍ର, ବିଶ୍ୱ ଭୂଷଣ ଦାଶ, ପ୍ରଭାକର ବେହେରା ପ୍ରମୁଖ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ମହାପ୍ରଭୁଙ୍କ ଦର୍ଶନ ନ ପାଇ କାନ୍ଦିଲେ ଦିବ୍ୟାଙ୍ଗ ଭକ୍ତ




**ପୁରୀ,୭।୬/ଏନ୍ଏନ୍ଏସ୍:** ଶ୍ରୀମନ୍ଦିରରେ ମିଳିଲାନି ମହାପ୍ରଭୁଙ୍କ ଦର୍ଶନ। ନିରାଶ ହୋଇ ଫେରିବାକୁ ପଡିଲା ବଡ଼ ଠାକୁରଙ୍କ ବଡ଼ ଦେଉଳରୁ। ମହାପ୍ରଭୁଙ୍କ ଦର୍ଶନ ନ ପାଇ ଭୋ ଭୋ ହୋଇ ଶ୍ରୀମନ୍ଦିର କାର୍ଯ୍ୟାଳୟରେ କାନ୍ଦିଲେ ଦିବ୍ୟାଙ୍ଗ ଭକ୍ତ। ପୁରୀ ଜିଲ୍ଲା ନିମାପଡ଼ାର ଜଣେ ଦିବ୍ୟାଙ୍ଗ ଭକ୍ତ ଲୋକନାଥ ସେନାପତି ଆଜି ନିଜ ବାପା ମା'ଙ୍କ ସହିତ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ଆସିଥିଲେ। ତେବେ ବାପା ଚିତ୍ତରଞ୍ଜନ ସେନାପତି ଏବଂ ପତ୍ନୀ ଛବିବାଳା ସେନାପତି ବରିଷ୍ଠ ନାଗରିକ ହୋଇଥିବାରୁ ସେମାନଙ୍କୁ ପୁରୀ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ପରିଚୟ ପତ୍ର ମିଳିଛି। ତେବେ ଶ୍ରୀମନ୍ଦିର ଭିତରେ ଦାୟିତ୍ୱରେ ଥିବା ପୁଲିସ କର୍ମଚାରୀ ମାନେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଦିବ୍ୟାଙ୍ଗ ଭକ୍ତଙ୍କ ପରିବାରକୁ ଛାଡ଼ି ନଥିଲେ। କିନ୍ତୁ ସବୁଠାରୁ ବଡ଼କଥା ହେଉଛି କିଛି ସେବାୟତ ଯାତ୍ରୀମାନଙ୍କୁ ସହଜ ବାଟରେ ପ୍ରବେଶ କରାଉଥିବା ବେଳେ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କୁ କାହିଁକି ଛଡାଯିବ ନାହିଁ ବୋଲି ପ୍ରଶ୍ନ କରିଥିଲେ ଚିତ୍ତରଞ୍ଜନ। ସେଠାରେ ଉପସ୍ଥିତ ଥିବା ପୁଲିସ କର୍ମଚାରୀମାନେ ଏ ନେଇ କୌଣସି ଉତ୍ତର ରଖିନଥିବା ବେଳେ ଶ୍ରୀମନ୍ଦିର ପ୍ରଶାସନ ପାଖରେ ଯାଇ ଅଭିଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ତେବେ ଦୁଃଖର ବିଷୟ ଯେ ଆଗକୁ ମହାପ୍ରଭୁଙ୍କ ଘୋଷଯାତ୍ରା ପାଇଁ ସରକାର ଓ ପ୍ରଶାସନ ଅନେକ କାର୍ଯ୍ୟ କରୁଥିବା ବେଳେ ଜଣେ ଦିବ୍ୟାଙ୍ଗ ମହାପ୍ରଭୁଙ୍କୁ ଦର୍ଶନ ନକରିପାରି କାନ୍ଦୁଥିବାର ଦୃଶ୍ୟ ଅତ୍ୟନ୍ତ ହୃଦୟ ବିଦାରକ ଥିଲା।

# ଛଅ ଦୁର୍ଦ୍ଦାନ୍ତ ଅପରାଧୀ ଗିରଫ, ବନ୍ଧୁକ ଜବତ



**ପୁରୀ,୭।୬/ଏନ୍ଏନ୍ଏସ୍:** ପାଖେଇ ଆସୁଛି ମହାପ୍ରଭୁଙ୍କର ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ତେଣୁ ସୁରକ୍ଷା ଏବଂ ଅପରାଧ ନିୟନ୍ତ୍ରଣ ପାଇଁ ପୁରୀ ପୁଲିସ ସ୍ୱତନ୍ତ୍ର ଷ୍ଟ୍ରାଟେଜି ଆପଣାଇଛି। ଡିଜିପିଙ୍କ ନିର୍ଦ୍ଦେଶକ୍ରମେ ପୁରୀ ଏସ୍‌ପିଙ୍କ ନେତୃତ୍ୱରେ ଆରମ୍ଭ ହୋଇଛି ଅପରାଧ ନିୟନ୍ତ୍ରଣ ଅଭିଯାନ। ବଛା ବଛା ପୁଲିସ ଅଧିକାରୀଙ୍କୁ ନେଇ ଏସପି ଗଠନ କରିଛନ୍ତି ସ୍ୱତନ୍ତ୍ର ଟିମ୍। ପୁଲିସ ଟିମ୍ ଚଢ଼ଉ ଜାରି ରଖିଥିବା ବେଳେ ଟାର୍ଗେଟରେ ପ୍ରାୟ ୫୦ ଜଣ ଅପରାଧୀ ଅଛନ୍ତି। ଏହି ଅପରାଧୀମାନେ ବଡ଼ଦାଣ୍ଡ, ବେଳାଭୂମି, ବସ୍ତି ଅଞ୍ଚଳ ସହ ବିଭିନ୍ନ ବ୍ୟାବସାୟିକ ପ୍ରତିଷ୍ଠାନରୁ ବଟି ଆଦାୟ କରି ଅପରାଧ ସାମ୍ରାଜ୍ୟ ବିସ୍ତାର କରିଥିବା ଜଣାପଡ଼ିଛି। ଏହି ପରିପ୍ରେକ୍ଷୀରେ ପୁରୀ ପୁଲିସକୁ ମିଳିଛି ବଡ଼ ସଫଳତା। ରଥଯାତ୍ରା ପୂର୍ବରୁ ଆକ୍ସନ୍ ମୋଡ଼ରେ ପୁରୀ ପୁଲିସ। ଛଅ ଜଣ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଗିରଫ କଲା ପୁରୀ ପୁଲିସ। ଏଥିସହ ୬ଟି ବନ୍ଧୁକ ଏବଂ ୨୦ଟି ଜୀବନ୍ତ ଗୁଳି ଜବତ କରିଛି ପୁଲିସ। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ରମେଶ ପରିଡ଼ା ଓରଫ ଡେଙ୍ଗା ମୁନା, ବାବୁ ଦାସ, ଗୁଡୁ ପଣ୍ଡା, ହରିଚନ୍ଦନ ଦାସ, ପତିତ ବେହେରା ଓ ଚିତ୍ତରଞ୍ଜନ ପୁରୋହିତ। ମିଳିଥିବା ସୂଚନା ମୁତାବକ, ପୁରୀ ଅର୍ବାନ ହାଟ ନିକଟରେ ଅଭିଯୁକ୍ତମାନେ ଏକତ୍ରିତ ହୋଇ ବନ୍ଧୁକ ସାହାଯ୍ୟରେ ଅପରାଧ ଘଟାଇବା ପାଇଁ ଯୋଜନା କରୁଥିଲେ। ବିଶେଷ ସୂତ୍ରରୁ ପୁଲିସ ଖବର ପାଇ ଚଢ଼ଉ କରିଥିଲା। ପୁରୀ ଏସ୍‌ପି ବିନୀତ ଅଗ୍ରୱାଲଙ୍କ ନିର୍ଦ୍ଦେଶ କ୍ରମେ ଅଭିଯୁକ୍ତଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଥିଲା। ପୁରୀ ଏସ୍‌ପି ବିନୀତ ଅଗ୍ରୱାଲଙ୍କ ସୂଚନା ଅନୁଯାୟୀ ପୁରୀ ସହରରେ ଆଇନ ଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା ପାଇଁ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଡ୍ରାଇଭ୍ ଚାଲିଛି। ଆଗକୁ ମହାପ୍ରଭୁଙ୍କ ପବିତ୍ର ସ୍ନାନ ପୂର୍ଣ୍ଣିମା ଓ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଖେଇ ଆସିଥିବାରୁ ଶ୍ରଦ୍ଧାଳୁଙ୍କ ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ବିଭିନ୍ନ ହୋଟେଲ ମାଲିକଙ୍କ ସହିତ ଆଲୋଚନା ମଧ୍ୟ ହୋଇଛି। ଶୃଙ୍ଖଳିତ ସ୍ନାନଯାତ୍ରା ସହିତ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ପୁଲିସ ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି ବୋଲି ଏସପି ପ୍ରକାଶ କରିଥିଲେ। ସ୍ନାନ ପୂର୍ଣ୍ଣିମାରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ମାର୍କେଟ ଛକଠାରୁ ବ୍ୟାରିକେଡ଼ କରାଯାଇଛି। ସ୍ୱତନ୍ତ୍ର ଟ୍ରାଫିକ ବ୍ୟବସ୍ଥା, ପାର୍କିଂ ବ୍ୟବସ୍ଥା ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଉଛି। ଖୁବଶୀଘ୍ର ଟ୍ରାଫିକ୍ କଟକଣା ନେଇ ପୁଲିସ ପକ୍ଷରୁ ସୂଚନା ଦିଆଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ପୁରୀ ଏସପି ସୂଚନା ଦେଇଥିଲେ।

# ଚମ୍ପକ ଦ୍ୱାଦଶୀରେ ନବଦମ୍ପତିଙ୍କ ଗୁଆଲି ଯାତ୍ରା



**ପୁରୀ,୭।୬/ଏନ୍ଏନ୍ଏସ୍:** ଆଜି ଜ୍ୟୋଷ୍ଠ ଶୁକ୍ଳ ଦ୍ୱାଦଶୀ ତିଥି ଅବସରରେ ଶ୍ରୀମନ୍ଦିରରେ ପାଳିତ ହୋଇଛି ଗୁଆଲି ଯାତ୍ରା। ଗତକାଲି ବିଳମ୍ବିତ ରାତିରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ବିବାହ ଉତ୍ସବ ସମ୍ପନ୍ନ ହୋଇଥିଲା। ଆଜି ଚମ୍ପକ ଦ୍ୱାଦଶୀରେ ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ପରେ ମହାପ୍ରଭୁଙ୍କ ବିଜେ ପ୍ରତିମା ଅର୍ଥାତ୍ ନବଦମ୍ପତି ମଦନମୋହନ ଓ ରୁକ୍ମିଣୀ ଗୁଆଲି ଯାତ୍ରା କରିଥିଲେ। ଶ୍ରୀମନ୍ଦିର ଭିତରେ ଭିତରଛ ମହାପାତ୍ରଙ୍କ ଦ୍ୱାରା ଅକ୍ଷତ ବନ୍ଦାପନା, ପ୍ରସାଦ ଲାଗି ପରେ ପଟୁଆରରେ ରାଜ ନହରରେ ନବଦମ୍ପତି ପହଞ୍ଚିବା ପରେ ସେଠାରେ ଗଜପତି ବନ୍ଦାପନା କରିଥିଲେ। ଏହି ସମୟରେ ଗଜପତିଙ୍କ ପ୍ରତିନିଧି, ଛତିଷାନିଯୋଗ ମହାନାୟକ, ରାଜଗୁରୁ, ଜ୍ୟୋତିଷ, ତଢାଉକରଣ ଆଦି ଉପସ୍ଥିତ ରହି ରାଜନିତୀ ସଂପାଦନ କରିଥିଲେ। ତେବେ ଶ୍ରୀନହରରେ ବନ୍ଦାପନା ସରିବା ପରେ ଗୋଟିଏ ପାଲିଙ୍କିରେ ନବଦମ୍ପତି ବିରାଜମାନ କରିବା ସହ ସିଂହଦ୍ୱାର ଦେଇ ଜମେଶ୍ୱର ମନ୍ଦିରକୁ ବିଜେ କରି ସେଠାରେ ପଞ୍ଚୁଗ୍ରାସ ନୀତି ସମ୍ପାଦିତ ହୋଇଥିଲା। ନୀତି କାନ୍ତି ସରିବା ପରେ ଦେବଦମ୍ପତି ଶ୍ରୀମନ୍ଦିର କୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି ବୋଲି ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ପଣ୍ଡିତ ସୂର୍ଯ୍ୟ ନାରାୟଣ ରଥଶର୍ମା ପ୍ରକାଶ କରିଥିଲେ। ଅନ୍ୟପଟେ ଆସନ୍ତା ୯ ତାରିଖରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଦଇତାପତି ସେବକ ମାନେ ଶ୍ରୀମନ୍ଦିରରେ ପ୍ରବେଶ କରି ଶ୍ରୀମୁଖ ଖଣ୍ଟୁଆ, ବାହୁଟକଣ୍ଠ ନୀତି ସମ୍ପାଦିତ କରି ସ୍ନାନଯାତ୍ରା ପହଣ୍ଡି ପାଇଁ ପ୍ରସ୍ତୁତି ପର୍ବ ଆରମ୍ଭ କରିବେ।

# କୋଣାର୍କରେ ରହୁଥିବା ବିଦେଶୀଙ୍କୁ ଜେଲ୍



**କୋଣାର୍କ,୭।୬/ଏନ୍ଏନ୍ଏସ୍:** କୋଣାର୍କ ସୂର୍ଯ୍ୟମନ୍ଦିରର ଦକ୍ଷିଣ ଦିଗରେ ଅବସ୍ଥିତ ବାବା ମଙ୍ଗୁଳେଶ୍ୱର ମହାଦେବ ମନ୍ଦିର ସମ୍ମୁଖରେ ଦୀର୍ଘଦିନ ହେବ କୋଲକତା ଅଞ୍ଚଳର ଲାଲବାବାଙ୍କ ଦ୍ୱାରା ପ୍ରତିଷ୍ଠିତ 'ମଙ୍ଗୁଳେଶ୍ୱର ଉଦାସୀ ସେବାଶ୍ରମ' ମଠରେ ଗତ ଜୁନ୍ ୨୦୨୩ ମସିହାରୁ ବାବାଙ୍କ ଶିଷ୍ୟ ଭାବେ ପରିଚୟ ଦେଇ ଜୋର୍ ଜବରଦସ୍ତ ଫ୍ରାନ୍ସର କାଇଜରଗୁଏସ ଟୋନୀ ଅଗଷ୍ଟେ ଜର୍ଜ ନାମକ ଜନୈକ ବ୍ୟକ୍ତି ବେଆଇନ ଭାବେ ଭିସା ଅବଧି ଶେଷ ପରେ ବି ରହିଆସୁଥିଲେ। ଏ ନେଇ ସ୍ୱର୍ଗତ ଲାଲ୍‌ବାବାଙ୍କ ପୁତ୍ର କୋଣାର୍କ ଥାନା ସମେତ ବୈଦେଶିକ ବିଭାଗ ଓ ଫ୍ରାନ୍ସର ଅଧିକାରୀଙ୍କ ସହ ଭାରତର ସମସ୍ତ ଅଧିକାରୀଙ୍କୁ ଏ ନେଇ ଅବଗତ କରାଇବା ସତ୍ତ୍ୱେ ଓ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ବି କୌଣସି ପଦକ୍ଷେପ ନିଆଯାଇ ନଥିଲା।

ମାତ୍ର 'ସିନ୍ଦୁର' ଅପରେସନ ପରେ ଭାରତ ସରକାର ସମସ୍ତ ରାଜ୍ୟକୁ କଡ଼ା ନିର୍ଦ୍ଦେଶଦେଇ କୌଣସି ବିଦେଶୀ ଭାରତରେ ବେଆଇନ ଭାବେ ରହିପାରିବେ ନାହିଁ ବୋଲି ନିର୍ଦ୍ଦେଶ ମିଳିବା ପରେ ପୁରୀ ଜିଲ୍ଲା ଏସ୍‌ପି ଭିନିତ ଅଗ୍ରୱାଲଙ୍କ ନିର୍ଦ୍ଦେଶକ୍ରମେ ଗତ ଶୁକ୍ରବାର ୪ଟା ସମୟରେ କୋଣାର୍କ ପୁଲିସର ଏକ ଟିମ୍ ଘଟଣାସ୍ଥଳକୁ ଯାଇ ବିଦେଶୀ ବାବାଙ୍କୁ ଗିରଫକରି ଥାନାକୁ ଆଣିଥିଲେ। ଏ ସମ୍ପର୍କରେ ଏକ ମାମଲା ରୁଜୁକରି କୋଣାର୍କ କୋର୍ଟରେ ବିଦେଶୀଙ୍କୁ ହାଜର କରାଯିବା ପରେ ସେଠାରେ ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ନିମାପଡ଼ା ସବ୍‌ଜେଲ୍‌କୁ ପଠାଇ ଦିଆଯାଇଛି ବୋଲି କୋଣାର୍କ ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି। ଫ୍ରାନ୍ସରୁ ଆସିଥିବା ଏହି ବ୍ୟକ୍ତି ଜଣକ ନିଜକୁ ବାବା ବେଶରେ ସଜାଇ ରଖିବା ସହ ନିଜର ଏକ ଛଦ୍ମବେଶ ନାମ ଦେଇ କୋଣାର୍କ ସୂର୍ଯ୍ୟମନ୍ଦିର ସମେତ ବିଭିନ୍ନ ସ୍ଥାନରେ ସନ୍ଦେହଜନକ ଭାବେ ପ୍ରତ୍ୟେକ ଦିନ ବୁଲୁଥିବା ଦେଖିବାକୁ ମିଳିଥାଏ।

## କାକଟପୁର ବ୍ଲକ୍‌ରେ ସରକାରୀ ଯୋଜନା ସାତସପନ

# ହଜାର ହଜାର ପରିବାରଙ୍କ ପାଖରେ ଛାତ ଘରଟିଏ ନାହିଁ

**କାକଟପୁର,୭।୬/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲା କାକଟପୁର ବ୍ଲକ୍‌ର ୧୬ ପଞ୍ଚାୟତରେ ହଜାର ହଜାର ଗରିବ ପରିବାର ପାଇଁ ଛାତଘର ସ୍ୱପ୍ନ ପାଲଟିଛି। କିନ୍ତୁ ପ୍ରତିବର୍ଷ ବାତ୍ୟା ଆସିଲେ ପ୍ରଶାସନ ବାତ୍ୟା ଆଶ୍ରୟସ୍ଥଳୀ କିମ୍ବା ବିଦ୍ୟାଳୟରେ ଆଶ୍ରୟ ଦେଇଥାନ୍ତି। ପ୍ରତିବର୍ଷ ପ୍ରଧାନମନ୍ତ୍ରୀ ଆବାସ, ଚଳିତବର୍ଷ ଅନ୍ତୋଦୟ ଘର ଆସିଛି। କିନ୍ତୁ ଭୁଲ ଗାଇଡ୍‌ଲାଇନ୍ ଯୋଗୁଁ ପରିବାର ଗୁଡିକ ସରକାରୀ ଘର ପାଇବାକୁ ଯୋଗ୍ୟ ହୋଇଥିଲେ ମଧ୍ୟ ପାଉନାହାନ୍ତି। ହେଲେ ଖାତାରେ ନାଁ ଗଡୁଛି ଯେ ସେମାନେ ଘର ପାଇସାରିଛନ୍ତି। ପ୍ରଶାସନର ଅବହେଳା ଯୋଗୁ ଏହି ବ୍ଲକ୍ ଅଞ୍ଚଳରେ ଥିବା ବହୁ ଗରିବ ପରିବାର ସରକାରୀ ଯୋଜନାରୁ ବଞ୍ଚିତ ହେଉଥିବା ଛାତଘର ସେମାନଙ୍କ ସାତସପନ ପାଲଟିଯାଇଛି। ଅପରପକ୍ଷେ ଏହି ବ୍ଲକ୍‌ରୁ ପ୍ରତିବର୍ଷ ଘର ବାବଦ ଅର୍ଥ ଫେରିଯାଉଥିବା ଜଣାଯାଇଛି। ଚଳିତବର୍ଷ ୩୨୦ଘର ଏହି ଯୋଜନାରେ ଆସିଥିଲା। କିନ୍ତୁ ମାତ୍ର ୨୦ଜଣ ପାଇଛନ୍ତି। ୩୦୦ଘର ଫେରିବା ଥୟ। ବର୍ତ୍ତମାନର ସରକାର କହୁଛନ୍ତି ଛାତ ଘର ନଥିବା ପ୍ରତ୍ୟେକ ପରିବାରକୁ ଘର ଦିଆଯିବ। କିନ୍ତୁ କାକଟପୁର ବ୍ଲକ ପ୍ରଶାସନ ଲୋକଙ୍କୁ ଘର ନ ଦେଇ ପ୍ରତିବର୍ଷ ଘର ଫେରାଉଥିବା ଜଣାପଡ଼ିଛି। ଏହି ବ୍ଲକ୍‌ର ୧୦୪ ରାଜସ୍ୱ ଗ୍ରାମର ଗ୍ରାମବାସୀ ୨୦ବର୍ଷ ଧରି ଛାତଘର ଆଶା କରି ରହିଥିବା କହିଛନ୍ତି। ସାଧାରଣ ନିର୍ବାଚନ ଆସିଲେ ଲୋକପ୍ରତିନିଧିମାନେ ପ୍ରତିଶ୍ରୁତି ଦିଅନ୍ତି ଆମେ ଶାସନକୁ ଆସିଲେ ସରକାରୀ ନୀତି ନିୟମରେ ପରିବର୍ତ୍ତନ କରି ସମସ୍ତଙ୍କୁ ଛାତଘର ଦେବୁ। କିନ୍ତୁ ଲୋକପ୍ରତିନିଧି ମାନେ ଦେଇଥିବା ପ୍ରତିଶ୍ରୁତି ସେମାନଙ୍କ ପାଇଁ ପାଣିର ଗାର ପାଲଟିଯାଇଛି ବୋଲି ଗରିବ ପରିବାରମାନେ ମତପ୍ରକାଶ କରିଛନ୍ତି। ତେବେ କେତେଦିନ ଏମିତି ଲୋକ ପ୍ରଶାସନିକ ଅବହେଳାର ଶିକାର ହେବେ ତାହାର ଏକ ସ୍ୱତନ୍ତ୍ର ସମୀକ୍ଷା ଆବଶ୍ୟକ ବୋଲି ବୁଦ୍ଧିଜୀବୀ କୁହନ୍ତି। ପ୍ରଶାସନ ଏହି ବଞ୍ଚିତ ପରିବାରଙ୍କୁ ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରି ନିବାସ ଅଧିକାର ସୁନିଶ୍ଚିତ କରିବା ପାଇଁ ଦୃଢ଼ ପଦକ୍ଷେପ ନେବାକୁ ଦାବି ହୋଇଛି।

# ପୁରୀ ସାଂସଦଙ୍କ ବିରୋଧରେ କଂଗ୍ରେସ ପକ୍ଷରୁ ୱାନ୍ ସିସି ମାମଲା ଦାଖଲ



**ପିପିଲି,୭।୬/ଏନ୍ଏନ୍ଏସ୍:** ପୁରୀ ସାଂସଦଙ୍କ ବିବାଦୀୟ ମନ୍ତବ୍ୟ ନେଇ ପିପିଲି କୋର୍ଟରେ ୱାନ୍ ସିସି ପିଟିସନ ଦାୟର କରିଛି କଂଗ୍ରେସ। ଶୁକ୍ରବାର ପୂର୍ବାହ୍ନରେ ପୁରୀ ଜିଲ୍ଲା କଂଗ୍ରେସ କମିଟିର ପର୍ଯ୍ୟବେକ୍ଷକ ମନୋରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତନିଧି ଦଳ ପିପିଲି କୋର୍ଟରେ ପହଞ୍ଚି ବିଜେପି ସାଂସଦ ସମ୍ବିତ ପାତ୍ରଙ୍କ ବିରୁଦ୍ଧରେ ଏକ ୱାନ୍ ସିସି ପିଟିସନ ଦାଖଲ କରିଥିଲେ। ଗତ ୪ତାରିଖରେ ଦାଣ୍ଡମୁକୁନ୍ଦପୁରଠାରେ ହୋଇଥିବା ବିଜେପିର ବର୍ଷେ ପୂର୍ତ୍ତି ଆଶିର୍ବାଦ ଜନସମାବେଶରେ ଡଃ ପାତ୍ରଙ୍କ ଆପତ୍ତିଜନକ ମନ୍ତବ୍ୟକୁ ଘୋର ନିନ୍ଦା କରିଛି ରାଜ୍ୟ କଂଗ୍ରେସ। ଦେଶର ବିରୋଧୀଦଳ ନେତା ରାହୁଲ ଗାନ୍ଧିଙ୍କୁ ବ୍ୟକ୍ତିଗତ ଭାବେ ବିଜେପି ସାଂସଦ ସମ୍ବିତ ପାତ୍ର ଖୋଲା ସଭାରେ ଯେଉଁଭଳି ଆପତ୍ତିଜନକ ମନ୍ତବ୍ୟ ଦେଇ ଅପମାନିତ କରିଛନ୍ତି ତାହାକୁ କଂଗ୍ରେସ କେବେ ବରଦାସ୍ତ କରିବନାହିଁ ବୋଲି କୁହାଯାଇଛି। ଆଇନଗତ କାର୍ଯ୍ୟାନୁଷ୍ଠାନ ସହ ସବୁଠାରେ ବିରୋଧ ପ୍ରଦର୍ଶନ କରାଯିବ ବୋଲି କଂଗ୍ରେସ ନେତ୍ରୀ ନିରୁପମା ପାତ୍ର କହିଛନ୍ତି। ଏ ନେଇ ପିପିଲି ଅଦାଲତରେ ୪୩/୨୩ ଏକ ୱାନ୍ ସିସି ପିଟିସନ ଦାୟର କରାଯାଇଛି ବୋଲି ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ତଥା ଉଚ୍ଚ ନ୍ୟାୟାଳୟ ଆଇନଜୀବୀ ଲଲାଟେନ୍ଦୁ ଦାସ କହିଛନ୍ତି। ତେବେ କଂଗ୍ରେସର ଏହି ପ୍ରତିନିଧି ଦଳର ପୂର୍ବତନ ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ସୁଜିତ ମହାପାତ୍ର ଏହି ମାମଲା ଦାଏର କରିଥିବା ବେଳେ ପିସିସି ସଦସ୍ୟ ତଥା ଆଇନଜୀବୀ ମାନସ ଆଚାର୍ଯ୍ୟ, ଜିଲ୍ଲା ମହିଳା କଂଗ୍ରେସ ନେତ୍ରୀ ନିରୁପମା ପାତ୍ର, ଉପସଭାପତି ସଂଜୟ ନାୟକ, ପିପିଲି ନଗର କଂଗ୍ରେସ ସଭାପତି ଅନ୍ତର୍ଯ୍ୟାମୀ ଦିକ୍ଷିତ, ପ୍ରସନ୍ନ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

# ବିଜେପିର ଜିଲ୍ଲାସ୍ତରୀୟ କର୍ମଶାଳା



**କଣ୍ଟିଲୋ,୭।୬/ଏନ୍ଏନ୍ଏସ୍:** ସମ୍ପ୍ରତି ଭାରତୀୟ ଜନତା ପାର୍ଟି ସରକାର କେନ୍ଦ୍ରରେ ୧୧ ବର୍ଷ ଓ ରାଜ୍ୟରେ ଗୋଟିଏ ବର୍ଷର ଶାସନ ପୂର୍ତ୍ତି ଅବସରରେ ଆଜି ଦଳ ତରଫରୁ ନୟାଗଡ଼ ଜିଲ୍ଲାରେ ଜିଲ୍ଲାସ୍ତରୀୟ କର୍ମଶାଳା ଖଣ୍ଡପଡ଼ା ବ୍ଲକ ପ୍ରଭୁ ଶ୍ରୀ ନୀଳମାଧବ ଜିଉ ବିଜେ କଣ୍ଟିଲୋ କ୍ଷେତ୍ରରେ ଥିବା କଂସା ପିତ୍ତଳ ସୁବିଧା କେନ୍ଦ୍ର ପରିସର ମଧ୍ୟରେ ଆଜି ଶୁକ୍ରବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ମଣ୍ଡଳସ୍ତରୀୟ ସଭାପତିମାନଙ୍କ ସହ ଶତାଧିକ କର୍ମକର୍ତ୍ତା ଯୋଗଦେଇ ନିଜ ନିଜ ଅଞ୍ଚଳର ପ୍ରତ୍ୟେକ ସମସ୍ୟାର ଆଶୁ ସମାଧାନ ପାଇଁ ମତ ରଖିଥିଲେ। ନୟାଗଡ଼ ଜିଲ୍ଲା ସଭାପତି ତାପସ ରଞ୍ଜନ ମାର୍ଥା ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟଅତିଥି ଭାବେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ପୂର୍ବତନ କନ୍ଧମାଳ ସାଂସଦ ପ୍ରତ୍ୟୁଷା ରାଜେଶ୍ୱରୀ ଦେବୀ, ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂ, ରାଜ୍ୟ ବିଜେପି ଯୁବ ମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା, ରାଘବ ମଲ୍ଲିକ ଦଶପଲ୍ଲା, ଉଜ୍ଜଳ ମହାରଣା, ଜିଲ୍ଲା ପରିଷଦ ସଭ୍ୟା କଣ୍ଟିଲୋ, ଜିଲ୍ଲା ସମ୍ପାଦକ ରଞ୍ଜନ ପଣ୍ଡା, ବିଜେପିର ମୁଖ୍ୟ ସହଯୋଗୀ ଭୀମସେନ ସେଠୀ, କଟକ ଲୋକସଭା ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଗୟାଧର ପରିଡ଼ା, ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆରସିଂହ ଓ ଆଜିର ଏହି କର୍ମଶାଳାର ମୁଖ୍ୟ ଆୟୋଜକ ଅଖିଳ କୁମାର ମହାରଣା ପ୍ରମୁଖ ଯୋଗଦେଇଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯଥାକ୍ରମେ ୧୧ ବର୍ଷ ଓ ୧ ବର୍ଷର ବିଭିନ୍ନ ପ୍ରକାର ଜନ ହିତକର କାର୍ଯ୍ୟ, ଦେଶର ସୁରକ୍ଷା ଉପରେ ହୋଇଥିବା କାର୍ଯ୍ୟ ଉପରେ ଜନ ସାଧାରଣଙ୍କୁ ଅବଗତ କରାଇବା ସହିତ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା, ବାର୍ଦ୍ଧକ୍ୟ ଭତ୍ତା, ସୁଭଦ୍ରା, ଲକ୍ଷପତି ଦିଦି, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, କିଶନ ଯୋଜନା ପ୍ରଭୃତି ଉପରେ ନେତୃବୃନ୍ଦଆଲୋକ ପାତ କରିଥିଲେ। କର୍ମଶାଳାକୁ ଜିଲ୍ଲା ସମ୍ପାଦକ ରଞ୍ଜନ କୁମାର ପଣ୍ଡା ସଂଯୋଜନା କରିଥିବାବେଳେ ସମାଜସେବୀ ତଥା ବିଜେପିର ବରିଷ୍ଠ ନେତା ଅଖିଳ କୁମାର ମହାରଣା ପ୍ରତ୍ୟେକ କାର୍ଯ୍ୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

# ପିଏମ୍ ଆବାସ ଯୋଜନାରେ ଘର ପାଇଁ ମିଳିବ ମାଗଣା ବାଲି



**ଭୁବନେଶ୍ୱର,୭।୬/ଏନ୍ଏନ୍ଏସ୍:** ପ୍ରଧାନମନ୍ତ୍ରୀ ଆବାସ ଘର ଲାଗି ଦୁଇ ଟ୍ରାକ୍ଟର୍ ମାଗଣା ବାଲି ଦିଆଯିବ। ଏନେଇ ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ପିଏମ୍ ଆବାସ ଘର ପାଇଁ ମାଗଣାରେ ବାଲି ଦିଆଯିବା ନେଇ ସରକାର ସ୍ଥିର କରିଛନ୍ତି। ସେହିପରି ବାଲି ଚୋରା ଚାଲାଣ ରୋକିବା ପାଇଁ ନୂଆ ଏସ୍ଓପି ଆସିବ। ଏଥିଲାଗି କ୍ୟାବିନେଟରେ ଆଲୋଚନା ହୋଇଛି। ଏନେଇ ଆଜି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି।

ଶ୍ରୀ ପୂଜାରୀ କହିଛନ୍ତି ଯେ ଗରିବ ଲୋକଙ୍କୁ ମାଗଣାରେ ବାଲି ଦିଆଗଲେ ସେମାନେ ଘର ଖଣ୍ଡେ ସହଜରେ ତିଆରି କରିପାରିବେ। ସେମାନଙ୍କୁ ପରମିଟ୍ ଇସ୍ୟୁ କରାଯିବ, ଯାହାଦ୍ୱାରା ଗରିବ ଲୋକେ ବାଲି ମାଗଣାରେ ଆଣିପାରିବେ। ନଦୀ ଭିତରୁ ପଶି ବାଲି କାଢ଼ିବା ବନ୍ଦ ହେବ। ହାଇଓ୍ୱା ବ୍ୟବହାର ଦ୍ୱାରା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାର ରାସ୍ତା ଏତେ ଲୋଡ଼ ନେଇପାରୁନାହିଁ। ଏହା ନଷ୍ଟ ହେଉଛି । ତେଣୁ କେତେ ଓଜନର ବାଲି ଗାଡ଼ି ଯାଉଛି, ଏସବୁକୁ ନେଇ ନୂଆ ଏସ୍ଓପି ଆସିବାକୁ ଯାଉଛି। ଏଥିସହ କପ୍ତିପଦାରେ ଅତିରିକ୍ତ ତହସିଲଦାରଙ୍କୁ ମାଡ଼ ମାରିବା ଘଟଣାରେ ପ୍ରତିକ୍ରିୟା ରଖି ରାଜସ୍ୱ ମନ୍ତ୍ରୀ କହିଛନ୍ତି ଯିଏ ବି ଏହି କାଣ୍ଡ କରିଛି ତାକୁ ଖୋଜିଖୋଜି ଦଣ୍ଡ ଦିଆଯିବ। ବାଲି ତସ୍କରୀକୁ ରୋକିବାକୁ ପ୍ରଶାସନ ଉଦ୍ୟମ କରୁଛି। ମନ୍ତ୍ରୀ କହିଛନ୍ତି ବାଲି ମାଫିଆଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତଦନ୍ତ ସେ ପର୍ଯ୍ୟନ୍ତ ହେବ ଯେଉଁ ପର୍ଯ୍ୟନ୍ତ ସେମାନେ ଧରା ନପଡ଼ିଛନ୍ତି। କେହି ବର୍ତ୍ତିବା କଥା ନୁହେଁ, ପାତାଳରେ ଥିଲେ ବି ବାନ୍ଧିକି ଆଣି ଦଣ୍ଡ ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

## 'ଓଡ଼ିଶାର କୃଷି ବ୍ୟବସାୟ ସମ୍ଭାବନା' ଶୀର୍ଷକ ଜାତୀୟ ସେମିନାର୍

# ଓଡ଼ିଶାରେ କୃଷି ଆତ୍ମନିର୍ଭରଶୀଳତା ପାଇଁ ରାଜ୍ୟପାଳଙ୍କ ଆହ୍ୱାନ

**ଭୁବନେଶ୍ୱର,୭।୬/ଏନ୍ଏନ୍ଏସ୍:** କୃଷିରେ ଅଭାବୀ କ୍ଷେତ୍ରଗୁଡ଼ିକ ଚିହ୍ନଟ କରି ଓଡ଼ିଶାକୁ ଆତ୍ମନିର୍ଭରଶୀଳ କରିବା ପାଇଁ ନୀତି ନିର୍ଦ୍ଧାରକ, ବୈଜ୍ଞାନିକ ଏବଂ ଗବେଷକମାନଙ୍କୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଆହ୍ୱାନ ଜଣାଇଛନ୍ତି। ଶନିବାର ଓୟୁଏଟି (ଓଡ଼ିଶା ୟୁନିଭର୍ସିଟି ଅଫ୍ ଏଗ୍ରିକଲଚର୍ ଆଣ୍ଡ୍ ଟେକ୍ନୋଲୋଜି) ଓ ଆଇ.ଏସ୍.ଏ.ଏମ୍. (ଇଣ୍ଡିଆନ ସୋସାଇଟି ଅଫ୍ ଏଗ୍ରିକଲଚରାଲ ମାର୍କେଟିଂ) ହାଇଦ୍ରାବାଦ ଆନୁକୂଲ୍ୟରେ ଓୟୁଏଟି ଠାରେ 'ଓଡ଼ିଶାର କୃଷି ବ୍ୟବସାୟ ସମ୍ଭାବନା' ଶୀର୍ଷକ ଜାତୀୟ ସେମିନାରକୁ ଉଦ୍‌ଘାଟନ କରି ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି।

ରାଜ୍ୟପାଳ କହିଥିଲେ ଯେ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ବିଭିନ୍ନ ଯୋଜନାଗୁଡ଼ିକ ଶୈକ୍ଷିକ ପାଠ୍ୟକ୍ରମରେ ସାମିଲ କରାଯିବାର ଆବଶ୍ୟକତା ରହିଛି। ଏହା ଦ୍ୱାରା ଅଧିକ ଲୋକ ବିଶେଷ କରି ଚାଷୀମାନେ ସେମାନଙ୍କ ପାଇଁ ଉପଲବ୍ଧ ସୁବିଧା ଓ ଲାଭ ପାଇପାରିବେ। କୃଷକମାନଙ୍କ ମଧ୍ୟରେ ଉଦ୍ୟୋଗୀୟତାକୁ ପ୍ରୋତ୍ସାହିତ କରିବା ଏବଂ ଆଧୁନିକ କୃଷି ବ୍ୟବସାୟ ଧାରା ସହିତ ପ୍ରସ୍ତୁତ କରିବାକୁ ଦକ୍ଷତା ଭିତ୍ତିକ ତାଲିମ୍ ନିମନ୍ତେ ଏକାଡେମିକ୍ କମ୍ୟୁନିଟି ଏବଂ ନୀତି ନିର୍ଦ୍ଧାରକମାନେ ବ୍ୟାପକ ମଡେଲ ନିର୍ମାଣ କରିବାକୁ ରାଜ୍ୟପାଳ କହିଥିଲେ।

ରାଜ୍ୟର କୃଷି ଶକ୍ତି ଉପରେ ରାଜ୍ୟପାଳ ଆଲୋକପାତ କରି କହିଥିଲେ ଯେ ଓଡ଼ିଶାର ଅନନ୍ୟ କୃଷି ଜଳବାୟୁ ପରିସ୍ଥିତି ଉପକୂଳବର୍ତ୍ତୀ ସମତଳ ଅଞ୍ଚଳରୁ ଜଙ୍ଗଲପୂର୍ଣ୍ଣ ଉଚ୍ଚଭୂମି ପର୍ଯ୍ୟନ୍ତ ଏହା ବିଭିନ୍ନ ପ୍ରକାର କୃଷି ଉଦ୍ୟୋଗ ପାଇଁ ଉପଯୁକ୍ତ ଅଟେ। ୫୦ ଶତକଡ଼ାରୁ ଅଧିକ ଜନସଂଖ୍ୟା କୃଷି ଉପରେ ନିର୍ଭର କରୁଥିବାରୁ କୃଷି ବ୍ୟବସାୟ ଗ୍ରାମୀଣ ସମୃଦ୍ଧି ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ଏକ ଶକ୍ତିଶାଳୀ ଇଞ୍ଜିନ ଭାବରେ କାର୍ଯ୍ୟ କରିପାରିବ। କୃଷି ପ୍ରକ୍ରିୟାକରଣ, ମୂଲ୍ୟବୃଦ୍ଧି, ଶୀତଳ ଶୃଙ୍ଖଳ, ଗୋଦାମ ଏବଂ ରପ୍ତାନୀ ଭିତ୍ତିକ କୃଷି କ୍ଷେତ୍ରରେ ଓଡ଼ିଶା ପାଇଁ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ରହିଛି। ବିଶେଷକରି ହଳଦୀ, ବାଜରା, ଆମ୍ବ, ସାମୁଦ୍ରିକ ମାଛ ଏବଂ ପନିପରିବା ଭଳି ଉଚ୍ଚ ସମ୍ଭାବ୍ୟ



ଫସଲ କ୍ଷେତ୍ରରେ ଉଜ୍ଜଳ ସମ୍ଭାବନା ରହିଛି ବୋଲି ରାଜ୍ୟପାଳ କହିଥିଲେ। ଷ୍ଟାର୍ଟ ଅପ୍ ଓଡ଼ିଶା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ଏଗ୍ରି ବିଜିନେସ୍ ସେଣ୍ଟର ଇତ୍ୟାଦି ସରକାରଙ୍କ ପଦକ୍ଷେପ ସଂପର୍କରେ ରାଜ୍ୟପାଳ ଉଲ୍ଲେଖ କରି ଏହା କୃଷି କ୍ଷେତ୍ରରେ ନବସୃଜନ, ଉଦ୍ୟୋଗୀୟତାକୁ ପ୍ରୋତ୍ସାହିତ କରୁଛି ବୋଲି କହିବା ସହିତ ଗ୍ରେଡିଂ, ପ୍ୟାକେଜିଂ ଏବଂ ଅମଳ ପରବର୍ତ୍ତୀ ପରିଚାଳନାରେ ତାଲିମ ପ୍ରଦାନ କରାଯାଇ ଚାଷୀମାନଙ୍କୁ ବିଶ୍ୱ ବଜାର ସହିତ ଯୋଡିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାଦ୍‌ବ୍ୟତୀତ କ୍ଲଷ୍ଟର ଆଧାରିତ ମଡେଲ ମାଧ୍ୟମରେ ଏଫ୍.ପି.ଓ., ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ କ୍ଷୁଦ୍ର ଉତ୍ପାଦକଙ୍କୁ ସଶକ୍ତ କରାଯାଇଛି ବୋଲି ରାଜ୍ୟପାଳ କହିଥିଲେ।

ଏହି ସମାରୋହରେ ଓୟୁଏଟିର ଭାଇସ୍ ଚାନସେଲର ପ୍ରଫେସର ପ୍ରଭାତ କୁମାର ରାଉଳ, ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ଭାଇସ୍ ଚାନସେଲର ପ୍ରଫେସର ବିଧୁଭୂଷଣ ମିଶ୍ର, ଆଇ.ଏସ୍.ଏ.ଏମ୍.ର ସେକ୍ରେଟାରୀ ତଥା ମ୍ୟାନେଜିଂ ଡିରେକ୍ଟର ଡ.ଟି. ସତ୍ୟନାରାୟଣ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ କଲେଜ୍ ଅଫ୍ ଏଗ୍ରିକଲଚରର ଡିନ୍ ପ୍ରଫେସର ହୃଷିକେଶ ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅର୍ଗାନାଇଜିଂ ସେକ୍ରେଟାରୀ ପ୍ରଫେସର ସର୍ବନାରାୟଣ ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା।

## ପୂର୍ବତନ ସାଂସଦଙ୍କ ଅଭିଯୋଗ

# ନବରଙ୍ଗପୁର ଚାଷୀଙ୍କୁ ଭୂଆଁ ବୁଲାଉଛନ୍ତି ରାଜ୍ୟ ସରକାର



**ଭୁବନେଶ୍ୱର,୭।୬/ଏନ୍ଏନ୍ଏସ୍:** ନବରଙ୍ଗପୁର ଜିଲ୍ଲା ଚାଷୀ ମହାସଂଘ ପକ୍ଷରୁ ଭୁବନେଶ୍ୱରସ୍ଥିତ ଲୋୟର ପିଏମ୍‌ଜିଠାରେ ଅହୋରାତ୍ର ଧାରଣା ଶନିବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ୪ ଦଫା ଦାବିକୁ ନେଇ ୭ ଦିନ ବ୍ୟାପୀ ଏହି ଧାରଣା ଚାଲୁ ରହିବ। ଏହି ଧାରଣାରେ ଉପସ୍ଥିତ ରହୁଥିବା ନବରଙ୍ଗପୁରର ପୂର୍ବତନ ସାଂସଦ ପ୍ରଦୀପ ମାଝୀ କହିଛନ୍ତି ଯେ ରାଜ୍ୟ ସରକାର ନବରଙ୍ଗପୁର ଚାଷୀଙ୍କୁ ଭୂଆଁ ବୁଲାଉଛନ୍ତି। ଏ ସରକାର ଏକ ଚାଷୀ ବିରୋଧୀ ସରକାର। ରାଇଘରର ଚାଷୀ ୪ ମାସ ହେଲା ମଣ୍ଡିରେ ଧାନ ବିକି ଏପର୍ଯ୍ୟନ୍ତ ଧାନର ପ୍ରାପ୍ୟ ପାଇନାହାନ୍ତି। ସେମାନେ ଋଣ କରି ଚାଷ କରିଥିଲେ। ଭାବିଥିଲେ ଧାନ ବିକ୍ରି ଟଙ୍କା ମିଳିଲେ ଋଣ ପରିଶୋଧ କରିବେ ବୋଲି। ମାତ୍ର ସରକାର ୪ ମାସ ହେବ ଚାଷୀଙ୍କ ଧାନବିକ୍ରି ଟଙ୍କା ନଦେବା ଫଳରେ ସେମାନଙ୍କର ଋଣ ଭାର ବଢ଼ି ବଢ଼ି ଚାଲିଛି। ରାଇଘର ବ୍ଲକର ୩୪୪ଜଣ ଚାଷୀଙ୍କର ସାଢ଼େ ଚାରିକୋଟି ଟଙ୍କା କେବେ ସରକାର ଦେବେ ବୋଲି ଶ୍ରୀ ମାଝୀ ପ୍ରଶ୍ନ କରିଛନ୍ତି।

ଅନ୍ୟପକ୍ଷରେ ନବରଙ୍ଗପୁରରେ ଧାନକିଣାରେ ବ୍ୟାପକ ଦୁର୍ନୀତି ହୋଇଛି। ପ୍ରାୟ ୭ ଲକ୍ଷ କୁଇଣ୍ଟାଲ ଧାନ କାଗଜପତ୍ରରେ ବିକ୍ରି ହୋଇଥିବା ଦର୍ଶାଯାଇଛି। ତେଣୁ ଏହି ଦୁର୍ନୀତିର ତୁରନ୍ତ ପର୍ଦ୍ଦାଫାଶ କରିବା ପାଇଁ ଶ୍ରୀ ମାଝୀ ଦାବି କରିଛନ୍ତି। ନବରଙ୍ଗପୁର ଜିଲ୍ଲାର ଚାଷୀ ବିଶେଷକରି ରାଇଘର ଚାଷୀଙ୍କର ନ୍ୟାର୍ଯ୍ୟ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନାତ୍ମକ କାର୍ଯ୍ୟ ଜାରି ରହିବ ବୋଲି ଶ୍ରୀ ମାଝୀ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା ଯୋଗଦେଇ କହିଥିଲେ ଯେ ନବରଙ୍ଗପୁରରେ ଯେଉଁମାନେ ଧାନକିଣାରେ ଦୁର୍ନୀତି କରିଛନ୍ତି ଏବଂ ରାଇଘର ଚାଷୀଙ୍କର ଧାନ ବିକ୍ରି ଟଙ୍କା ୪ ମାସ ହେଲା ଦେଉନାହାନ୍ତି ସେମାନଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ସେହିପରି ପୂର୍ବତନ ମନ୍ତ୍ରୀ ଦେବୀ ମିଶ୍ର ନବରଙ୍ଗପୁର ଜିଲ୍ଲାର ଚାଷୀମାନଙ୍କ ପ୍ରତି ମୋହନ ସରକାରର ଆଚରଣ ଓ ଉଚ୍ଚାରଣକୁ ଦୃଢ଼ ନିନ୍ଦା କରିଥିଲେ। ବିଜେଡ଼ି ପକ୍ଷରୁ ନବରଙ୍ଗପୁର ଜିଲ୍ଲା ଚାଷୀ ମହାସଂଘର ଆନ୍ଦୋଳନକୁ ପୂର୍ଣ୍ଣ ସମର୍ଥନ ଦିଆଯାଇଥିଲା।

## ବ୍ରହ୍ମପୁରରେ ଦୁଇ ନାବାଳିକାଙ୍କୁ ଗଣଦୁଷ୍କର୍ମ ମାମଲା

# ଏସ୍‌ପିଙ୍କୁ ଭେଟିଲା ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

### ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ଦାବି

**ଭୁବନେଶ୍ୱର,ବ୍ରହ୍ମପୁର, ୭।୬/ଏନ୍ଏନ୍ଏସ୍:** ଗଞ୍ଜାମ ଜିଲ୍ଲାର ଗୋଳନ୍ଥରା ପୁଲିସ ଥାନା ଅଞ୍ଚଳରେ ଗତ ୩ ତାରିଖରେ ଦୁଇ ନାବାଳିକାଙ୍କୁ ଗଣଦୁଷ୍କର୍ମ ମାମଲାରେ ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ବ୍ରହ୍ମପୁର ଏସ୍‌ପିଙ୍କୁ ଭେଟି ପୀଡ଼ିତାଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ ଦାବି କରିଛି। ବ୍ରହ୍ମପୁର ଓ ସମଗ୍ର ରାଜ୍ୟରେ ଗଣ ଦୁଷ୍କର୍ମ, ହତ୍ୟା, ରାହାଜାନି ଇତ୍ୟାଦି ଉଦ୍‌ବେଗଜନକ ଭାବେ ବୃଦ୍ଧିପାଉଛି, ତାହା ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ଦର୍ଶାଉଛି ବୋଲି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍‌ର ସଦସ୍ୟମାନେ କହିଛନ୍ତି। ଗତ ୩ ତାରିଖ ରାତିରେ ଦୁଇ ଜଣ ନାବାଳିକା ଗୋଟିଏ ବିବାହ ଭୋଜିରୁ ଫେରିବା ସମୟରେ ଜଣେ ଦୁର୍ବୃତ୍ତ, ଯିଏ କି ପୀଡ଼ିତାଙ୍କ ପୂର୍ବରୁ ପରିଚିତ ଥିଲେ, ତାଙ୍କ ସହ ଆସିବାକୁ କହିଥିଲେ। ସେ ଓ ତାଙ୍କ ସହ ଆଉ ତିନି ଜଣ ଯୁବକ ଦୁଇ ନାବାଳିକାଙ୍କୁ ଏକ ନିକାଞ୍ଚନ ଜାଗାକୁ ନେଇଯାଇ ରାତି ସାରା ଦୁଷ୍କର୍ମ କରିଥିଲେ। ସକାଳେ ଦୁଇ ନାବାଳିକା ସେମାନଙ୍କ ଘରେ ପହଞ୍ଚିବା ପରେ ତାଙ୍କ ପରିବାର ଲୋକ ଏହି ଘଟଣା ସମ୍ପର୍କରେ ଜାଣି ଗୋଳନ୍ଥରା ଥାନାରେ ଏତଲା ଦେଇଥିଲେ। ଏହି ସମ୍ବେଦନଶୀଳ ଘଟଣାର ଗୁରୁତ୍ୱ ଉପଲବ୍ଧି କରି ବିଜୁ ଜନତା ଦଳ ତରଫରୁ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଦ୍ୱାରା ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ ଗଠନ କରା ଯାଇଥିଲା ।

ଶନିବାର ଫ୍ୟାକ୍ଟ ଫାଇଣ୍ଡିଂ ଟିମର ସଦସ୍ୟମାନେ ବ୍ରହ୍ମପୁର ଏସପିଙ୍କୁ ଭେଟି ଉଦବେଗ ପ୍ରକାଶ କରିଥିଲେ। ବିଜେଡି ତରଫରୁ ଏସପିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରା ଯାଇଥିଲା, ଯେଉଁଥିରେ, ପୀଡ଼ିତାଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ ସହିତ ବ୍ରହ୍ମପୁର ପୋଲିସ ଜିଲ୍ଲାରେ ଆଇନ ଶୃଙ୍ଖଳା ସ୍ଥିତିକୁ ସୁଧାରିବା ପାଇଁ ଦାବି ରଖାଯାଇଥିଲା । ବିଜେଡି ପ୍ରତିନିଧି ମଣ୍ଡଳୀରେ ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ସାଂସଦ ରାଜଶ୍ରୀ ମଲ୍ଲିକ, ପ୍ରମିଳା ବିଷୋୟୀ, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ବିଜେଡି ଆସ୍କା ଲୋକସଭା ପ୍ରାର୍ଥୀ ରଞ୍ଜିତା ସାହୁ, ପୂର୍ବତନ ବିଧାୟକ ଲତିକା ପ୍ରଧାନ, ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ପୂର୍ବତନ ସାଂସଦ ଚନ୍ଦ୍ରଶେଖର ସାହୁ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ସୁବାଷ ବେହେରା, ଶ୍ରୀକାନ୍ତ ସାହୁ, ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଅଞ୍ଜଳି ସ୍ୱାଇଁ, ଉପାଧ୍ୟକ୍ଷ ରାଜେଶ୍ୱରୀ ଦୋରା, ରଙ୍ଗେଇଲୁଣ୍ଡା ବ୍ଲକ ସଭାପତି ଅଜିତ ଦାସ, ଦୀପକ ସାମନ୍ତ, ପୂର୍ବତନ ଜିଲ୍ଲା ସଭାପତି ସୁବାଷ ମହାରଣା, ଦଳର ରାଜ୍ୟ ମୁଖପାତ୍ର ତୁମ୍ବନାଥ ପଣ୍ଡା ଓ ନାରାୟଣ ଜେନା, ଦଳର ଅନ୍ୟ କର୍ପୋରେଟର ଉପସ୍ଥିତ ଥିଲେ।

# ବିଦେଶରୁ ଫେରିଲେ ଅପରାଜିତା, ତ୍ରିରଙ୍ଗା ଯାତ୍ରାରେ ସାମିଲ୍





**ଭୁବନେଶ୍ୱର,୭।୬/ଏନ୍ଏନ୍ଏସ୍:** ଅପରେସନ ସିନ୍ଦୂର ପରେ ଆତଙ୍କବାଦ୍ ଓ ପାକିସ୍ତାନର ଅସଲ ଚେହେରା ସାରା ବିଶ୍ୱକୁ ଜଣାଇବାକୁ ବିଭିନ୍ନ ଦେଶ ଗସ୍ତ କରିଥିବା ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଶନିବାର ଭୁବନେଶ୍ୱର ଫେରିବା ସହ ତ୍ରିରଙ୍ଗା ଯାତ୍ରାରେ ସାମିଲ ହୋଇଛନ୍ତି। ଏହି ଅବସରରେ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଛି। ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପହଞ୍ଚିବା ପରେ ଆଦିବାସୀ ନୃତ୍ୟ, ଆଦିବାସୀ ବାଜାର ତାଳେ ତାଳେ ଅପରାଜିତାଙ୍କୁ ଫୁଲମାଳ ପିନ୍ଧାଇ ହାତରେ ସ୍ୱାଗତ କରିଥିଲେ କର୍ମୀ। ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ଏକାମ୍ର, ଜୟଦେବ, ଖୋର୍ଦ୍ଧା, ଉତ୍ତର, ମଧ୍ୟ ଭଳି ନିର୍ବାଚନ ମଣ୍ଡଳୀର ବେଜେପି ନେତା ଓ କର୍ମୀ ଭୁବନେଶ୍ୱର ବିମାନ ବନ୍ଦରରୁ ପଳାଶପଲ୍ଲୀସ୍ଥିତ ସାଂସଦଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ବିଶାଳ ଶୋଭାଯାତ୍ରାରେ ଅପରାଜିତାଙ୍କୁ ପାଛୋଟି ନେଇଥିଲେ । ଶୋଭାଯାତ୍ରାରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ଏକାମ୍ର ବିଧାୟକ ବାବୁ ସିଂ, ଭୁବନେଶ୍ୱର ବିଜେପି ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ଖୋର୍ଦ୍ଧା ବିଜେପି ଜିଲ୍ଲା ସଭାପତି ବିଶ୍ୱରଞ୍ଜନ ବଡ଼ଜେନା ସମେତ ବହୁ ଆଗଧାଡ଼ିର ବିଜେପି ନେତା ଓ କର୍ମୀ ଯୋଗ ଦେଇଥିଲେ। ଅପରାଜିତା କହିଛନ୍ତି ଯେ ଦେଶର ଝିଅ ହିସାବରେ ମୁଁ ବହୁତ ଗର୍ବିତ। କାରଣ ୫୯ ଜଣିଆ ଟିମ୍‌ରେ ସ୍ଥାନ ମିଳିଛି। ବିଦେଶ ମାଟିରେ ପ୍ରବାସୀ ଭାରତୀୟ, ବିଭିନ୍ନ ରାଜନୈତିକ ଦଳ, ସେମାନଙ୍କର ନେତା, ସାଧାରଣ ନାଗରିକ, ଯୁବବର୍ଗ ଏପରିକି ସମସ୍ତେ ପାକିସ୍ତାନ ମାଟିରେ କିଭଳି ଆତଙ୍କବାଦୀ ଏବଂ ବିଭିନ୍ନ ଆତଙ୍କବାଦ ସଂସ୍ଥାକୁ ଜନ୍ମ ଦିଆଯାଉଛି ତାହା ହୃଦବୋଧ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ତଥା କେନ୍ଦ୍ର ସରକାରଙ୍କ ଏହି ସ୍ୱତନ୍ତ୍ର ଯୋଜନାକୁ ପ୍ରବାସୀ ଭାରତୀୟ ବି ବେଶ୍ ସକାରାତ୍ମକ ଢଙ୍ଗରେ ଗ୍ରହଣ କରିଛନ୍ତି। ଅପରେସନ ସିନ୍ଦୂରକୁ ଯେଉଁମାନେ ବିରୋଧ କିମ୍ବା ସମାଲୋଚନା କରୁଛନ୍ତି ସେମାନଙ୍କୁ କଡ଼ା ଭାଷାରେ ନିନ୍ଦା କରାଯାଇଛି। ଆଉ ପ୍ରଧାନମନ୍ତ୍ରୀ ମୋଦୀ ଓ ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ତାଙ୍କ ଉପରେ ଭରସା ରଖି ଏତେ ବଡ଼ ଦାୟିତ୍ୱ ପ୍ରଦାନ କରିବାରୁ ସେମାନଙ୍କୁ ଯେତେ ପ୍ରଶଂସା କଲେ ବି କମ ହେବ ବୋଲି କହିଛନ୍ତି ଭୁବନେଶ୍ୱର ସାଂସଦ।

# କୋଏଲ୍ ନଦୀରେ ବୁଡ଼ି ଯୁବକ ମୃତ

**ରାଉରକେଲା,୭।୬/ଏନ୍ଏନ୍ଏସ୍:** ରାଉରକେଲାର କୋଏଲ ନଦୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ତେଲିପଡ଼ାର ବିରେନ୍ଦ୍ର କର ବୋଲି ଜଣାଯାଇଛି। ସେ ଗତକାଲି ନଦୀ ପାର ହୋଇ ନିଜ ଗ୍ରାମକୁ ଯାଉଥିଲେ । ସେକ୍ଟର-୧୯ ଥାନା ଅନ୍ତର୍ଗତ ବୈକୁଣ୍ଠ ଘାଟ ପହଁରି ପାର ହେଉଥିବା ବେଳେ ପାଣିରେ ଭାସି ଯାଇଥିଲେ । ବିଳମ୍ବିତ ସମୟ ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ । ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳିନଥିଲା । ଆଜି ସକାଳୁ ତାଙ୍କ ମୃତଦେହ ନଦୀରେ ଭାସୁଥିବା ସମ୍ପର୍କରେ ସ୍ଥାନୀୟ ବାସିନ୍ଦା ଅଗ୍ନିଶମ ବିଭାଗକୁ ଦେଇଥିଲେ । ପରେ ଅଗ୍ନିଶମ ବିଭାଗ ଆଜି କୋଏଲ ନଦୀଠାରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ପୁଲିସ୍‌କୁ ସୂଚନା ଦେଇଥିଲା । ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି।

# ତାଇୱାନ୍ ଚାଓୟାଙ୍ଗ ବିଶ୍ୱବିଦ୍ୟାଳୟରୁ ଅଚ୍ୟୁତ ସାମନ୍ତଙ୍କୁ ଡକ୍ଟରେଟ୍



**ଭୁବନେଶ୍ୱର,୭।୬/ଏନ୍ଏନ୍ଏସ୍:** ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ତାଇୱାନ୍‌ର ଚାଓୟାଙ୍ଗ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି (ସିୱାଇୟୁଟି)ରୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯାଇଛି। ଶନିବାର ଅନୁଷ୍ଠିତ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ସମାରୋହରେ ଆନୁଷ୍ଠାନିକ ଭାବରେ ଶ୍ରୀ ସମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଏହା ହେଉଛି ଶ୍ରୀ ସାମନ୍ତଙ୍କ ୬୮ ତମ ସମ୍ମାନସୂଚକ ଡକ୍ଟରେଟ୍। ଶିକ୍ଷା ଜରିଆରେ ସମାଜର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏଥିପାଇଁ ସିୱାଇୟୁଟିର ଶିକ୍ଷା ପରିଷଦ ଏବଂ ପରିଚାଳନା ବୋର୍ଡ ଶ୍ରୀ ସାମନ୍ତଙ୍କ ନାମ ସୁପାରିଶ କରିଥିଲେ ଏବଂ ସର୍ବସମ୍ମତି କ୍ରମେ ଶ୍ରୀ ସମନ୍ତଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଥିଲେ। ସମାବର୍ତ୍ତନ ସମାରୋହ ଅବସରରେ ଶ୍ରୀ ସାମନ୍ତ ଚାଓୟାଙ୍ଗ ୟୁନିଭରସିଟି ଅଫ୍ ଟେକ୍ନୋଲୋଜି ଛାତ୍ରଛାତ୍ରୀ, ଅଧ୍ୟାପକ ଓ ଅତିଥିଙ୍କ ଉଦ୍ଦେଶ୍ୟରେ ପ୍ରେରଣାଦାୟୀ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ସମ୍ମାନ ଗ୍ରହଣ କରି ଶ୍ରୀ ସାମନ୍ତ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇବା ସହ ଏହି ସମ୍ମାନ ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କାମ କରିବାକୁ ଆହୁରି ପ୍ରେରଣା ଯୋଗାଇବ ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସଭାପତି ତାଓ-ମିଙ୍ଗ ଚେଂଙ୍କ ସମେତ ବହୁ ବିଶିଷ୍ଟ ଗଣମାନ୍ୟ ବ୍ୟକ୍ତି ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।




# ୭ଶହରୁ ଅଧିକ ସମବାୟ ସମିତି ଅଚଳ

**ଭୁବନେଶ୍ୱର,୭।୬/ଏନ୍ଏନ୍ଏସ୍:** କେନ୍ଦ୍ର ସରକାର ସମବାୟ ସଂସ୍ଥାକୁ ମଜଭୁତ୍ ଉପରେ ଗୁରୁତ୍ୱାରୋପ କରୁଥିବାବେଳେ ରାଜ୍ୟରେ ୭ଶହରୁ ଅଧିକ ସମବାୟ ସଂସ୍ଥା ଅଚଳ ହୋଇପଡ଼ିଛି । ଏଥି ମଧ୍ୟରେ ୧୧ଟି ଶୀତଳଭଣ୍ଡାର ବି ରହିଛି। ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ମୋଟ୍ ୭୦୧ଟି ସମବାୟ ସମିତି ଅଚଳ ଅବସ୍ଥାରେ ଥିବାବେଳେ ଏଥିରୁ ସର୍ବାଧିକ ୧୪୧ଟି କଟକ ଜିଲ୍ଲାରେ ରହିଛି। ଏହା ପଛକୁ ଖୋର୍ଦ୍ଧା ଜିଲ୍ଲାରେ ୧୧୦ଟି ସମିତି ଅଚଳ ଥିବାବେଳେ ପୁରୀ ଜିଲ୍ଲାରେ ଏହି ସଂଖ୍ୟା ୭୨ଟି ରହିଛି। ଗଜପତି ଜିଲ୍ଲାରେ ମାତ୍ର ଗୋଟିଏ ସମିତି ଅଚଳ ଅବସ୍ଥାରେ ଥିବାବେଳେ ଜଗତ୍‌ସିଂହପୁର ଓ ନବରଙ୍ଗପୁରରେ ୨ଟି ଲେଖାଏଁ ଏବଂ ରାୟଗଡ଼ାରେ ୩ଟି ଅଚଳ ରହିଛି।

ତେବେ ଅଚଳ ସମବାୟ ସମିତି ମଧ୍ୟରେ ୧୭୨ଟି ଋଣ ପ୍ରଦାନକାରୀ ସମବାୟ ସମିତି ଥିବାବେଳେ ୧୬୧ଟି ବହୁମୁଖୀ ସମବାୟ ସମିତି ରହିଛି। ଏହାବାଦ୍ ୧୧ଟି ଶୀତଳଭଣ୍ଡାର, ୫୧ଟି ଗୃହ ନିର୍ମାଣ ସମବାୟ ସମିତି, ୧୦ଟି ଆରସିଏମ୍ ଏବଂ ୭ଟି ପ୍ରାଥମିକ କୃଷି ସମବାୟ ସମିତି ରହିଛି। ୨୩୨ଟି ଅନ୍ୟ କିସମର ସମବାୟ ସମିତି ରହିଥିବା ଜଣାଯାଇଛି। ଏହିସବୁ ସମବାୟ ସମିତିଗୁଡିକ ଦୀର୍ଘଦିନ ଧରି ଅଚଳ ଅବସ୍ଥାରେ ରହିଛି। ଏଗୁଡ଼ିକ ମଧ୍ୟରୁ ଆଇନ୍ ଅନୁଯାୟୀ କିଛି ସମବାୟ ସମିତିକୁ ସମାପନ କରିବାଲାଗି ସରକାର ପଦକ୍ଷେପ ନେଉଛନ୍ତି। ଏଥି ସହିତ ଅନ୍ୟ ଅଚଳ ସମବାୟ ସମିତିଗୁଡ଼ିକୁ ସଚଳ କରିବା ପାଇଁ ଡିଭିଜନସ୍ତରରେ ପୁନରୁଦ୍ଧାର ପାଇଁ ଉଦ୍ୟମ ହେଉଛି। ଏଥିପାଇଁ ସମବାୟ ସମିତିର ସଦସ୍ୟମାନଙ୍କ ବୈଠକ ଡକାଯାଇ ସେମାନଙ୍କର ମତାମତ ଲୋଡ଼ାଯାଉଛି।

ତେବେ ଅଚଳ ହୋଇପଡ଼ିଥିବା ଶୀତଳଭଣ୍ଡାରଗୁଡ଼ିକର ଆଉ ପୁନରୁଦ୍ଧାର ହେବାର ସମ୍ଭାବନା ନଥିବା ଜଣାଯାଇଛି। ଦୀର୍ଘଦିନ ଧରି ଅଚଳ ଯୋଗୁଁ ଏହାର ଯନ୍ତ୍ରପାତି ସବୁ ନଷ୍ଟ ହୋଇଗଲାଣି। ତେଣୁ ଏହାକୁ ବନ୍ଦ କରିବା ସପକ୍ଷରେ ଅନେକ ମତ ଦେଉଛନ୍ତି। କାରଣ ଏହାକୁ ପୁନରୁଦ୍ଧାର ପାଇଁ ସେଭଳି କୌଣସି ସଂସ୍ଥା ଆଗେଇ ଆସିବାର ସମ୍ଭାବନା କ୍ଷୀଣ। ସେହିଭଳି ଆର୍ଥିକ ଦୃଷ୍ଟିରୁ ଦେବାଳିଆ ହୋଇ ବନ୍ଦ ହୋଇଥିବା ସମବାୟ ସଂସ୍ଥାଗୁଡିକ ମଧ୍ୟ ଅଣ୍ଟା ସଳଖି ସହଜରେ ଛିଡ଼ାହେବା କଷ୍ଟକର। କାରଣ ଯେଉଁମାନେ ଏହିସବୁ ସମିତିରୁ ଋଣ ନେଇଛନ୍ତି ସେମାନେ ଅର୍ଥ ଫେରାଇବା ସପକ୍ଷରେ ନାହାନ୍ତି। ଅନେକ ଋଣ ଗ୍ରହୀତା ବି ଆରପାରିକୁ ଚାଲି ଯାଇଛନ୍ତି। ଏପରିକି କୃଷି ସମବାୟ ସମିତିରୁ ଋଣ ନେଇ ମଧ୍ୟ ଅନେକ ନଶୁଝିବା ଫଳରେ ତାହା ଦେବାଳିଆ ହୋଇଯାଇଛି। କେନ୍ଦ୍ର ସରକାର ସମବାୟ ସଂସ୍ଥାଗୁଡିକର ପୁନରୁଦ୍ଧାର ଉପରେ ଗୁରୁତ୍ୱାରୋପ କରୁଥିବାରୁ ରାଜ୍ୟ ସରକାର ପାକସ୍ ଓ ଲ୍ୟାମ୍ପସ୍ ପ୍ରତିଷ୍ଠା ଓ ପୁନରୁଦ୍ଧାର ଉପରେ ଜୋର୍ ଦେଉଛନ୍ତି। ଏଭଳି ସ୍ଥିତିରେ ରାଜ୍ୟରେ ଅଚଳ ହୋଇ ପଡିଥିବା ସମବାୟ ସମିତି ମଧ୍ୟରୁ ଆଇନ୍ ଅନୁଯାୟୀ କେତୋଟିର ସମାପନ ହେଉଛି ଏବଂ କେତୋଟିର ପୁନରୁଦ୍ଧାର ହୋଇପାରୁଛି ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

# ଗାଡ଼ି ଧକ୍କାରେ ମହିଳା ମୃତ

**ସାଲେପୁର,୭।୬/ଏନ୍ଏନ୍ଏସ୍:** ସାଲେପୁର କଟକ ମୁଖ୍ୟ ରାସ୍ତାର ନାଳିଆ ମୁହଁ ନିକଟ ପେଟ୍ରୋଲ ପମ୍ପ୍ ପାଖରେ ଗାଡ଼ି ଧକ୍କାରେ ଜଣେ ମହିଳା ମୃତ୍ୟୁ ହୋଇଛି । ଆଜି ନଇଗୁଆଁ ପଞ୍ଚାୟତର ବଲ୍ଲଭପୁର ଗ୍ରାମର ଡମ୍ବରୁଧର ପାଢ଼ୀ ନିଜ ଗାଡ଼ିରେ ନାଳିଆ ମୁହଁ ସ୍ଥିତ ତେଲଟାଙ୍କିରେ ତେଲ ପକାଇ ମୁଖ୍ୟ ରାସ୍ତାକୁ ଉଠୁଥିବାବେଳେ ପଛରୁ ଆସୁଥିବା ପିକ୍ଅପ୍ ଗାଡ଼ି ଧକ୍କା ଦେବା ଫଳରେ ସ୍କୁଟିରେ ଯାଉଥିବା ଦୁଇ ଜଣ ରାସ୍ତା କଡ଼କୁ ଛିଟିକି ପଡ଼ିଥିଲେ । ସାଲେପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ଉଭୟଙ୍କୁ କଟକ ବଡ଼ ମେଡ଼ିକାଲକୁ ପଠାଇଥିଲେ । କଟକ ମେଡିକାଲ୍‌ରେ ଡାକ୍ତର ଶ୍ରୀ ପାଢ଼ୀଙ୍କ ପତ୍ନୀ ଝରାଶ୍ରୀ ପାଢ଼ୀଙ୍କୁ ମୃତ ଘୋଷଣା କରିଥିଲେ । ପୁଲିସ ମୃତଦେହକୁ ବ୍ୟବଚ୍ଛେଦ କରିଲା ପରେ ଗ୍ରାମ ଶ୍ମଶାନରେ ଶୋକାକୁଳ ପରିବେଶ ମଧ୍ୟରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି ।

# ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ବୈଠକ

**ନୟାଗଡ଼,୭।୬/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ଅଧିକାରୀଙ୍କ ଦ୍ୱାରା ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀର ସଭାପତି, ସମ୍ପାଦକ, ଜିଲ୍ଲାସ୍ତରୀୟ ଅଧିକାରୀ, ସ୍ୱେଚ୍ଛାସେବୀ ସଂଗଠନ ଓ ସାମାଜିକ କର୍ମୀ ଯୋଗ ଦେଇଥିଲେ । ଏହି ସଭାରେ ଜିଲ୍ଲା ଜରୁରିକାଳୀନ ଅଧିକାରୀ ତପତିରାଜ୍ ସଭାପତିତ୍ୱ କରିଥିଲା ବେଳେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପୁଷ୍ପା ନୀଳିମା ଲାକ୍ରା, ଅଗ୍ନିଶମ ଅଧିକାରୀ ପ୍ରସନଜିତ୍ ବେହେରା, ଜିଲ୍ଲା ପ୍ରକଳ୍ପ ଅଧିକାରୀ ଅଶୋକ ରଥ ଅଂଶଗ୍ରହଣକାରୀଙ୍କୁ ଏହି ବିଷୟରେ ବୁଝାଇଥିଲେ ଓ ମୁଖ୍ୟତଃ ଏହି କାର୍ଯ୍ୟକ୍ରମ ଟେବୁଲ୍ ଟପ୍ ଏକ୍ସରସାଇଜକୁ ଆସନ୍ତା ୧୮ ତାରିଖ ଦିନ ସମସ୍ତ ବ୍ଲକ, ଏନଏସି. ତଥା ଜିଲ୍ଲାସ୍ତରରେ କେଉଁ ଢଙ୍ଗରେ ପାଳନ କରାଯିବ ତାହା ଉପରେ ଆଲୋଚନା ହୋଇଥିଲା । ଏଥିରେ ସରପଞ୍ଚ ଓ ସଂପାଦକଙ୍କର ସକ୍ରିୟ ଅଂଶଗ୍ରହଣ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁଡ଼ିକର ଦାୟିତ୍ୱ ଓ ଭୂମିକା ଉପରେ ଆଲୋଚନା ହୋଇଥିଲା ଓ ଏହାର ଉପଦେୟତାକୁ ଉପଲବ୍ଧ କରିବା ପାଇଁ ଏହାକୁ କେତେ ଜୀବନ୍ତ କରାଯାଇପାରିବ ତାହା ଉପରେ ଆଲୋଚନା ହୋଇଥିଲା । ଏହି ପରିପ୍ରେକ୍ଷୀରେ ଏଏଫଓ ଶ୍ରୀ ବେହେରା ଆଶ୍ରୟସ୍ଥଳରେ ଥିବା ଉପକରଣଗୁଡିକୁ କିପରି ସଠିକ ବ୍ୟବହାର କରି ଚଳନକ୍ଷମ ରଖାଯାଇପାରିବ ତାହା ଉପରେ ଆଲୋଚନା କରିଥିଲେ ।

# ଉଠା ଜଳସେଚନ ପଏଣ୍ଟ୍‌ରୁ ତାର ଚୋରି



**ମାହାଙ୍ଗା,୭।୬/ଏନ୍ଏନ୍ଏସ୍:** ସରକାର ଜଳସେଚନ ନିମନ୍ତେ ବିଭିନ୍ନ ପ୍ରକଳ୍ପ ଜରିଆରେ ଚାଷ ଜମିରେ ଚାଷ ଜମିରେ ଜଳସେଚିତ ପାଇଁ ବିଭିନ୍ନ ଯୋଜନା କରିଛନ୍ତି । ସେଥିମଧ୍ୟରୁ ଉଠା ଜଳସେଚନ ହେଉଛି ଅନ୍ୟତମ । ଏହି ଉଠା ଜଳସେଚନ ନିମନ୍ତେ ପ୍ରାୟ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ମଞ୍ଜୁର କରାଯାଇ ପାଣି ପଞ୍ଚାୟତ ଜରିଆରେ ନିର୍ମାଣ କରାଯାଇଛି । ଏହି ପ୍ରକଳ୍ପଟି କାର୍ଯ୍ୟକାରୀ ହେବା ପରେ ଚାଷୀମାନଙ୍କୁ ହସ୍ତାନ୍ତର କରାଯାଇଛି । କିନ୍ତୁ ଏହି ପ୍ରକଳ୍ପରୁ ଚୋରମାନେ ବିଭିନ୍ନ ସାମଗ୍ରୀ ଚୋରି କରୁଥିବା ଜଣାଯାଇଛି । ଏଭଳି ଘଟଣା ଦେଖିବାକୁ ମିଳିଛି ମାହାଙ୍ଗା ବ୍ଲକ ଅଞ୍ଚଳରେ ଥିବା ବହୁ ଉଠା ଜଳସେଚନ ପଏଣ୍ଟ୍‌ରେ । ବିଶେଷକରି ହଂସଦିଆ-୧ ଓ ୨, ମୂଳବସନ୍ତ ବଡେଇ ସାହି, କୁହୁଣ୍ଡା ଏବଂ କୁହୁଣ୍ଡା ଶନିଶ୍ଚର, ଅରିଲୋ ଜଗନ୍ନାଥ ପାଣି ପଞ୍ଚାୟତ ପଏଣ୍ଟ, କୋଳିଅଠା ଆଦି ସ୍ଥାନମାନଙ୍କରେ ଥିବା ଉଠା ଜଳସେଚନ ପଏଣ୍ଟରୁ ତାର, ଟ୍ରାନ୍ସଫର୍ମର୍ ଆଦି ଚୋରି ହୋଇଥିବା ଅଭିଯୋଗ ହୋଇଛି । ଏହି ପଏଣ୍ଟରୁ ତାର ଚୋରି କରି ନେଇଯିବାରୁ ଜଳସେଚନରେ ବାଧା ଉପୁଜିଛି । ଯାହାକୁ ନେଇ ଚାଷୀମାନଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏ ନେଇ ଚାଷୀମାନଙ୍କ ପକ୍ଷରୁ ବିଦ୍ୟୁତ୍ ବିଭାଗ ଏବଂ ପୋଲିସ ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଛି । ଏବେ ଚାଷୀମାନେ ଧାନ ଫସଲ ନିମନ୍ତେ ତଳି ପକା କାର୍ଯ୍ୟ ଆରମ୍ଭ କରିବେ । ତେଣୁ ବିଦ୍ୟୁତ୍ ବିଭାଗ ତାର ତୁରନ୍ତ ଯୋଗାଇଦେବାକୁ ଚାଷୀମାନେ ଦାବି କରିଛନ୍ତି ।

# ଅଧକ୍ଷଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ସାଲେପୁର,୭।୬/ଏନ୍ଏନ୍ଏସ୍:** ସାଲେପୁର ବ୍ଲକ ସ୍ଥିତ ବହୁଗ୍ରାମ +୨ ମହାବିଦ୍ୟାଳୟର ଅଧକ୍ଷ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ କାର୍ଯ୍ୟକାଳ ସମାପ୍ତି ପରେ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଅଧ୍ୟାପିକା ଡ଼ଃ ମୋନାଲିସା ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ଅଧକ୍ଷ ଡ଼ଃ ମିଶ୍ରଙ୍କ ସମେତ ମହାବିଦ୍ୟାଳୟର ଗଣିତ ବିଭାଗର ଅଧ୍ୟାପକ ଗିରିଧାରୀ ପୃଷ୍ଟି ଏବଂ କିରାଣୀ ପର୍ଶୁରାମ ରାଉତଙ୍କୁ ମଧ୍ୟ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । ଉତ୍ସବରେ ବିଦାୟୀ ବ୍ୟକ୍ତିତ୍ୱଙ୍କ ଗୁଣଗାନ କରିବା ସହ ଏକ ନିର୍ମାଣର ଅନ୍ତ ହେଲା ବୋଲି ନୂତନ ଅଧକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିବାକୁ ଯାଉଥିବା ଶାନ୍ତନୁ ନାରାୟଣ ପଟନାୟକ ପ୍ରକାଶ କରିଥିଲେ । ଉତ୍ସବରେ ଅଧ୍ୟାପିକା ମଞ୍ଜୁଲାତା ମଲ୍ଲ, ଅଧ୍ୟାପିକା ତପସ୍ୱିନୀ ପଟନାୟକ, ଅଧ୍ୟାପକ ଜ୍ୟୋତିରଞ୍ଜନ ମହାନ୍ତି ମାନପତ୍ର ପାଠ କରିଥିଲେ । ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀଣୀ ଅଧ୍ୟାପିକା ନିରୂପମା ମିଶ୍ର ଉତ୍ସବରେ ଅଧକ୍ଷତା କରିଥିଲେ । ଶେଷରେ ନୂତନ ଭାବେ ଯୋଗଦେଇଥିବା ଅଧକ୍ଷଙ୍କୁ ସ୍ୱାଗତ କରାଯାଇଥିଲା ।

# ଓଡ଼ଗାଁ ମାଛ ମାର୍କେଟ୍ ନିର୍ମାଣ କାମ ଅଧାପନ୍ତରିଆ

## ସାଢ଼େ ୩ବର୍ଷ ପରେ ବି ସରୁନି

**ଓଡ଼ଗାଁ,୭।୬/ଏନ୍ଏନ୍ଏସ୍:** ଓଡ଼ଗାଁ ଏନ୍ଏସି ମାଛ ମାର୍କେଟ୍‌କୁ ଝୁଲାଯାଇଛି । ୬ ମାସର ଚୁକ୍ତିଯାଇ ସାଢ଼େ ୩ବର୍ଷ ପରେ କାମ ଅଧାପନ୍ତରିଆ ହୋଇ ପଡ଼ିଥିଲେ ବି ସବୁ ଜାଣି ଚୁପ୍ ବସିଛି ପ୍ରଶାସନ । ସୂଚନା ଅନୁଯାୟୀ ଓଡ଼ଗାଁ ଏନ୍ଏସିରେ ନୂତନ ମାଛ ମାର୍କେଟ ନିର୍ମାଣହେବ । ମାଛ ବ୍ୟବସାୟୀମାନେ ନିର୍ଦ୍ୱନ୍ଦରେ ବସି ମାଛ ବିକ୍ରି କରିବେ କିନ୍ତୁ ସେସବୁ ଏକ ପ୍ରକାର ଭେଳିକିରେ ପରିଣତ ହୋଇଛି । ରାସ୍ତାକଡ଼ରେ ମାଛ ବିକ୍ରି ନକରି ବ୍ୟବସାୟୀଙ୍କୁ ଥଇଥାନ କରିବା ପାଇଁ ମତ୍ସ୍ୟବିଭାଗ ପକ୍ଷରୁ ୧ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିଲା । ଏହି କାର୍ଯ୍ୟକୁ ଏନ୍ଏସି ଟେଣ୍ଡର କରିବାପରେ ମାଛ ମାର୍କେଟ ନିର୍ମାଣ କାର୍ଯ୍ୟକାରୀ ହେଲା । କିନ୍ତୁ ସାଢ଼େ ୩ ବର୍ଷହେବ ଲୋକଙ୍କୁ ଜଳକା ସଜେଇ ଚାଲିଛି ପ୍ରଶାସନ । ମାଛ ମାର୍କେଟ ପାଇଁ ଆସିଥିବା ୧କୋଟିର ପ୍ରକଳ୍ପ ଏବେ ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଛି । ବିଭିନ୍ନ ଆଳ ଦେଖାଇ ଦିନ ପରେ ଦିନ ଗଡ଼ାଇ ଚାଲିଛନ୍ତି । ଏବେ ମାଛ ବ୍ୟବସାୟୀମାନେ ରାସ୍ତାକଡ଼ରେ ବସି ମାଛ ବିକ୍ରି କରିବା ଦ୍ୱାରା ପରିବେଶ ଦୁର୍ଗନ୍ଧମୟ ହୋଇପଡ଼ିଛି । କେବଳ ସେତିକି




ନୁହଁ ଖରା, ବର୍ଷା, ଶୀତ ବର୍ଷ ସାରା ବ୍ୟବସାୟୀମାନେ ବାହାରେ ବସି ବ୍ୟବସାୟ କରୁଛନ୍ତି । ଏଠି ପ୍ରଶ୍ନଉଠୁଛି ୬ମାସ ମଧ୍ୟରେ ମାଛ ମାର୍କେଟ ନିର୍ମାଣର ଅବଧି ସରିଥିଲେ ମଧ୍ୟ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି କାହିଁକି । ଏପଟେ ବିଦ୍ୟୁତ୍ ସମସ୍ୟା ଥିବା କହି ନିଜ ଉପରୁ ଦୋଷ ଖସାଇଛି ପ୍ରଶାସନ । କେବଳ ଏତିକି ନୁହଁ ମାଛ ମାର୍କେଟ ପିଣ୍ଡି ନିର୍ମାଣରେ ମଧ୍ୟ ପାତରଅନ୍ତର ନୀତି ଆପଣାଯାଇଛି । ମାଛବିକ୍ରି କରୁଥିବା ବ୍ୟବସାୟୀ ଓ ମାଂସ ବିକ୍ରି କରୁଥିବା ବ୍ୟବସାୟୀଙ୍କ ପାଇଁ ସମାନ ପିଣ୍ଡି ତିଆରି ହୋଇନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ତେବେ କେବେ ମାଛମାର୍କେଟ ଚାଲୁହେବ ଲୋକେ ସୁରୁଖୁରୁରେ ମାଛ, ମାଂସ କିଣିବେ ତାହା ଦେଖିବାକୁ ବାକି ରହିଛି । ଏହି ଘଟଣାରେ ଓଡ଼ଗାଁ ଏନ୍ଏସି ଅଧିକାରୀ ନିହାରରଞ୍ଜନ ବେହେରା ଯୁଦ୍ଧକାଳୀନ ଭିତ୍ତିରେ ମାଛମାର୍କେଟ କାମ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି । ଆସନ୍ତା ୧୦ତାରିଖ ଦିନ ବିଦ୍ୟୁତ୍ କାଟି ବୋରିଁ କାର୍ଯ୍ୟ କରାଯିବ । ମାଛ ମାର୍କେଟକୁ ପାଣିର ସୁବିଧାପରେ ତାକୁ ଚାଲୁ କରାଯିବ ବୋଲି କହିଛନ୍ତି ।

# ମାଲ୍‌ବାହୀ ଟ୍ରକ୍‌ରେ ଲାଗିଲା ନିଆଁ

**ମୁଣ୍ଡମୁହାଣ,୭।୬/ଏନ୍ଏନ୍ଏସ୍:** ଶନିବାର ୧୬ ନମ୍ବର ଜାତୀୟ ରାଜପଥ ଯାଁଳା ଫାଣ୍ଡି ନିକଟରେ ଏକ ଟ୍ରକ ବଡ଼ଧରଣର ଅଗ୍ନିକାଣ୍ଡରୁ ବର୍ତ୍ତିଯାଇଛି । ପଛ ଚକାରୁ ନିଆଁ ଲାଗିଥିଲେ ମଧ୍ୟ ସ୍ଥାନୀୟ ଲୋକ ଦେଖି ପାଟି କରି ଡାକିବାରୁ ଟ୍ରକ୍‌ଟି ଅଟକି ଥିଲା । ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ଟ୍ରକରୁ ନିଆଁ ଲାଭାଇଥିଲେ ଚାଳକ । ତେଣୁ ରାଜପଥରେ ବଡ ଧରଣର ଅଗ୍ନିକାଣ୍ଡରୁ ଚାଳକ ବର୍ତ୍ତି ଯାଇଥିଲେ । ଅଗ୍ନଶମ ବାହିନୀ ଆସି ଘଟଣା ସ୍ଥଳରେ ପହଁଚିବା ବେଳକୁ ନିଆଁ ଆୟତ୍ତ ହୋଇସାରିଥିଲା । ମିଳିଥିବା ସୂଚନା ଅନୁସାରେ ଆଜି ଏକ ମାଲବାହୀ ଟ୍ରକ ଅପରାହ୍ନ ପ୍ରାୟ ଦୁଇଟା ବେଳେ ଖୋର୍ଦ୍ଧା ରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା । ଯାଉଥିବା ସମୟରେ ଟ୍ରକର ପଛ ଚକରୁ ହଠାତ୍ ନିଆଁ ଧରିଥିଲା । ଟ୍ରକଟି ଚାଲୁ ଥିବାରୁ ଚାଳକ ଜାଣିପାରି ନଥିଲେ । ରାସ୍ତା ଧୁଆଁମୟ ହୋଇଯାଇଥିଲା । ବାଟରେ ଯାଉଥିବା ଲୋକ ଦେଖି ଚାଳକଙ୍କୁ ଡାକି କହିଥିଲେ । ତେଣୁ ଟ୍ରକ ଚାଳକ ଗାଡି ଅଟକାଇ ତଳକୁ ଓହ୍ଲାଇ ପଡିଥିଲେ । ଦେଖିବା ବେଳକୁ ଚକାରେ ନିଆଁ ଲାଗିବା ଆରମ୍ଭ ହେଉଛି । ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ଟ୍ରକ ଚକାରୁ ନିଆଁ ଲାଭାଇ ଦେଇଥିଲେ ମଧ୍ୟ ଏନେଇ ଦମକଳବାହିନୀ ଖବର ଦେଇଥିଲେ । ଖବର ପାଇ ଅଗ୍ନିଶମ ବାହିନୀ ଆସି ପହଞ୍ଚିବା ବେଳକୁ ନିଆଁ ଆୟତ ହୋଇସାରିଥିଲା ।ପ୍ରବଳ ଖରା ଓ ଗରମ ଯୋଗୁ ଅଧିକ ଉତପ୍ତ ହୋଇ ଚକାରେ ନିଆଁ ଲାଗିଥାଇପାରେ ବୋଲି ଅନୁମାନ କରାଯାଉଛି । ତେଣୁ ରାଜପଥରେ ଏକ ବଡ ଧରଣର ଅଗ୍ନିକାଣ୍ଡରୁ ଟ୍ରକଟି ବର୍ତ୍ତି ଯାଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି ।

## ଜବରଦଖଲକାରୀଙ୍କୁ ଉଠାଇବାକୁ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ

# ଗ୍ରାମବାସୀଙ୍କ ଆମରଣ ଅନଶନ ଚେତାବନୀ

**କିଶନନଗର,୭।୬/ଏନ୍ଏନ୍ଏସ୍:** ରାଜ୍ୟ ସରକାର ଜବରଦଖଲକାରୀଙ୍କ ଉପରେ ଜିରୋ ଟଲରାନ୍ସ ନୀତି ଅବଲମ୍ବନ କରୁଥିବା ବେଳେ ଥୋରିଆପଦା ଗ୍ରାମରେ ରାସ୍ତା ଅବରୋଧ କରି ପାଚେରୀ ନିର୍ମାଣ କରିଥିବା ବ୍ୟକ୍ତି ବିରୁଦ୍ଧରେ ତହସିଲଦାରଙ୍କ ପାଖରେ ଗ୍ରାମବାସୀ ବାରମ୍ବାର ଅଭିଯୋଗ କଲାପରେ ବି ତହସିଲଦାର ମହୋଦୟଙ୍କ ଜବର ଦଖଲକାରୀଙ୍କ ପ୍ରତି କୋହଳ ମନୋଭାବ ଯୋଗୁ ଗ୍ରାମବାସୀ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହୋଇ ଶେଷରେ ରାଜ୍ୟ ମାନବାଧିକାର କମିଶନଙ୍କ ନିକଟରେ ପହଞ୍ଚିଛନ୍ତି । ସୂଚନା ମୁତାବକ ଆଜିକୁ ଦୀର୍ଘ ଦୁଇମାସରୁ ଉର୍ଦ୍ଧ୍ୱ ହେବ କିଶନନଗର ତହସିଲ ଅନ୍ତର୍ଗତ ସୋମପୁର ପଞ୍ଚାୟତ ଅଧୀନସ୍ଥ ଥୋରିଆପଡା ଗ୍ରାମର ଜଣେ ଅସାମାଜିକ ବ୍ୟକ୍ତି ଗ୍ରାମ୍ୟ କଂକ୍ରିଟ ରାସ୍ତାକୁ ଖୋଳି ଜୋର୍ ଜବରଦସ୍ତ ପାଚେରୀ ନିର୍ମାଣ କରିଛନ୍ତି । ପାଚେରୀ ନିର୍ମାଣ ଦିନଠାରୁ ଗ୍ରାମବାସୀମାନେ ଲିଖିତ ଆକାରରେ କିଶନନଗର ତହସିଲଦାରଙ୍କ ପାଖରେ ଅଭିଯୋଗ କରିଥିଲେ । ଗ୍ରାମବାସୀଙ୍କ ଅଭିଯୋଗକୁ ତହସିଲଦାର କର୍ଣ୍ଣ ପାତ କରି ନଥିଲେ । ଏ ଖବର ନିତିଦିନ ଖବର କାଗଜରେ ପ୍ରଥମେ ପ୍ରକାଶିତ ହେବା ପରେ ତହସିଲଦାର ରାଜସ୍ୱ ନିରୀକ୍ଷକଙ୍କୁ ଘଟଣା ସ୍ଥଳକୁ ପଠାଇ ସରଜମିନ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ରାଜସ୍ୱ ନିରୀକ୍ଷକ ସରଜମିନ ତଦନ୍ତ କରୁଥିବା ବେଳେ ଜବରଦଖଲ କାରି ରାଜସ୍ୱ ନିରୀକ୍ଷଙ୍କୁ ଅଭଦ୍ର ବ୍ୟବହାର କରି ଫେରାଇ ଦେଇଥିଲା । ସରକାରୀ ଅଧିକାରୀଙ୍କୁ ସରକାରୀ କାର୍ଯ୍ୟରେ ବାଧା ଦେଇଥିବା ଜବରଦଖଲ କାରି ବିରୁଦ୍ଧରେ ତହସିଲଦାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେନାହିଁ । ଯାହାଫଳରେ ତହସିଲଦାରଙ୍କ କାର୍ଯ୍ୟଶୈଳୀରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ସର୍ବସାଧାରଣଙ୍କ ରାସ୍ତାକୁ ଜବରଦଖଲରୁ ମୁକ୍ତି କରିବା ପାଇଁ ଥୋରିଆପଡା ଗ୍ରାମବାସୀ ମାନବାଧିକାର ଏବଂ କଟକ ଜିଲ୍ଲାପାଳ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ପାଖରେ ଅଭିଯୋଗ କରିବା ସହ ଗ୍ରାମ ରାସ୍ତାକୁ ଜବଦଖଲରୁ ମୁକ୍ତ କରାନଯାଏ ତାହା ହେଲେ ଆଗାମୀଦିନରେ କିଶନନଗର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବୁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

‘ନିତିଦିନ’ର ପ୍ରଭାବ



# ସାଂସଦ ସମ୍ବିତ ପାତ୍ରଙ୍କ କୁଶପୁତ୍ତଳିକା ଦାହକଲା କଂଗ୍ରେସ

**ଡେଲାଙ୍ଗ,୭।୬/ଏନ୍ଏନ୍ଏସ୍:** ପୁରୀ ଲୋକସଭା ସାଂସଦ ଡା.ସମ୍ବିତ ପାତ୍ରଙ୍କ କୁଶପୁତ୍ତଳିକା ଡେଲାଙ୍ଗ ହାଟ ବଜାର ଠାରେ କଂଗ୍ରେସ ପକ୍ଷରୁ ଦାହ କରାଯାଇଛି । ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କ ପ୍ରତି ଦେଇଥିବା ବିବାଦୀୟ ମନ୍ତବ୍ୟ ବିରୋଧରେ କଂଗ୍ରେସ ପକ୍ଷରୁ ସାଂସଦଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମକୁ ଡେଲାଙ୍ଗ ପିପିଲି ନିର୍ବାଚନ ମଣ୍ଡଳୀର କଂଗ୍ରେସ ଦଳର ବିଧାୟକ ପ୍ରାର୍ଥୀ ବିଶ୍ୱକେସନ ହରିଚନ୍ଦନ ମହାପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଡେଲାଙ୍ଗ ବ୍ଲକ କଂଗ୍ରେସ ସଂଯୋଜକ ନିର୍ମଳ କୁମାର ପରିଡାଙ୍କ ନେତୃତ୍ୱରେ ବରିଷ୍ଠ କଂଗ୍ରେସ ନେତା ଗୁଣନିଧୀ ପ୍ରଧାନ, ଅଂଶୁମୋଚନ ପ୍ରଧାନ, ଇଶରାର ମହମ୍ମଦ, ଇନା ମହମ୍ମଦ, ସଲିମ ମହମ୍ମଦ ଏବଂ ବିକ୍ରମ ପ୍ରଧାନ ପ୍ରମୁଖ ସହ କଂଗ୍ରେସ କର୍ମୀ ଯୋଗଦେଇ ସାଂସଦ ଶ୍ରୀପାତ୍ରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ତାଙ୍କର କୁଶ ପୁତ୍ତଳିକା ଦାହ କରିଥିଲେ । ସୂଚନାଥାଉ କି ପିପିଲି ଦାଣ୍ଡମୁକୁନ୍ଦପୁରସ୍ଥିତ ବାଲି ପଡିଆ ଠାରେ ଅନୁଷ୍ଠିତ ବିଜେପି ଦଳ ଏକ ବର୍ଷ ପୂର୍ତ୍ତିର ବିଜୟ ଉତ୍ସବ ସମାବେଶରେ ଯୋଗଦେଇ ସାଂସଦ ଡା.ସମ୍ବିତ ପାତ୍ର ରାହୁଲ ଗାନ୍ଧୀଙ୍କୁ ଦେଶ ଦ୍ରୋହି କହିଥିବା ସହ ତାଙ୍କ ପରିବାରକୁ ଚାଇନା ଓ ପାକିସ୍ତାନରୁ ଟଙ୍କା ମିଳୁଥିବା ବିବାଦୀୟ ମନ୍ତବ୍ୟ ଦେଇଥିଲେ । ସାଂସଦଙ୍କ ଏହି ବିବାଦୀୟ ମନ୍ତବ୍ୟ ବିଭିନ୍ନ ସୋସିଆଲ ମିଡିଆରେ ଘୁରିବୁଲୁଥିବା ବେଳେ ବିଭିନ୍ନ ସ୍ଥାନରେ ସାଂସଦ ଶ୍ରୀପାତ୍ରଙ୍କୁ କଂଗ୍ରେସ ପକ୍ଷରୁ ବିରୋଧ କରାଯିବା ସହ ଏଭଳି ମନ୍ତବ୍ୟକୁ ଘୋର ନିନ୍ଦା କରିଛି । ଅନ୍ୟ ପଟେ ପିପିଲି ଥାନାରେ ସାଂସଦଙ୍କ ବିରୋଧରେ ଅଭିଯୋଗ ଦିଆଯିବା ସହ ପିପିଲିସ୍ଥିତ ଜେଏମଏଫସି କୋର୍ଟରେ ଏକ ୧ସିସି ମାମଲା ଦାୟର କରାଯାଇଥିବା ଜଣାପଡିଛି ।



# ନାରାୟଣୀ ନାଟ୍ୟ କଳାପରିଷଦ ପକ୍ଷରୁ ନାଟକ ମଞ୍ଚସ୍ଥ


**ଟାଙ୍ଗୀ,୭।୬/ଏନ୍ଏନ୍ଏସ୍:** ଟାଙ୍ଗୀ ଚୌଦ୍ୱାର ବ୍ଲକ ଜରିପଡା ପଞ୍ଚାୟତ ସାମନ୍ତରାପୁର ଗ୍ରାମରେ ନାରାୟଣୀ ନାଟ୍ୟ କଳା ପରିଷଦ ପକ୍ଷରୁ ଦୁଇଦିନ ଧରି ମଞ୍ଚସ୍ଥ ନାଟକ ପରିବେଷଣ ହୋଇଯାଇଛି । ଯୁବନେତା ପ୍ରଫୁଲ୍ଲ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ପ୍ରଥମ ରାତ୍ର ଉଦ୍ଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ଟ୍ରେଟାହେଡନ୍ କେଲଜ ର ଅଧକ୍ଷ ତ୍ରିଦେବ ବେହେରା ଯୋଗ ଦେଇ ଗ୍ରାମାଞ୍ଚଳ ର ଯୁବକ ମାନଙ୍କର ପ୍ରତିଭା କୁ ଏଭଳି ନାଟକ ମଧ୍ୟମରେ ପରିବେଷଣ କରାଯାଉଥିବାରୁ ସମସ୍ତ କଳାକାର ମାନଙ୍କୁ ଉତ୍ସାହିତ କରିଥିଲେ । ଉଦ୍‌ଯାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ଡ୍ରିମ୍ସ ୟୁନିଭର୍ସିଟିର ମୁଖ୍ୟ ତଥା ଶିଳ୍ପପତି ଡଃ ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ ପ୍ରଥମେ କଳାକାରମାନଙ୍କୁ ପ୍ରଶଂସା କରିବା ସହ ଗୋଟିଏ କଳାକାରର ଜାଗା କେହି ନେଇପାରିବେ ନାହିଁ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅବସର ପ୍ରାପ୍ତ ଶିକ୍ଷକ କ୍ଷେତ୍ରବାସୀ ତ୍ରିପାଠୀ, ମୁରବି ଯୋଗେନ୍ଦ୍ର ସ୍ୱାଇଁ, ମୁଖ୍ୟ ପରିଚାଳକ ପ୍ରକାଶ କୁମାର ସ୍ୱାଇଁ, ନାଟ୍ୟ ଗୁରୁ ସତ୍ୟ ପ୍ରକାଶ ଦାସ ଉପସ୍ଥିତ ରହିଥିବାବେଳେ ବରିଷ୍ଠ ସାମ୍ବାଦିକ ନିରାକାର ସାହୁ, ଯୁବ ସାମ୍ବାଦିକ ସ୍ୱାଧୀନ ଦାସ, ବିଦ୍ୟୁତ୍ ଗଣମାଧ୍ୟମର ସାମ୍ବାଦିକ ପ୍ରକାଶ ନାୟକ, ମଳୟ ମହାପାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ମୁଖ୍ୟ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଥମ ରାତ୍ର ନାଟକ ‘କହିଦେଲେ କଥା ସରିଲା’, ଦିତୀୟ ରାତ୍ର ‘ଏହି ଫଗୁଣରେ ବାଜିବ ଲୋ ବାଜା’ରେ ଅଭିନୟ କରିଥିବା କଳାକାରମାନଙ୍କ ଜୀବନ୍ତ ଅଭିନୟ ଦର୍ଶକ ମାନେ ଭରପୁର ପ୍ରଶଂସା କରିଥିଲେ । ଶେଷରେ ସମସ୍ତ ଅତିଥି ଅନୁଷ୍ଠାନର ସମସ୍ତ କଳାକାର ମେମ୍ବରମାନଙ୍କୁ ଶ୍ରୀ ସ୍ୱାଇଁ କୃତଜ୍ଞତା ଜଣାଇବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।



# କଣ୍ଟିଲୋ ରାମଲୀଳାରେ ତାଡ଼କା ବଧ, ଅହଲ୍ୟା ଉଦ୍ଧାର

**କଣ୍ଟିଲୋ,୭।୬/ଏନ୍ଏନ୍ଏସ୍:** କଣ୍ଟିଲୋ ଶ୍ରୀ ଶ୍ରୀ ରଘୁନାଥଜିଉ ନାଟ୍ୟ ସମିତି କଂସାରୀସାହି ପାଟଣା ପକ୍ଷରୁ ଶୁକ୍ରବାର ରାମଲୀଳାର ପ୍ରଥମ ପର୍ବ ଆରମ୍ଭ ହୋଇଛି । ଏହି ଅବସରରେ ବିଶ୍ୱାମିତ୍ରଙ୍କ ଜାଗ ରକ୍ଷା, ତାଡ଼କା ବଧ, ଅହଲ୍ୟା ଉଦ୍ଧାର ସହ ମିଥିଲ୍ୟା ପ୍ରବେଶ ପ୍ରସଙ୍ଗ ନାଟକ ପରିବେଷଣ ହୋଇଯାଇଛି ।

ରାମାୟଣର ବିଷୟବସ୍ତୁକୁ ଆଧାର କରି ତ୍ରେତୟା ଯୁଗରେ ମୁନି, ଋଷିମାନଙ୍କ ଯଜ୍ଞ କାର୍ଯ୍ୟରେ ରାକ୍ଷସମାନେ ବାଧା ସୃଷ୍ଟି କରି ନାନା ଅତ୍ୟାଚାର କରୁଥିଲେ । ରାକ୍ଷସମାନଙ୍କ ଅତ୍ୟାଚାରରୁ ରକ୍ଷା ପାଇବା ପାଇଁ ବିଶ୍ୱାମିତ୍ର ଋଷି ରାଜା ଦଶରଥଙ୍କ ଦ୍ୱାରସ୍ଥ ହୋଇଥିଲେ । ବିଶ୍ୱାମିତ୍ରଙ୍କ ଅନୁରୋଧ ଓ କୁଳଗୁରୁ ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଷିମାନଙ୍କ ସୁରକ୍ଷା ପାଇଁ ରାଜା ଦଶରଥ ୨ପୁତ୍ର ରାମ ଓ ଅନୁଜ ଲକ୍ଷ୍ମଣଙ୍କୁ ବିଶ୍ୱାମିତ୍ରଙ୍କ ସାଥିରେ ଯିବା ପାଇଁ ଅନୁମତି ପ୍ରଦାନ କରିଥିଲେ । ବିଶ୍ୱାମିତ୍ର ଋଷିଙ୍କ ସଙ୍ଗେ ଦୁଇଭାଇ ଅଗମ୍ୟ ଜଙ୍ଗଲ ମଧ୍ୟରେ ଯିବା ବାଟରେ ମାୟାବିନୀ ତାଡ଼କା ଅସୁରୁଣୀ ସେମାନଙ୍କ ପଥ ଅବରୋଧ କରିଥିଲା । ଫଳରେ ରାମଚନ୍ଦ୍ର ତାକୁ ବଧ କରିଥିଲେ । ତାଡ଼କା ବଧ ପରେ ସେମାନେ ଆଗକୁ ଯିବା ବାଟରେ ଗୌତମ ଋଷିଙ୍କ ଅଭିଶାପରେ ପାଷାଣୀ ପାଲଟିଥିବା ଅହଲ୍ୟା ରାମଚନ୍ଦ୍ରଙ୍କ ପାଦ ସଂସ୍ପର୍ଶରେ ମୁକ୍ତ ହୋଇଥିଲେ । ଏହି ନାଟକ ଦେଖିବାକୁ ବିଳମ୍ବିତ ରାତିରୁ ଶନିବାର ସକାଳ ପର୍ଯ୍ୟନ୍ତ ଶ୍ରଦ୍ଧାଳୁ ଦର୍ଶକମାନେ ଉପସ୍ଥିତ ଥିଲେ । ରାମ, ଲକ୍ଷ୍ମଣ ଓ ସୀତା ଭୂମିକାରେ ଯଥାକ୍ରମେ କଳାକାର ଶୁଭମ୍ ସାହୁ, ସାନୁ ଓ ଅଂଶୁ ଅଭିନୟ କରିଥିବା ବେଳେ ବିଶ୍ୱାମିତ୍ର, ଦଶରଥ, ତାଡ଼କା ଭୂମିକାରେ ବିଭୁତିଭୂଷଣ ସାହୁ, ଅରୁଣ ସାହୁ ଓ ପ୍ରଶାନ୍ତ ସାହୁ ଅଭିନୟ କରିଥିଲେ ।



# ଆଧ୍ୟାତ୍ମିକ କଥାମୃତ ଆଲୋଚନାଚକ୍ର

**ଡେଲାଙ୍ଗ,୭।୬/ଏନ୍ଏନ୍ଏସ୍:** ହରି ନାମ ଦ୍ୱାରା ଶାନ୍ତି ପ୍ରାପ୍ତି ହୋଇଥାଏ । ଏହି ହରିନାମ ଶାନ୍ତି ପ୍ରାପ୍ତିର ମୁଖ୍ୟ ମାର୍ଗ ବୋଲି ପିଢପାଟଣା ସ୍ଥିତ ବାବା ବାଙ୍କେଶ୍ୱର ଦେବଙ୍କ ପରିସରରେ ଆୟୋଜିତ ଆଧ୍ୟାତ୍ମିକ କଥାମୃତ ଆଲୋଚନାଚକ୍ର ଓ ଭଜନ ସମାରୋହ କାର୍ଯ୍ୟକ୍ରମରେ ଯୋଗଦେଇ ସନ୍ଥ ଅକ୍ଷୟାନନ୍ଦ ସରସ୍ୱତୀ ଓ ଗଣେଶ ଗିରି ମତବ୍ୟକ୍ତ କରିଥିଲେ । ସଂସ୍କୃତି ପ୍ରେମୀ ଶିକ୍ଷକ ଅଭୟ ଚରଣ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଭଜନ ସଂଧ୍ୟାରେ ସତ୍ୟବାଦୀ ମୂର୍ଚ୍ଛନା ଅନୁଷ୍ଠାନର ସଙ୍ଗୀତଜ୍ଞ ଲକ୍ଷ୍ମୀପ୍ରସାଦ ପାଣି, ଭବାନୀ ପ୍ରସାଦ ଦାଶ, ବାଦ୍ୟକାର ଦୁର୍ଗାପ୍ରସାଦ ମହାପାତ୍ର, ଶିକ୍ଷାବିତ୍ ତଥା କବି ଦିଗମ୍ବର ରଥ, ସଙ୍ଗୀତ ଗୁରୁ ଅଶୋକ କୁମାର ସାହୁ, କବି କୃପାନିଧି ପ୍ରଧାନ, କଳାକାର ମହେନ୍ଦ୍ର ଖୁଣ୍ଟିଆ, ବାଟୁଆ ବେହେରା ପ୍ରମୁଖ ପୁରାତନ ଭଜନ, ଜଣାଣ, ଓଡ଼ିଶୀ, ଚମ୍ପୂ ଓ ଛାନ୍ଦ ପ୍ରଭୃତି ପରିବେଷଣ କରିଥିଲେ । ଶିକ୍ଷକ କୈଳାଶ ଚନ୍ଦ୍ର ସ୍ୱାଇଁ ଓ ଫକିର ଚନ୍ଦ୍ର ଦାସ ମଞ୍ଚ ପରିଚାଳନା କରିଥିଲେ । ସନ୍ନ୍ୟାସିନୀ ସତ୍ୟଭମା ସରସ୍ୱତୀ, କବି ପ୍ରଭାତ ସେଠୀ, କାଶୀନାଥ ମହାପାତ୍ର, ଗାନ୍ଧୀତତ୍ତ୍ୱ ପ୍ରଚାରକ ଅନାମ ମଲ୍ଲିକ, ଶିକ୍ଷକ ସୁରେନ୍ଦ୍ର ମିଶ୍ର, ବିଚିତ୍ରାନନ୍ଦ ନାୟକ, ଗୋପାଳ ବେହେରା, ବ୍ୟଙ୍ଗ କବି ଚନ୍ଦ୍ର ଶେଖର, ଭଜନ ପ୍ରେମୀ ବିକ୍ରମ କେଶରୀ ନାୟକ, କାର୍ତ୍ତିକ ପରିଡ଼ା, ସୁକାନ୍ତ ପରିଡ଼ା, ବୀର ପରିଡ଼ା, ପାଲାକାର ଗୁରୁ ଚରଣ ବଳ, ସମାଜସେବୀ ରାଜକିଶୋର ପରିଡ଼ା , ଶିକ୍ଷକ ରମେଶ ପ୍ରଧାନ, ପୂର୍ବତନ ମଣ୍ଡଳ ଶିକ୍ଷା ଅଧିକାରୀ ଯୁଧିଷ୍ଠିର ପରିଡ଼ା, ବର୍ଷୀୟାନ୍ ଶିକ୍ଷକ ରାଜକିଶୋର ପ୍ରଧାନ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ । ଶିକ୍ଷକ ଦିଲ୍ଲୀପ ନାୟକ, ସର୍ବେଶ୍ୱର ବାରିକ, ସମାଜ ସେବୀ ନାରାୟଣ ମନୋହରୀ, ଜିତେନ୍ଦ୍ର ପ୍ରଧାନ, ବିଜୟ ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିବା ବେଳେ ଶିକ୍ଷୟିତ୍ରୀ କାବେରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଜେପିର ବର୍ଷ ପୂର୍ତ୍ତିରେ ବନ୍ଧୁମିଳନ



**ଟାରିଛକ,୭।୬/ଏନ୍ଏନ୍ଏସ୍:** କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ମୋଦି ସରକାରଙ୍କ ୧୧ବର୍ଷ ଓ ରାଜ୍ୟରେ ବିଜେପି ସରକାରଙ୍କ ୧ବର୍ଷ ପୂର୍ତ୍ତି ଅବସରରେ ଆଜି ପୂର୍ବତନ ମନ୍ତ୍ରୀ ତଥା ବିଜେପି ମୁଖପାତ୍ର ସମୀର ରଞ୍ଜନ ଦାଶଙ୍କ ନେତୃତ୍ୱରେ ନିମାପଡ଼ା ବ୍ଲକ ଅନ୍ତର୍ଗତ କଳାପାଞ୍ଚଣ ପଞ୍ଚାୟତ ସିଦ୍ଧମଠ ଠାରେ ପଞ୍ଚାୟତସ୍ତରୀୟ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କଳାପାଞ୍ଚଣ ପଞ୍ଚାୟତର କଳାପାଞ୍ଚଣ ଛକରୁ ତଇଲା ଗ୍ରାମ ପର୍ଯ୍ୟନ୍ତ ୨୮ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏକ ନୂତନ ପିଚୁ ରାସ୍ତାକୁ ପୂର୍ବତନ ମନ୍ତ୍ରୀ ଶ୍ରୀ ଦାଶ ଉଦଘାଟନ କରିଥିଲେ । ପରେ ପଞ୍ଚାୟତର କର୍ମୀ ଓ ତାଙ୍କ ସମର୍ଥକମାନେ କଳାପାଞ୍ଚଣ ଛକରୁ ସିଦ୍ଧମଠ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ପାଛୋଟି ଆଣିଥିଲେ । ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଭିମନ୍ୟୁ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ବନ୍ଧୁ ମିଳନ ଉତ୍ସବରେ ପୂର୍ବତନ ମନ୍ତ୍ରୀ ଶ୍ରୀ ଦାଶଙ୍କ ସହିତ ବ୍ଲକ ଅଧକ୍ଷ ଶଙ୍କର ଭୋଇ, ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ଅଶୋକ ସାହୁ, ଜୀବନାନନ୍ଦ ମହାପାତ୍ର, ଅଜୟ କୁମାର ସ୍ୱାଇଁ, ରମାରମଣ ଦେବ ପାତ୍ର, ଅମଜାଦ ଖାଁ, ସେକ ଚାନ୍ଦ, ପ୍ରକାଶ ସାହୁ, ସୂର୍ଯ୍ୟନାରାୟଣ ପରିଡା, ରାକେଶ ବେହେରା, ପ୍ରଫୁଲ୍ଲ ପାତ୍ର, ନଳିନୀକାନ୍ତ ନାୟକ, ରଚିତାନନ୍ଦ ଖଟୋଇ, ମହେନ୍ଦ୍ର ମହାପାତ୍ର, ଦୀନବନ୍ଧୁ ସାହୁ, ଅରକ୍ଷିତ ଭୋଇ, ସମିତିସଭ୍ୟା ସସ୍ମିତା ପାତ୍ର, ସନ୍ଦୀପ ପାଇକାରାୟ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ଏକ ୧୧ବର୍ଷ ଓ ରାଜ୍ୟ ସରକାରଙ୍କ ଏକ ବର୍ଷ ପୂରଣ ଅବସରରେ ଦେଶ ତଥା ରାଜ୍ୟରେ ଅନେକ ବିକାଶ ହୋଇପାରିଛି ବୋଲି ମତବ୍ୟକ୍ତ କହିଥିଲେ । ସରକାରଙ୍କ ଜନହିତକର କାର୍ଯ୍ୟକ୍ରମକୁ ତୃଣମୂଳ ସ୍ତରରେ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ପୂର୍ବତନ ମନ୍ତ୍ରୀ ଶ୍ରୀ ଦାଶ ପରାମର୍ଶ ଦେଇଥିଲେ । ଆମ ଦେଶର ବୀର ଯବାନମାନେ ଅପରେସନ ସିନ୍ଦୁର ମାଧ୍ୟମରେ ଆତଙ୍କବାଦୀଙ୍କୁ ନିହତ କରିବା ସହିତ ପାକିସ୍ତାନକୁ ଦିଆଯାଇଥିବା ଉଚିତ ଜବାବ ଓ ସିନ୍ଦୁରର ସଫଳତା ବିଷୟରେ ଶ୍ରୀ ଦାଶ ସୂଚନା ଦେଇଥିଲେ ।

# ମା’ ଭୈରବୀଙ୍କ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ

**ଡେଲାଙ୍ଗ,୭।୬/ଏନ୍ଏନ୍ଏସ୍:** ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ବିଦିରପୁର ଗ୍ରାମରେ ମା’ ଭୈରବୀଙ୍କ ମନ୍ଦିର ପ୍ରତିଷ୍ଠା ହେବା ସହିତ ବିଗ୍ରହ ସ୍ଥାପନ ହୋଇଯାଇଛି। ସନ୍ଧ୍ୟାରେ ଅନୁଷ୍ଠିତ ହୋମଯଜ୍ଞର ପୂର୍ଣ୍ଣାହୁତୀ ଉତ୍ସବରେ ସ୍ଥାନୀୟ ବିଧାୟକ ଆଶ୍ରୀତ ପଟ୍ଟନାୟକ ଯୋଗଦେବା ସହିତ ପୁଷ୍ପାଞ୍ଜଳି ଅର୍ପଣକରି ମା’ଙ୍କ କୃପାଲାଭ କରିଥିଲେ। ଅନୁଷ୍ଠିତ ହୋମଯଜ୍ଞ ନିମନ୍ତେ ଗ୍ରାମର ମହିଳା ପୁରୁଷ ନିକଟସ୍ଥ ରତ୍ନଚିରା ନଦୀରେ କଳସ ବୁଡାଇ ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ଜଳଯାତ୍ରା, ସୂର୍ଯ୍ୟପୂଜା, ଗୋପୂଜା, ସର୍ବଦେବାଦେବୀ ଆବାହନ, ଅଗ୍ନି ସ୍ଥାପନ, ଚଣ୍ଡୀପାଠ ଆଦି ମୁଖ୍ୟପୂଜକ ଚିନ୍ତାମଣିଦାଶ ଶର୍ମାଙ୍କ ଦ୍ୱାରା ଯଥାବିଧି କରାଯାଇଥିବା ବେଳେ କର୍ତ୍ତା ଭାବେ ମାଗୁଣି ପାଣି ଓ କର୍ତ୍ତ୍ରୀ ଭାବେ ତାଙ୍କ ଧର୍ମପତ୍ନୀ କାମିନୀ ପାଣି କାର୍ଯ୍ୟସମ୍ପାଦନ କରିଥିଲେ। ଏହି ଧାର୍ମିକ କାର୍ଯ୍ୟରେ ଗୋପାଳଚନ୍ଦ୍ର ସ୍ୱାଇଁ, ଅଜୟ ନାୟକ ପ୍ରମୁଖ ଯୋଗଦେଇଥିବା ବେଳେ ରବୀନ୍ଦ୍ର ପାଣି, ସୁରେନ୍ଦ୍ର ପାଣିଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ପୀଠରେ ଆହୁରି ଉନ୍ନତିକରଣ କାର୍ଯ୍ୟ କରିବା ପାଇଁ ଗ୍ରାମବାସୀଙ୍କୁ ବିଧାୟକ ଶ୍ରୀ ପଟ୍ଟନାୟକ ପ୍ରତିଶ୍ରୁତି ଦେଇଥିଲେ।

# ଅଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଅସ୍ତରଙ୍ଗ,୭।୬/ଏନ୍ଏନ୍ଏସ୍:** କାକଟପୁର ବ୍ଲକ ଅନ୍ତର୍ଗତ ବାଙ୍ଗୁରିଗାଁ ପ୍ରାଚୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ, ବିଦ୍ୟାଳୟ ସମ୍ପାଦକ ତଥା ଓଡ଼ିଆ ବିଭାଗର ବରିଷ୍ଠ ଅଧ୍ୟାପକ ଡ଼. ଦିଲ୍ଲୀପ କୁମାର ସେନାପତିଙ୍କର ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଜୟ କୁମାର ମୁଦୁଲି ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ମଙ୍ଗଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ସୁଧୀର କୁମାର ଭୂୟାଁ, ମୁଖ୍ୟବକ୍ତା ରୂପେ (୬୬୨) ବର୍ଗର ସାଧାରଣ ସମ୍ପାଦକ ସତାବ ଉଦ୍ଦିନ ଅହମ୍ମଦ, ସମ୍ମାନିତ ଅତିଥି ଭାବେ ଜ୍ୟୋତ୍ସ୍ନାରାଣୀ ବସ୍ତିଆ, ସୁରଥ କୁମାର ସ୍ୱାଇଁ, ବିଶ୍ୱନାଥ ବଳିୟାରସିଂହ, ଦେବେନ୍ଦ୍ର ନାଥ ସାହୁ, ଚିତ୍ତ ରଞ୍ଜନ ପରିଡ଼ା, ପ୍ରଦୀପ କୁମାର ମହାନ୍ତି ଓ ପ୍ରଶାନ୍ତ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଶ୍ରୀ ସେନାପତିଙ୍କ ଗୁଣାବଳୀ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଉମାଶଙ୍କର ନାୟକ ମଞ୍ଚ ପରିଚାଳନା କରିଥିଲାବେଳେ ତର୍କ ଶାସ୍ତ୍ର ଅଧ୍ୟାପକ ସୁରେନ୍ଦ୍ର କୁମାର ମାଣିକ ଧନ୍ୟବାଦ୍ ଦେଇଥିଲେ। ଶେଷରେ ବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ଏକ ଶୋଭାଯାତ୍ରାରେ ବାଙ୍ଗୁରିଗାଁ ବଜାର ପରିକ୍ରମା ପରେ ତାଙ୍କ ନିଜ ଗ୍ରାମ (ଆଡୁଆଳ) କୁ ପାଛୋଟି ନେଇଥିଲେ।

# ବିଧାୟକଙ୍କ ଦ୍ୱାରା ରାସ୍ତା କାର୍ଯ୍ୟ ତଦାରଖ

**ନିଶ୍ଚିନ୍ତକୋଇଲି,୭।୬/ଏନ୍ଏନ୍ଏସ୍:** ସାଲେପୁର ପୂର୍ତ୍ତ ବିଭାଗ ଅଧିନରେ ଥିବା ରାମକୃଷ୍ଣପୁରଠାରୁ ଭାୟା ଅର୍ଜୁନମାହାରା ଦେଇ ନହଙ୍ଗ ପର୍ଯ୍ୟନ୍ତ ଯାଇଥିବା ରାସ୍ତାର ନିର୍ମାଣ କାର୍ଯ୍ୟକୁ ଆଜି ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଆଜି ଅପରାହ୍ନରେ ତଦାରଖ କରିଛନ୍ତି। ରାସ୍ତାର ଶେଷ ଭାଗରେ ଥିବା ସଂଯୋଗୀକରଣ ରାସ୍ତା କାର୍ଯ୍ୟକୁ ତୁରନ୍ତ ଶେଷ କରିବା ସହିତ ରାସ୍ତାର ଚଉଡ଼ାକୁ ୫.୫ଫୁଟ୍‌କୁ ବର୍ଦ୍ଧିତ କରି ଆରଡ଼ି ରାସ୍ତା ସହିତ ସଂଯୋଗ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦାରଖ ସମୟରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଜ୍ୟୋତିରଞ୍ଜନ ପତି, ସହକାରୀ ଯନ୍ତ୍ରୀ ଦେବାଶିଷ ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷା କମଳା ବସ୍ତିଆ, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସ୍ୱାଇଁ, ଅନନ୍ତ କିଶୋର ମଲ୍ଲ, ସମରେନ୍ଦ୍ର ରାଉତ, ପ୍ରଭାକର ପରିଡ଼ା, ରଞ୍ଜନ କୁମାର ରାଉତ, ଶରତ ଚନ୍ଦ୍ର ରାଉତରାୟଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଶିକ୍ଷକଙ୍କୁ ଜ୍ଞାନଶ୍ରୀଚକ୍ର ସମ୍ମାନ



**ଓଡ଼ଗାଁ,୭।୬/ଏନ୍ଏନ୍ଏସ୍:** ଶିକ୍ଷକତା କରି ବେଶ ସୁନାମ ଅର୍ଜନ କରିଛନ୍ତି ଓଡ଼ଗାଁ ବ୍ଲକ୍ ଶରଣକୁଳ ଅନ୍ତର୍ଗତ ଫାଶିପଲ୍ଲୀ ଗ୍ରାମର ପରମାନନ୍ଦ ସ୍ୱାଇଁ। ସମାଜସେବାରେ ନିଜକୁ ସାମିଲ କରିବା, ବିପଦରେ ପଡ଼ିଥିବା ବ୍ୟକ୍ତିଙ୍କୁ ସାହାର୍ଯ୍ୟର ହାତ ବଢେଇବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। ଏହା ସହିତ ଗୀତ ଗାଇବା, କବିତା ଲେଖିବା ତାଙ୍କର ଏକ ପେଶାରେ ପରିଣତ ହୋଇଛି। ଭୁବନେଶ୍ୱର ବୁଦ୍ଧବିହାର ଠାରେ ଆୟୋଜିତ ସପ୍ତମ ଅନ୍ତରୀକ୍ଷ ବାର୍ଷିକ ରଜଉତ୍ସବ–୨୦୨୫ରେ ତାଙ୍କୁ ଜ୍ଞାନଶ୍ରୀଚକ୍ର ସମ୍ମାନରେ ସମ୍ମାନୀତ କରାଯାଇଛି। ଏହି ଉତ୍ସବରେ ଅନ୍ତରୀକ୍ଷ ସଭାପତି ଆନନ୍ଦ କୁମାର ମାଇତି ଓ ସଂପାଦିକା ଲକ୍ଷ୍ମୀପ୍ରିୟା ମାଇତିଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସମାଜସେବୀ ଶଶଧର ପଣ୍ଡା ଯୋଗ ଦେଇଥିଲେ। ସଭାମୁଖ୍ୟ ଓ ଉଦଘାଟକ ଭାବେ ପୂର୍ବତନ ସାଂସଦ ଓ ବିଶିଷ୍ଟ ସାହିତ୍ୟିକ ଡ. ପ୍ରସନ୍ନ କୁମାର ପାଟ୍ଟଶାଣୀ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିଶୁ ସାହିତ୍ୟିକ ବଙ୍କିମ ଚନ୍ଦ୍ର ନାୟକ ଯୋଗଦେଇ ଶିକ୍ଷକ ପରମାନନ୍ଦ ଦଳେଇଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ମନ୍ଦିର ପାର୍ଶ୍ୱଦେବତାଙ୍କ ପ୍ରତିଷ୍ଠା ଉତ୍ସବ

**ଖଣ୍ଡପଡ଼ା,୭।୬/ଏନ୍ଏନ୍ଏସ୍:** ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ଗ୍ରାମ ମଧୁକର୍ଣ୍ଣିକା ପାହାଡ଼ରେ ଅବସ୍ଥିତ ଗୋକୁଳାନନ୍ଦଜିଉଙ୍କ ମନ୍ଦିରର ପାର୍ଶ୍ୱ ଦେବତା ଭାବେ ଜୟବିଜୟ, ଗେଣଶ, ନାରାୟଣୀ, ନୃସିଂହ, ବରାହ, ବାମନ, ନବଗ୍ରହ ଓ ଦଶାବତାର ଆଦି ବିଗ୍ରହମାନଙ୍କ ପ୍ରତିଷ୍ଠା ଉତ୍ସବ ଓ ଧାନାଭିଷେକ କାର୍ଯ୍ୟକ୍ରମ ପାରମ୍ପରିକ ରୀତିରେ ଶୁକ୍ରବାର ସଂପନ୍ନ ହୋଇଥିବା ଜଣାଯାଇଛି। ଏହି ଧାନାଭିଷେକ କାର୍ଯ୍ୟକ୍ରମରେ ପଣ୍ଡିତ ବନମାଳୀ ମିଶ୍ରଶର୍ମା, ପଣ୍ଡିତ ଉଦ୍ୟନାଥ ମିଶ୍ରଶର୍ମା ଓ ବିରୁପାକ୍ଷ ମିଶ୍ରଶର୍ମା ପ୍ରମୁଖ ଉପସ୍ଥିତ ରହି ବେଦମନ୍ତ୍ର ପାଠ କରିଥିଲେ।

# ୨ ବର୍ଷ ପରେ ବି କାର୍ଯ୍ୟକାରୀ ହେଲାନି ଭେଣ୍ଡିଂ ଜୋନ୍



**ଖଣ୍ଡପଡ଼ା,୭।୬/ଏନ୍ଏନ୍ଏସ୍:** ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳୀରେ ପର୍ଯ୍ୟଟକଙ୍କ ସମାଗମକୁ ଦୃଷ୍ଟିରେ ରଖି ଏକ ଭେଣ୍ଡିଂ ଜୋନ ନିର୍ମାଣ କରାଯାଇଥିଲା। ଉକ୍ତ ଭେଣ୍ଡିଂ ଜୋନ ନିର୍ମାଣ ବାବଦରେ ଏନ୍ଏସି କର୍ତ୍ତୃପକ୍ଷଙ୍କ ଦ୍ୱାରା ବିଭିନ୍ନ ପର୍ଯ୍ୟାୟରେ ୨୮ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବିନିଯୋଗ ହୋଇଥିବା ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି। ଇତିମଧ୍ୟରେ ଭେଣ୍ଡିଂ ଜୋନ ନିର୍ମାଣର ୨ ବର୍ଷ ବିତିଥିଲେ ମଧ ଏହା କାର୍ଯ୍ୟରେ ଲାଗିନଥିବା ନଜରକୁ ଆସୁଛି। ସ୍ଥାନୀୟ ଅଞ୍ଚଳର ବ୍ୟବସାୟୀ ଓ ରାସ୍ତା ପାର୍ଶ୍ୱ ଉଠାଦୋକାନୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳୀ ସମ୍ମୁଖରେ ଆମ୍ବ ଆକୃତିର ଏହି ଭେଣ୍ଡିଂ ଜୋନ ନିର୍ମାଣ କରାଯାଇଥିଲା। ପ୍ରଥମେ ସେଠାରେ ୬ଟି ଆମ୍ବ ଆକୃତି ଫାଇବରରେ ଦୋକାନ ଗୃହ ନିର୍ମାଣ କରାଯାଇଥିବା ବେଳେ ପ୍ରତ୍ୟେକ ଦୋକାନ ସମ୍ମୁଖରେ ୪ଟି ଲେଖାଏଁ ସମୁଦାୟ ୨୪ଟି ଆମ୍ବ ଆକୃତି ଚୌକି ନିର୍ମାଣ କରାଯାଇଥିଲା। ଗତ ୨୦୨୩ ଏପ୍ରିଲ ମାସରେ ଏହି ଭେଣ୍ଡିଂ ଜୋନ ନିର୍ମାଣ ନିମନ୍ତେ ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଗତ ୬ ମାସ ତଳେ ଭେଣ୍ଡିଂ ଜୋନ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ହେଁ ଅଦ୍ୟାବଧି ସେଠାରେ ପାନୀୟଜଳ ସୁବିଧା ନଥିବା ବେଳେ ବିଦ୍ୟୁତ ସଂଯୋଗୀକରଣ କାର୍ଯ୍ୟ ବାକି ଥିବା ଜଣାପଡିଛି। ଜନବସତି ଠାରୁ ଅନତି ଦୂରରେ ଥିବା ଏହି ଭେଣ୍ଡିଂ ଜୋନରେ ବ୍ୟବସାୟୀମାନେ ଦୋକାନ ଗୃହ ଗୁଡିକୁ ନେବାକୁ ଅନିଚ୍ଛା ପ୍ରକାଶ କରୁଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ତେଣୁ ଉକ୍ତ ଭେଣ୍ଡିଂ ଜୋନର କାର୍ଯ୍ୟକାରିତା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଦି ଏହି ଭେଣ୍ଡିଂ ଜୋନ କାର୍ଯ୍ୟକାରୀ ନ ହେବ ସରକାରୀ ଅନୁଦାନ ଅର୍ଥ ପାଣିରେ ପଡିବା ସାର ହେବ ବୋଲି ସାଧାରଣରେ ଆଲୋଚନା ହେଉଛି। ଏଥିପ୍ରତି ଖଣ୍ଡପଡ଼ା ଏନଏସି କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଖଣ୍ଡପଡ଼ା ସହରବାସୀ ଦାବି କରିଛନ୍ତି।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନା କର୍ମଶାଳା



**ନୟାଗଡ଼,୭।୬/ଏନ୍ଏନ୍ଏସ୍:** ନୟାଗଡ଼ ପୌର ପରିଷଦ ତରଫରୁ ସ୍ଥାନୀୟ ବେବର୍ତ୍ତା ପଲ୍ଲୀ ବହୁମୂଖୀ କଲ୍ୟାଣ ମଣ୍ଡପ ଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ)୨-୦ର ସାଧାରଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସହରରେ ଚାଳଘର କିମ୍ବା କଚାଘର ଏଣିକି ଆଉ ରହିବ ନାହିଁ। ସମସ୍ତେ ପାଇବେ ପକ୍କାଘର। ପଟ୍ଟାବାଲା ବା ବିନା ପଟ୍ଟ ।ବାଲା ଏହି ପକ୍କାଘର ସୁବିଧା ପାଇ ପାରିବେ ବୋଲି ଆୟୋଜିତ ଏହି ସଚେତନତା ମୂଳକ କର୍ମଶାଳାରେ କୁହାଯାଇଛି। ଗୃହ ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ୨ଲକ୍ଷ ୫୦ ହଜାର ଟଙ୍କା ଯୋଗାଇ ଦିଆଯିବାକୁ ଥିଲାବେଳେ ଯେଉଁ ମାନଙ୍କର ପଟ୍ଟା ନାହିଁ ସେମାନଙ୍କ ପାଇଁ ଫ୍ଲାଟ ଘର କରାଯାଇ ରେକର୍ଡ କରାଯିବ। ଏଥିପାଇଁ ଚଳିତବର୍ଷ ଡିସେମ୍ବର ଶେଷସୁଦ୍ଧା ଅନଲାଇନରେ ଆବେଦନ କରିବା ପାଇଁ ସୂଚନା ଦିଆଯାଇଛି। କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାକୁ ଅଧ୍ୟକ୍ଷା ନିରୁପମା ଖଟେଇ ଉଦଘାଟନ କରିଥିଲା ବେଳେ ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା,କାଉନସିଲର୍ ସ୍ୱୟଂପ୍ରଭା ମିଶ୍ର ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀମତୀ ଆଚାର୍ଯ୍ୟ ହିତାଧିକାରୀଙ୍କୁ ଏହି ଯୋଜନାର ରୂପରେଖ ଉପରେ ବୁଝାଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ କାଉନ୍ସିଲର୍ ବିଜ୍ଞାନ ଦାସ, ଲକ୍ଷ୍ମୀଧର ମହାପାତ୍ର, ଜାନକୀବଲ୍ଲଭ ଜେନା , ସଞ୍ଜୁ ଗୁମାନ ସିଂ, ଶର୍ମିଳା ପ୍ରଧାନ, ରାଜକୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ। ଆବାସ ବିଶେଷଜ୍ଞ ଶୁଭାଶିଷ ସେଠୀ, ଆବାସ ଇନ୍‌ଚାର୍ଜ ରଞ୍ଜନ କୁମାର ମହାପାତ୍ର, ଗୋଷ୍ଠୀ ସଂଗଠିକା ଇନ୍ଦୁମତୀ ପରିଡ଼ା ଓ ରୁଦ୍ର ପ୍ରସନ୍ନ ରଥ ପ୍ରମୁଖ ପରିଚାଳନା କରିଥିଲେ।

# ପଞ୍ଚାୟତରେ ନଳକୂପ ଅଚଳ

**ନୟାହାଟ,୭।୬/ଏନ୍ଏନ୍ଏସ୍:** ଖରାଦିନରେ ପିଇବା ପାଣି ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ବସୁଧା ଯୋଜନା ଓ ନଳକୂପ ଦ୍ୱାରା ଗ୍ରାମାଞ୍ଚଳ ଲୋକମାନଙ୍କୁ ପିଇବା ପାଣି ସେମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ପ୍ରଶାସନ ପକ୍ଷରୁ ଆଖିଦୃଷ୍ଟିଆ ପଦେକ୍ଷପ ନିଆଯାଉ ନାହିଁ। ଯାହା ଫଳରେ ନୟାହାଟ ଫାଣ୍ଡି ଅନ୍ତର୍ଗତ ବାଉଲାଙ୍ଗ ପଞ୍ଚାୟତ ବହୁ ନଳକୂପ ମାସ ମାସ ଧରି ପାଣି ନ ବାହାରିବା ବା ଅଚଳ ହୋଇ ପଡ଼ିଥିବା ଦେଖିବାକୁ ମିଳିଛି। ବରୀମୁଣ୍ଡ, ବିଲବାରି, ପୋଦନା, କଳାବୁଦା, ପାଞ୍ଚେଣା, କୋରୁଆଳ ପ୍ରମୁଖ ଗ୍ରାମମାନଙ୍କରେ ନଳକୂପ ବସାଜାଇଛି ଆବଶ୍ୟକ ପରିମାଣରେ ପାଣି ବାହାରୁ ନଥିବା ଜଣାପଡ଼ିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଫିମେଲ ମେଲ୍ ଧାନ କରିବା ଦ୍ୱାରା ଚାଷୀମାନେ ୨୦୦ରୁ ୩୦୦ ଫୁଟ୍ ବୋରିଂ ବସାଇବା ଫଳରେ ଧାନଜମିକୁ ପାଣି ମଡ଼ାଇବା ଦ୍ୱାରା ଜଳସ୍ତର କମୁଛି। ସରକାର ବସିଥିବା ନଳକୂପ ୭୦ରୁ ୮୦ଫୁଟ ଗଭୀର ହୋଇଥିବାରୁ ପାଣି ବାହାରିବା ସମସ୍ୟା ଦେଖାଯାଉଛି। ଏ ଦିଗରେ ପ୍ରଶାସନ ଦୃଷ୍ଟିଦେବା ପାଇଁ ଗ୍ରାମବାସୀ ଦାବି ଜଣାଇଛନ୍ତି।

# ଭାରତ ପେଟ୍ରୋଲିୟମ୍‌ର ନୂତନ ପେଟ୍ରୋଲ୍ ପମ୍ପ୍ ଉଦ୍‌ଘାଟିତ



**ଚାରିଛକ,୭।୬/ଏନ୍ଏନ୍ଏସ୍:** ନିମାପଡ଼ା ଗୋଲେଇ ଛକ ନିକଟରେ ଆଜି ଭାରତ ପେଟ୍ରୋଲିୟମର ଏକ ନୂତନ ପେଟ୍ରୋଲ ପମ୍ପ ଉଦ୍ଘାଟିତ ହୋଇଯାଇଛି। ଓଡ଼ିଶା ଭାରତ ପେଟ୍ରୋଲିୟମର ଟେରୀଟୋରି ମ୍ୟାନେଜର ଦୀପକ ଅଗ୍ରୱାଲା, ଓଡ଼ିଶା ଟେରୀଟୋରି କୋଅର୍ଡିନେଟର ସୌମ୍ୟ ଜୟୀନ, ଓଡ଼ିଶା ସେଲ୍ସ ଅଫିସର ହିତେଶ୍ୱର୍ ବୋର୍, ଇଂ ଅଫିସର ପବନ କୁମାର, ପେଟ୍ରୋଲ ପମ୍ପ ମାଲିକ ସୁବ୍ରତ କୁମାର ପରିଜା ପ୍ରମୁଖ ଯୋଗଦେଇ ପେଟ୍ରୋଲ ପମ୍ପର ଉଦ୍ଘାଟନ କରିଥିଲେ।

# ଗୋପୀନାଥଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା



**ବାଲିଅନ୍ତା,୭।୬/ଏନ୍ଏନ୍ଏସ୍:** ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ ତଥା ରକ୍ମିଣୀ ବିବାହ ଅବସରରେ ଗୁଆଳି ଗଡ଼ରେ ପ୍ରଭୁ ଶ୍ରୀ ଶ୍ରୀ ଗୋପୀନାଥ ଦେବଙ୍କର ନୂତନ ଭବ୍ୟ ମନ୍ଦିର ଏବଂ ବିଗ୍ରହଙ୍କର ପ୍ରାଣପ୍ରତିଷ୍ଠା ସଂପୂର୍ଣ୍ଣ ହୋଇଛି। ପ୍ରାଣ ପ୍ରତିଷ୍ଠା ବୈଦିକ ମନ୍ତ୍ର ଉଚ୍ଚାରଣ ସହ ସମାପ୍ତ ହୋଇଛି। ଗତକାଲି ସକାଳୁ ସୂର୍ଯ୍ୟପୂଜା, ଗୋପୂଜା, ବିଗ୍ରହମାନଙ୍କ ନ୍ୟାସ ମଣ୍ଡପେଷୋଡାଦି ନ୍ୟାସ, ପ୍ରାଣ ପ୍ରତିଷ୍ଠା, ଜୀବନ୍ୟାସ ଓ ଷୋଡଶୋପଚାର ପୂଜା, ପ୍ରାସାଦ ନ୍ୟାସ, ସିଂହନାଦ ନ୍ୟାସ ଶ୍ରୀମଦ ଭଗବତ୍ ଗୀତା ଆହୁତି ପ୍ରଦାନ, ସର୍ବଦେବାଦେବୀ ଆହୁତୀ, ବିଗ୍ରହ ମାନଙ୍କର ପ୍ରାଣପ୍ରତିଷ୍ଠା ଦିବା ଘ ୧୧/୨୫ ସମୟରେ ଅନୁଷ୍ଠିତ ହୋ ଥିଲା ତତ ପରେ ଦିନ ୩.୩୯ରେ ପ୍ରଭୁଙ୍କର ମନ୍ଦିର ପ୍ରବେଶ ନୀତି ଅନୁଷ୍ଠିତ ହୋଇଥିଲା ! ମନ୍ଦିର ପ୍ରବେଶ ପରେ ପ୍ରଭୁ ଭକ୍ତ ମାନଙ୍କୁ ନବ ଯୌବନ ଦର୍ଶନ,ଦେଇଥିଲେ ସନ୍ଧ୍ୟାରେ ପୂର୍ଣ୍ଣାହୁତିରେ ମୁଖ୍ୟ ପୂଜକ ଦେବେନ୍ଦ୍ର ପଣ୍ଡାଙ୍କ ସହିତ ସାରଳାଙ୍କ ପୀଠରୁ ଆସିଥିବା ପଣ୍ଡିତ ମଣ୍ଡଳୀ ଶ୍ରୀ ରାକେଶକୁମାର ଦେବଶର୍ମା, ସମୀର କୁମାର ଦେବଶର୍ମା, ଜଗନ୍ନାଥ ଦେବଶର୍ମା, ନିକୁଞ୍ଜ ବିହାରୀ ଦେବଶର୍ମା, ତାପସ କୁମାର ଦେବଶର୍ମା, ଅକ୍ଷୟ କୁମାର ଦେବଶର୍ମା, ସରୋଜ କୁମାର ଦେବଶର୍ମା, ବୁଦ୍ଧଦତ୍ତ ଦେବଶର୍ମା ଗୁରୁପ୍ରସଦ ଦେବଶର୍ମା, ପବିତ୍ର ନାରାୟଣ ଦବଶର୍ମା, ବିଶ୍ୱଜିତ ଦେବଶର୍ମା, ଅମରେନ୍ଦ୍ର ଦେବଶର୍ମା ପ୍ରଶାନ୍ତ କୁମାର ଦେବଶର୍ମା, ଶଶିକାନ୍ତ ଦେବଶର୍ମା, କଳ୍ପତରୁ ଦେବଶର୍ମା ପ୍ରମୁଖ ଏବଂ ମୁଖ୍ୟ କର୍ତ୍ତା ଧୀରେନ୍ଦ୍ର ନାଥ ଛୋଟରାୟ ରଙ୍ଗଲତା ଛୋଟରାୟ,ଚିତରଞ୍ଜନ ମଙ୍ଗରାଜ, ଜଲୀ ମଙ୍ଗରାଜ ରମେଶ ଚନ୍ଦ୍ର ପାତ୍ର,ରୀନା ପାତ୍ର ଦେବେନ୍ଦ୍ର ପଣ୍ଡା, ଉମରଣୀ ପଣ୍ଡା, ସୁଶାନ୍ତ ନାୟକ ସବିତା ନାୟକ ସହିତ ସମସ୍ତ ଗ୍ରାମବାସୀ ଏବଂ ମନ୍ଦିର ପରିଚାଳନା କମିଟି ତଥା ଗ୍ରାମର ସମସ୍ତ ଯୁବକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବ୍ଲକ୍‌ସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା



**ଖଣ୍ଡପଡ଼ା,୭।୬/ଏନ୍ଏନ୍ଏସ୍:** ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ବିଭାଗ ମାଧ୍ୟମେର ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଖଣ୍ଡପଡ଼ା ଏନଏସି କଲ୍ୟାଣ ମଣ୍ଡପ ପରିସରରେ ସଂପନ୍ନ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ସମ୍ମାନୀତ ଅତିଥି ଭବେ ଖଣ୍ଡପଡା ବ୍ଲକ ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାର ସିଂ, ବ୍ଲକ ଅଧ୍ୟକ୍ଷା ଉପମା ବେହେରା, ଜିଲ୍ଲା ପରିଷଦ ସଦସ୍ୟା ଉଜଳ ମହାରଣା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ, ଏବିଡିଓ ଝଡେଶ୍ୱର ଦାସ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ କେ. କେତେଶ୍ୱରୀ, ମହିଳା ମହାଦ୍ୟାଳୟର ଅଧ୍ୟକ୍ଷା ସ୍ମିତା ଶେଫାଳୀ ମହାପାତ୍ର, ବିପସି ମିଶନ ଶକ୍ତି, ବିପିଏମର ସଭାନେତ୍ରୀ ଓ ସମସ୍ତ ବ୍ଲକ କମର୍ଚାରୀମଣେ କାର୍ଯ୍ୟକ୍ରମେର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ୧୭ଟି ମହିଳା ଗୋଷ୍ଠୀର ସଦସ୍ୟା ଯୋଗଦେଇ ମିଠା, ପିଠା ଓ ପାରମ୍ପରିକ ଓଡିଆ ଖାଦ୍ୟ ପ୍ରସ୍ତୁତ କରିଥିଲେ। ମହିଳା ଗୋଷ୍ଠୀ ମାନଙ୍କ ମଧ୍ୟରୁ ୨ଗୋଟି ଗୋଷ୍ଠୀ ବିଚାରକମଣ୍ଡଳୀଙ୍କ ଦ୍ୱାରା ଯୋଗ୍ୟ ବିବେଚିତ ହୋଇ ପୁରସ୍କୃତ ହୋଇଥିବା ଜଣାଯାଇଛି। ଖଣ୍ଡପଡା ସହରର ମା’ ତାରିଣୀ ମହିଳା ଗୋଷ୍ଠୀ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳ ବଡବାଣପୁର ଗ୍ରାମର ବିଶ୍ୱ ଶ୍ରୀରାମ ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପ୍ରଶାସନ ସୂତ୍ରରୁ ଜଣାପଡିଛି।

# ବିଡିଓଙ୍କ ହସ୍ତକ୍ଷେପ ପରେ ମିଳିଲା ପାଣି ସଂଯୋଗ

**କଣ୍ଟାପଡ଼ା,୭।୬/ଏନ୍ଏନ୍ଏସ୍:** କଣ୍ଟାପଡ଼ା ବ୍ଲକ ବାଗଲପୁର ପଞ୍ଚାୟତ ଅନ୍ତର୍ଗତ ସୁନ୍ଦରଗ୍ରାମଠାରେ ଥିବା ଗୋବିନ୍ଦଜିଉ ମନ୍ଦିରକୁ ସରକାରୀ ପାନୀୟଜଳ ସଂଯୋଗ ସହିତ ମନ୍ଦିର ପରିସରରେ ଏକ ଛୋଟ ପାଣି ଟାଙ୍କି ନିର୍ମାଣ ପାଇଁ ସ୍ଥିର ହୋଇଥିଲା; ଏଥିପାଇଁ ଆବଶ୍ୟକ ଅର୍ଥ ମଧ୍ୟ ମଞ୍ଜୁର ହୋଇଥିଲା; ଅଥଚ ସମ୍ପୃକ୍ତ ଠିକାଦାର ଏହାକୁ କାର୍ଯ୍ୟକାରୀ ନକରି ଏ ବାବଦ ବିଲ ଉଠାଇନେବାରେ ସଫଳ ହୋଇଥିଲେ। ଏହା ଜଣାପଡ଼ିବା ପରେ ଗ୍ରାମରେ ପ୍ରବଳ ଅସନ୍ତୋଷ ସୃଷ୍ଟି ହୋଇଥିଲା। ଏ ନେଇ ଠାକୁରଙ୍କ ମାର୍ଫତଦାର ଜିତେନ୍ଦ୍ରକୁମାର ମହାନ୍ତି ବିଡ଼ିଓ ସ୍ୱପ୍ନିତା ନାୟକଙ୍କ ନିକଟରେ ଅଭିଯୋଗ କରିଥିଲେ; ବିଡ଼ିଓ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିବା ପରେ ସେଠାରେ ପାଣି ଟ୍ୟାପ ସହିତ ଛୋଟ ଟାଙ୍କି ବସାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଇତି ମଧ୍ୟରେ ମନ୍ଦିର ପରିସରରେ ପାନୀୟ ଜଳ ସଂଯୋଗ ଦିଆଯିବା ସହିତ ପ୍ରସ୍ତାବିତ ଟାଙ୍କି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ବିଡ଼ିଓଙ୍କ ଏଭଳି ତ୍ୱରିତ ପଦକ୍ଷେପ ପାଇଁ ସୁନ୍ଦରଗ୍ରାମର ଅଧିବାସୀ ବିଡ଼ିଓଙ୍କୁ ସାଧୁବାଦ ଜଣାଇଛନ୍ତି।

# କ୍ଲଷ୍ଟର୍‌ସ୍ତରୀୟ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ



**କୁଆଁପାଳ,୭।୬/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକ୍ କୁରୁଜଙ୍ଗା ପଞ୍ଚାୟତ ଅନ୍ତର୍ଗତ ମଙ୍ଗଳପୁର ଆଞ୍ଚଳିକ ସାଧନ କେନ୍ଦ୍ରର ସବଳକଣା ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ଗତ ୬ ତାରିଖ ଶୁକ୍ରବାର କ୍ଲଷ୍ଟରସ୍ତରୀୟ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ମଙ୍ଗଳପୁର ଆଞ୍ଚଳିକ ସାଧନକେନ୍ଦ୍ରର ସଂଯୋଜକ ଜୟନ୍ତ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସବଳକଣା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଚିନ୍ମୟୀ ଦେବୀ ଯୋଗଦେଇ ଶିକ୍ଷକମାନେ କିଭଳି ଗୁରୁଦାୟିତ୍ୱ ବହନ କରିଥାନ୍ତି ସେ ସଂପର୍କରେ ମତବ୍ୟକ୍ତ କରିବା ସହ ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥା ଓ ଗୁରୁପରମ୍ପରା ସଂପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ବ୍ରଜସୁନ୍ଦର ନାୟକ ଯୋଗଦେଇ ଶିକ୍ଷକମାନେ ହିଁ ସମାଜର ପଥପ୍ରଦର୍ଶକ ବୋଲି ମତବ୍ୟକ୍ତ କରିବା ସହ ଅବସରଗ୍ରହଣ କରିଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ କାର୍ଯ୍ୟଦକ୍ଷତା ସଂପର୍କରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥିଭାବେ ଏବିଇଓ ସବିତା ସ୍ୱାଇଁ, ଶିକ୍ଷକ ଅଜୟ କୁମାର ବରାଳ ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ମହାନ୍ତି ଯୋଗଦେଇଥିଲେ। ଉତ୍ସବରେ ମଙ୍ଗଳପୁର ଆଞ୍ଚଳିକ ସାଧନକେନ୍ଦ୍ରର ୨୦୧୮ ମସିହାରୁ ଅବସର ଗ୍ରହଣ କରିଥିବା ୧୧ଜଣ ଓ ଗତମାସରେ ଅବସର ନେଇଥିବା ଦୁଇଜଣ ମୋଟ ୧୩ଜଣ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଚାଳନାରେ ପ୍ରଜ୍ଞାପରମିତା ଦାସ, ରଞ୍ଜନ ପାତ୍ର, ଦିଲ୍ଲିପ କୁମାର ପଣ୍ଡା, ବିବେକାନନ୍ଦ ବରାଳ, ରିଆଜଉଦ୍ଦିନ ଖାଁ ସହଯୋଗ କରିଥିଲା ବେଳେ ମଙ୍ଗଳପୁର ଆଞ୍ଚଳିକ ସାଧନକେନ୍ଦ୍ର ଅଧୀନସ୍ଥ ସମସ୍ତ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ଏବଂ ୧୮ଟି କ୍ଲଷ୍ଟରର ସିଆର୍‌ସିସି ଯୋଗଦେଇଥିଲେ। ଶେଷରେ ଶିକ୍ଷୟିତ୍ରୀ ରୁନୋଲତା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବରିଷ୍ଠ ସଂଗଠକଙ୍କ ଦ୍ୱାଦଶାହରେ ଶ୍ରଦ୍ଧାଞ୍ଜଳି



**କଣ୍ଟାପଡ଼ା,୭।୬/ଏନ୍ଏନ୍ଏସ୍:** କଣ୍ଟାପଡ଼ା ବ୍ଲକ ବ୍ରାହ୍ମଣବାଟୀ ପଞ୍ଚାୟତ ବ୍ରାହ୍ମଣବାଟୀ ଗ୍ରାମର ଜଣେ ବରିଷ୍ଠ ସଂଗଠକ ଭାବେ ଜଣାଶୁଣା ତଥା ବ୍ରାହ୍ମଣବାଟି ପଞ୍ଚାୟତର ପୂର୍ବତନ ସମିତି ସଦସ୍ୟ ସୁବାସ ପାତ୍ର(ଟୁକୁ)ଙ୍କ ଦ୍ୱଦଶାହ ଦିବସରେ ଏକ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବର ଗୋବିନ୍ଦପୁର ନିର୍ବାଚନ ମଣ୍ଡଳୀ ଦୁଇ ଜଣାଶୁଣା ନେତା ତଥା ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ ଓ ପୂର୍ବତନ ବିଧାୟକ ରବି ମଲ୍ଲିକ ପହଞ୍ଚି ପରଲୋକଗତ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଦ୍ମନାଭ ମହାନ୍ତି, ନିମାଇଁ ଚରଣ ରାଉତରାୟ, ପୂର୍ବତନ ସମିତି ସଦସ୍ୟ, ସଞ୍ଜୟ କୁମାର ପାତ୍ର, ପ୍ରଦ୍ୟୁମ୍ନ ଖଟାଇ, ବ୍ଲକ ଆତ୍ମା ଅଧ୍ୟକ୍ଷ ପ୍ରଦୀପ୍ତ ପାତ୍ର, ପୂର୍ବତନ ବ୍ଲକ ଆତ୍ମା ଅଧ୍ୟକ୍ଷ ନକୁଳ ରାଉତ, ଯୁବନେତା ସୁବ୍ରତ ପାତ୍ର, ବ୍ରାହ୍ମଣସାଇଲୋ ସେବା ସମବାୟ ସମିତି ସଭାପତି ସୁରେନ୍ଦ୍ର ପାତ୍ର, ବାହନ ପରିଡ଼ା ପ୍ରମୁଖ ସ୍ୱର୍ଗତ ଆତ୍ମାପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ନିତିଦିନ NITIDIN
ରବିବାର, ୮ ଜୁନ୍ ,୨୦୨୫

ନିତି ଭାରତୀ

ପ୍ରେମ ପୃଷ୍ଠପୋଷକତା ନୁହେଁ କି ବଦାନ୍ୟତା ଦୟା ନୁହେଁ। ବଦାନ୍ୟତା ଓ ପ୍ରେମ ଦୁଇଟିଯାକ ଏକା ଜିନିଷ।
- ମଦର ଟେରେସା

# ମହିମା ସନ୍ଥ: ସାଧୁ ଦୟାନିଧି ଦାସ

ଯୁଗେ ଯୁଗେ ଉତ୍କଳୀୟ ଧର୍ମ ଓ ପରମ୍ପରା ସାଧୁସନ୍ଥଙ୍କ ଚିନ୍ତା ଚେତନା ଓ କର୍ମଧାରା ଦ୍ୱାରା ପରିପୁଷ୍ଟ। ସେଇ ସାଧୁ ସନ୍ଥଙ୍କ ମଧ୍ୟରେ କେତେ ଜଣ ଆମ ଆଲୋଚନା ପରିସର ମଧ୍ୟକୁ ଆସିଥିଲେ ମଧ୍ୟ ଆଉ କେତେ ଜଣ ଏବେ ମଧ୍ୟ ଅନାଲୋଚିତ ହୋଇ ରହିଛନ୍ତି। ମହିମା ଧର୍ମର ପ୍ରତିଷ୍ଠାତା ମହିମା ଗୋସେଇଁ, ତାଙ୍କର ପଞ୍ଚଶିଷ୍ୟ ଗୋବିନ୍ଦ ବାବା ଓ ସନ୍ଥକବି ଭୀମ ଭୋଇଙ୍କ ସମ୍ପର୍କରେ ବହୁ ଆଲୋଚନାତ୍ମକ ଗ୍ରନ୍ଥ ଥିଲେ ମଧ୍ୟ ଅନେକ ମହିମା ଧର୍ମର ସାଧୁସନ୍ଥ ଅଛନ୍ତି, ଯେଉଁମାନଙ୍କର ମହିମା ଧର୍ମ ପ୍ରତି ବହୁ ଅବଦାନ ଥିବା ସତ୍ତ୍ୱେ ସେମାନଙ୍କ ସମ୍ପର୍କରେ ଖୁବ୍ କମ୍ ପୁସ୍ତକ କିମ୍ବା ଆଲୋଚନାତ୍ମକ ନିବନ୍ଧ ଦେଖିବାକୁ ମିଳେ। ସେହି ଭଳି ଜଣେ ସାଧୁବାବା ହେଉଛନ୍ତି ମହିମା ଧର୍ମର ଅନନ୍ୟ ଉପାସକ ସାଧୁ ଦୟାନିଧି ଦାସ।

ସାଧୁ ଦୟାନିଧି ଦାସଙ୍କ ଜନ୍ମ ବୃତ୍ତାନ୍ତ: ସାଧୁ ଦୟାନିଧି ଦାସ କଟକ ଜିଲ୍ଲାର ବାରଙ୍ଗ ଓ ନନ୍ଦନକାନନ ନିକଟବର୍ତ୍ତୀ ରଘୁନାଥପୁର ଗ୍ରାମରେ ୧୯୧୯ ମସିହାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର



ଦିଗରାଜ ବ୍ରହ୍ମା

ପିତୃମାତୃପ୍ରଦତ୍ତ ନାମ ଥିଲା ଦୁଃଶାସନ। ସେ ଜନ୍ମ ହେବାର ପ୍ରାୟ ଦେଢ଼ ବର୍ଷ ପରେ ପୋଲିଓ ରୋଗରେ ଆକ୍ରାନ୍ତ ହୋଇଥିଲେ। ଏହି ରୋଗର ପ୍ରଭାବରେ ତାଙ୍କର ବାମ ଗୋଡ଼ ସାମାନ୍ୟ ଛୋଟା ହୋଇଗଲା। ମୁଖମଣ୍ଡଳର ବାମ ପାର୍ଶ୍ୱ ମଧ୍ୟ ସାମାନ୍ୟ ବଙ୍କା ଦେଖାଗଲା।

ଶିଶୁ ଦୟାନିଧିଙ୍କ ପୋଲିଓ ରୋଗର ପାର୍ଶ୍ୱ ପ୍ରତିକ୍ରିୟା ଦେଖି ତାଙ୍କର ପିତାମାତା ବ୍ୟସ୍ତ ବିବ୍ରତ ହୋଇ ପଡ଼ିଲେ। ଆଜିକାଲି ଭଳି ସେ ସମୟରେ ପୋଲିଓ ରୋଗର ଚିକିତ୍ସା ନିମନ୍ତେ ବିଶେଷ ସୁବିଧା ଓ ସୁଯୋଗ ନଥିଲା। ସେମାନେ ମହିମା ଧର୍ମାବଲମ୍ବୀ ଥିବା ହେତୁ ମନେ ମନେ ସ୍ଥିର କଲେ ଯେ ପିଲାଟି ଆରୋଗ୍ୟ ଲାଭ କରି ଭଲ ରହିଲେ ସେମାନେ ପିଲାଟିକୁ ଅଲେଖ ମହାପ୍ରଭୁଙ୍କୁ ସମର୍ପଣ କରିଦେବେ।

ମନର କଥା ଉଭୟ ସ୍ୱାମୀ ସ୍ତ୍ରୀ ମନରେ ରଖିଲେ। କାହା ଆଗରେ ପ୍ରକାଶ କରି ନଥିଲେ। ଏଣେ ଗ୍ରାମକୁ ଆସୁଥିବା ସାଧୁସନ୍ଥଙ୍କର ଯଥାମାନ୍ୟ ସେବା ଶୁଶ୍ରୂଷା କରୁଥିଲେ। ଅତିଥି ସତ୍କାର କଲା ବେଳେ ବାଳକଟି ସବୁ ବିଧି ବିଧାନ ଦୂରରେ ଥାଇ ନିରୀକ୍ଷଣ କରୁଥିଲା। ମହିମା ସାଧୁମାନେ ଅନ୍ନ ଭିକ୍ଷା କରି ସାରିଲା ପରେ ଗ୍ରାମର ଭକ୍ତମାନେ ଆନନ୍ଦର ସହିତ ସାଧୁମାନଙ୍କ ଶରଣାପନ୍ନ ହେଉଥିଲେ। ବାଳକ ଦୟାନିଧି ମଧ୍ୟ ଗ୍ରାମବାସୀଙ୍କ ସହିତ ସାଧୁମାନଙ୍କ ଶରଣାପନ୍ନ ହେଉଥିଲେ। ସାଧୁମାନେ ସେମାନଙ୍କ ପ୍ରତି ପିଲାଟିର ଅନୁରକ୍ତି ଓ ଭକ୍ତିଭାବ ଦେଖି ଖୁସି ହେଉଥିଲେ। ଆନନ୍ଦର ସହିତ ଆଶୀର୍ବାଦ ମଧ୍ୟ କରୁଥିଲେ।

ଦୟାନିଧିଙ୍କ ବାଲ୍ୟ ଶିକ୍ଷା ଗ୍ରାମ ଚାଟଶାଳୀରେ ଆରମ୍ଭ ହୋଇଥିଲା। ସେ ଶିକ୍ଷାଦୀକ୍ଷାରେ ବିଚକ୍ଷଣ ଥିବା ହେତୁ ତାଙ୍କୁ ଅବଧାନେ ଅନୁପସ୍ଥିତ ଥିଲା ବେଳେ ଚାଟଶାଳୀର ଅନ୍ୟ ପିଲାମାନଙ୍କୁ ପାଠ ପଢ଼େଇବାର ଦାୟିତ୍ୱ ଦେଉଥିଲେ। ବାଳକ ଦୟାନିଧି ଏଇ ଦାୟିତ୍ୱ ସୁରୁଖୁରୁରେ ସମ୍ପାଦନ କରୁଥିଲେ।

କାଳକ୍ରମେ ଦୟାନିଧି ଆଠ ବର୍ଷ ବୟସରେ ଉପନୀତ ହେଲେ। ତାଙ୍କ ମନ ମଧ୍ୟରେ ବାଲ୍ୟକାଳରୁ ଧର୍ମଶାସ୍ତ୍ର ଅଧ୍ୟୟନ ପ୍ରତି ଅହେତୁକ ଆଗ୍ରହ ଦେଖାଦେଲା। ଗ୍ରାମ ଭାଗବତ ଟୁଙ୍ଗିରେ ସେ ନିୟମିତ ଯୋଗ ଦେଉଥିଲେ। ସେଠାରେ ଉପସ୍ଥିତ ଭକ୍ତମାନଙ୍କୁ ଆନନ୍ଦର ସହିତ ନବାକ୍ଷରୀ ଭାଗବତ ପଢ଼ାଇ ଶୁଣାଉ ଥିଲେ। ଏତଦ୍ ବ୍ୟତୀତ ସମବେତ ଜନତାଙ୍କୁ ସନ୍ଥ କବି ଭୀମ ଭୋଇ ଓ ବିଶ୍ୱନାଥ ବାବାଙ୍କ ରଚିତ ଭଜନ, ଜଣାଣ, ଚଉତିଶା ଆଦି ସୁନ୍ଦର କଣ୍ଠରେ ଆବୃତ୍ତି କରି ଶୁଣାଉ ଥିଲେ। ଏସବୁ ବୋଲିଲା ବେଳେ ତାଙ୍କର ଛନ୍ଦ, ତାଳ ଓ ଲୟରେ କୌଣସି ବ୍ୟତିକ୍ରମ ଘଟୁ ନଥିଲା।

ବାଳକ ଦୟାନିଧିଙ୍କ ଏପରି ସ୍ଥିତି ଦେଖି ଅନେକ ସମୟରେ ଗ୍ରାମବାସୀ କୁହାକୁହି ହେଉଥିଲେ, 'ଏ ପିଲାଟି ଯଦି ବାବାଜୀ ହୁଅନ୍ତା, ଖୁବ୍ ଭଲ ହୁଅନ୍ତା। ଈଶ୍ୱରଙ୍କ ମହିମା ଚାରିଆଡ଼େ ପ୍ରଚାର ପ୍ରସାର କରି ପଥହୁଡ଼ା ମଣିଷଙ୍କୁ ବାଟ ଦେଖାନ୍ତା। ପ୍ରାଣୀମାନଙ୍କୁ ଦୁଃଖ କଷ୍ଟରୁ ମଧ୍ୟ ରକ୍ଷା କରନ୍ତା।'

ଦୟାନିଧିଙ୍କୁ ନେଇ ମାତା ଦେଖିଥିବା ସ୍ୱପ୍ନ: ମାଆ ସିନା ଘଟଣାକ୍ରମେ ଶିଶୁ ଦୟାନିଧିଙ୍କୁ ଅଲେଖ ମହାପ୍ରଭୁଙ୍କୁ ସମର୍ପଣପୂର୍ବକ ବାବାଜୀ କରିଦେବା ନିମନ୍ତେ ସ୍ଥିର କରିଥିଲେ, ମାତ୍ର ପରବର୍ତ୍ତୀ ସମୟରେ ସେ ନିଜ ଅଙ୍ଗୀକାରବଦ୍ଧତା ଭୁଲି ଯାଇଥିଲେ।

ମାତ୍ର ଦିନେ ରାତିରେ ମାଆ ଏକ ଅଦ୍ଭୁତ ସ୍ୱପ୍ନ ଦେଖି ଶଯ୍ୟାରୁ ଉଠି କଇଁ କଇଁ ହୋଇ କାନ୍ଦିବାକୁ ଲାଗିଲେ। ସେ ମୁହୂର୍ତ୍ତ ଥିଲା ବ୍ରାହ୍ମ ମୁହୂର୍ତ୍ତ। ସାଧାରଣତଃ ଏଇ ମୁହୂର୍ତ୍ତରେ ବାଳକ ଦୟାନିଧି ଶଯ୍ୟା ତ୍ୟାଗ କରିଥାନ୍ତି। ସେ ମାଆଙ୍କ କ୍ରନ୍ଦନ ଧ୍ୱନି ଶୁଣି ଆଶ୍ଚର୍ଯ୍ୟ ହୋଇଗଲେ। ମାଆଙ୍କୁ ଏପରି ଆଗରୁ କେବେ କାନ୍ଦିବାର ସେ ଦେଖି ନଥିଲେ। କ'ଣ କିଛି ଦୁଃସ୍ୱପ୍ନ ମାଆ ତାଙ୍କର ଦେଖିଲେ! ଅତି ନରମ ଗଳାରେ ମାଆଙ୍କୁ ପଚାରିଲେ, 'ମାଆ! ଏମିତି କାହିଁକି କାନ୍ଦୁଛ?' ମାଆ ଅତି ସରଳ ସ୍ୱଭାବ ଢଙ୍ଗରେ କହିଲେ, 'ପୁଅରେ ତୋତେ ବାବାଜୀ କରିଦେବି ବୋଲି ଅଲେଖ ପ୍ରଭୁଙ୍କୁ ସଂକଳ୍ପ କରି ମାନସିକ କରିଥିଲି। ଆଜି ମୋତେ ଜଣେ ଜଟାଧାରୀ ବାବା ଭୟଙ୍କର ରୂପ ଧାରଣ କରି ସ୍ୱପ୍ନରେ କହିଲେ, 'ଆଲୋ ମାଆ, ତୁମେ ଆମ ବାବାଜୀ ପିଲାକୁ ଆଜି ପର୍ଯ୍ୟନ୍ତ କାହିଁକି ପାଖରେ ରଖିଛ? ତୁମେ ପରା ତାକୁ ବାବାଜୀ କରିଦେବ ବୋଲି ସଂକଳ୍ପ କରିଥିଲ। ଏତେ ଶୀଘ୍ର ସେ ସଂକଳ୍ପ କଥା ଭୁଲିଗଲ କିପରି?'

ମାଆଙ୍କ ମୁଖରୁ ଏଇ କେଇ ପଦ କଥା ଶୁଣି ବାଳକ ଦୟାନିଧି ଆନନ୍ଦିତ ହୋଇଗଲେ। କହିଲେ, 'ଓଃ, ଏଇ କଥା ପାଇଁ ଏତେ କାନ୍ଦ! ଆମ ଗ୍ରାମ ଆଶ୍ରମକୁ ବଡ଼ ବଡ଼ ତାଳପତ୍ର ବରଡ଼ା ପଙ୍ଖା ଧରି ଯେଉଁ ବାବାମାନେ ଆସୁଛନ୍ତି, ସେମାନଙ୍କ ସହିତ ମୋତେ ଛାଡ଼ି ଦିଅ। ଏଥିରେ ମୋର ମଙ୍ଗଳ ହେବ। ଆମ ପରିବାରର ମଧ୍ୟ ମଙ୍ଗଳ ହେବ।'

ଏଇ ଘଟଣା ଘଟିବାର କିଛିଦିନ ପରେ ମାଆ ଭଲ ସମୟ, ତିଥି, ବାର ଦେଖି ଗ୍ରାମ ଆଶ୍ରମକୁ ଆସିଥିବା ମହିମା ସାଧୁ ପୂଜ୍ୟ ଦାଶରଥି ବାବାଙ୍କ ପାଖରେ ବାଳକ ଦୟାନିଧିଙ୍କୁ ସମର୍ପଣ କରିଦେଲେ। ସେଇ ଦିନଠାରୁ ଆରମ୍ଭ ହେଲା ପ୍ରାୟ ନଅ-ଦଶ ବର୍ଷ ବୟସରେ ପହଞ୍ଚି ଥିବା ବାଳକ ଦୟାନିଧିଙ୍କ ସାଧୁ ଜୀବନର ଅୟମାରମ୍ଭ।

ସତ୍ୟ ପଥେ ଧର୍ମ ପଥେ ବାଳକ ଦୟାନିଧି: ସନ୍ଥ ଜୀବନର ପ୍ରାରମ୍ଭିକ ସ୍ତରରେ ଗୁରୁ ଓ ମହିମା ସାଧୁମାନଙ୍କ ଗହଣରେ ବାଳକ ଦୟାନିଧି ଓଡ଼ିଶାର ବିଭିନ୍ନ ପଡ଼ା, ଗ୍ରାମ ଆଦି ଭ୍ରମଣ କରିବାର ସୁଯୋଗ ପାଇଥିଲେ। ସେମାନଙ୍କଠାରୁ ଆଚାର, ବ୍ୟବହାର ଓ ମହିମା ଧର୍ମର ନୀତି ନିୟମ ସମ୍ପର୍କରେ ଅବଗତ ହେବା ସହିତ ନିଜ ଆଚରଣରେ ଶୁଦ୍ଧତା ଓ ପବିତ୍ରତା ଆଣିବାକୁ ଚେଷ୍ଟା କରିଥିଲେ। ସେ କ୍ଷେତ୍ରରେ ତାଙ୍କୁ ବିଶେଷ ଭାବେ ପୂଜ୍ୟ ଦାଶରଥି ବାବା, ଭାସ୍କର ବାବା, ଅଚ୍ୟୁତାନନ୍ଦ ବାବା ପ୍ରମୁଖ ଦିଗ୍‌ଦର୍ଶନ ଦେଇଥିଲେ।

ଦାଶରଥି ବାବାଙ୍କ ଦେହାବସାନ ୧୯୪୨ ମସିହା ଆଶ୍ୱିନ ମାସ ଶୁକ୍ଳପକ୍ଷ ଦଶମୀ ତିଥିରେ ଖୋର୍ଦ୍ଧା ଅନ୍ତର୍ଗତ ମେଣ୍ଢାଶାଳ ଗ୍ରାମରେ ଘଟିଥିଲା। ତାଙ୍କର ପରମ ଧାମ ପ୍ରାପ୍ତି ଓ ଅବର୍ତ୍ତମାନ ସ୍ଥିତି ସାଧୁ ଦୟାନିଧି ଦାସଙ୍କ ଜୀବନରେ ଶୂନ୍ୟତା ଆଣିଥିଲା। ସେ ତାଙ୍କ ସହିତ ପିଲାଟି ବେଳୁ ଖୋର୍ଦ୍ଧା, କଟକ, ପୁରୀ, ପଟିଆ ବାରଙ୍ଗ ପ୍ରଭୃତି ଅଞ୍ଚଳ ପରିଭ୍ରମଣ କରି ମହିମା ଧର୍ମ ପ୍ରଚାର ପ୍ରସାରରେ ସାହାଯ୍ୟ କରିଥିଲେ। ପୂଜ୍ୟ ଗୁରୁଦେବଙ୍କ ଏକ ସମାଧି ମନ୍ଦିର ସେ ଭକ୍ତମାନଙ୍କ ଦର୍ଶନ ନିମନ୍ତେ ମେଣ୍ଢାଶାଳଠାରେ ନିର୍ମାଣ କରିଥିଲେ। ଏହି କାର୍ଯ୍ୟର ସମାପ୍ତି ପରେ ପରେ ସେ ମହିମା ଗାଦିସ୍ଥ ଗୁରୁଦ୍ୱାରଠାରେ ଆସି ବ୍ରହ୍ମ ଅବଧୂତ ବିଶ୍ୱନାଥ ବାବାଙ୍କୁ ଦେଖା କରିଥିଲେ। ଦୟାନିଧିଙ୍କ ଜ୍ଞାନ, ଗୁଣ ଓ ଆଚରଣରେ ବିଶ୍ୱନାଥ ବାବା ଏତେଦୂର ମୁଗ୍ଧ ହୋଇ ଯାଇଥିଲେ ଯେ ସେ ତାଙ୍କୁ ସତ୍ୟ ସନାତନ ଧର୍ମ ସହିତ ମହିମା ଧର୍ମର ମୂଳ ଓ ମୌଳିକ ନୀତି ଲୋକମାନଙ୍କ ମଧ୍ୟରେ ପ୍ରଚାର ପ୍ରସାର କରିବା ନିମନ୍ତେ ନିୟୋଜିତ କରିଥିଲେ। ସେ ପର୍ଯ୍ୟନ୍ତ ଦୟାନିଧି ପିତୃମାତୃ ପ୍ରଦତ୍ତ ଦୁଃଶାସନ ନାମରେ ସାଧୁ ସମାଜରେ ପରିଚିତ ଥିଲେ। ମାତ୍ର ବିଶ୍ୱନାଥ ବାବା ମହିମା ଧର୍ମର ନୀତି ଓ ପରମ୍ପରା ଅନୁଯାୟୀ ତାଙ୍କର ନାମ ପରିବର୍ତ୍ତନ କଲେ। ସେଇ ଦିନଠାରୁ ଦୁଃଶାସନ ସାଧୁ ସମାଜରେ ସାଧୁ ଦୟାନିଧି ଦାସ ନାମରେ ପରିଚିତ ହେଲେ।

ଗୁରୁ ଶିଷ୍ୟଙ୍କ ମିଳନ- ଏକ ମଣି କାଞ୍ଚନ ସଂଯୋଗ: ସତେ ଯେମିତି ଗୁରୁ, ବ୍ରହ୍ମ ଅବଧୂତ ବିଶ୍ୱନାଥ ବାବା ଓ ଶିଷ୍ୟ ଦୟାନିଧି ଦାସଙ୍କ ସଂଯୋଗ ଆଧାତ୍ମିକ ଓ ବିଧି ନିର୍ଦ୍ଦିଷ୍ଟ ଥିଲା। ଏପରି ସଂଯୋଗ ନଥିଲେ ଆମେ ଆଜି ହୁଏତ ଓଡ଼ିଆ ସାରସ୍ୱତ ଭଣ୍ଡାରକୁ ଯୁଗ ଯୁଗ ପାଇଁ ସମୃଦ୍ଧ କରିଥିବା ବିଶ୍ୱନାଥ ବାବାଙ୍କ ରଚିତ 'ସତ୍ୟ ମହିମାଧର୍ମ ପ୍ରତିପାଦକ' ଗ୍ରନ୍ଥ ଓ 'ଅଲେଖ ପରଂବ୍ରହ୍ମ ଦର୍ଶନମ୍' ଗ୍ରନ୍ଥ ପାଇ ନଥାନ୍ତୁ। ଏଇ ଗ୍ରନ୍ଥ ଦ୍ୱୟର ମୂଳ ପାଣ୍ଡୁଲିପି ପ୍ରସ୍ତୁତି, ପ୍ରୁଫ ସଂଶୋଧନଠାରୁ ସମସ୍ତ ଆନୁଷଙ୍ଗିକ କାର୍ଯ୍ୟ ବିଶ୍ୱନାଥ ବାବା ସାଧୁ ଦୟାନିଧି ଦାସଙ୍କ ଉପରେ ନ୍ୟସ୍ତ କରିଥିଲେ। ଏପରିକି ଏଇ କାର୍ଯ୍ୟରେ ସେ ପ୍ରଫେସର ଶତ୍ରୁଘ୍ନ ନାଥ, ପଣ୍ଡିତ ଜୟକୃଷ୍ଣ ମିଶ୍ର, ପଣ୍ଡିତ ଲିଙ୍ଗରାଜ ମିଶ୍ର ପ୍ରମୁଖ ବ୍ୟକ୍ତିବିଶେଷଙ୍କ ସହିତ ଏକ ସଂଯୋଗକାରୀ ସେତୁ ରୂପେ ବିଶ୍ୱନାଥ ବାବାଙ୍କ ତରଫରୁ କାର୍ଯ୍ୟ କରିଥିଲେ। ପରିଶେଷରେ ଏହି ମହାନ




ଗ୍ରନ୍ଥଦ୍ୱୟ ଉତ୍କଳ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ତତ୍କାଳୀନ କୁଳପତି ପ୍ରାଣକୃଷ୍ଣ ପରିଜାଙ୍କ ଅନୁମୋଦନ ଓ ଡକ୍ଟର ହରେକୃଷ୍ଣ ମହତାବଙ୍କ ସହଯୋଗ କ୍ରମେ ପ୍ରଜାତନ୍ତ୍ର ପ୍ରଚାର ସମିତି ଦ୍ୱାରା କଟକରେ ଛପା ଯାଇଥିଲା। ବ୍ରହ୍ମ ଅବଧୂତ ବିଶ୍ୱନାଥ ବାବାଙ୍କ ରଚିତ 'ସତ୍ୟ ମହିମା ଧର୍ମ ପ୍ରତିପାଦକ' ଓ 'ଅଲେଖ ପରଂବ୍ରହ୍ମ ଦର୍ଶନମ୍' ଗ୍ରନ୍ଥର ପ୍ରକାଶନ ଯୋଗୁଁ ପରବର୍ତ୍ତୀ ସମୟରେ ମହିମା ଧର୍ମର ପ୍ରଚାର ରାଜ୍ୟ ଓ ରାଜ୍ୟ ବାହାରେ ସବୁ ଦିନ ପାଇଁ ସହଜସାଧ୍ୟ ହୋଇ ପାରିଛି। କାରଣ ଏଇ ଗ୍ରନ୍ଥଦ୍ୱୟରେ ସତ୍ୟ ସନାତନ ଧର୍ମର ମୂଳ ନୀତି ଓ ଆଧାର ଉପରେ ମହିମା ଧର୍ମର ଅନନ୍ୟ ବ୍ୟାଖ୍ୟା ପର୍ଯ୍ୟବସିତ।

ମହିମା ଧର୍ମ ପ୍ରଚାର ପ୍ରସାରରେ ସାଧୁ ଦୟାନିଧି ଦାସଙ୍କ ଅବଦାନ: ପ୍ରବୁଦ୍ଧ ଗୁରୁ ମହିମା ସ୍ୱାମୀ ତପୋଭୂମି ହିମାଳୟ ଛାଡ଼ି ୧୮୨୬ ମସିହାରେ ପୁରୀଠାରେ ପ୍ରଥମେ ଆବିର୍ଭୂତ ହୋଇଥିଲେ। ସେତେବେଳେ ସେ ଧୂଳିଆ ଗୋସେଇଁ ରୂପେ ପରିଚିତ ଥିଲେ। ପରବର୍ତ୍ତୀ ସମୟରେ ଢେଙ୍କାନାଳର କପିଳାସକୁ ତପସ୍ୟା କରିବାକୁ ଗମନ କଲାବେଳେ ଧବଳଗିରି, ଖଣ୍ଡଗିରି, ଡମଣା, ପଟିଆ, ନରାଜ, କଟକ ଆଦି ଅଞ୍ଚଳ ଦେଇ କପିଳାସରେ ପହଞ୍ଚି ଥିଲେ। ଏହାର ପ୍ରଭାବ ସ୍ୱରୂପ ଏ ସବୁ ଅଞ୍ଚଳ ସହିତ ଆଖପାଖ ଅଞ୍ଚଳରେ ମହିମା ଧର୍ମର ମୂଳଭିତ୍ତି ଊଣା ଅଧିକେ ପଡ଼ିଥିଲା। ସାଧୁ ଦୟାନିଧି ଦାସ ତାଙ୍କ ଜୀବନ କାଳରେ ଏଇସବୁ ଅଞ୍ଚଳ ପରିଭ୍ରମଣ କରି ମହିମା ଧର୍ମର ନୀତି ନିୟମର ପ୍ରଚାର ପ୍ରସାର ଭକ୍ତମାନଙ୍କ ଗହଣରେ କରାଇ ଥିଲେ। ତାଙ୍କ ଉଦ୍ୟମ କ୍ରମେ ଗଞ୍ଜାମ ଜିଲ୍ଲାର ସୁଦୂର ଘୁମୁସର ଅଞ୍ଚଳରେ ମଧ୍ୟ ମହିମା ଧର୍ମର ପ୍ରଚାର ପ୍ରସାର ଘଟିଲା। ବହୁ ଆଶ୍ରମ ଓ ଟୁଙ୍ଗିମାନ ମଧ୍ୟ ସ୍ଥାପିତ ହେଲା। ଏତଦ୍ ବ୍ୟତୀତ ବୁଗୁଡ଼ା, ବେଲଗୁଣ୍ଠା, ଆସିକା, ବାଲିପଦର, ରସୁଲକୁଣ୍ଡା, କୋଦଲା ଆଦି ଅଞ୍ଚଳରେ ମହିମା ଧର୍ମର ବହୁ ସଭା ସମିତିମାନ ଆୟୋଜନ କଲେ। ଏହା ଫଳରେ ବହୁ ଲୋକ ମହିମା ଧର୍ମର ତତ୍ତ୍ୱ ଓ ଦର୍ଶନ ସହିତ ପରିଚିତ ହୋଇ ପାରିଲେ। ଈଶ୍ୱର ଏକ ଓ ଅଦ୍ୱିତୀୟ, ବ୍ରହ୍ମ ଏକ, ସେଇ ବ୍ରହ୍ମ ନିରାକାର, ଅଲେଖ ଓ ଅବ୍ୟକ୍ତ ବୋଲି ଜାଣିବାକୁ ପାଇଲେ। ମୂର୍ତ୍ତିପୂଜାର ଅନାବଶ୍ୟକତା ଉପଲବ୍ଧି କଲେ।

ପ୍ରାୟ ୧୯୫୫-୫୬ ମସିହାର ଘଟଣା। ସେ ସମୟରେ ଓଡ଼ିଶାର ଭୌଗୋଳିକ ସୀମା ଡେଇଁ ବିଶ୍ୱନାଥ ବାବାଙ୍କ ଉଦ୍ୟମ ଓ ଦୟାନିଧି ବାବାଙ୍କ ପ୍ରଚେଷ୍ଟା ଯୋଗୁଁ ସୁଦୂର କଲିକତା ନଗରୀ ଓ ଟାଟା ନଗରୀରେ ରହୁଥିବା ଆମ ରାଜ୍ୟର କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ବାଲେଶ୍ୱର, ଭଦ୍ରକ, ଯାଜପୁର, ଗଞ୍ଜାମ ଓ ଅନ୍ୟାନ୍ୟ ଅଞ୍ଚଳର ପ୍ରବାସୀ ଓଡ଼ିଆଙ୍କ ମଧ୍ୟରେ ମହିମା ଧର୍ମର ପ୍ରଚାର ଓ ପ୍ରସାର ଘଟିଥିଲା। ଏତଦ୍ ବ୍ୟତୀତ ସତୁରି ଦଶକରେ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍ ଜିଲ୍ଲାରେ ସାଧୁ ସନାତନ ଦାସଙ୍କ ନିମନ୍ତ୍ରଣକ୍ରମେ ସାଧୁ ଦୟାନିଧି ଦାସ ବିଭିନ୍ନ ସ୍ଥାନ ପରିଭ୍ରମଣ କରି ତେଲୁଗୁ ଭାଷାରେ ମହିମା ଧର୍ମର ସାରତତ୍ତ୍ୱ ଲୋକମାନଙ୍କୁ ବୁଝାଇ ଥିଲେ। ସେଇ ସବୁ ଆଲୋଚନାରେ ସାଧାରଣତଃ ମହିମା ସ୍ୱାମୀଙ୍କ ଜୀବନୀ, ସନ୍ଥ ଭୀମ ଭୋଇଙ୍କ ଭଜନ, ଜଣାଣ ଓ ପ୍ରମୁଖ ଧର୍ମଗୁରୁଙ୍କ ଧର୍ମ ସମ୍ପର୍କୀୟ ଆଲୋଚନାର ସାରତତ୍ତ୍ୱ ସମବେତ ଜନତାଙ୍କୁ ବୁଝା ଯାଉଥିଲା।

ସାଧୁ ଦୟାନିଧି ଦାସଙ୍କ ଶେଷ ଜୀବନ: ଭାରତବର୍ଷର ବିଭିନ୍ନ ଅଞ୍ଚଳ ସହିତ ବିଶେଷ ଭାବେ ବଙ୍ଗ, ବିହାର, ଆନ୍ଧ୍ର ଓ ଓଡ଼ିଶାର ନାନା ସ୍ଥାନ ପରିଭ୍ରମଣ ପରେ ସାଧୁ ଦୟାନିଧି ଦାସ ଓଡ଼ିଶାକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଓଡ଼ିଶାକୁ ନିଜର ଶେଷ କର୍ମସ୍ଥଳୀ ରୂପେ ବାଛି ନେଇଥିଲେ। ସେ ୧୯୮୨ ମସିହା ଜୁନ୍ ମାସ ୨୪ ତାରିଖରେ ପଟିଆ ଗ୍ରାମରେ ପଦାର୍ପଣ କରିଥିଲେ। ପଟିଆ ଗ୍ରାମର ଧର୍ମପ୍ରାଣ ବ୍ୟକ୍ତିମାନଙ୍କର ତାଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ଓ ସମ୍ମାନ ଦେଖି ବିମୋହିତ ହୋଇ ଯାଇଥିଲେ। ସେମାନଙ୍କ ସାହାଯ୍ୟ, ସାହଚର୍ଯ୍ୟକୁ ପାଥେୟ କରି ସେ ପଟିଆ ଗ୍ରାମ ଉପକଣ୍ଠରେ ଥିବା ପୁରାତନ ଗୁମ୍ଫାତୋଟାସ୍ଥିତ ମହିମା ଆଶ୍ରମର ପୁନରୁଦ୍ଧାର କରିଥିଲେ ଓ ସେଠାରେ ବସବାସ କରିଥିଲେ। ପ୍ରତି ବର୍ଷ ଜ୍ୟେଷ୍ଠ ମାସ ଶୁକ୍ଳ ଚତୁର୍ଦ୍ଦଶୀ ଦିନ ପଟିଆ ମହିମା ଆଶ୍ରମର ବାର୍ଷିକ ଉତ୍ସବ ପାଳନ କାର୍ଯ୍ୟକ୍ରମର ଅୟମାରମ୍ଭ କରିଥିଲେ। ସାଧାରଣତଃ ଏଇ ବାର୍ଷିକ ଉତ୍ସବରେ ରାଜ୍ୟର ବହୁ ସାଧୁସନ୍ଥ ଓ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦାନ କରି ବିଭୁକୃପା ଲାଭ କରିଥାନ୍ତି।

ପଟିଆ-ଚନ୍ଦ୍ରଶେଖରପୁରସ୍ଥିତ ମହିମା ଆଶ୍ରମରେ ଅବସ୍ଥାନ ସମୟରେ ସାଧୁ ଦୟାନିଧି ଦାସ ତାଙ୍କର ସମସ୍ତ ଆଧାତ୍ମିକ ଓ ସାମାଜିକ କାର୍ଯ୍ୟକ୍ରମ ସ୍ଥାନୀୟ ଅଞ୍ଚଳର ବିକାଶ ଅଭିମୁଖୀ କରିଥିଲେ। ଏହା ଫଳରେ ପଟିଆସ୍ଥ ପୁରାତନ ମହିମା ଆଶ୍ରମ ନୂତନ ଜୀବନ୍ୟାସ ପାଇ ପାରିଥିଲା। ଏତଦ୍ ବ୍ୟତୀତ ସେ ୧୯୯୩ ମସିହା ଫେବୃଆରୀ ମାସ ୨ ତାରିଖ ଦିନ ସମାଜର ତୃଣମୂଳ ସ୍ତରରେ ଥିବା ପିଲାମାନଙ୍କ ଶୈକ୍ଷିକ ଓ ସର୍ବାଙ୍ଗୀନ ବିକାଶ ନିମନ୍ତେ 'ମହିମା ଜ୍ଞାନ ମନ୍ଦିର' ନାମକ ଏକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ସେଇ ବିଦ୍ୟାଳୟ ସମ୍ପ୍ରତି ପଟିଆ-ଚନ୍ଦ୍ରଶେଖରପୁର ଅଞ୍ଚଳର ଏକ ଆଦର୍ଶ ବିଦ୍ୟାଳୟ ରୂପେ ବିବେଚିତ।

ସାଧୁ ଦୟାନିଧି ଦାସଙ୍କ ପରମ ଧାମ ଯାତ୍ରା: ମହିମା ଧର୍ମର ପ୍ରଚାର ଓ ପ୍ରସାର କରିବା ସହିତ ସମାଜକୁ ଦିଗ୍‌ଦର୍ଶନ ଦେଉଥିବା ଏଇ ସନ୍ଥ ଜଣଙ୍କର ଶରୀର ହଠାତ୍ ମେ' ୨୫, ୧୯୯୯ ମସିହାରେ ଅସୁସ୍ଥ ହୋଇ ପଡ଼ିଲା। ଡାକ୍ତରମାନେ ତାଙ୍କୁ ସୁସ୍ଥ ଅବସ୍ଥାକୁ ଫେରେଇ ଆଣିବାକୁ ଦିନ ରାତି ଚେଷ୍ଟା କଲେ। ଚିକିତ୍ସାର ଠିକ୍ ତିନି ଦିନ ପରେ ଅର୍ଥାତ୍ ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ମେ' ମାସ ୨୮ ତାରିଖ ସାଙ୍ଗ ବ୍ରାହ୍ମ ମୁହୂର୍ତ୍ତରେ ଏଇ ମହାନ ଆତ୍ମା ପରମ ଧାମ ପ୍ରାପ୍ତ କରିଥିଲେ। ତା' ପରଦିନ ଜ୍ୟେଷ୍ଠ ପୂର୍ଣ୍ଣିମା ଶନିବାର ଦିନ ସମବେତ ଜନତା ଓ ସାଧୁସନ୍ଥଙ୍କ ଉପସ୍ଥିତିରେ ତାଙ୍କର ପାର୍ଥିବ ଶରୀରକୁ ଆଶ୍ରମ ପରିସରରେ ଅବସ୍ଥିତ ଭୂଗର୍ଭରେ ଭଜନ କୀର୍ତ୍ତନ ଓ ଆଧାତ୍ମିକ ପରିବେଶ ମଧ୍ୟରେ ସମାଧିସ୍ଥ କରା ଯାଇଥିଲା।

ମହିମା ଧର୍ମର ଅନନ୍ୟ ଉପାସକ ସାଧୁ ଦୟାନିଧି ଦାସ ଆଜି ଆମ ଗହଣରେ ନାହାନ୍ତି। ମାତ୍ର ତାଙ୍କର ସାଧୁତା, କର୍ମନିଷ୍ଠା, ମହିମା ଧର୍ମ ପ୍ରତି ଅଖଣ୍ଡ ଆନୁଗତ୍ୟ ମହିମା ଆଶ୍ରିତ ବହୁ ସାଧୁ ସନ୍ଥ, ଜନସାଧାରଣ ଓ ବ୍ୟକ୍ତିବିଶେଷଙ୍କ ଆଦର୍ଶ ରୂପେ ଅମ୍ଳାନ ରହିଅଛି। ବିଶେଷତଃ ତାଙ୍କ ମଣିଷଗଢ଼ା କାରଖାନା 'ମହିମା ଜ୍ଞାନ ମନ୍ଦିର' ଅଗଣିତ ଆଗାମୀ ଭବିଷ୍ୟତ ବଂଶଧରଙ୍କ ଜୀବନ ଓ କର୍ମ ପ୍ରବାହକୁ ପ୍ରତ୍ୟହ ଦିବ୍ୟାୟିତ କରୁଛି।

**ଗ୍ରନ୍ଥସୂଚୀ**

୧. ବାବା ବିଶ୍ୱନାଥ (୧୯୫୯), ସତ୍ୟ ମହିମା ଧର୍ମ ପ୍ରତିପାଦକ, ତୃତୀୟ ସଂସ୍କରଣ, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର।
୨. ବାବା ବିଶ୍ୱନାଥ (୧୯୬୮), ଅଲେଖ ପରଂବ୍ରହ୍ମ ଦର୍ଶନମ୍ , ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର।
୩. ସାମନ୍ତରାୟ ସୁବାସ ଚନ୍ଦ୍ର (୨୦୨୫), ମହିମା ଧର୍ମର ଉପାସକ: ସାଧୁ ଦୟାନିଧି ଦାସ, ମହିମା ଆଶ୍ରମ, ପଟିଆ-ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୨୪।

ବ୍ରହ୍ମା ନିବାସ, ମହାବୀର ବିହାର
କଳାରହାଙ୍ଗ, କିଟ୍, ଭୁବନେଶ୍ୱର
ମୋ: ୯୪୩୭୬୮୪୫୯୨

# ଖଗୋଳ ବିଜ୍ଞାନୀ ନାର୍ଲିକର

ଅଦ୍ୟାବଧି ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟି ସଂପର୍କରେ ସବୁଠାରୁ ଗ୍ରହଣୀୟ ହୋଇ ରହିଛି ୧୯୨୭ ମସିହାରେ ବ୍ରିଟିଶ୍ ବୈଜ୍ଞାନିକ ଜର୍ଜେସ୍ ଲେମାଇଟ୍ରାଙ୍କ ଦ୍ୱାରା ପ୍ରସ୍ତାବିତ ବ୍ରହ୍ମ ବିସ୍ଫୋଟ ମତବାଦ (ବିଗ୍ ବ୍ୟାଙ୍ଗ୍ ଥିଓରୀ)। ଏଥି ଅନୁଯାୟୀ ଅତ୍ୟନ୍ତ ସାନ୍ଦ୍ର ଏବଂ ଉତ୍ତପ୍ତ ଅବସ୍ଥାରେ ଘଟିଥିବା ଏକ ବିସ୍ଫୋରଣ ଫଳରେ ଏହା ସଂପ୍ରସାରିତ ହେବାକୁ ଲାଗିଲା ଏବଂ ଏବେ ମଧ୍ୟ ତାହା ହୋଇ ଚାଲିଛି। ତେବେ, ୧୯୬୪ ମସିହାରେ ଏହାର ବିକଳ୍ପ ରୂପେ ଅନ୍ୟ ଏକ ମତବାଦର ଉପସ୍ଥାପନା କଲେ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟର ଫ୍ରେଡ ହଏଲ୍ ଏବଂ ତାଙ୍କ ଛାତ୍ର ହୋଇଥିବା ଯୁବ ଭାରତୀୟ ଜୟନ୍ତ ବିଷ୍ଣୁ ନାର୍ଲିକର,



ରମେଶ ଚନ୍ଦ୍ର ପରିଡ଼ା

ଯାହାଙ୍କର ଦେହାନ୍ତ ଘଟିଛି ଗତ ମେ' ମାସ ୧୯ ତାରିଖ (୨୦୨୫) ଦିନ।

ଫ୍ରେଡ୍- ନାର୍ଲିକର ମତବାଦ ରୂପେ ନାମିତ ଏଥି ଅନୁସାରେ ବିଶ୍ୱ ବ୍ରହ୍ମାଣ୍ଡ ଏହିପରି ଥିଲା ଏବଂ ତାହା ସଂପ୍ରସାରିତ ହୋଇ ଚାଲିଥିବ। କୌଣସି ବିସ୍ଫୋରଣ ଫଳରେ ପ୍ରାୟତଃ ଶୂନ୍ୟତା ମଧ୍ୟରୁ ତାହାର ସୃଷ୍ଟି ହୋଇନାହିଁ। ତେବେ, ବର୍ତ୍ତମାନ 'ପୃଷ୍ଠଭୂମି ବିକିରଣ' ନାମକ ଏକ ମହାଜାଗତିକ ବିକିରଣର ଆବିଷ୍କାର ଫଳରେ 'ବ୍ରହ୍ମ ବିସ୍ଫୋଟ' ମତବାଦର ସାରତା ପ୍ରମାଣିତ ହୋଇଛି। ତଥାପି ତାଙ୍କର ଭିନ୍ନ ମତ ପାଇଁ ଫ୍ରେଡ୍ ଏବଂ ନାର୍ଲିକର ବିଜ୍ଞାନ ଇତିହାସରେ ଏକ ସ୍ଥାୟୀ ସ୍ଥାନ ଅଧିକାର କରି ରହିଛନ୍ତି।

ନାର୍ଲିକର ମହାରାଷ୍ଟ୍ରର କୋହ୍ଲାପୁରଠାରେ ୯ ଜୁଲାଇ ୧୯୩୮ରେ ଜନ୍ମଲାଭ କରିଥିଲେ। ତାଙ୍କ ପିତା ପ୍ରଫେସର ବିଷ୍ଣୁ ବାସୁଦେବ ନାର୍ଲିକର ଜଣେ ପଦାର୍ଥ ବିଜ୍ଞାନ ପ୍ରଫେସର ରୂପେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟଠାରେ କାର୍ଯ୍ୟରତ ଥିଲେ ଏବଂ ମାତା ଶ୍ରୀମତୀ ସୁମତୀ ଥିଲେ ଜଣେ ସଂସ୍କୃତ ଭାଷାବିତ୍। ବାରାଣସୀସ୍ଥିତ କେନ୍ଦ୍ରୀୟ ହିନ୍ଦୁ ବାଳକ ବିଦ୍ୟାଳୟରୁ ଶିକ୍ଷା ସମାପନ ପରେ ଜୟନ୍ତ ୧୯୫୭ ମସିହାରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ବିଜ୍ଞାନରେ ସ୍ନାତକ ଉପାଧି ପ୍ରାପ୍ତ ହୋଇଥିଲେ। ତତ୍ପରେ ସେ ୧୯୫୯ ମସିହାରେ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରୁ ଉଚ୍ଚତର ଶିକ୍ଷା ଲାଭ କଲେ ଏବଂ ସେଠାର ପ୍ରଫେସର ଫ୍ରେଡ୍ ହଏଲ୍‌ଙ୍କ ତତ୍ତ୍ୱାବଧାନରେ ତାତ୍ତ୍ୱିକ ବିଶ୍ୱ ବ୍ରହ୍ମାଣ୍ଡୀୟ ବିଜ୍ଞାନ ଉପରେ ଗବେଷଣା କରି ୧୯୬୩ ମସିହାରେ ଡକ୍ଟରେଟ୍ ଡିଗ୍ରୀ ହାସଲ କଲେ।


ଏହାପରେ ସେ କିଙ୍ଗସ୍ କଲେଜରେ ଫେଲୋ ରୂପେ ଯୋଗ ଦେଇ ଏବଂ ଜ୍ୟୋତିର୍ବିଜ୍ଞାନ ଓ ଖଗୋଳ ପଦାର୍ଥ ବିଜ୍ଞାନରେ ୧୯୬୪ ମସିହାରେ ଉଚ୍ଚତର ଡିଗ୍ରୀ ହାସଲ କଲେ। ଇତି ମଧ୍ୟରେ ଫ୍ରେଡ୍ ହଏଲ୍ କେମ୍ବ୍ରିଜ୍‌ଠାରେ ତାତ୍ତ୍ୱିକ ଜ୍ୟୋତିର୍ବିଜ୍ଞାନ ପ୍ରତିଷ୍ଠାନ (ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଥିଓରିଟିକାଲ ଆଷ୍ଟ୍ରୋନୋମି) ପ୍ରତିଷ୍ଠା କଲେ। ନାର୍ଲିକର ଥିଲେ ଏହାର ଜଣେ ପ୍ରତିଷ୍ଠାତା ସଦସ୍ୟ।

ନାର୍ଲିକରଙ୍କ ଗବେଷଣାରେ ଅନ୍ତର୍ଭୁକ୍ତ ଥିଲା 'ମାଚ୍‌ଙ୍କ ତତ୍ତ୍ୱ'। ଦାର୍ଶନିକ ଏର୍ଣ୍ଣଷ୍ଟ ମାଚ୍‌ଙ୍କ ନାମାନୁସାରେ ଆଲବର୍ଟ ଆଇନ୍‌ଷ୍ଟାଇନ୍ ନାମିତ କରିଥିବା ଏହି ତତ୍ତ୍ୱ ତାଙ୍କ ସାଧାରଣ ଆପେକ୍ଷିକ ତତ୍ତ୍ୱରୁ ବିକଶିତ ହୋଇଥିଲା। ଏଥି ଅନୁଯାୟୀ ବିଶ୍ୱ ବ୍ରହ୍ମାଣ୍ଡର ପ୍ରତ୍ୟେକ ପିଣ୍ଡର ବସ୍ତୁତ୍ୱ ଅନ୍ୟଗୁଡ଼ିକ ସହିତ ଆନ୍ତଃପ୍ରତିକ୍ରିୟା ମାଧ୍ୟମରେ ପ୍ରଭାବିତ ହୁଏ। ହଏଲ ଏବଂ ନାର୍ଲିକର ଏହାକୁ ତାଙ୍କ ମତବାଦର ଅନ୍ତର୍ଭୁକ୍ତ କରିଥିଲେ।

ନାର୍ଲିକର ୧୯୭୨ ମସିହାରେ ଭାରତ ପ୍ରତ୍ୟାବର୍ତ୍ତନ କରି ଟାଟା ଇନଷ୍ଟିଚ୍ୟୁଟ୍ ଅଫ୍ ଫଣ୍ଡାମେଣ୍ଟାଲ୍ ରିସର୍ଚ୍ଚରେ ପ୍ରଫେସର ରୂପେ ଯୋଗ ଦେଲେ ଏବଂ ତାହାର ତାତ୍ତ୍ୱିକ ଖଗୋଳ ପଦାର୍ଥ ବିଜ୍ଞାନୀମାନଙ୍କ ନେତୃତ୍ୱ ନେଲେ। ତତ୍ପରେ ସେ ବିଶ୍ୱ ସାଂସ୍କୃତିକ ପରିଷଦର ପ୍ରତିଷ୍ଠାତା ସଦସ୍ୟ (୧୯୮୧) ଏବଂ ପୁନେସ୍ଥିତ 'ଇଣ୍ଟର-ୟୁନିଭର୍ସିଟି ସେଣ୍ଟର୍ ଫର୍ ଆଷ୍ଟ୍ରୋନୋମି ଏଣ୍ଡ୍ ଆଷ୍ଟ୍ରୋ-ଫିଜିକ୍ସ'ର ନିର୍ଦ୍ଦେଶକ (୧୯୮୮) ରୂପେ କାର୍ଯ୍ୟ ନିର୍ବାହ କରିବାକୁ ଲାଗିଲେ। ସେ ୧୯୯୪ରୁ ୧୯୯୭ ମଧ୍ୟରେ 'ଇଣ୍ଟରନ୍ୟାସନାଲ୍ ଆଷ୍ଟ୍ରୋନୋମିକାଲ୍ ୟୁନିଅନ କମିଶନ ଫର୍ କସ୍ମୋଲୋଜି'ର ଅଧ୍ୟକ୍ଷ ଏବଂ 'ନ୍ୟାସନାଲ୍ କାଉନସିଲ୍ ଫର୍ ଏଜୁକେସନାଲ୍ ରିସର୍ଚ୍ଚ ଏଣ୍ଡ ଟ୍ରେନିଂ'ର ମୁଖ୍ୟ ପଦବୀରେ ଅଧିଷ୍ଠିତ ହୋଇଥିଲେ।

ଜାତୀୟ ଏବଂ ଆନ୍ତର୍ଜାତିକ ସ୍ତରର ଗବେଷଣା ପତ୍ରିକାମାନଙ୍କରେ ବହୁ ସଂଖ୍ୟକ ଗବେଷଣା ପତ୍ର ପ୍ରକାଶ କରିବା ସହିତ ନାର୍ଲିକର ମଧ୍ୟ ଅନେକ ଜନପ୍ରିୟ ବିଜ୍ଞାନ, ସାହିତ୍ୟ, ବିଜ୍ଞାନଭିତ୍ତିକ ଉପନ୍ୟାସ, ଉପନ୍ୟାସ ଏବଂ କ୍ଷୁଦ୍ରଗଳ୍ପ ପୁସ୍ତକମାନ ରଚନା କରିଥିଲେ। ଏଗୁଡ଼ିକ ଥିଲା ଇଂରାଜୀ, ହିନ୍ଦୀ ଏବଂ ମରାଠୀ ଭାଷାରେ। ବିଜ୍ଞାନକୁ ଜନପ୍ରିୟ କରିବା ଲାଗି ତାଙ୍କର ପ୍ରବଳ ଶ୍ରଦ୍ଧାକୁ ଲକ୍ଷ୍ୟ କରି ପ୍ରସିଦ୍ଧ ଖଗୋଳ ବିଜ୍ଞାନୀ କାର୍ଲ ସାଗନ ତାଙ୍କ ଦୂରଦର୍ଶନ କାର୍ଯ୍ୟକ୍ରମ 'କସ୍‌ମସ୍; ଏ ପର୍ସନାଲ୍ ଭୟେଜ୍'ରେ ତାଙ୍କୁ ଉପସ୍ଥାପନା ଦାୟିତ୍ୱ ଅର୍ପଣ କରିଥିଲେ।

ବିଜ୍ଞାନ, ସାହିତ୍ୟ, ଶିକ୍ଷା ଏବଂ ଜନମଙ୍ଗଳ କ୍ଷେତ୍ରକୁ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ଲାଗି ସେ ଲାଭ କରିଛନ୍ତି ବହୁ ପୁରସ୍କାର ଏବଂ ସମ୍ମାନ। ସେଗୁଡ଼ିକ ମଧ୍ୟରେ ରହିଛି- ସ୍ମିଥ୍‌ସ୍ ପ୍ରାଇଜ୍




(୧୯୬୨), ପଦ୍ମଭୂଷଣ (୧୯୬୫), ରାଷ୍ଟ୍ରଭୂଷଣ (୧୯୮୧), ଆଡାମସ୍ ପ୍ରାଇଜ୍ (୧୯୬୭), ୟୁନେସ୍କୋ କଳିଙ୍ଗ ପୁରସ୍କାର (୧୯୯୨), ପଦ୍ମବିଭୂଷଣ (୨୦୦୪), ପ୍ରିକ୍ସ ଜୁଲେ ଜାନସେନ୍ (୨୦୦୪), ଇନ୍‌ଫୋସିସ୍ ପ୍ରାଇଜ (୨୦୦୯), ମହାରାଷ୍ଟ୍ର ଭୂଷଣ (୨୦୧୦), କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର (୨୦୧୪) ଏବଂ ଅନ୍ୟାନ୍ୟ ଅନେକ।

ନାର୍ଲିକର ବିବାହ କରିଥିଲେ ଗଣିତଜ୍ଞ ତଥା ଗବେଷିକା ପ୍ରଫେସର ମଙ୍ଗଳା ନାର୍ଲିକରଙ୍କୁ। ଗତ ୨୦୨୩ ମସିହା ଜୁଲାଇ ୧୭ ତାରିଖରେ ତାଙ୍କର ଦେହାନ୍ତ ଘଟିଛି। ଦିବଂଗତ ଏହି ସୁଯୋଗ୍ୟ ଦମ୍ପତିଙ୍କର ତିନି କନ୍ୟା ଗୀତା, ଗିରିଜା ଏବଂ ଲୀଳାବତୀ ଏବେ ଜଣେ ଜଣେ ସୁପ୍ରତିଷ୍ଠିତ ବୈଜ୍ଞାନିକା।

ପ୍ରାକ୍ତନ ପ୍ରଫେସର, ଉଷା ନିବାସ
୧୨୪/୨୪୪୫, ଖଣ୍ଡଗିରି ବିହାର
ଭୁବନେଶ୍ୱର, ମୋ: ୯୯୩୭୩୦୧୪୬୦

# କଥା ପାଇଁ ଲୋକହସା

ଆମ ଦେଶରେ ସବୁଠୁ ସହଜ କାମ ଭାବେ ବିବେଚନା କରାଯାଏ କାହାର ସମସ୍ୟା ଶୁଣି ହଠାତ୍ ଯାହା କିଛି ସମାଧାନର ବାଟ ବତାଇ ଦେବା। ଡାକ୍ତରୀ ପରାମର୍ଶ ବି ଦେଇଥାନ୍ତି ଅନେକାନେକ। ଯଦି କିଏବା କାହାକୁ କେଉଁଠି ଦେଖିଲେ କହନ୍ତି ନିଜ ସ୍ୱାସ୍ଥ୍ୟ ସମସ୍ୟାଜନିତ ଅସୁବିଧା କଥା, ତେବେ ଶୁଣିବା ଲୋକ ଚଟାପଟ୍ ରୋଗ ଉପଶମ ପାଇଁ ଔଷଧ ବତାଇ ଦିଅନ୍ତି। ଏୟା କରିବ ସେୟା କରିବ, ଦେଖିବ ତୁମ ସମସ୍ୟା ସମ୍ପୂର୍ଣ୍ଣ ଦୂର ହୋଇଯିବ। ଔଷଧ ବି ସଙ୍ଗେ ସଙ୍ଗେ ବତାଇ ଦିଅନ୍ତି ଅନୁପାନ ସହ। ଏ ଲେଖକ ବି ସେମିତି ଥରେ ଗତ ଶୀତ ଦିନେ ସକାଳ ବୁଲା ବେଳେ ଜଣକୁ ଗୋଡ଼ ଗୋଇଠି ଟିକେ ପୀଡ଼ା ହେଉଛି କହିବାରୁ ସେ ମହାଶୟ



ଧ୍ରୁବ ଚରଣ ଘିବେଲା

କହିଲେ, ଏଇଟା କିଛି ନୁହେଁ, ଛାଡ଼ିଯିବ। ତୁମେ କ'ଣ କରିବ ନା ସକାଳେ ପାଇଖାନା ଯାଇ ସାରିଲା ପରେ ବାମ୍ଫ ଉଠୁଥିବା ମଇଳା ଉପରେ ଗୋଇଠିକୁ ମାଡ଼ି ପାଞ୍ଚ ମିନିଟ ରଖିବ। ଦେଖିବ, ଗୋଇଠି ପୀଡ଼ା ସେମିତି କିଛି ଦିନ କଲେ ଆଉ ରହିବନି। ସେଇ ବୟସ୍କ ଲୋକଙ୍କୁ ହଁ ଆଜ୍ଞା କହି ସେମିତି କରି ନଥିଲି। ଯାହା କିଛି ସମସ୍ୟାରେ ଅନେକ ସେଘିଡ଼ି କେତେ ପରାମର୍ଶ ଦିଅନ୍ତି। ଯୋଗ ଆସନ କରିବାକୁ ବି କହନ୍ତି।

ଆକବର ଦିନେ ରାଜ ଦରବାରର ବିଦୂଷକ ବୀରବଲଙ୍କୁ ସେମିତି ଏକ ପ୍ରଶ୍ନ ପଚାରି ଥିଲେ- ବୀରବଲ, ଏ ଦୁନିଆରେ ସବୁଠୁ ସହଜ କ'ଣ? ବୀରବଲ ଆକବରଙ୍କୁ ନମ୍ରତାର ସହ ଉତ୍ତର ଫେରେଇ ଥିଲେ- ଜାହାଁପନା, କାହାର କଥା ନ ସରୁଣୁ ଯାହା କିଛି ପରାମର୍ଶ ଦେବା। ସ୍ୱାସ୍ଥ୍ୟ ସମ୍ପର୍କିତ ସମସ୍ୟା ପାଇଁ ଅମୁକ ଦେଶୀ (ଆୟୁର୍ବେଦିକ), ସମୁକ ବିଦେଶୀ (ଏଲୋପାଥିକ) ଔଷଧ ବ୍ୟବହାର ପାଇଁ କହିବା। ଏହାର ପ୍ରମାଣ ବି ମୁଁ ଆପଣଙ୍କ ଆଗରେ ପେଶ୍ କରି ପାରିବି ଦୁଇ ତିନି ଦିନ ସମୟ ଦିଆଗଲେ। ଦିନେ ଖରା ସମୟରେ ବୀରବଲ କମ୍ବଳ ଘୋଡ଼ିହୋଇ ଦିଲ୍ଲୀ ରାଜରାସ୍ତା କଡ଼ରେ ବସିଲେ। ବୀରବଲଙ୍କୁ ଚିହ୍ନିପାରି ଯିଏ ପଚାରିଲା ବୀରବଲ ଦେହ ଖରାପ କହିବାରୁ ସେ ମହାଶୟ ବତାଇଲେ ଔଷଧ। ଚତୁର ବୀରବଲ ପ୍ରମାଣ ଯୋଗାଡ଼ କରିବା ପାଇଁ ଖାତା ସହ କଲମ ବଢ଼ାଇ ଦେଇ ଔଷଧ ବିବରଣୀ ଖାତାରେ ଲେଖି ଦେବା ପାଇଁ ଅନୁରୋଧ କରୁଥିଲେ। ଏମିତି ଅନେକାନେକ ନାନା ପରାମର୍ଶ ଲେଖି ଦେଉଥିଲେ ଖାତା ଦେହରେ। ସେମିତି ଡାକ୍ତରୀ ପରାମର୍ଶ ଲେଖିଥିବା ବ୍ୟକ୍ତିବିଶେଷଙ୍କ ଭିତରେ ଥିଲେ ରାଜ ଦରବାରର କିଛି ମନ୍ତ୍ରୀ, କର୍ମଚାରୀ, ନଗରର ବହୁ ବିଶିଷ୍ଟ ବ୍ୟକ୍ତି। ସେଇ ଲିଖିତ ପ୍ରମାଣ ପେଶ୍ କଲା ପରେ ଆକବର ବୀରବଲଙ୍କ ପ୍ରଖର ବୁଦ୍ଧିମତ୍ତାର ଭୂୟସୀ ପ୍ରଶଂସା କରିଥିଲେ।

ତେବେ ଅନେକ ପ୍ରସଙ୍ଗରେ ଅନ୍ୟଙ୍କୁ ପରାମର୍ଶ ଦେବା ଅତି ସହଜ। ଖାଲି ସ୍ୱାସ୍ଥ୍ୟ କଥା ନୁହେଁ, ଯେ କୌଣସି କଥାରେ ଯାହା ହେଲେ କଥା ରଖିଥାନ୍ତି ଅନେକ ଲୋକ। ଯେମିତି ସବୁଥିରେ ତାଙ୍କର ଥାଏ ଦଖଲ! ଦକ୍ଷତା। କିଛି କଥାରେ କହନ୍ତି; ବାର୍ତ୍ତା ରଖନ୍ତି। କିଏ କିଏ ନିଜ ଲେଖାରେ ପରାମର୍ଶ ଥୋଇଥାନ୍ତି। କିଛିଦିନ ତଳେ ଗୋଟେ କାଗଜରେ ଜଣେ ଲେଖକ ଲେଖିଥିଲେ ତାଙ୍କ ମାଆଙ୍କ ସେବା ଏଇ କିଛିଦିନ ହେଲା କରିବାରୁ ତାଙ୍କର ହାତର ବାତ ସମସ୍ୟା ଦୂର ହୋଇ ଯାଇଛି। ସେଇଥିପାଇଁ ଆଗରୁ ତାଙ୍କୁ ଫିଜିଓଥେରାପି କରିବାକୁ ପଡୁଥିଲା। ମାଆଙ୍କ ସେବା କଲା ପରେ ଖାଲି ହାତ ସମସ୍ୟା ଦୂର ହୋଇନାହିଁ, ପୂରା ଗୋଟାମୋଟା ସୁସ୍ଥ ସେ ହୋଇ ଯାଇଛନ୍ତି। ଏହା ପଢ଼ିଲା ପରେ ଏ ଲେଖକ ମନରେ ପ୍ରଶ୍ନବାଚୀ ତଥା ସଂଶୟ ସୃଷ୍ଟି ହୋଇଥିଲା- ତେବେ ଆଗରୁ ସେ କାହିଁକି ନିଜ ମାଆଙ୍କ ସେବା କରୁ ନଥିଲେ? ଖୁବ୍ ବିଳମ୍ବରେ ମାଆଙ୍କ ସେବା କଲେ କାହିଁକି? ତା' ପରେ ତାଙ୍କର ଅନୁଭବର ବାସ୍ତବତା ନେଇ ପରୀକ୍ଷା ବାଞ୍ଛନୀୟ। ସେ କଥାର ସତ୍ୟତା କେତେ? ମାଆ ସେବା କରିବା ସୁନ୍ଦର କଥା। ପୁଅର କର୍ତ୍ତବ୍ୟ ଓ ଦାୟିତ୍ୱ ମଧ୍ୟ ବାପାମାଆଙ୍କ ସେବା କରିବା, ବାପାମାଆଙ୍କୁ ସେବା ଦେବା। ଏଥିରେ ପ୍ରଚାର ପ୍ରସାରର ଆବଶ୍ୟକତା ରହି ନଥାଏ।

ତେବେ ସେବାର ବିଜ୍ଞାପନ କରାଯିବା ଅନୁଚିତ। ଯିଏ ସେବା ଦିଏ ବୋଲି ଡେଙ୍ଗୁରା ପିଟେ, ସେ ସେବା ଦେବାର ମୂଲ୍ୟ ରହି ନଥାଏ। ପ୍ରକୃତରେ ଯେତେ ସେବା କଲେ ବି ପୁଅ ଝିଅଙ୍କ ପାଇଁ ବାପାମାଆଙ୍କ ଋଣରୁ ସମ୍ପୂର୍ଣ୍ଣ ମୁକ୍ତି ପାଇବା ଗୋଟେ ଜନ୍ମରେ ସମ୍ଭବ ନୁହେଁ। ସମ୍ଭବ ହୋଇ ନପାରେ। ସେବା ଦେବା ଏକ ପୁଣ୍ୟ କାମ ନିଶ୍ଚୟ। ହେଲେ ମାତ୍ର କେଇ ଦିନର ମାତୃସେବାରେ ସେବକ ବୋଲାଇ ହେବାର ବୈକଲ୍ୟରେ ସେବକ ସମ୍ପୂର୍ଣ୍ଣ ଭଲ ହୋଇଯିବା କଥା କହିବା ହାସ୍ୟାସ୍ପଦ ଲାଗେ। ତା'ହେଲେ ତ ବାପାମାଆଙ୍କ ସେବା ସବୁ ପୁଅ କରନ୍ତେ, କାହାକୁ, ମାନେ କୌଣସି ବାପାମାଆଙ୍କୁ ଆଉ ଅବହେଳିତ ହେବାକୁ ପଡ଼ନ୍ତା ନାହିଁ। ଜରା ନିବାସ ମୁହାଁ ହୁଅନ୍ତେ ନାହିଁ କୌଣସି ବାପାମାଆ।

ପୁଣି ଲେଖକ ଲେଖନ୍ତି, ମାନେ ସେ କହନ୍ତି। ପାଠକ ଲେଖା ପଢ଼ିଲା ବେଳେ ଯେମିତି ଖୋଦ୍ ଲେଖକ ସହ କଥୋପକଥନ କରନ୍ତି। ଲେଖକ ଓ ପାଠକ ରୀତିମତ କଥାବାର୍ତ୍ତା ହୁଅନ୍ତି। ଲେଖକ




ଲେଖନ୍ତି ବୋଲି ଇଆଡୁ ସିଆଡୁ ଲେଖି ଦେଲେ କେମିତି ହେବ! ସବୁ କାଳରେ ଯେମିତି ପରାମର୍ଶ ଦେବା ଗୋଟେ ସହଜ କାମ ବୋଲି ବିବେଚିତ ହୋଇ ଆସିଛି, ଆଜି ବି ସେଇ ପରାମର୍ଶ ଦେବା ଥମି ଯାଇ ନାହିଁ। ଲେଖକ ଯଦି କେହି ଲେଖା ଭିତରେ ସେବା ଦେବା ନେଇ ଗାଲୁ ଗପ ଅବତାରଣା କରନ୍ତି, ତାହା ଦୁର୍ଭାଗ୍ୟଜନକ। ଖବରକାଗଜ ପୃଷ୍ଠାର କିଛି ଅଂଶ ସ୍ଥାନ ସେଇ ଗାଲୁ ଗପର ଲେଖା ଅଯଥା ଦଖଲ କରି ନେଇଥାଏ। ଯେ କେହି ପରାମର୍ଶ ଦେବା ଓ ଜଣେ ଲେଖକ ଲେଖା ଭିତରେ ଗୋଟେ କାଗଜରେ ପରାମର୍ଶ ଦେବା ଭିତରେ ଫରକ ଥାଏ। ତେଣୁ ଲେଖକ ବୁଝି ବିଚାରି ବିଜ୍ଞ ସମୁଚିତ ପରାମର୍ଶ ରଖିବା ଉଚିତ। ପୁଣି ସାଧାରଣ ବ୍ୟକ୍ତିଠୁ ଲେଖକଙ୍କ ପରିଚୟ ଅଲଗା ଥାଏ ନିଶ୍ଚୟ। ଲେଖା କଥା ପାଇଁ ଲେଖକ କୌଣସି ସ୍ଥିତିରେ ଲୋକହସା ନହେବା ଚାହିଁ।

ବଉଦରାଜ, ଜି- ବୌଦ୍ଧ
ମୋ: ୯୪୩୭୪୭୮୪୬୬

## କେନାଲ ନବୀକରଣରେ ଅନିଶ୍ଚିତତା

# ଆସିଲା ମୌସୁମୀ, ପାଣି ଛାଡ଼ିବାରେ ବିଳମ୍ବ ଆଶଙ୍କା



**କେନ୍ଦ୍ରାପଡ଼ା,୭।୬/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା କେନାଲ ନବୀକରଣରେ ଅନିଶ୍ଚିତତା ଦେଖିବାକୁ ମିଳିଛି। ଚଳିତ ବର୍ଷ ଓସେସର ମାସରୁ ଆଜି ଯାଏଁ ଅଧା ହୋଇ ପଡ଼ିଥିବା ଏହି କେନାଲର କାର୍ଯ୍ୟ କରାଗଲା ନାହିଁ। ମୌସୁମୀ ପ୍ରାୟ ଆସିଥିବା ଉପରେ। ଯେଉଁ କାମ ହୋଇଅଛି ସେଥିରେ ଦଳ ଉଠି ହୋଇଗଲାଣି। ପ୍ରାୟ ୨୬ କୋଟି ଟଙ୍କା କାମର ସୂଚନା ଫଳକ ନାହିଁ। କାମ ହେଉଥିବା ସମୟରେ କୌଣସି ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ରହୁନଥିବା ସାଧାରଣ ଲୋକେ ଅଭିଯୋଗ କରୁଛନ୍ତି। ଜଳସେଚନ ବିଭାଗ ହେଉଥିବା ଏହି କାର୍ଯ୍ୟର ଶେଷ ହେବା ନେଇ ଅନିଶ୍ଚିତତା ଦେଖାଦେଇଛି। ଏହି ନବୀକରଣ କାର୍ଯ୍ୟ ୨୦୨୨ ମସିହା ମଇ ମାସ ୬ ତାରିଖରେ ଆରମ୍ଭ ହୋଇ ୨୦୨୩ ମସିହା ନଭେମ୍ବର ମାସ ସୁଦ୍ଧା ଶେଷ ହେବ ବୋଲି ଧାର୍ଯ୍ୟ ସମୟ ରହିଥିଲା। କିନ୍ତୁ ବର୍ତ୍ତମାନ ସୁଦ୍ଧା ଅଧା କାର୍ଯ୍ୟ ବି ସରିନାହିଁ। କାକଟ ଲକ୍ ଠାରୁ ନାଗୋ ସୋରୁମ୍ ୩ କି.ମି ଦୀର୍ଘ ଏହି କେନାଲ ନବୀକରଣରେ ୨୬ କୋଟି ରାଜ୍ୟସରକାରଙ୍କ ବ୍ୟୟ ବରାଦ କରିଛନ୍ତି। କେନ୍ଦ୍ରାପଡା ସହରର ୧୯ଟି ଡ୍ରେନ୍‌ର ବର୍ଜ୍ୟବସ୍ତୁ ଏହି କେନାଲରେ ଛଡାଯିବା ଯୋଗୁଁ କେନାଲ ପାଣି କାରବାର ଉପଯୋଗୀ ହେଉନାହିଁ। ଏହି କେନାଲ ସହରର ୫ଟି ୱାର୍ଡ଼ର ଲୋକେ ନିର୍ଭର କରୁଥିବାବେଳେ ସହରର ଘରର ବର୍ଜ୍ୟବସ୍ତୁ ଓ ଶୌଚାଳୟ ପାଣି କେନାଲ ଭିତରକୁ ପ୍ରବେଶ କରିବା ଯୋଗୁଁ କୃଷିକାର୍ଯ୍ୟରେ ଏହି ପାଣି ଉପଯୁକ୍ତ ହୋଇପାରୁନାହିଁ। ଫଳରେ ବିଷାକ୍ତ ଓ ରାସାୟନିକ ଜନିତ ଉଦ୍ଭିଦ ଏହି କେନାଲ ମଧ୍ୟରେ ସୃଷ୍ଟି ହେଉଛି। କେନାଲ ଉପରେ ନିର୍ଭର କରୁଥିବା ତଳ ମୁଣ୍ଡର ୧୦ଟି ପଞ୍ଚାୟତର ୪୦ ରୁ ଉର୍ଦ୍ଧ୍ୱ ଗ୍ରାମର ୧୫ ହଜାରରୁ ଉର୍ଦ୍ଧ୍ୱ ଋଷୀ ଏବଂ ସାଧାରଣ ଲୋକେ ନାନା ଅସୁବିଧା ଭୋଗ କରୁଛନ୍ତି। କେନାଲ ଜଳର ସ୍ରୋତର ବେଗକୁ ବୃଦ୍ଧି କରିବା ପାଇଁ କେନାଲର ଓସାର ୧୪ ମି. ରୁ ୭.୧୫ ମି. କୁ ହ୍ରାସ କରାଯାଇଛି। ଏଥିସହିତ କେନାଲର ଉଭୟ ପଟରେ କଂକ୍ରିଟ ୱାଲ୍ ସହିତ ୩ କି.ମି କେନାଲ ଶଯ୍ୟାକୁ କଂକ୍ରିଟ କରାଯିବା ପାଇଁ ବ୍ୟବସ୍ଥା ମଧ୍ୟ କରାଯାଇଛି। କେନାଲର ଦୁଇ ପାର୍ଶ୍ୱରେ କଂକ୍ରିଟ ୱାଲ ନିର୍ମାଣ କରାଯାଇ ବାହାରର ବର୍ଜ୍ୟବସ୍ତୁ ଏବଂ ଦୂଷିତ ପାଣି କେନାଲ ଭିତରକୁ ପ୍ରବେଶ ନ କରିବାର ବ୍ୟବସ୍ଥା କରାଯିବା ସହିତ କେନାଲ ଠାରୁ କେନାଲ ବନ୍ଧ ରାସ୍ତାକୁ ଅଲଗା କରାଯିବାର ବ୍ୟବସ୍ଥା କରାଯାଇଛି। କେନାଲ ନବୀକରଣ ପାଇଁ ୧୯ଟି ଗାଇଡଲାଇନ୍ ରଖାଯାଇଛି। କିନ୍ତୁ ସମ୍ପୃକ୍ତ ଠିକାଦାର ଗାଇଡଲାଇନକୁ ଉଲ୍ଲଂଘନ କରି ମନମୁଖୀ କାର୍ଯ୍ୟ କରୁଥିବାର ଅଭିଯୋଗ ହୋଇ ଆସୁଥିଲା। କିନ୍ତୁ ଠିକାଦାର ଜଣକ ବିଭାଗୀୟ ଅଧିକାରୀଙ୍କୁ ଧରି କାର୍ଯ୍ୟରେ ଅନିୟମିତତା କରୁଛନ୍ତି। ଏପରିକି ରାତିରେ କେନାଲ କାମ ହେବାର ନିୟମ ନଥିବାବେଳେ ଠିକାଦାର ଜଣକ ରାତିରେ ମଧ୍ୟ କେନାଲ କାର୍ଯ୍ୟ କରୁଥିବାର ଦେଖିବାକୁ ମିଳିଥିଲା। ଏ ନବୀକରଣ କାର୍ଯ୍ୟ ତଦାରଖ କରିବା ପାଇଁ ଜଣେ ଅଭିଜ୍ଞତା ଥିବା ଜଳସେଚନ ବିଭାଗର ଇଞ୍ଜିନିୟରଙ୍କୁ ନିଯୁକ୍ତି ପାଇଁ ବିଭାଗୀୟ ନିର୍ଦ୍ଦେଶ ଥିବାବେଳେ ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ଏହାର ଦାୟିତ୍ୱ ଦିଆଯାଇଛି। ଯାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି କେନାଲର ନବୀକରଣ କାର୍ଯ୍ୟ କେବେ ସରିବ ତାହା ବିଭାଗୀୟ ଅଧିକାରୀଙ୍କ ନିକଟରେ ସଠିକ ତଥ୍ୟ ନାହିଁ। ଆସନ୍ତା ମୌସୁମୀ ପୂର୍ବରୁ ଏହାର ନବୀକରଣ କାର୍ଯ୍ୟ ସରିବା ନେଇ ସନ୍ଦେହ ପ୍ରକାଶ ପାଇଛି। ବର୍ତ୍ତମାନ ସୁଦ୍ଧା ୩ କି.ମି ରୁ ଅଧା କାର୍ଯ୍ୟ ମଧ୍ୟ ଶେଷ ହୋଇନଥିବା ଜଣାପଡିଛି। ତେଣୁ ତୁରନ୍ତ ମୌସୁମୀ ପୂର୍ବରୁ ଏହି କେନାଲ ନବୀକରଣ କାର୍ଯ୍ୟ ଶେଷ କରିବାକୁ ସାଧାରଣରେ ଦାବୀ ହେଉଛି। ସହରର ବଳଦେବ ହାଇସ୍କୁଲ ନିକଟରୁ କାକଟ ଲକ୍ ଯାଏଁ ପ୍ରାୟ ୧ କିଲୋମିଟର କାର୍ଯ୍ୟ ବର୍ତ୍ତମାନ ସୁଦ୍ଧା ଆରମ୍ଭ ହୋଇନାହିଁ। ରାସ୍ତାର ଉଭୟ ପାର୍ଶ୍ୱରେ କିଛି ଘର ଏବଂ ବ୍ୟବସାୟ ପ୍ରତିଷ୍ଠାନ ଜବରଦଖଲରେ ଥିବା ଯୋଗୁଁ ଏହା ନିର୍ମାଣ କାର୍ଯ୍ୟରେ ସମସ୍ୟା ଦେଖାଦେଉଛି। ଏଥିସହିତ କେନାଲର ଉଭୟପାର୍ଶ୍ୱରେ ଥିବା ବସ୍ତିଗୁଡିକର ଆବର୍ଜନା ପାଣି ନିଷ୍କାସନ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ କେନାଲ କାର୍ଯ୍ୟ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରୁଥିବାରୁ ଏହାର କାର୍ଯ୍ୟ ଅଟକିଛି ବୋଲି ଜଳସେଚନ ବିଭାଗ ପକ୍ଷରୁ କୁହାଯାଇଛି। ନିୟମାନୁସାରେ ଜିରୋ ପଏଣ୍ଟ ଅର୍ଥାତ କାକଟ ଲକ୍ ଠାରୁ କାମ ହେବାର ସରକାରୀ ନିୟମ ଥିବାବେଳେ ଠିକାଦାର ତାହାକୁ ଉଲ୍ଲଂଘନ କରି ଏହ ପଏଣ୍ଟରୁ କାମ କରାଇ ଚାଲିଛନ୍ତି। ଯେଉଁ କାମ କରାଯାଇଛି ସେଥିରେ ମଧ୍ୟ ୱାଲର ଉଭୟକଡରେ ମାଟି ଫିଙ୍ଗା ହୋଇନାହିଁ। ତେଣୁ ତୁରନ୍ତ ଆସନ୍ତା ମୌସୁମୀ ପୂର୍ବରୁ ଏହି କେନାଲରୁ ଦଳ ସଫା କରି ପାଣି ଛାଡିବାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି। ଏ ବିଷୟରେ ବିଭାଗୀୟ ଅଧିକ୍ଷଣଯନ୍ତ୍ରୀ ଉମେଶ ସେଠୀଙ୍କ ସହିତ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କର ପ୍ରତିକ୍ରିୟା ମିଳିପାରି ନାହିଁ।

## ବାଲି ବୋଝେଇ ଟ୍ରାକ୍ଟର ଜବତ

**ଧର୍ମଶାଳା,୭।୬/ଏନ୍ଏନ୍ଏସ୍:** ଧର୍ମଶାଳା ଅଞ୍ଚଳରେ ଦିନକୁ ଦିନ ଆଇନ ସୃଙ୍ଖଳା ପରିସ୍ଥିତି ବିଗିଡିବାରେ ଲାଗିଛି। ପୁଲିସ ପ୍ରତି ସାଧାରଣ ଲୋକଙ୍କ ରହିଥିବା ଭୟ ଏବେ ଆଉ ଦେଖିବାକୁ ମିଳୁନାହିଁ। ଧର୍ମଶାଳା ଅଞ୍ଚଳରେ ଏହଭଳି ପରିସ୍ଥିତି ଅଧିକ ଦେଖିବାକୁ ମିଳୁଛି । ଗତକାଲି ଦିନ ବେଳା ଏହି ଥାନା ଭବାନୀପୁର ଘାଟରୁ ଏକ ବେଆଇନ ବାଲି ବୋଝେଇ ଟ୍ରାକ୍ଟରକୁ ପୁଲିସ ଜବତ କରି ଥାନା ପରିସରରେ ଆଣି ରଖିଥିଲା। ହେଲେ ଗତକାଲି ରାତିରେ ପୁଲିସ ପେଟ୍ରୋଲିଂରେ ଯାଇଥିବା ବେଳେ ଦୁର୍ବୃତ୍ତମାନେ ଥାନା ପରିସରରେ ରହିଥିବା ବାଲି ବୋଝେଇ ଟ୍ରାକ୍ଟରକୁ ନେଇ ଫେରାର ହୋଇଯାଇଥିଲେ। ଏହି ସମୟରେ ପୁଲିସ ଖବର ପାଇ ବାଲି ଟ୍ରାକ୍ଟର ପିଛା କରି ବ୍ରାହ୍ମଣୀ ନଦୀ ବନ୍ଧରୁ ଟ୍ରାକ୍ଟରଟିକୁ ଜବତ କରିଥିବା ବେଳେ ଘଟଣା ସ୍ଥଳରୁ ଟ୍ରାକ୍ଟର ଚାଳକ ଓ ଅନ୍ୟ ଦୁର୍ବୃତମାନେ ଫେରାର ହୋଇଯାଇଥିବା ଜଣାପଡିଛି। ତେବେ ଥାନା ଭିତରେ ସିଜ ହୋଇ ରହିଥିବା ବାଲି ବୋଝେଇ ଟ୍ରାକ୍ଟକୁ ଦୁର୍ବୃତମାନେ ସାହାସ ଜୁଟାଇ ନେବାକୁ ଉଦ୍ୟମ କରିବା ଘଟଣା ସମଗ୍ର ଯାଜପୁର ଜିଲ୍ଲାରେ ଏକ ଚର୍ଚ୍ଚାର ବିଷୟ ହୋଇଛି। ଥାନା ଭିତରୁ ଗାଡି ନେଇଯିବା ପରେ ସାଧାରଣ ଲୋକଙ୍କ ପୁଲିସ ଉପରେ ଆସ୍ଥା ତୁଟିବାରେ ଲାଗିଛି ।

## ଡେରାବିଶ ପଞ୍ଚାୟତସମିତିର ସପ୍ତମ ସାଧାରଣ ଅଧିବେଶନ




**ଚାନ୍ଦୋଳ,୭।୬/ଏନ୍ଏନ୍ଏସ୍:** ଡେରାବିଶ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଆଜି ସମିତିର ସପ୍ତମ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧକ୍ଷା ପ୍ରଭାତି ମଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ । ଏହି ଅଧିବେଶନରେ ସମ୍ମାନିତ ଅତିଥିଭାବେ ବ୍ଲକ ଉପାଧକ୍ଷ ଦେବାଶିଷ ଆଚାର୍ଯ୍ୟ, ଜିଲ୍ଲା ପରିଷଦ ସଦସ୍ୟ ଅରବିନ୍ଦ ମଲିକ, ଓ ଧନେଶ୍ୱର ସେଠୀ, ସାଂସଦଙ୍କ ପ୍ରତିନିଧି ମନିଷା ପଣ୍ଡା, ବିଡ଼ିଓ ନମିତା ବାରିକ, ତହସିଲଦାର ସରୋଜକାନ୍ତ ନାୟକ ପ୍ରମୁଖ ଯୋଗଦେଇ ଉପସ୍ଥିତ ହୋଇ ପଞ୍ଚାୟତ ସମିତିର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିବା ସହିତ ଆଗକୁ କିପରି ସମିତି ଅନ୍ତର୍ଗତ ବିଭିନ୍ନ ପଂଚାୟତ ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମ କରାଯିବ ତାର ଖସଡ଼ା ପ୍ରସ୍ତୁତ କରିଥିଲେ। ବୈଠକରେ ପ୍ରଥମେ ବିଡିଓ ଶ୍ରୀମତୀ ବାରିକ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ବୈଠକର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ପରେ ଜିପିଓ ନନ୍ଦିନୀ ଶତପଥି ପୂର୍ବ ବୈଠକର ବିବରଣୀ ପଠନ ସହ ଏହାର ଦୃଢ଼ୀକରଣ କରାଇଥିଲେ। ବୈଠକରେ ବ୍ଲକ୍ ଉପାଧକ୍ଷ ଶ୍ରୀ ଆଚାର୍ଯ୍ୟ ତାଙ୍କ ଅଭିଭାଷଣରେ ପଲେଇ ପଞ୍ଚାୟତରେ ସରପଞ୍ଚଙ୍କ ଅଜ୍ଞାତରେ ଖାଉଟି ସାମଗ୍ରୀ ବଣ୍ଟନ, ମନରେଗା କାର୍ଯ୍ୟ ହେଉଥିବା ସମ୍ବନ୍ଧରେ କ୍ଷୋଭ ପ୍ରକାଶ କରିଥିଲେ। ପରେ ପୂର୍ବତନ ବ୍ଲକ୍ ଅଧକ୍ଷ ସରୋଜକାନ୍ତ ସାହୁ ବେଣିପୁରରେ ହେବାକୁଥିବା ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରର ନିର୍ମାଣ କାର୍ଯ୍ୟ ହେଉନଥିବା ନେଇ କ୍ଷୋଭ ପ୍ରକାଶ କରିଥିଲେ। ସେହିପରି ହରିଅଙ୍କ ସରପଞ୍ଚ କନକଲତା ପ୍ରଧାନ ତାଙ୍କ ପଞ୍ଚାୟତକୁ ବଦଳି ହୋଇ ଆସିଥିବା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଦୁଲାସିସ ଗୁପ୍ତାଙ୍କ ବଦଳୀ ଆଦେଶକୁ ରଦ୍ଦ କରିବା ପାଇଁ ବୈଠକରେ ଦାବି କରିଥିଲେ। ପରେ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମରେ ଡେରାବିଶ ୨୬ଟି ପଞ୍ଚାୟତ ପାଇଁ ୩ କୋଟି ୫୧ ଲକ୍ଷ ଟଙ୍କାର ବିଭିନ୍ନ ପ୍ରକଳ୍ପ ନିର୍ମାଣ ପାଇଁ ଚିଠା କରାଯାଇଥିବା ସମ୍ପର୍କରେ ବିଡିଓ ଶ୍ରୀମତୀ ବାରିକ ପ୍ରକାଶ କରିଥିଲେ। ସେହିପରି ଆନ୍ତୋଦୟ ଗୃହ ଯୋଜନାରେ ଡେରାବିଶ ବ୍ଲକ୍‌ର ୧୧୬ ଜଣ ହିତାଧିକାରୀଙ୍କୁ ଗୃହ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିବା ମଧ୍ୟ ବିଡିଓ ପ୍ରକାଶ କରିଥିଲେ। ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅଦ୍ୟାବଧି ବ୍ଲକ୍ ଅନ୍ତର୍ଗତ ବହୁ ଗ୍ରାମରେ ଆୟୁଷ୍ମାନ କାର୍ଡ଼ ବଣ୍ଟନ କରାଯାଇନଥିବାରୁ ଗ୍ରାମାଞ୍ଚଳର ଲୋକମାନେ ଚିକିତ୍ସା ନିମନ୍ତେ ବହୁ ଅସୁବିଧା ସମ୍ମୁଖିନ ହେଉଥିବା ଏବଂ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁଥିବା ରୋଗୀମାନେ ସଠିକ ଚିକିତ୍ସା ସୁବିଧା ପାଇପାରୁନଥିବା ନେଇ ବହୁ ସରପଞ୍ଚ ଅଭିଯୋଗ କରିଥିଲେ । ଏ ସମ୍ପର୍କରେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଚିତ୍ତରଞ୍ଜନ ବେହେରା ତାଙ୍କ ଉତ୍ତରରେ ସରକାରଙ୍କ ପକ୍ଷରୁ ଆୟୁଷ୍ମାନ କାର୍ଡ଼ ବଣ୍ଟନ ନିମନ୍ତେ ଜନସେବା କେନ୍ଦ୍ରମାନଙ୍କୁ ଦାୟିତ୍ୱ ଦିଆଯାଇଛି ତେବେ ତ୍ୱରିତ ଭାବେ ସମସ୍ତ କାର୍ଡ଼ ବଣ୍ଟନ କରିବା ପାଇଁ ଅଧିକ ଜନସେବା କେନ୍ଦ୍ର ନିଯୁକ୍ତି ନିମନ୍ତେ ସରକାରଙ୍କୁ ପକ୍ଷରୁ ବ୍ୟବସ୍ଥା କରାଯାଉଥିବା କହିଥିଲେ। ଏଥିସହିତ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟ ସେବା ନିମନ୍ତେ ଆବଶ୍ୟକ ହେଉଥିବା ୨୪ ଜଣ ଡାକ୍ତର ବଦଳରେ ମାତ୍ର ୪ ଜଣ ଡାକ୍ତର ରହିଥିବା ପ୍ରକାଶ କରିଥିଲେ। ଡେରାବିଶ ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ ପଦବୀ ପୁରଣ, ଶ୍ରେଣୀ ଗୃହ ନିର୍ମାଣ ପାଇଁ ନରସିଂହପୁର ସରପଞ୍ଚ ସୁଧିର ଖଟୁଆ, ଏଣ୍ଡର ସରପଞ୍ଚ ଦୁର୍ଯ୍ୟୋଧନ ମଲିକ୍, ଚାଟରାଚକଡ଼ା ସମିତିସଭ୍ୟ ନିରଞ୍ଜନ କର ପ୍ରମୁଖ ଅଭିଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତରୁ ସରପଞ୍ଚ ଓ ସମିତିସଭ୍ୟମାନଙ୍କ ସମେତ, ସିଡିପିଓ ହରପ୍ରିୟା ଦେବୀ, ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗ ଯନ୍ତ୍ରୀ ବିଭୁଦତ ଦାସ, ରୁଦ୍ର କେଶରୀ ସେଠୀ, ଯୋଗାଣ ଅଧିକାରୀ ସ୍ୱରୂପ ଦାସ, ଗ୍ରାମ୍ୟଉନ୍ନୟନ ବିଭାଗର ଯନ୍ତ୍ରୀ ଶୈଳେନ୍ଦ୍ର ବିଶ୍ୱାଳ, ଏବିଇଓ ଖଗେଶ୍ୱର ନାୟକଙ୍କ ସମେତ ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ନୂତନ ରାଜସ୍ୱ ଗ୍ରାମର ସୀମା ନିର୍ଦ୍ଧାରଣକୁ ତୀବ୍ର ବିରୋଧ



**ପରଜଙ୍ଗ,୭।୬/ଏନ୍ଏନ୍ଏସ୍:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ତହସିଲ ଅନ୍ତର୍ଗତ ବସୁଲେଇ ଗ୍ରାମରୁ ପଡା ଗ୍ରାମ କଲୋନୀ ୩ ଓ ୪କୁ ନୂତନ ରାଜସ୍ୱ ଗ୍ରାମର ମାନ୍ୟତା ଓ ସୀମା ନିର୍ଦ୍ଧାରଣପାଇଁ ତହସିଲ ପ୍ରଶାସନ ପକ୍ଷରୁ ଆଜି ଏକ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ତେବେ ଏହି ଜନଶୁଣାଣିରେ ପରଜଙ୍ଗ ଅତିରିକ୍ତ ତହସିଲଦାର ମଦନ ମୋହନ ଜେନା ଉପସ୍ଥିତ ରହି ଶୁଣାଣି କରୁଥିବା ବେଳେ, ଗ୍ରାମବାସୀ ନୂତନ ରାଜସ୍ୱ ଗ୍ରାମର ସୀମା ନିର୍ଧାରଣକୁ ତୀବ୍ର ବିରୋଧ କରିଥିଲେ। କାରଣ ସେମାନଙ୍କୁ ନଜଣାଇ ନୂତନ ରାଜସ୍ୱ ଗ୍ରାମ ଘୋଷଣା ସହ ସୀମା ନିର୍ଦ୍ଧାରଣ କିପରି କରିବେ ବୋଲି ପ୍ରଶ୍ନ କରିଥିଲେ ଗ୍ରାମବାସୀ। ଯାହାଫଳରେ ଉକ୍ତ ଜନ ଶୁଣାଣିକୁ ସୁଚାରୁରୂପେ ବନ୍ଦ କରାଯିବା ସହ, ଏହି ପ୍ରସ୍ତାବକୁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ପରେ ଆଗାମୀ ଦିନରେ ସରକାରଙ୍କ ନିର୍ଦ୍ଦେଶ ଅନୁଯାଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ଅତିରିକ୍ତ ତହସିଲଦାର। ପ୍ରକାଶ, ଦଦରା ଘାଟି ଜଳ ସେଚନ ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ବିସ୍ଥାପିତ ଆଖୁଆ ପାଳ ପଞ୍ଚାୟତର ୩ ନମ୍ବର ଓ ୪ ନମ୍ବର କଲୋନୀ ପଡା ଗ୍ରାମର ସ୍ୱତନ୍ତ୍ର ନୂତନ ରାଜସ୍ୱ ଗ୍ରାମ ର ନାମକରଣ ଓ ପ୍ରଜାଙ୍କ ବ୍ୟକ୍ତିଗତ ସାମୁହିକ ସମସ୍ୟାର ସମାଧାନ ନିମନ୍ତେ ଜନ ଅଭିଯୋଗ ଶୁଣାଣୀ ହୋଇଥିଲା। ସେଥିରେ ତହସିଲଦାର ଓ ଅତିରିକ୍ତ ତହସିଲଦାର ଉପସ୍ଥିତ ରହି ନୂତନ ରାଜସ୍ୱ ଗ୍ରାମର ନାମକରଣ ଭାଗିରଥିପୁର ଏବଂ ନକ୍ସା ଆଦି କରି ଦେଖାଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ତାହା ତରବରିଆ ଭାବେ କରାଯାଇଥିଲା। ଯେହେତୁ ମୂଳ ମୌଜା ବସୁଲେଇ ଗ୍ରାମରୁ ଏହା କାଟି ଦିଆଯାଇଥିଲା, ଆଜି ଗେଙ୍ଗୁଟିଆ ଆର ଆଇ ସର୍କଲ ଗେଙ୍ଗୁଟିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଜି ବସୁଲେଇ ଗ୍ରାମ ଲୋକଙ୍କୁ ନେଇ ଜନ ଅଭିଯୋଗ ଶୁଣାଣୀ କରାଯାଇଥିଲା। ଯେଉଁଥିରେ କି ବସୁଲେଇ ଗ୍ରାମର ବିଦ୍ରୋହର ସ୍ୱର ଦେଖିବାକୁ ମିଳିଥିଲା।

## ବ୍ଲକ୍‌ସ୍ତରୀୟ ସୁଭଦ୍ରା ଶକ୍ତି ଖାଦ୍ୟ ପ୍ରତିଯୋଗିତା



**କଣିହାଁ,୭।୬/ଏନ୍ଏନ୍ଏସ୍:** କଣିହାଁ ପ୍ରାଥମିକ ବିଦ୍ୟାଳୟ, ପରିସରରେ କଣିହାଁ ବ୍ଲକ୍‌ସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ସାଂସଦଙ୍କ ପ୍ରତିନିଧି ତ୍ରିପୁରାରୀ ପ୍ରଧାନ, ପାଲଲହଡ଼ା ବିଧାୟକଙ୍କ ପ୍ରତିନିଧି ପ୍ରହ୍ଲାଦ ସାମଲ, ତାଳଚେର ବିଧାୟକଙ୍କ ପ୍ରତିନିଧି ସୁନିଲ କୁମାର ପ୍ରଧାନ, କଣିହାଁ ପଞ୍ଚାୟତ ସମିତି ଅଧକ୍ଷ ରାମକୃଷ୍ଣ ପ୍ରଧାନ, ଉପାଧକ୍ଷା ଜୟନ୍ତୀ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ ସାହୁ, କଣିହାଁ ବିଡିଓ ତ୍ରିବିକ୍ରମ କୁମୁରା, କଣିହାଁ ଅତିରିକ୍ତ ତହସିଲଦାର ଅନୁପ ପରମଗୁରୁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଙ୍ଗୁଲୁ ଚରଣ ପ୍ରଧାନ ପ୍ରମୁଖ ଯୋଗଦେଇ ପାରମ୍ପାରିକ ଖାଦ୍ୟ ପ୍ରତିଯୋଗିତାରେ ଭାଗ ନେଇଥିବା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଖାଦ୍ୟ ଷ୍ଟଲ ଗୁଡିକ ଶୁଭାରମ୍ଭ କରିଥିଲେ। ଉକ୍ତ ପ୍ରତିଯୋଗିତାରେ ୧୪ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ସାମିଲ ହୋଇ ଖାଦ୍ୟ ଷ୍ଟଲ ଖୋଲିଥିଲେ। ସେମାନଙ୍କୁ ତାଙ୍କୁ ପାରମ୍ପରିକ ପିଠା ଓ ସ୍ନାକ୍ସ ଉପରେ ଖାଦ୍ୟ ପ୍ରସ୍ତୁତି କରିବା ପାଇଁ କୁହାଯାଇଥିଲା। ଖାଦ୍ୟ ପ୍ରସ୍ତୁତି ପରେ ଅତିଥି ଗଣ ଖାଦ୍ୟ ଷ୍ଟଲ ବୁଲି ଖାଦ୍ୟ ପରଖି ଥିଲେ। ପରେ ଉକ୍ତ ଖାଦ୍ୟ ର ବିଭିନ୍ନ ଦିଗକୁ ଅନୁଧ୍ୟାନ କରି ବିଚାରକ ଭାବରେ ଏବିଇଓ ସୁଜନ ସାହୁ, ଏବିଇଓ ସନ୍ତୋଷ ପ୍ରଧାନ, କଣିହାଁ ମେଡ଼ିକାଲ ପିଏଚଇଓ ମଞ୍ଜିତ ସାହୁ ମୂଲ୍ୟାୟନ କରିଥିଲେ। ଏଥିରେ କଣିହାଁ ବ୍ଲକର ମା'ସରସ୍ୱତୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, କମରେଇ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ, ମା' ପାର୍ବତୀ ସ୍ୱୟଂ ସହାୟକ ଗୋଷ୍ଠୀ ବିଜିଗୋଳ ୨ୟ ସ୍ଥାନ ଅଧିକାର କରି ଜିଲାସ୍ତରକୁ ମନୋନୀତ ହୋଇଛନ୍ତି କ୍ଷ ପରେ ଅତିଥିଙ୍କ ଦ୍ୱାରା ପ୍ରଥମ ସ୍ଥାନ ଅଧିକାର କରିଥିବା ମହିଳା ଗୋଷ୍ଠୀଙ୍କୁ ୫ ହଜାର ଟଙ୍କା, ୨ୟ ସ୍ଥାନ ଅଧିକାର କରିଥିବା ଗ୍ରୁପ୍‌ଙ୍କୁ ୪ହଜାର ଟଙ୍କା ପ୍ରଦାନ କରିବାସହ ଭାଗ ନେଇଥିବା ଅନ୍ୟ ଗ୍ରୁପ୍‌ମାନଙ୍କୁ ଶାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରିଥିଲେ।

## ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସ୍ଥାନାନ୍ତର ପ୍ରସଙ୍ଗ

# ପ୍ରାକ୍ତନ ସାଂସଦଙ୍କ ଆନ୍ଦୋଳନ ଚେତାବନୀ

**ତାଳଚେର,୭।୬/ଏନ୍ଏନ୍ଏସ୍:** ତାଳଚେରରୁ ଗୋଟିଏ ପରେ ଗୋଟିଏ କାର୍ଯ୍ୟାଳୟ ଅନ୍ୟତ୍ର ଚାଲିଯିବାକୁ ନେଇ ତାଳଚେରବାସୀଙ୍କ ମଧ୍ୟରେ ଜନଅସନ୍ତୋଷ ଦେଖାଦେଇଛି। ତାଳଚେର ଶିଳ୍ପାଞ୍ଚଳରେ ବିଭିନ୍ନ କାର୍ଯ୍ୟାଳୟ ପ୍ରତିଷ୍ଠା ପାଇଁ ରାଜନୈତିକ ଦଳ ଓ ଅନୁଷ୍ଠାନ ଗୁଡ଼ିକ ପକ୍ଷରୁ ଦାବି ଆନ୍ଦୋଳନ କରାଯାଉଥିବା ବେଳେ ନୂତନ କାର୍ଯ୍ୟାଳୟ ଆସିବା ପ୍ରତିବଦଳରେ ଏଠାରେ ଯେଉଁକାଳରୁ ସ୍ଥାପିତ କାର୍ଯ୍ୟାଳୟ ଗୁଡ଼ିକ ଗୋଟିଏ ପରେ ଗୋଟିଏ ଅନ୍ୟତ୍ର ଚାଲିଯିବା ନେଇ ଢ଼େଙ୍କାନାଳ ପ୍ରାକ୍ତନ ସାଂସଦ ମହେଶ ସାହୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ ବିଭିନ୍ନ କାର୍ଯ୍ୟାଳୟ ଗୁଡ଼ିକ ଏଠାରୁ ଚାଲିଯିବାକୁ ନାପସନ୍ଦ କରିଛନ୍ତି। ତାଳଚେର ଚାଇଁପାଳ ଠାରେ ଅବସ୍ଥିତ ଥିବା ବହୁ ପୁରାତନ ଗ୍ରୀଡ଼ କାର୍ଯ୍ୟାଳୟକୁ ଉଠାଇ ନିଆଯାଇଛି। ଫଳରେ ଏଠାରେ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟଟି ଆଉ କାର୍ଯ୍ୟକାରୀ ହେଉନାହିଁ। କେବଳ ଏସଡିଓ, ଜେଇମାନେ କାର୍ଯ୍ୟାଳୟକୁ ନିୟନ୍ତ୍ରଣ କରିବେ। ପ୍ରକାଶ, ତାଳଚେରରୁ ସେଲଟାକ୍ସ କାର୍ଯ୍ୟାଳୟ, ଜମି ଅଧିଗ୍ରହଣ କାର୍ଯ୍ୟାଳୟ, ଅତିରିକ୍ତ ଏସପି କାର୍ଯ୍ୟାଳୟ, ଆଂଶିକ ଭାବେ ଡିଆଜି କାର୍ଯ୍ୟାଳୟ ଭଳି ଗୁରୁତ୍ୱପୂର୍ଣ୍ଣ ଅଫିସ୍‌କୁ ପୂର୍ବରୁ ଉଠାଯାଇ ସରିଛି। ଏବେ ଦୁଇ ସପ୍ତାହ ତଳେ ବିଦ୍ୟୁତ୍ ବିଭାଗର ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟଟି ମଧ୍ୟ ଅନୁଗୋଳକୁ ନେବା ଜଣାପଡ଼ିବା ପରେ ତାଳଚେରରେ ଜନ ଅସନ୍ତୋଷ ବୃଦ୍ଧି ପାଇଛି। ଏହାକୁ ଦୃଷ୍ଟିରେ ରଖି ପ୍ରାକ୍ତନ ସାଂସଦ ଶ୍ରୀ ସାହୁ ଏହାକୁ ବିରୋଧ କରିବା ସହ ଶୀଘ୍ର ନିଷ୍ପତି ପରିବର୍ତ୍ତନ କରାଯାଉ ନତୁବା ଆଗାମୀ ଦିନରେ ତାଳଚେରବାସୀଙ୍କ ପକ୍ଷରୁ ଜନଆନ୍ଦୋଳନ କରାଯିବ ବୋଲି କଡ଼ା ଚେତବାନୀ ଦେଇଛନ୍ତି।

## ୫୩ ନଂ ଜାତୀୟ ରାଜପଥ ସମ୍ପ୍ରସାରଣରେ ନିୟୋଜିତ ଶ୍ରମିକ ମୃତ

# ଠିକାକମ୍ପାନୀ କାର୍ଯ୍ୟାଳୟ ଘେରାଉ



**ଚାନ୍ଦୋଳ,୭।୬/ଏନ୍ଏନ୍ଏସ୍:** ଚଣ୍ଡିଖୋଲ-ପାରାଦ୍ୱୀପ ୫୩ ନଂ ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟରେ ନିୟୋଜିତ ଏକ ଶ୍ରମିକର ଗତକାଲି ରାତିରେ ମୃତ୍ୟୁ ହୋଇଯାଇଛି । ଶ୍ରମିକଙ୍କର ଏହି ଅସ୍ୱାଭାବିକ ମୃତ୍ୟୁକୁ ନେଇ ଶ୍ରମିକଙ୍କୁ କାମରେ ନିୟୋଜିତ କରିଥିବା ଠିକା କମ୍ପାନୀର ସ୍ଥାନୀୟ ଡେରାବିଶ ବ୍ଲକ୍ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ ବଳଭଦ୍ରପୁର ସ୍ଥିତ କାର୍ଯ୍ୟାଳୟକୁ ମୃତ ଶ୍ରମିକଙ୍କ ସାଥୀମାନେ କ୍ଷତିପୂରଣ ଦାବିରେ ଆଜି ସକାଳୁ ଘେରାଉ କରିଥିଲେ। ମୃତକ ଜଣକ ହେଉଛନ୍ତି ମହମ୍ମଦ ରାଜିଉଲ୍ଲା ମଲିକ (୨୫)। ତାଙ୍କ ଘର ଝାଡ଼ଖଣ୍ଡ ରାଜ୍ୟର ତୁକ୍ରା ଗ୍ରାମରେ ବୋଲି ଜଣାପଡ଼ିଛି । ସେ ୫୩ ନଂ ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ କରୁଥିବା ପିଏସ୍‌କେ ଠିକା କମ୍ପାନୀରେ ଜଣେ ଡ୍ରାଇଭର ଭାବରେ କାର୍ଯ୍ୟ କରି ଆସୁଥିଲେ। ତାଙ୍କ ସାଥୀ ଶ୍ରମିକଙ୍କ କହିବା ଅନୁଯାୟୀ ରାଜିଉଲ୍ଲାଙ୍କ ଦେହ ଖରାପ ଥିବା ସତ୍ତ୍ୱେ ଠିକା କମ୍ପାନୀ ତାଙ୍କୁ ଛୁଟି ଦେଉନଥିଲେ । ଫଳରେ ଗତକାଲି ସେ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ରାଜିଉଲ୍ଲାଙ୍କ ମୃତ୍ୟୁ ଖବର ଜାଣିବା ପରେ ତାଙ୍କ ସାଥୀ ଶ୍ରମିକମାନେ ଆଜି ସକାଳୁ କାମ ବନ୍ଦ କରି ଠିକା କମ୍ପାନୀର କାର୍ଯ୍ୟାଳକୁ ଘେରାଉ କରିଥିଲେ। ରାଜିଉଲ୍ଲାଙ୍କ ମୃତ୍ୟୁ ନିମନ୍ତେ ଶ୍ରମିକମାନେ ଠିକା କମ୍ପାନୀକୁ ଦାୟୀକରି ତୁରନ୍ତ ତାଙ୍କ ପରିବାରକୁ ଠିକା କମ୍ପାନୀ କ୍ଷତିପୁରଣ ରାଶି ପ୍ରଦାନ କରିବାକୁ ଦାବି କରିଥିଲେ।

# ସମୁଦ୍ରରେ ଭାସିଗଲେ କଲେଜ ଛାତ୍ର



**ପାରାଦୀପ,କେନ୍ଦ୍ରାପଡ଼ା,୭।୬/ଏନ୍ଏନ୍ଏସ୍:** ପାରାଦୀପ ସମୁଦ୍ରକୂଳ ସବୁବେଳେ ବିପଦଜନ୍ନକ ହୋଇଥାଏ। ଏଠାରେ ସମୁଦ୍ରର ଅନ୍ତଃ ସ୍ରୋତ ଯୋଗୁଁ ବହୁବାର ଏଠାରେ ଜୀବନ ଯାଉଛି । ଜୀବନ ବଞ୍ଚାଇବାକୁ ଏଠାରେ ଲାଇଫ୍‌ଗାର୍ଡ ନଥିବାରୁ ସମୁଦ୍ରର ଅନ୍ତଃସ୍ରୋତରେ କେହି ଭାସିଗଲେ ତାକୁ ଉଦ୍ଧାର କରିବାକୁ କେହି ନାହାଁନ୍ତି । ଶନିବାର ଥିଲା ପବିତ୍ର ଇଦ-ଉଜ୍-ଜୁହା ଏହି ଦିବସକୁ ପାଳନ କରିବାକୁ ପାରାଦୀପ ଆସିଥିଲେ ସାଙ୍ଗମାନେ। ସମସ୍ତ ୭ଜଣ ସାଙ୍ଗ କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ର ବୋଲି ଜଣାପଡିଛି । ନମାଜ ପଢି ସାରିବା ପରେ ପାରାଦୀପ ଲାଇଟ୍ ହାଉସ୍ ନିକଟସ୍ଥ ବାଲିଯାତ୍ରା ପଡିଆ ନିକଟରେ ସମୁଦ୍ରରେ ଗାଧୋଇ ମଉଜ କରୁଥିଲେ । ହଠାତ୍ ଏକ ବଡ ଲହଡି ଆସିବାରୁ ଜଣେ ଛାତ୍ରଙ୍କୁ ଟାଣି ନେଇଥିଲା ବୋଲି ନିଖୋଜ ଛାତ୍ରଙ୍କ ସାଙ୍ଗ ସେକ୍ ସଉଲିଉଦ୍ଦିନ୍ କହିଛନ୍ତି । ଆଖି ସାମ୍ନାରେ ସାଙ୍ଗ ଭାସି ଯାଉଥିବା ବେଳେ ଅନ୍ୟ ସାଙ୍ଗ ନିରୁପାୟ ହୋଇ ହତବାକ୍ ହୋଇଯାଇଥିଲେ । ଖବରପାଇ କୁଜଙ୍ଗ ଅଗ୍ନିଶମ ବିଭାଗ, ବନ୍ଦର ସିଆଇଏସ୍‌ଏଫ୍ ପକ୍ଷରୁ ଖୋଜାଖୋଜି ଜାରି ରହିଥିଲେ ମଧ୍ୟ ନିଖୋଜ ଯୁବକଙ୍କ କୌଣସି ଖବର ମିଳି ପାରିନାହିଁ । ନିଖୋଜ ଯୁବକ ହେଲେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ର ସେକ୍ ଅମିନ୍‌ଉଲ୍ଲା (୨୦)। ତାଙ୍କ ଘର କେନ୍ଦ୍ରାପଡା ଜିଲ୍ଲା ଜୟପୁରା ଗ୍ରାମରେ । ସେକ୍ ଅମିନ୍‌ଉଲ୍ଲା ନିଖୋଜ ହେବା ଖବର ତାଙ୍କ ପରିବାରକୁ ଦିଆଯାଇଥିଲା । ତାଙ୍କ ପରିବାର ଲୋକେ ପାରଦୀପ ସମୁଦ୍ରକୂଳରେ ପହଞ୍ଚିଛନ୍ତି । ସମୁଦ୍ର ସବୁବେଳେ ଅନ୍ତଃସ୍ରୋତ ରହୁଥିବାରୁ ପ୍ରଶାସନ ଓ ପୁଲିସ୍ ପକ୍ଷରୁ ସମୁଦ୍ରରେ ଗାଧୋଇବାକୁ ବାରଣ କରାଯାଇଛି ଏଥି ନିମନ୍ତେ ବିଭିନ୍ନ ସ୍ଥାନରେ ସୂଚନା ଫଳକମାନ ମଧ୍ୟ ଲଗାଯାଇଛି । ହେଲେ ଏହି ବାରଣକୁ କେହି ମାନୁନାହାନ୍ତି ଫଳରେ ଏଭଳି ଦୂର୍ଘଟଣାମାନ ବାରମ୍ବାର ଘଟୁଛି । ଅପରପକ୍ଷରେ ପାରାଦୀପ ସମୁଦ୍ରକୂଳର ବହୁବିଧ ଉନ୍ନତିକରଣ ପରେ ପାରାଦୀପର ଅନ୍ୟତମ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ଏହାକୁ ଦେଖିବାକୁ ବା କିଛି ସମୟ ଅତିବାହିତ କରିବାକୁ ପର୍ଯ୍ୟଟକମାନେ ଆସୁଥିଲେ ବି ପ୍ରଶାସନ ପକ୍ଷରୁ ଏଠାରେ ସ୍ଥାୟୀ ଲାଇଫ୍‌ଗାର୍ଡ ନିଯୁକ୍ତି ହେନାହାନ୍ତି । ସ୍ଥାୟୀ ଲାଇଫ୍‌ଗାର୍ଡ ନିଯୁକ୍ତି କରିବାକୁ ଦୀର୍ଘ ଦିନ ହେବ ଦାବି ହେଉଥିଲେ ବି ଏହା ଇଚ୍ଛାଶକ୍ତି ଅଭାବରୁ ସଫଳ ହୋଇପାରୁନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

# ବିଭିନ୍ନ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷାକଲେ ମନ୍ତ୍ରୀ



**ଯାଜପୁର,୭।୬/ଏନ୍ଏନ୍ଏସ୍:** ଆଜି ପୂର୍ବାହ୍ନରେ ଯାଜପୁର ଜିଲ୍ଲାର ପ୍ରଭାରୀ ତଥା ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବସେବା ଏବଂ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଦିନିକିଆ ଯାଜପୁର ଜିଲ୍ଲା ଗସ୍ତରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଆଉଟରିଚ୍ କାର୍ଯ୍ୟକ୍ରମ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଗରିବ କଲ୍ୟାଣ ଯୋଜନା, ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଥିଲେ। ସରକାରଙ୍କ ବିଭିନ୍ନ ଜନ ହିତକର ଯୋଜନାର ସୁଫଳ ଲୋକମାନଙ୍କ ପାଖେ ପହଞ୍ଚାଇବା ପାଇଁ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଉପସ୍ଥିତ ରହି ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଜିଲ୍ଲା ରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏହି ବୈଠକରେ ଯାଜପୁର ସାଂସଦ ଡା. ରବୀନ୍ଦ୍ର ନାରାୟଣ ବେହେରା, ବିଧାୟକ, ଧର୍ମଶାଳା ଶ୍ରୀ ହିମାଂଶୁ ଶେଖର ସାହୁ, ଯାଜପୁର ବିଧାୟିକା ଶ୍ରୀମତୀ ସୁଜାତା ସାହୁ, ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ନଳିନୀ ପ୍ରଭା ଜେନା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟସୂଚୀ ଅନୁଯାୟୀ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ବୟୋବନ୍ଦନ ଯୋଜନାରେ ହିତାଧିକାରୀଙ୍କ କାର୍ଡ ଗୁଡ଼ିକୁ ଯଥାଶୀଘ୍ର ବଣ୍ଟନ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଅନ୍ତୋଦୟ ଗୃହ ଯୋଜନାରେ ଘର ଯୋଗାଇଦେବା, ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଧାର୍ଯ୍ୟ ସମୟ ମଧ୍ୟରେ ସମାପ୍ତ କରି ଲୋକମାନଙ୍କୁ ଶୁଦ୍ଧ ପାନୀୟଜଳ ଯୋଗାଇଦେବାକୁ ଅଧିକ୍ଷଣ ଯନ୍ତ୍ରୀ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ପଞ୍ଚସଖା ଶିକ୍ଷାସେତୁ, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ, ଯୋଜନାରେ ଜିଲ୍ଲାର ୯୭ଟି ସ୍କୁଲ୍‌କୁ ଅନ୍ତର୍ଭୁକ୍ତ କରାଯାଇ ଗୁଣାତ୍ମକ ଶିକ୍ଷା ସହ ମଡେଲ ସ୍କୁଲରେ ପରିଣତ କରାଯିବ। ବୈଠକରେ ପି.ଏମ ଶ୍ରୀ, ସୁଭଦ୍ରା ଯୋଜନା, ପୋଷଣ ଅଭିଯାନ, ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ, ମଧୁବାବୁ ପେନ୍‌ସନ୍ ଯୋଜନା, ଗ୍ରାମାଞ୍ଚଳ ବିଦ୍ୟୁତକରଣ, ରୁରାଲ ଇଣ୍ଡଷ୍ଟ୍ରିଆଲ ପାର୍କ, କ୍ରୀଡା ଭିତ୍ତିଭୂମି, ଦକ୍ଷତା ବିକାଶ ଏବଂ ଡିଜିଟାଲ ସଶକ୍ତିକରଣ ସମ୍ପର୍କରେ ମନ୍ତ୍ରୀ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ପ୍ରତ୍ୟେକ ଅଙ୍ଗନବାଡି କେନ୍ଦ୍ରର ନିଜସ୍ୱ ଗୃହ, କିଚେନ୍, ଟଏଲେଟ୍ ବିଦ୍ୟୁତିକରଣ, କେନ୍ଦ୍ରକୁ ରାସ୍ତା ସମ୍ପର୍କରେ ସମୀକ୍ଷା କରାଯାଇଥିଲା।ପରେ ମନ୍ତ୍ରୀ ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ହେବାକୁ ଥିବା ବିକାଶ ମେଳା ୨୦୨୫ ପ୍ରତିଶ୍ରୁତି ସମ୍ପର୍କରେ ସମୀକ୍ଷା କରିଥିଲେ।

## ପୂର୍ବତନ ବ୍ଲକ୍ ଚେୟାରମ୍ୟାନ୍‌ଙ୍କ ମାତୃ ବିୟୋଗ



**ତାଳଚେର,୭।୬/ଏନ୍ଏନ୍ଏସ୍:** ତାଳଚେର ପୂର୍ବତନ ବ୍ଲକ ଚେୟାରମ୍ୟାନ ମାନସ ଆଚାର୍ଯ୍ୟଙ୍କ ମାଆ ନିରୁପମା ଆଚାର୍ଯ୍ୟ (୮୦) କଣ୍ଡାଳ ପଞ୍ଚାୟତ ତାଳବେଡ଼ା ସ୍ଥିତ ନିଜ ବାସଭବନରେ ପରଲୋକ ହୋଇଯାଇଛି। ଏହି ଦୁଃଖଦ ଘଟଣା ପ୍ରାଚରିତ ହେବାପରେ ସେହି ଅଞ୍ଚଳରେ ଶୋକର ବାତାବରଣ ଖେଳାଇ ଦେଇଛି। ବାର୍ଦ୍ଧକ୍ୟଜନିତ ରୋଗରେ ପିଡ଼ୀତ ହୋଇ କିଛିଦିନ ହେବ ଶର୍ଯ୍ୟଶାୟୀ ଥିଲେ। ତାଙ୍କର ସାନପୁଅ ଆଇନଜୀବୀ ଦିପ୍ତିଶ ରଞ୍ଜନ ଆଚାର୍ଯ୍ୟ, ଝିଅ ରେଣୁବାଳା ଆଚାର୍ଯ୍ୟ, ବୋହୂ, ନାତି, ନାତୁଣୀ ଓ ମୃତ୍ୟୁ ଶର୍ଯ୍ୟା ନିକଟରେ ଉପସ୍ଥିତ ଥିଲେ। ସେ ଜଣେ ମେଳାପୀ, ମିଷ୍ଟଭାଷୀ, ପରରୋପକାରୀ, ସହୃଦୟ ବ୍ୟକ୍ତି ଏବଂ ଗୀତା ଭାଗବତରେ ରୁଚି ରଖିଥିଲେ। ତାଙ୍କର ମୃତ୍ୟୁ ଖବର ପାଇ ତାଙ୍କ ବାସଭବନକୁ ପ୍ରାକ୍ତନ ଢ଼େଙ୍କାନାଳ ସାଂସଦ ମହେଶ ସାହୁ, ବିଧାୟକ ବ୍ରଜ କିଶୋର ପ୍ରଧାନ, କଣ୍ଡାଳ ସରପଞ୍ଚ ଓ ପୂର୍ବତନ ସରପଞ୍ଚ, ବ୍ରଜନାଥପୁର ସରପଞ୍ଚ, ଆଇନଜୀବୀ, ଟ୍ରକ ଆସୋସିଏସନ କର୍ମକର୍ତ୍ତା, ଅଲଓଡ଼ିଶା ହ୍ୟୁମାନ୍ ରାଇଟସ୍ ସଭାପତି ଡା. ଦେବେନ୍ଦ୍ର ସିଂହ, ଫୋନ ଯୋଗେ ପୂର୍ବତନ ପାଲହଡ଼ା ବିଧାୟକ ବିଭୂଧେନ୍ଦୁ ପ୍ରତାପ ଦାସ ଶୋକ ସନ୍ତପ୍ତ ପରିବାକୁ ସମବେଦନା ଜଣାଇଥିଲେ। ପରିଶେଷରେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଥିଲ।

## ଉଦ୍‌ଘାଟନ ପୂର୍ବରୁ ଫଳକ ଭାଙ୍ଗିଦେଲେ



**ନାଉଗାଁ,୭।୬/ଏନ୍ଏନ୍ଏସ୍:** ନାଉଗାଁ ବ୍ଲକରେ ଏବେ ବିଜେଡି ଓ ବିଜେପି ମଧ୍ୟରେ ଛକାପଞ୍ଝା ଚାଲିଥିବା ଦେଖିବାକୁ ମିଳିଛି। ଆଗକୁ ପଞ୍ଚାୟତ ନିର୍ବାଚନ ଆସୁଥିବା ବେଳେ ଦୁଇ ଗୋଷ୍ଠୀର କର୍ମୀମାନଙ୍କ ମଧ୍ୟରେ ଏବେଠୁ ଚାଲୁଥିବା ଟଣାଘୋଷରା ଏବେ ପଦାକୁ ଆସିଥିବା ଦେଖିବାକୁ ମିଳିଛି। ତେବେ ବନ୍ୟା ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ କରିବାକୁ ଗ୍ରାମ୍ୟ ଉନ୍ନୟନ ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ରୋହିଆ ପଞ୍ଚାୟତର ଆରଖକୁଦ ଗୋଠ ଦଣ୍ଡା ଠାରେ ୩କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବିନିମୟରେ ଏକ ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ଅର୍ଥ ରାଶି ମଞ୍ଜୁର କରାଯାଇଛି। ହେଲେ ଯେଉଁ ସ୍ଥାନରେ ଏହି ଆଶ୍ରୟସ୍ଥଳୀ ନିର୍ମାଣ କରାଯାଉଛି ତାହାକୁ ପୂର୍ବରୁ ବିଜେଡି କର୍ମୀ ଓ ଗ୍ରାମର କିଛି ଲୋକ ବିରୋଧ କରୁଛନ୍ତି। ଏମିତିକି ଉକ୍ତ ଆଶ୍ରୟସ୍ଥଳୀ ନିର୍ମାଣ କାର୍ଯ୍ୟ ପାଇଁ ଶୁଭ ଭିତ୍ତିପ୍ରସ୍ତର ସ୍ଥାନୀୟ ବିଧାୟକଙ୍କ ଦ୍ୱାରା ରବିବାର ଉଦ୍‌ଘାଟନ କରାଯିବା ପାଇଁ ସ୍ଥିର ହୋଇଥିବା ବେଳେ ଉକ୍ତ ସ୍ଥାନରେ ଫଳକ ନିର୍ମାଣ କରାଯାଇଥିଲା। ହେଲେ ଉଦ୍‌ଘାଟନ ପୂର୍ବରୁ ସେହି ଫଳକକୁ କେହି ଭାଙ୍ଗି ଦେଇଥିବା ଦେଖିବାକୁ ମିଳିଛି। ଯାହାକୁନେଇ ଏବେ ଉଭୟ ଗୋଷ୍ଠୀର କର୍ମୀଙ୍କ ମଧ୍ୟରେ ଟଣାଘୋଷରା ଚାଲିଥିବା ବେଳେ ସେହି ସ୍ଥାନରେ ଗୃହ ନିର୍ମାଣ ପାଇଁ ସ୍ଥାନୀୟ ତହସିଲଦାର ଜାଗା ଚିହ୍ନଟ କରିଥିବା ବିଭାଗର ଯନ୍ତ୍ରୀ କହିଥିବା ବେଳେ ଏ ସମ୍ପର୍କରେ ସ୍ଥାନୀୟ ବିଧାୟକଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ଗୋ-ହତ୍ୟାକୁ ନେଇ ଉତ୍ତେଜନା, ରାସ୍ତାରୋକ



**ଜଗତ୍‌ସିଂହପୁର,୭।୬/ଏନ୍‌ଏନ୍‌ଏସ୍:** ଶୁକ୍ରବାର ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ଇବ୍ରିସିଂ ପଞ୍ଚାୟତର ବଡମଠ ଗ୍ରାମସ୍ଥିତ ମୁସଲିକ ବସ୍ତିରେ ଗୋ-ହତ୍ୟାକୁ ନେଇ ହିନ୍ଦୁ ଓ ମୁସଲିମ୍‌ଙ୍କ ମଧ୍ୟରେ ଉତ୍ତେଜନା ଦେଖା ଦେଇଥିଲା। ଯାହାକୁ ନେଇ ଗ୍ରାମବାସୀମାନେ ଗ୍ରାମ ରାସ୍ତା ରୋକ୍ କରି ମନ୍ଦିର ନିକଟସ୍ଥ ବସ୍ତିରୁ ଗୋ ହତ୍ୟା ସମ୍ପୂର୍ଣ୍ଣ ବନ୍ଦ କରିବା ସହିତ ଗୋ ହତ୍ୟାକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବିରେ ଆନ୍ଦୋଳ କରିଥିଲେ। ତିର୍ତ୍ତୋଲ ପୁଲିସ ଘଟଣା ସମ୍ପର୍କରେ ସୁଚନା ପାଇ ସହ ଦଳେବଳେ ଘଟଣା ସ୍ଥଳରେ ପହଞ୍ଚି ଧାରଣାକାରୀଙ୍କୁ ବୁଝାସୁଝା କରିବା ସହିତ ଗୋ ମାଂସ ପ୍ରସ୍ତୁତ ସ୍ଥାନକୁ ଯାଇ ଯାଞ୍ଚ କରିଥିଲେ। ପୁଲିସ ବସ୍ତିର ଏକ ସର୍ବସାଧାରଣ ସ୍ଥାନରେ ରକ୍ତ ଜୁଡୁବୁଡୁ ହୋଇ ପଡିଥିବା ଦେଖିବା ସହିତ ନିକଟସ୍ଥ ଏକ ଗାତରେ ପୋତା ଯାଇଥିବା ଗୋ- ଅଂଶ ବିଶେଷ ଉଦ୍ଧାର କରିଥିଲେ। ଏଥି ସହିତ ହତ୍ୟାରେ ସମ୍ପୃକ୍ତ ଥିବା ୪ଜଣଙ୍କୁ ପୁଲିସ ଥାନାକୁ ଉଠାଇ ଆଣି ଅଧିକ ପଚରାଉଚରା କରୁଥିବା ଜଣାଯାଇଛି। ପ୍ରକାଶ, ଆଜି ସାରା ବିଶ୍ୱରେ ମୁସଲିମ ସମ୍ପ୍ରଦାୟ ମଧ୍ୟରେ ବକ୍ରୀଇଦ୍ ଉତ୍ସବ ପାଳନ କରା ଯାଉଛି। ଏହି ଉତ୍ସବର ଆଭିମୁଖ୍ୟ ରହିଛି, ଯିଏ ଯେତେ ଗରିବଙ୍କୁ ଦାନ କରିବ, ତାରା ସେତେ ଉନ୍ନତି ହେବ ବୋଲି ମୁସଲିମ ସମ୍ପ୍ରଦାୟଙ୍କ ପକ୍ଷରୁ ଜଣାଯାଇଛି। ଏହି ଅବସରରେ ସସ୍ତା ଦାନକୁ ଦୃଷ୍ଟିରେ ରଖି ଅନେକ ମୁସଲିମ୍ ବସ୍ତିରେ ହିନ୍ଦୁଙ୍କ ପୂଜ୍ୟ ଗୋ'ମାତାଙ୍କୁ ହତ୍ୟା କରି ନିଜେ ଓ ନିଜ ପରିବାର ଖାଦ୍ୟରୂପେ ଗ୍ରହଣ କରିବା ସହିତ ବସ୍ତିର ଗରିବମାନଙ୍କୁ ବଣ୍ଟନ କରିଛନ୍ତି। ଯାହାକୁ ନେଇ ଆଜିର ଦିନରେ ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ଇବ୍ରିସିଂହ ପଞ୍ଚାୟତର ବଡମଠ ଗ୍ରାମସ୍ଥିତ ମୁସଲିମ୍ ବସ୍ତି ବେଆଇନ ସ୍ଥାନରେ ଓ ବେଆଇନ ଭାବେ ଗୋ-ହତ୍ୟା କରି ମାଂସ ପ୍ରସ୍ତୁତ କାରା ଯାଉଥିବା ନେଇ ଉକ୍ତ ଗ୍ରାମର ହିନ୍ଦୁ ସମ୍ପ୍ରଦାୟଙ୍କ ବିରୋଧର ଶିକାର ହୋଇଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ଉତ୍ତେଜନା ବୃଦ୍ଧି ପାଇବା ନେଇ, ହିନ୍ଦୁ ଗ୍ରାମବାସୀମାନେ ରାସ୍ତା ରୋକ୍ କରି ଗ୍ରାମରେ ଗୋ-ହତ୍ୟା ବନ୍ଦ କରିବା ପାଇଁ ଆନ୍ଦୋଳନ ଆରମ୍ଭ କରି ଦେଇଥିଲେ। ଖବର ପାଇଁ ନିକଟସ୍ଥ ତିର୍ତ୍ତୋଲ ପୁଲିସ ଫୋର୍ସ ଘଟଣା ସ୍ଥଳରେ ପହଞ୍ଚି ଉତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାସୁଝା କରିବା ସହିତ ବସ୍ତିକି ଯାଇ ତଦନ୍ତ କରିଥିଲେ। ବସ୍ତର ଏକ ଖୋଲା ସ୍ଥାନରେ ଜରିପାଲ ଟାଣି ଗୋ-ହତ୍ୟା କରାଯାଇଥିବା ଜାଣିବାକୁ ପାଇଥିଲେ। ଏଥି ସହିତ ଗୋରୁଙ୍କ କଟା ଅଂଶ ବିଶେଷ ଏକ ଗାତରେ ପୋତା ଯାଇଥିବା ପୁଲିସ ଜାଣିବା ପରେ, ମୁସଲିମ୍‌ଙ୍କ ଜରିଆରେ ସେହି ସ୍ଥାନରୁ ଖୋଳି କିଛି ଅଂଶ ବିଶେଷ ଉଦ୍ଧାର କରିବା ସହିତ ଗୋ-ହତ୍ୟାରେ ବ୍ୟବହୃତ କାଠ ଗଣ୍ଡି ଓ ହତ୍ୟାରେ ସମ୍ପୃକ୍ତ ଥିବା ବସ୍ତିର ୪ଜଣଙ୍କୁ ଥାନାକୁ ଉଠାଇ ଆଣିଥିଲେ। ତେବେ ୪ଜଣ ମୁସଲିମଙ୍କୁ ପୁଲିସ ଉଠାଇ ଆଣିବା ସମୟରେ ବସ୍ତିର ସର୍ଦ୍ଦାର ସେକ୍ ଅବଦୁଲ ଜିରାନୀ ପୁଲିସକୁ ବିରୋଧ କରିଥିଲେ ଏବଂ ପୁଲିସ ତାଙ୍କୁ ଗୋ ହତ୍ୟା କରିବା ପାଇଁ କହିଥିବାରୁ ସେମାନେ ପ୍ରତିବର୍ଷ ସାହିରେ ଗୋ-ହତ୍ୟା କରୁଥିବା କହିଥିଲେ। ପୁଲିସ ସର୍ଦ୍ଦରଙ୍କ କୌଣସି କଥା ନଶୁଣି ଥାନାକୁ ଚାଲି ଯାଇଥିଲେ। ଅନ୍ୟପକ୍ଷରେ ବଡମଠ ଗ୍ରାମବାସୀ ଏ ସମ୍ପର୍କରେ ତିର୍ତ୍ତୋଲ ଥାନାରେ ଅଭିଯୋଗ କରିବା ସହିତ ବସ୍ତିରୁ ଗୋ-ହତ୍ୟା ବନ୍ଦ କରିବା ପାଇଁ ଲିଖିତ ଅଭିଯୋଗ ଜଣାଇଥିଲେ ମଧ ସନ୍ଧ୍ୟା ସୁଦ୍ଧା ଥାନାରେ ମାମଲା ରୁଜୁ ହୋଇ ନଥିବା ଜଣା ଯାଇଛି। ଏଥି ସହିତ ପୁଲିସ ୪ଜଣଙ୍କୁ ଥାନାରେ ଅଟକ ରଖି ଅଧିକ ଜେରା କରୁଥିବା ଜଣା ପଡ଼ିଛି।

## ମିର୍ଜାପୁରରେ ଇଦ୍-ଉଜ୍-ଜୁହା



**କୁଆଖିଆ,୭।୬/ଏନ୍‌ଏନ୍‌ଏସ୍:** ରସୁଲପୁର ବ୍ଲକ୍ ଅନ୍ତର୍ଗତ ରହମ୍ବା ପଞ୍ଚାୟତ ମିର୍ଜାପୁର ସଂଖ୍ୟାଲଘୁ ବସ୍ତିରେ ପବିତ୍ର ଇଦ୍-ଉଜ୍-ଜୁହା ପାଳିତ ହୋଇଯାଇଛି। ସର୍ଦାର ରେହେମତ ଅଲ୍ଲୀ ଖାଁ, ସମ୍ପାଦକ ନିଜ଼ାମୁଧୀନ ଖାଁ, ନାଏ ବ ସର୍ଦାର ଏସ୍‌କେ ତବିର, ନ୍ୟାମତ ଅଲ୍ଲୀ ଖାଁ, ଅବଦୁଲ କୁଦ୍ଧୁସ, ସେକ୍ ସଜନ କୈମୁ ଖାଁ, କାବୁଲ ଖାଁ, ଗୋମାନ ଖାଁ, ମିରସେରାଲ୍ଲୀ ପ୍ରମୁଖ ମିଶି ଓ ସମସ୍ତ ଗ୍ରାମବାସୀ ମିଶି ଇଦ୍-ଉଜ୍-ଜୁହା ପାଳନ କରିଥିଲେ। ସେହିପରି ବ୍ରହ୍ମବରଦା, ହଜିବାଗ, ଅତଳପୁର, ଶ୍ରବାନ୍ତପୁର ନାନପୁର ଅଞ୍ଚଳରେ ଇଦ୍-ଉଲ୍-ଜୁହା ପାଳିତ ହୋଇଯାଇଛି।

## ଅଚଳାବସ୍ଥାରେ ତହସିଲ୍ କାର୍ଯ୍ୟାଳୟ

**କେନ୍ଦ୍ରାପଡ଼ା,୭।୬/ଏନ୍‌ଏନ୍‌ଏସ୍:** ପ୍ରାୟ ୨ ମାସ ହେବ କେନ୍ଦ୍ରାପଡ଼ାରେ ତହସିଲ୍‌ଦାର୍ ପଦବୀଟି ଖାଲିପଡ଼ିଛି। ତହସିଲ୍‌ଦାର ଥିବା ତାପସ ରଞ୍ଜନ ଦେହୁରୀ ଏଠାରୁ ମାର୍ଚ୍ଚ ଶେଷ ସପ୍ତାହରେ ଅନ୍ୟତ୍ର ବଦଳି ହୋଇଥିବାବେଳେ ଏଯାଏଁ ତାଙ୍କ ସ୍ଥାନରେ ପ୍ରାୟ ୨ ମାସ ହେବ କାହାରିକୁ ନିଯୁକ୍ତି ମିଳିନାହିଁ। କେନ୍ଦ୍ରାପଡ଼ା ବିଡିଓ ଅଭିଶେକ ସ୍ୱାଇଁ ଅପ୍ରେଲ ମାସ ଆରମ୍ଭରୁ ବିଡିଓ ଦାୟିତ୍ୱ ସହିତ ତହସିଲ୍‌ଦାର ଦାୟିତ୍ୱରେ ଅଛନ୍ତି। ଜାତିଗତ, ବାସସ୍ଥାନ, ଆୟ ବ୍ୟୟ, ଜନ୍ମମୃତ୍ୟୁ ଆଦି ସହିତ ଘରବାଡି ପଟ୍ଟା, ଜମିମାପ ଆଦି କାର୍ଯ୍ୟରେ ଅଚଳାବସ୍ଥା ଦେଖାଦେଇଛି। ସାଧାରଣ ଲୋକେ ଏହିସବୁ କାର୍ଯ୍ୟ ପାଇଁ ତସହିଲ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନିରାଶ ହେଉଛନ୍ତି। ସେମାନଙ୍କୁ ଠିକ୍ ସମୟରେ କାର୍ଯ୍ୟାଳୟରୁ ସେବା ମିଳୁନାହିଁ। ବିଡିଓ ନିଜ କାର୍ଯ୍ୟ ସହିତ ତହସିଲ କାର୍ଯ୍ୟାଳୟରେ ଯଥେଷ୍ଟ ସମୟ ଦେଇ ପାରୁନାହାଁନ୍ତି ଫଳରେ ଲୋକେ ବିଭିନ୍ନ ସୁବିଧାରୁ ବଞ୍ଚିତ ହେଉଛନ୍ତି।

**ହଜିଯାଇଛି**

ମୁଁ ସସ୍ମିତା ନନ୍ଦ, ସ୍ୱାମୀ-ଲକ୍ଷ୍ମୀନାରାୟଣ ନନ୍ଦ, ମୋର ଜମିର ଡକ୍ୟୁମେଣ୍ଟ ଓ ପଟ୍ଟା ହଜିଯାଇଛି। ଖାତା ନଂ - ୧୮/୧୫୭ ଓ ପ୍ଲଟ ନଂ ୨୭/୧୧୭, ୩୬/୧୯୫, ୩୭, ୩୧, ୩୦, ୨୯ ଏବଂ ୬ ଏବଂ ଡକ୍ୟୁମେଣ୍ଟ ନଂ - ୧୧୬୦୧୫୦୧୫୬୩, ୧୬୦୧୫୦୧୫୬୪ କୌଣସି ବ୍ୟକ୍ତିଙ୍କୁ ମିଳିଥାଏ ତାହା **୯୪୩୭୫୨୬୬୩୭** ମୋବାଇଲ ନମ୍ବର ଯୋଗାଯୋଗ କରନ୍ତୁ।

**AFFIDAVIT**

By virtue of an affidavit sworn before the Notary, Binayak Sahu, Khallikote, Ganjam, vide no-1124, Dated - 30/05/2025, I Manasi Panigrahi, aged about 43 yrs, W/o- Pabitra Panigrahi, Resident of vill -Parinuagaon, Po - Tentuliapalli, Ps-Khalikote, Dist-Ganjam, Odisha, hereby declare that my correct name is Manasi Panigrahi, W/o-Pabitra Kumar Panigrahi which in mentioned in my Aadhaar card No-426708132215 & Pan card EANPP8157E But in my Bank Account of SBI, Langaleswar Branch vide A/c -No -20216369452 my name mentioned as Ritanjli Panigrahi, W/o-Pabitra Panigrahi. Hence **Manasi Panigrahi** and **Ritanjli Panigrahi** is one and same person for all purposes.

## ଶାନ୍ତିଶୃଙ୍ଖଳାରେ ଇଦ୍-ଉଜ୍-ଜୁହା ପାଳିତ



**କେନ୍ଦ୍ରାପଡ଼ା,୭।୬/ଏନ୍‌ଏନ୍‌ଏସ୍:** ସଂଖ୍ୟାଲଘୁ ସଂପ୍ରଦାୟର ପବିତ୍ର ପ୍ରସିଦ୍ଧ ଇଦ୍-ଉଜ୍-ଜୁହା ପର୍ବ ଶାନ୍ତି ଶୃଙ୍ଖଳାର ସହିତ ପାଳନ ହୋଇଥିବା ଜଣାପଡିଛି। ସକାଳ ୭ରୁ ବିଭିନ୍ନ ମସଜିଦ୍ ନୂଆ ଇଦଘା, ପୁରୁଣା ଇଦଘା ଓ ହାଇସ୍କୁଲ ଛକରେ ଥିବା ଅହେଲେ ହଦିସ ଇଦଘା ପଡିଆରେ ସାମୁହିକ ପ୍ରାର୍ଥନା କରାଯାଇ ଥିଲା। ପୁଲିସ ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ସ୍ଥାନରେ କଡା କଡି ଭାବେ ପେଟ୍ରୋଲିଂ ଗାଡିଗୁଡିକ ବୁଲିବା ସହ ସମ୍ବେଦନଶୀଳ ଛକମାନଙ୍କରେ ପୁଲିସ ମୁତୟନ କରାଯାଇଛି। ତେବେ କୌଣସି ସ୍ଥାନରେ କିଛି ଅଘଟଣ ଘଟି ନଥିବା ପୁଲିସ ସୂତ୍ରରୁ ପ୍ରକାଶ। ଶାନ୍ତି ଶୃଙ୍ଖଳାର ସହିତ ଇଦ୍-ଉଜ୍-ଜୁହା ପର୍ବ କେନ୍ଦ୍ରାପଡାରେ ପାଳିତ ହୋଇଥିବା ଜଣାପଡ଼ିଛି।

## ରାଜସ୍ୱ ପ୍ରଶାସନ କ୍ଷେତ୍ରରେ ଯାଜପୁର ଜିଲ୍ଲା ଦ୍ୱିତୀୟ




**ଯାଜପୁର,୭।୬/ଏନ୍‌ଏନ୍‌ଏସ୍:** ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଭୁବନେଶ୍ୱର ଠାରେ ଦୁଇଦିନିଆ ରାଜସ୍ୱ ଅଧିକାରୀମାନଙ୍କର ସମ୍ମିଳନୀ ଓ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚଳନା ବିଭାଗ ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ଓ କୋରାଇ ବିଧାୟକ ଶ୍ରୀ ଆକାଶ ଦାସ ନାୟକ ଯୋଗଦେଇଥିଲେ। ରାଜସ୍ୱ ବିଭାଗରେ ଉଲ୍ଲେଖନୀୟ ସେବା ଯୋଗାଇଦେବାରେ ଯାଜପୁର ଜିଲ୍ଲା ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରି ଉତ୍କର୍ଷତାର ପ୍ରମାଣପତ୍ର ଗ୍ରହଣ କରିଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳଙ୍କ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ଉପଜିଲ୍ଲାପାଳ ଶ୍ରୀ ତାପସ ରଞ୍ଜନ ବେହୁରୀ ଏବଂ ଜିଲ୍ଲାର ସମସ୍ତ ତହସିଲଦାରମାନେ ଅତିଥିମାନଙ୍କ ଠାରୁ ଉତ୍କର୍ଷତାର ପ୍ରମାଣପତ୍ର ଗ୍ରହଣ କରିଥିଲେ।

## ସୁଇପର୍‌ଙ୍କ ହାତରେ ରୋଗୀଙ୍କ ଭାଗ୍ୟ




**ଢେଙ୍କାନାଳ,୭।୬/ଏନ୍‌ଏନ୍‌ଏସ୍:** ରୋଗୀ ସେବା ବିକାଶ ପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଥିବା ବେଳେ ବାସ୍ତବରେ କିଭଳି ଭାବରେ ରୋଗୀ ସେବା ଚାଲିଛି ତାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ୍ ଶ୍ରୀରାମ ଚନ୍ଦ୍ର ପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ। ବ୍ଲକ୍‌ର ୨୯ ଗୋଟି ଗ୍ରାମ ପଞ୍ଚାୟତ ଏବଂ ନିକଟ ଯାଜପୁର ଏବଂ କଟକ ଜିଲ୍ଲାର ସୀମାବର୍ତ୍ତୀ ଅଞ୍ଚଳର କିଛି ଲୋକ ନିର୍ଭର କରୁଥିବା ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତରରଙ୍କ ଠାରୁ ଆରମ୍ଭ କରି ସଫେଇ କର୍ମଚାରୀଙ୍କର ଅଭାବ ରହିଛି। ଦୀର୍ଘଦିନ ହେଲା ଉକ୍ତ ଡାକ୍ତରଖାନାରେ ବିଭିନ୍ନ ଡାକ୍ତରୀ ପଦବୀ ଖାଲି ରହିଥିବା ବେଳେ ନର୍ସିଂ ଅଫିସର୍‌ମାନଙ୍କର ପଦବୀ ଅଭାବ ରହିଛି ଯାହା ଫଳରେ ଅଧିକାଂଶ ସମୟରେ ସୁଇପର୍‌ମାନେ ଇଞ୍ଜେକ୍ସନ, ସାଲାଇନ ଦେବାର ଦୃଶ୍ୟମାନ ହୋଇଛି। ଆଦିବାସୀ ବହୁଳ ଏହି ବ୍ଲକ୍‌ର ଲୋକମାନେ ଆସି ସୁଇପର୍‌ମାନଙ୍କ ଦ୍ୱାରା ଚିକିତ୍ସିତ ହେବା ସରକାରଙ୍କର ସ୍ୱାସ୍ଥ୍ୟସେବା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଖୋଦ୍ ଗୋଷ୍ଠି ସ୍ୱାସ୍ଥ୍ୟଅଧିକାରୀ ଅଧିକାଂଶ ସମୟ ଏଠାରେ ଅନୁପସ୍ଥିତ ରହୁଥିବା ବେଳେ ଛଅ ମାସରୁ ଉର୍ଦ୍ଧ୍ୱ ଏଠାରେ ଦରମା ନପାଇ ସୁଇପର୍‌ମାନେ କାର୍ଯ୍ୟ କରୁଛନ୍ତି। ଯାହା ଫଳରେ ଏଭଳି ପରିସ୍ଥିତି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୃଷ୍ଟି ହେଉଛି। ଗତ ସରକାର କିଛି କରୁନଥିବା କହି ଭୋଟ ହାତେଇଥିବା ଡବଲ ଇଞ୍ଜିନ ସରକାରଙ୍କୁ ଲୋକ ଏବେ ଆଙ୍ଗୁଠି ଦେଖେଇବା ଆରମ୍ଭ କଲେଣି।

C-469

**OFFICE OF THE MUNICIPAL COUNCIL, KEONJHARGARH**

e-Mail: keonjharm.hud@rediffmail.com

**Invitation for Bids (IFB) 'e' Procurement Notice**

**Bid Identification No. ODULB_KGM-08/2025-26**

Letter No. 4163/KGM — Date : 06.06.2025

On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in Single cover system through e-procurement.

1. Nature of work : Civil work
2. No of work : 7 Nos
3. Value of works : Rs.8,94,000/- to 35,31,100/-
4. Date & time of availability of bid document in the portal : From 09.06.2025 at 11.00 AM up to 23.06.2025 at 5.30 PM
5. Date of opening of bid in portal : 26.06.2025 at 11.00 AM
6. Name & address of the officer in inviting bid : EO, Keonjhargarh Municipality

Further details can be seen from website www.tendersodisha.gov.in

Sd/- Executive Officer,
Keonjhargarh Municipality

## ଜୀବନ ସେଚତନତା ରଥର ଶୁଭାରମ୍ଭ



**ଢେଙ୍କାନାଳ,୭।୬/ଏନ୍‌ଏନ୍‌ଏସ୍:** ଆମ ସଂକଳ୍ପ-ନିଶା ନୁହେଁ, ଜୀବନ ଅଭିଯାନ ଅଧିନରେ ଗାଁରୁ ସହର ପର୍ଯ୍ୟନ୍ତ ସେଚତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ ଢେଙ୍କାନାଳ ଅବକାରୀ ବିଭାଗ ପକ୍ଷରୁ ଏକ ସେଚତନତା ରଥର ଶୁଭାରମ୍ଭ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ରେମଶ ଚନ୍ଦ୍ର ସେଠୀ, ଢେଙ୍କାନାଳ ଜିଲ୍ଲା ଅବକାରୀ ଡେପୁଟି ସୁପରିଟେଣ୍ଡ ଆର୍ଯ୍ୟସଭ୍ୟତା ରାୟ ପତକା ଦେଖାଇ ସେଚତନତା ରଥର ଶୁଭାରମ୍ଭ କରିଥିଲେ। ଏହି ରଥ ସହର ପରିକ୍ରମା କରିବା ସହ ଗ୍ରାମାଞ୍ଚଳକୁ ବୁଲି ଓଡିଶା ଅବକାରୀ ଆଇନ ଓ ନାର୍କୋଟିକ୍ ଡ୍ରଗ୍ସ ଆଣ୍ଡ ସାଇକୋଟ୍ରପିକ ସବଷ୍ଟାନସେସ୍ ଆଇନ୍‌ରେ ଥିବା ବିଭିନ୍ନ ଦଣ୍ଡ ବ୍ୟବସ୍ଥା ସଂପକର୍ରେ ଜନସାଧାରଣଙ୍କୁ ସେଚତନ କରାଇବ। ବେଆଇନ ଭାବ ମଦ ଆମଦାନି, ରପ୍ତାନି, ଚାଲାଣ, ଉତ୍ପାଦନ ଏବଂ ବିକ୍ରି ଆଦି ମାମଲାରେ ୫ ହଜାରରୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ସହିତ ୧ ରୁ ୭ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ବ୍ୟବସ୍ଥା। କୌଣସି ପ୍ରକାର ଅପମିଶ୍ରିତ ବା ବିଷାକ୍ତ ମଦ କାରବାର ଘଟଣାରେ ୨୦ ହଜାରରୁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ଦଣ୍ଡ ସହିତ ୭ ରୁ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ପ୍ରାବଧାନ। ଅପମିଶ୍ରିତ ଓ ବିଷାକ୍ତ ମଦ୍ୟପାନ କରି ଯଦି କୌଣସି ବ୍ୟକ୍ତିଙ୍କର ମୃତ୍ୟୁ ଘଟେ ତେବ ଅପରାଧୀଙ୍କୁ ଆଜୀବନ ଜେଲ୍ ସହିତ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ବ୍ୟବସ୍ଥା। ଅପମିଶ୍ରିତ ମଦ୍ୟପାନ ଫଳେର ଯଦି କାହାର କୌଣସି କ୍ଷତି ଘଟେ, ତେବେ ଅଭିଯୁକ୍ତଙ୍କୁ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ସହିତ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ଦଣ୍ଡ ଭୋଗିବାକୁ ହେବ। କୌଣସି ଘଟଣାରେ ଯଦି କାହାର କ୍ଷତି ସେ କ୍ଷେତ୍ରେର ଅଭିଯୁକ୍ତଙ୍କୁ ଅତି କମରେ ୧ ବର୍ଷ ଜେଲ୍ ଦଣ୍ଡ ସହିତ ୨ ଲକ୍ଷ ୫୦ ହଜାର ପର୍ଯ୍ୟନ୍ତ ଜରିମାନା ଦେବାକୁ ହେବ।

## ଦୁର୍ଘଟଣାଜନିତ ଜରୁରୀକାଳୀନ ସେବା ସମ୍ପର୍କରେ ସଚେତନତା



**ଜଗତ୍‌ସିଂହପୁର,୭।୬/ଏନ୍‌ଏନ୍‌ଏସ୍:** ରାଜ୍ୟ ପରିବହନ ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ଜଗତସିଂହପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ମହାନିଦ୍ୟାଳୟର ଏନ୍.ସି.ସି କ୍ୟାଡଟ ଶିବିରରେ ପରବର୍ତ୍ତି ପୀଢିକୁ ସଡକ ସୁରକ୍ଷା ସହ ଦୁର୍ଘଟଣା ଜନିତ ବ୍ୟକ୍ତିଙ୍କୁ ଜରୁରୀକାଳୀନ ସେବା ସମ୍ପର୍କରେ ସଚେତନତା ପ୍ରଶିକ୍ଷଣ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଜଗତସିଂହପୁର ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତିଙ୍କ ଉଦ୍ୟମରେ ୬ଶହ ଏନ୍.ସି.ସି କ୍ୟାଡେଟ୍‌ଙ୍କୁ ମାଷ୍ଟର ଟ୍ରେନର୍‌ଙ୍କ ଦ୍ୱାରା ଏହି ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଏହି ଅବସରରେ ଆର.ଟି.ଓ ଶ୍ରୀ ମହାନ୍ତି ପ୍ରଥମେ ପ୍ରଶିକ୍ଷକଙ୍କୁ ସଡକ ସୁରକ୍ଷା ସଚେତନତାର ସପଥ ପାଠ କରାଇଥିଲେ। ଏଥି ସହିତ ସାହାଯ୍ୟକାରୀଙ୍କୁ ସରକାର 'ଗୁଡ ସମରଣ୍ଟିଆନ୍' ଭାବରେ ୨ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରା ଯାଉଥିବା ଘୋଷଣା କରିଥିଲେ। ପରେ ବିରିଡି ମେଡିକାଲ ଅଧିକାରୀ ଡା. ଲୋକନାଥ ସାହୁ ମାଷ୍ଟର ଟ୍ରେନର ଭାବେ ଯୋଗଦେଇ ଦୁର୍ଘଟଣା ଜନିତ ବ୍ୟକ୍ତିଙ୍କୁ ଜରୁରୀକାଳୀନ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସେହିପରି ଅନ୍ୟତମ ମାଷ୍ଟର ଟ୍ରେନର ଭାବେ ଜୁନିଅର ରେଡକ୍ରସ୍ ଅଧିକାରୀ ତ୍ରିଲୋଚନ ସାହୁ, ଶାରଦା ଅଧିକାରୀ, ଚନ୍ଦନ ବେହେରା ପ୍ରମୁଖ ଯୋଗଦେଇ ଦୁର୍ଘଟଣାର ପ୍ରାଥମିକ ଜରୁରୀ କାଳୀନ ସେବା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶେଷରେ ସମସ୍ତ ପ୍ରଶିକ୍ଷକ ଛାତ୍ର ଛାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଏହି ସଚେତନାତା କାର୍ଯ୍ୟକ୍ରମରେ ଲେପନାଣ୍ଟ କର୍ନେଲ ବୁଲ୍ ବୁଲ୍ ଭୂୟାଁ, ଏସ୍ ପାତ୍ର ଶିବିରରେ ଯୋଗଦେଇ ସହଯୋଗ କରିଥିଲେ। ସିନିୟର ଜି.ସି.ଆଇ ସିପ୍ରା ପାଣିଗ୍ରାହୀ, ସୁବେଦାର ମେଜର ଜମେଶ୍ୱର ସାମଲ, ଲେପନାଣ୍ଟ ଏନ୍.ସି.ସୁ ନିହାର ରଞ୍ଜନ ସ୍ୱାଇଁ, ବିଶିଷ୍ଟ ବିରାଣୀ ଗିରିଜା ଶଙ୍କର ଚୌଧୁରୀ ଓ ଆଞ୍ଚଳିକ ପରିବହନ କର୍ମକର୍ତ୍ତାମାନେ ଶିବିରକୁ ସୁ ପରିଚାଳନା କରିଥିଲେ।

C-465

ପୌର ପରିଷଦ କାର୍ଯ୍ୟାଳୟ, ଟିଟିଲାଗଡ଼

**OFFICE OF THE MUNICIPAL COUNCIL, TITILAGARH**

(Dept. of Housing & Urban Development, Govt. of Odisha)

At/Po.Ps. Titilagarh, Dist-Balangir-767033, e-mail : titilagarhmunicipality@gmail.com

**e-Tender Call Notice No. 1613 / Date : 03.06.2025**

**e-tender notice**

**BID Identification No. TIG_MPL_14_2025**

Bid Documents consisting of work, Estimated Cost, Cost of Tender Paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Gov.t website i.e. https://tendersodisha.gov.in

1. Name of the work : Civil Construction works as mentioned in website
2. No. of works : 5 nos. of Civil Projectws
3. Tender Cost : Rs.6,36,233/- to Rs.16,91,611/-
4. Period of completion : 30 days
5. Date & time of availability of bid documents in the portal : From 06.06.2025, 12:00 am to 16.06.2025, 5:00 pm
6. Last date & time for receipt of bids in the portal : On 16.06.2025 at 5:00 PM
7. Last date & time for deposit of Fees & Documents (in sealed envelope) at Office tender box : On 18.06.2025 at 05:00 PM
8. Bids received online shall be opened on : On 19.06.2025 at 11:00 AM
9. Name and address of the officer inviting bid : Executive Officer, Titilagarh Municipality

Further details can be seen from the procurement portal i.e. https://tendersodisha.gov.in

Sd/- Executive Officer
Titilagarh Municipality

## ଅନ୍ୱେଷଣ ଥିଏଟର୍ ଗ୍ରୁପ୍ ପକ୍ଷରୁ ବୃକ୍ଷରୋପଣ



**ଯାଜପୁର,୭।୬/ଏନ୍‌ଏନ୍‌ଏସ୍:** ଯାଜପୁର ଜିଲ୍ଲାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର୍ ଗ୍ରୁପ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସରେ ଯାଜପୁର ବ୍ଲକ ଅନ୍ତର୍ଗତ ପଣସା ପଞ୍ଚାୟତର ପଣସା ଉପ୍ରା ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ତା ସହିତ ପୂର୍ବ ବର୍ଷରୁ ଅନ୍ୱେଷର ପକ୍ଷରୁ ଲଗାଯାଇଥିବା ଗଛଗୁଡ଼ିକର ଅନୁଷ୍ଠାନର ସଦସ୍ୟମାନେ ଯତ୍ନ ନେବା ସହିତ, ଉପସ୍ଥିତ ଥିବା ଜନସାଧାରଣମାନଙ୍କୁ ଗୋଟିଏ ଗୋଟିଏ ଗଛ ଲଗାଇବା ସହ ଗଛକୁ ଲାଳନ ପାଳନ କରି ବଡ଼ କରିବା ପାଇଁ ପରାମର୍ଶ ଦେଇଥିଲେ। ପ୍ରକାଶ, ଅନ୍ୱେଷଣ ଥିଏଟର୍ ଗ୍ରୁପ୍ ପକ୍ଷରୁ ବର୍ଷାଦିନେ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରାଯାଇଥାଏ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ବୃନ୍ଦାବନ ମିଶ୍ର, କୋର କମିଟିର ଅଧକ୍ଷ ସେକ୍ ଅବଦୁଲ ସାଜିଦ, କୋର କମିଟିର ସଦସ୍ୟ ଶିକ୍ଷାବିତ ଭରତ ଚନ୍ଦ୍ର ବେହେରା, ରବିନାରାୟଣ ରାଉତ, ଅଶୋକ କୁମାର ପାଣିଗ୍ରାହୀ, ଶିଶିର କୁମାର ମହାପାତ୍ର, ସାଂସ୍କୃତିକ ସମ୍ପାଦକ ଶଙ୍କର ସାହୁ, ସହ ସମ୍ପାଦିକା ଶକୁନ୍ତଳା ବେହେରା, ସ୍କୁଲର ପ୍ରଧାନଶିକ୍ଷକ ଜୟଦେବ ସାମନ୍ତ, ସମ୍ପାଦକ ଅଭିମନ୍ୟୁ ମିଶ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଆଗାମୀ ଦିନରେ ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ବିଭିନ୍ନ ସ୍କୁଲରେ, କଲେଜ, ମନ୍ଦିର ଓ ମସ୍‌ଜିଦ ପରିସରରେ ବୃକ୍ଷରୋପଣ କରାଯିବ ବୋଲି ସମ୍ପାଦକ ଶ୍ରୀ ମିଶ୍ର ପ୍ରକାଶ କରିଥିଲେ।

## ନିମ୍ନମାନର କାର୍ଯ୍ୟ ଯୋଗୁ ରାସ୍ତା ଶୋଚନୀୟ



**ରାଜନଗର,୭।୬/ଏନ୍‌ଏନ୍‌ଏସ୍:** କେନ୍ଦ୍ର ଓ ରାଜ୍ୟ ସରକାର ରାସ୍ତା ନିର୍ମାଣ ପାଇଁ ଅନୁଦାନ ଯୋଗାଇ ଦେଉଛନ୍ତି। କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ଗ୍ରାମାଞ୍ଚଳର ଲୋକମାନଙ୍କ ସୁବିଧା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଜରିଆରେ ରାସ୍ତା ନିର୍ମାଣ କରାଯାଉଛି। ମାତ୍ର ଯନ୍ତ୍ରୀମାନଙ୍କ ପିସିଖୋର ମନୋଭାବ ଯୋଗୁଁ ଠିକାସଂସ୍ଥା ନିମ୍ନମାନର କାମ କରି ବିଲ ଉଠାଇ ନେବାରେ ସଫଳ ହୋଇଥିବାରୁ କାମ ଶେଷ ହେବାର ଦୁଇମାସ ନପୁରୁଣୁ ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଥିବା ଅଭିଯୋଗ ହେଉଛି। ଏହି ଅଭିଯୋଗକୁ ପ୍ରମାଣିତ କରୁଛି ରାଜନଗର ବ୍ଲକ ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳରେ ଥିବା ବାଘମାରୀ-ପଟ୍ଟାପାରିଆ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା। ଏହି ରାସ୍ତା ନିର୍ମାଣ ସମୟରେ ଠିକାସଂସ୍ଥା ସ୍ଥାନୀୟଲୋକଙ୍କୁ ନାଲିଆଖି ଦେଖାଇ ରାତି ଅଧିଆ ନିମ୍ନମାନର କାମ ସାରିଦେଇଥିବା ଅଭିଯୋଗ ହୋଇଆସୁଥିଲା। ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବି କନିଷ୍ଠ ଯନ୍ତ୍ରୀ କିମ୍ବା ସହକାରୀ ନିର୍ବାହୀ ଯନ୍ତ୍ରୀ ଠିକାସଂସ୍ଥା ଉପରେ କାର୍ଯ୍ୟଭାର ଦେଇଥିଲେ। ଯାହାଫଳରେ ନିମ୍ନମାନର କାମ ହୋଇଥିବାରୁ ରାସ୍ତାର ବିଭିନ୍ନ ସ୍ଥାନରେ ପିଚୁ ଫାଟି ଯାଇ ଖାଲଖମା ସୃଷ୍ଟି ହେବାରେ ଲାଗିଲାଣି। ବାଘମାରୀଠାରୁ ପଟ୍ଟାପାରିଆ ପର୍ଯ୍ୟନ୍ତ ଯାଇଥିବା ପ୍ରାୟ ୭କିଲୋମିଟର ରାସ୍ତା ଉପରେ ତାଳଚୁଆ, ବାଘମାରୀ, ଶିକାରପାହି ପ୍ରଭୃତି ଗାଁ ସହିତ ରଙ୍ଗଣୀ ପଞ୍ଚାୟତର ଅଧିବାସୀ ନିର୍ଭର କରିଥାନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତା ନିର୍ମାଣ ସମୟରେ ଠିକାସଂସ୍ଥା ସୂଚନା ଫଳକଟିଏ ବି ଲଗାଇନଥିଲା। ଫଳରେ ପ୍ରକଳ୍ପର ମୂଲ୍ୟ ଓ ନିର୍ମାଣ ଶୈଳୀ ସଂପର୍କରେ ଜନସାଧାରଣ ଜାଣି ପାରୁନାହାନ୍ତି। ଏସଂପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସମୀର କୁମାର ବେହେରାଙ୍କୁ ପଚାରିବାରୁ ବାଘମାରୀ-ପଟ୍ଟାପାରିଆ ୫କିଲୋମିଟର ରାସ୍ତା ମରାମତି ପାଇଁ ୯୦ଲକ୍ଷ ଟଙ୍କା ଅନୁଦାନରେ କାମ ହୋଇଥିଲା। ଓଭରଲୋଡିଂ ଗାଡି ଯିବା ଫଳରେ ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି। ପୁନର୍ବାର କାମ କରାଯିବ ବୋଲି କହିଛନ୍ତି। ଏନେଇ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବାଷ ସାହୁଙ୍କୁ ପଚାରିବାରୁ ଓଭରଲୋଡିଂ ଗାଡି ଯୋଗୁଁ ରାସ୍ତା ନଷ୍ଟ ହୋଇଥିବା କହିଛନ୍ତି। ଏହି ରାସ୍ତା ନିର୍ମାଣରେ ହୋଇଥିବା ଦୁର୍ନୀତି ସଂପର୍କରେ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବହୁ ରହସ୍ୟ ପଦାକୁ ଆସିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

**The Odisha Small Industries Corporation Ltd.**

**(A Government of Odisha Undertaking)**

(An ISO: 9001:2008 certified Govt. Company)

Industrial Estate, Madhupatna, CUTTACK-753010, Odisha

Tel No. 0671-2341204, 2342816, Fax: 0671-2341876/2342561

e-mail : osicltd@gmail.com, osicmd@gmail.com, website : osicltd.in

OSIC GST No. 21AAACO2101M1Z1

**e-Procurement Notice for Building works**

Tender Notice No. 1392 — Date: 05.06.2025

**Identification No. On line Building OSIC/constn./2025-26/015**

(A) Name of the work

Renovation work for office space at 5th Floor of OSIC Building at Cuttack.

2. Total No of works : One
3. Estimated cost : Rs.26.45 lakhs (appears)
4. Tender cost : Rs.6000/- GST 18% - Rs.7,080
5. Class of Contractor : B & C Class as per eligible criteria online
6. Period of completion : Three (3) calendar months

(B) Other details :

| Procurement Online | Bid Identification No. | Availability of tender on-line for bidding | | Date & time of opening of tender in O/O MD OSIC Ltd. Cuttack |
|---|---|---|---|---|
| | | From | To | |
| MD OSIC Ltd. Cuttack | 015 of 2025-26 | 13.06.2025 at 5.00 PM | 11.07.2025 upto 5.00 PM | 14.07.2025 at 3.30 PM |

Further details can be seen from the website : www.tendersodisha.gov.in / www.osicmd.in

Any amendment corrigendum, cancellation or re-tender may please be referred to the website.

Sd/- Dy. General Manager (I/C)
OSIC Ltd. Cuttack

CAD-709

## ପ୍ରଥମ ପୃଷ୍ଠାରୁ

### ପ୍ରେମୀଯୁଗଳଙ୍କ ଝୁଲନ୍ତା ...

ଭୋଇଙ୍କ କହିବା ଅନୁଯାୟୀ ଚିନ୍ମୟୀଙ୍କ ବାପାଙ୍କ ମୃତ୍ୟୁ ପରେ ସେ ମାମୁ ଘରେ ରହି ପାଠ ପଢୁଥିଲା। ମାମୁ ଘର ଗାଁର ଦେବେନ୍ଦ୍ରଙ୍କ ସହିତ ପ୍ରେମ ସମ୍ପର୍କ ଥାଇପାରେ ବୋଲି ସେ ଅନୁମାନ କରୁଛନ୍ତି। ଘଟଣାର ଅଧିକ ତଦନ୍ତ ପରେ ଏମାନେ କାହିଁକି ଏଭଳି ଚରମ ନିଷ୍ପତ୍ତି ନେଲେ ତାହା ଜଣାପଡ଼ିବ ବୋଲି ମାହାଙ୍ଗା ଅତିରିକ୍ତ ତହସିଲଦାର ଅତନୁ ପ୍ରଧାନ କହିଛନ୍ତି। ମାହାଙ୍ଗା ପୁଲିସ ଦୁଇଟି ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଜାରି ରଖିଥିଲା ବେଳେ ଶବ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିବା ଜଣାପଡ଼ିଛି।

### ଆଜିଠୁ ତାପମାତ୍ରା ଛୁଇଁବ ...

ଦେଖି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏଥିସହ ଆସନ୍ତାକାଲି ରାଜ୍ୟର ସମସ୍ତ ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ପବନ ବିଜୁଳି ଘଡ଼ଘଡ଼ିର ଚେତାବନୀ ଥିବାବେଳେ ୯ ଓ ୧୦ତାରିଖ ପାଇଁ ଦକ୍ଷିଣ ଓଡ଼ିଶାର ଗଞ୍ଜାମ, ଗଜପତି, କୋରାପୁଟ, ମାଲକାନଗିରି, ରାୟଗଡ଼ା ପାଇଁ ସତର୍କତା ରହିଛି। ୧୧ ଓ ୧୨ତାରିଖରେ ପଶ୍ଚିମ ଓଡ଼ିଶାରେ କାଳବୈଶାଖୀ ସତର୍କତା ମଧ୍ୟ ରହିଛି। ଉପକୂଳ ଓଡ଼ିଶା ପାଇଁ ଆଗାମୀ ୫ଦିନ ସେଭଳି କିଛି କାଳବୈଶାଖୀ ସତର୍କତା ନଥିବାବେଳେ ବର୍ଷାର ପରିମାଣ ରାଜ୍ୟର ବିଭିନ୍ନ ସ୍ଥାନରେ, ସ୍ଥାନେ ସ୍ଥାନେ ଅଧିକ ବର୍ଷାର ସମ୍ଭାବନା ରହିଛି। ଗତ ୨୪ଘଣ୍ଟାରେ ଉପକୂଳ ଓଡ଼ିଶାର ଚାରି ଜିଲ୍ଲାରେ ସର୍ବାଧିକ ବର୍ଷା ରେକର୍ଡ ହୋଇଛି। ଜଗତସିଂହପୁରରେ ସର୍ବାଧିକ ୮୬.୮ମିମି ବର୍ଷା ରେକର୍ଡ ହୋଇଛି। ସେହିପରି ଗଜପତିରେ ୮୨ମିମି, ଭଦ୍ରକରେ ୭୯.୧ମିମି, ପୁରୀରେ ୬୯.୧ମିମି ବର୍ଷା ରେକର୍ଡ ହୋଇଛି। ନୟାଗଡ଼ରେ ୪୮.୨ମିମି, କେନ୍ଦ୍ରାପଡ଼ାରେ ୪୫ମିମି, ଖୋର୍ଦ୍ଧାରେ ୪୦ ମିମି ବର୍ଷା ସହ ଗଞ୍ଜାମରେ ୩୭.୪ମିମି, ବାଲେଶ୍ୱରରେ ୩୫ ମିମି ବର୍ଷା ରେକର୍ଡ ହୋଇଛି। ତାପମାତ୍ରାରେ ବିଶେଷ ପରିବର୍ତ୍ତନ ଦେଖାଯାଇ ନାହିଁ। ପୂର୍ବପରି ୩୩ ଡିଗ୍ରୀ ଉପରେ ରହିଛି ପ୍ରାୟ ସମସ୍ତ ଜିଲ୍ଲା। କେବଳ ଫୁଲବାଣୀରେ ସର୍ବନିମ୍ନ ୨୨ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ସର୍ବାଧିକ ସମ୍ବଲପୁରରେ ୩୯.୮ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ ହୋଇଛି। ଗତ ୨୪ ଘଣ୍ଟାରେ ଭୁବନେଶ୍ୱରରେ ୩୬.୭ ଡିଗ୍ରୀ ଓ କଟକରେ ୩୭ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଆସନ୍ତାକାଲିଠୁ ଏକାଧିକ ଜିଲ୍ଲାରେ ତାପମାତ୍ରା ୪୦ଡିଗ୍ରୀ ଅତିକ୍ରମ କରିବ। ବିଶେଷକରି ପଶ୍ଚିମ ଓଡ଼ିଶାରେ ତାପମାତ୍ରା ବୃଦ୍ଧିହେବ ବୋଲି ଆଶଙ୍କା କରିଛି ଆଞ୍ଚଳିକ ପାଣିପାଗ ବିଭାଗ। ସେହିପରି ଭୁବନେଶ୍ୱରରେ ଆସନ୍ତାକାଲି ପାଇଁ ବର୍ଷା ଥିବାବେଳେ ଅଗାମୀ ୭ଦିନ ପାଇଁ ବର୍ଷାର ସମ୍ଭାବନା ନାହିଁ, କିନ୍ତୁ ପାଗ କୋହଲା ରହିବ। କଟକରେ ଆସନ୍ତାକାଲି ବର୍ଷା ରହିଥିବାବେଳେ ଆଗମୀ ଚାରିଦିନ ବର୍ଷା ନଥିବାବେଳେ ପରେ ବର୍ଷା ସମ୍ଭବନା ରହିଛି।

### ଅଧିକ ସଜାଗ ହେଲେ ...

ଜିଲ୍ଲା ପର୍ଯ୍ୟବେକ୍ଷଣ ୟୁନିଟ୍ ଇନ୍‌ଫ୍ଲୁଏଞ୍ଜା ପରି ରୋଗ(ଇଲି) ଏବଂ ଗମ୍ଭୀର ତୀବ୍ର ଶ୍ୱାସକ୍ରିୟା ରୋଗ(ସାରି) ମାମଲା ଉପରେ ସକ୍ରିୟ ଭାବରେ ନଜର ରଖୁଛନ୍ତି। ସମସ୍ତ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ସଂକ୍ରମଣରେ ସାରି ମାମଲା ବେଶୀ ପରିଲକ୍ଷିତ ହୋଇଛି। ଜାତୀୟ ନିର୍ଦ୍ଦେଶାବଳୀ ଅନୁଯାୟୀ, ଇଲି ମାମଲାଗୁଡ଼ିକର ମାତ୍ର ୫ ପ୍ରତିଶତ। ଉଦୀୟମାନ ପ୍ରକାରଗୁଡ଼ିକୁ ଟ୍ରାକ୍‌କରିବା ପାଇଁ ଆଇସିଏମଆର୍ ଭିଆର୍‌ଡିଏଲ୍ ନେଟ୍‌ୱାର୍କ ମାଧ୍ୟମରେ ପଜିଟିଭ୍ ସାରି ନମୁନାଗୁଡ଼ିକର ସମ୍ପୂର୍ଣ୍ଣ ଜିନୋମ୍ ସିକୋଏନ୍ସିଂ କରାଯାଉଛି। ରାଜ୍ୟସ୍ତରୀୟ ଅକ୍ସିଜେନ୍ ଯୋଗାଣ ପ୍ରଣାଳୀ ମକ୍‌ଡ୍ରିଲ୍ ବି ଗତ ୨ତାରିଖରେ କରାଯାଇଥିଲା। ଯେଉଁଥିରେ ପିସିଏ ପ୍ଲାଣ୍ଟ, ଏଲ୍‌ଏମ୍‌ଓ ଟ୍ୟାଙ୍କ ଏବଂ ଏମ୍‌ଜିପିଏସ୍ ଲାଇନ ସମେତ ଯୋଗଦେଇଥିଲେ। ପରେ ବିଭିନ୍ନ ଜିଲ୍ଲାରେ ପ୍ରସ୍ତୁତି ପରୀକ୍ଷା କରିବା ପାଇଁ ସୁବିଧାସ୍ତରୀୟ ପ୍ରସ୍ତୁତି ମକ୍‌ଡ୍ରିଲ୍ ଜୁନ୍ ୪,୫ ପାଇଁ ଧାର୍ଯ୍ୟ କରାଯାଇଥିଲା।

ଅନ୍ୟପଟେ, କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅନୁଯାୟୀ, ଦେଶରେ ସକ୍ରିୟ କୋଭିଡ୍-୧୯ ମାମଲା ସଂଖ୍ୟା ୫,୩୬୪ରେ ପହଞ୍ଚିଛି। ଗତ ୨୪ ଘଣ୍ଟା ମଧ୍ୟରେ ୪ଟି ନୂତନ କୋଭିଡ୍-୧୯ ସମ୍ବନ୍ଧୀୟ ମୃତ୍ୟୁ ରିପୋର୍ଟ ହୋଇଛି। ଏହି ମୃତକଙ୍କ ମଧ୍ୟରୁ ଦୁଇଟି କେରଳରେ ଏବଂ କର୍ଣ୍ଣାଟକ ଓ ପୁଡୁଚେରୀରୁ ଜଣ ଜଣଙ୍କର ମୃତ୍ୟୁ ହୋଇଛି। ଏଥିସହିତ କେରଳ ସର୍ବାଧିକ ପ୍ରଭାବିତ ରାଜ୍ୟ ରହିଛି, ଯାହାର ଶୁକ୍ରବାର ସକ୍ରିୟ ମାମଲା ସଂଖ୍ୟା ୧୬୦୦ ଅତିକ୍ରମ କରିଛି। ଏହା ପରେ ଗୁଜରାଟ, ପଶ୍ଚିମବଙ୍ଗ ଏବଂ ଦିଲ୍ଲୀ ରହିଛି। ଦିଲ୍ଲୀରେ ୫୯୨ ସକ୍ରିୟ କୋଭିଡ୍-୧୯ ମାମଲା ରହିଛି। ପ୍ରତିଦିନ ହାରାହାରି ୧୨୦୦ ଆର୍‌ଟି-ପିସିଆର୍ ପରୀକ୍ଷା କରାଯାଉଛି।

### ସମୃଦ୍ଧ ଓଡ଼ିଶାରେ ଶିକ୍ଷା ...

ଏଥିରୁ ଆପଣମାନେ ଜାଣିପାରୁଥିବେ ସରକାର ସ୍ୱାସ୍ଥ୍ୟସେବାକୁ କେତେ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ଏହି ମହାବିଦ୍ୟାଳୟ, କନ୍ଧମାଳ ଓ ଆଖପାଖ ଅଞ୍ଚଳର ଯୁବପିଢ଼ିଙ୍କ ପାଇଁ ଶିକ୍ଷାର ଏକ ନୂଆ ଦ୍ୱାର ଖୋଲିଛି। ଏହି ୧୦୦ ସିଟ୍ ବିଶିଷ୍ଟ ମହାବିଦ୍ୟାଳୟରୁ ସ୍ନାତକ ପାଇବା ପରେ ଭେଷଜ ବିଶେଷଜ୍ଞମାନେ ଭବିଷ୍ୟତରେ କେବଳ ଓଡ଼ିଶା ନୁହେଁ, ସମଗ୍ର ଦେଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ପାରିବେ। 'ମାନବ ସେବା ହିଁ ମାଧବ ସେବା', ଏହାକୁ ନିଜ ଜୀବନର ବ୍ରତ ଭାବରେ ଗ୍ରହଣ କରି ଡାକ୍ତରମାନେ ଏହି ମହାବିଦ୍ୟାଳୟକୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ଅଗ୍ରଣୀ ଅନୁଷ୍ଠାନ ରୂପେ ଗଢ଼ି ତୋଳିବା ପାଇଁ ମୁଖ୍ୟମନ୍ତ୍ରୀ ଡାକ୍ତରୀ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ହସ୍ପିଟାଲ୍ ଦ୍ୱାରା, କେବଳ କନ୍ଧମାଳ ଜିଲ୍ଲା ନୁହେଁ ପାର୍ଶ୍ୱବର୍ତ୍ତୀ ନୟାଗଡ଼, ବୌଦ୍ଧ ଏବଂ କଳାହାଣ୍ଡି ଜିଲ୍ଲାର ଅଧିବାସୀମାନେ ମଧ୍ୟ ଉପକୃତ ହେବେ। ଏହା ସ୍ଥାନୀୟ ରୋଜଗାର, ଗବେଷଣା ଓ ଅର୍ଥନୈତିକ ବିକାଶ ପାଇଁ ମଧ୍ୟ ଏକ ଶକ୍ତିଶାଳୀ ଇଞ୍ଜିନ ଭାବରେ କାମ କରିବ।

ମୁଖ୍ୟମନ୍ତ୍ରୀ ଫୁଲବାଣୀଠାରେ ଜିଲ୍ଲାର ବିକାଶ ପାଇଁ ପ୍ରାୟ ୭୫୦ କୋଟି ଟଙ୍କା ମୂଲ୍ୟର ୧୦ଟି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରୁ ୬୫୫ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ୫ ପ୍ରକଳ୍ପର ଶୁଭ ଉଦ୍ଘାଟନ ହେବା ସହିତ ପ୍ରାୟ ୯୪ କୋଟିରୁ ଉର୍ଦ୍ଧ୍ୱ ୫ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏହିସବୁ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଗ୍ରାମ୍ୟ ପାନୀୟଜଳ ପ୍ରକଳ୍ପ, ମେଗା ପାଇପଜଳ ଯୋଗାଣ ପ୍ରକଳ୍ପ, ବିଦ୍ୟାଳୟ ଭିତ୍ତିଭୂମି ଉନ୍ନତିକରଣ, ପର୍ଯ୍ୟଟନ କେନ୍ଦ୍ର, ସ୍ୱାସ୍ଥ୍ୟକେନ୍ଦ୍ର, ସଡ଼କ ନିର୍ମାଣ ପ୍ରକଳ୍ପ, ମିଶନଶକ୍ତି ବଜାର, ବହୁମୁଖୀ ଗୋଷ୍ଠୀକେନ୍ଦ୍ର ଏବଂ ଅନ୍ୟାନ୍ୟ ସରକାରୀ ଭିତ୍ତିଭୂମି ରହିଛି। ମୁଖ୍ୟମନ୍ତ୍ରୀ କହିଥିଲେ, ଆମ ସରକାର ଆସିବା ପରେ, ଏହି ଏକ ବର୍ଷ ମଧ୍ୟରେ ଓଡ଼ିଶାରେ ବିକାଶର ଧାରା ତ୍ୱରାନ୍ୱିତ ହୋଇଛି। ଏହି କ୍ରମରେ କନ୍ଧମାଳ ଜିଲ୍ଲାର ବିକାଶ ପାଇଁ ଜିଲ୍ଲାବାସୀଙ୍କୁ ଉତ୍ତମ ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ, ଭିତ୍ତିଭୂମି, ଗମନାଗମନ ଇତ୍ୟାଦି ମୌଳିକ ସୁବିଧା ଯୋଗାଇଦେବା ପାଇଁ ଆମ ସରକାରଙ୍କ ପକ୍ଷରୁ ଉଦ୍ୟମ ଅବ୍ୟାହତ ରହିଛି। ଆମ ସରକାର ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଲକ୍ଷ୍ୟ ରଖିଛନ୍ତି। କନ୍ଧମାଳ ଜିଲ୍ଲାରେ ମଧ୍ୟ ଆଗାମୀ ଦିନରେ ଅନେକ ଶିଳ୍ପ ପ୍ରକଳ୍ପ ସ୍ଥାପନ ହେବ। ଏହା ଜିଲ୍ଲାର ଶିଳ୍ପାୟନ ବିକାଶକୁ ଦ୍ୱିଗୁଣିତ କରିବା ସହିତ ଜିଲ୍ଲାବାସୀଙ୍କ ରୋଜଗାର ଓ ନିଯୁକ୍ତି ପାଇଁ ବ୍ୟାପକ ସୁଯୋଗ ଆଣିବ। ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଓଡ଼ିଶାର ଭୂସ୍ୱର୍ଗ ଦାରିଙ୍ଗବାଡ଼ି ପର୍ଯ୍ୟଟନର ବିକାଶ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଧ୍ୟାନ ଦେଉଛନ୍ତି। ଦାରିଙ୍ଗବାଡ଼ିର ପର୍ଯ୍ୟଟନ ବିକାଶ ପାଇଁ ୧୮ କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପ ଅନୁମୋଦନ କରି ଟେଣ୍ଡର୍ ଆହ୍ୱାନ କରାଯାଇଛି ଓ ପୁଟୁଡ଼ି ଜଳପ୍ରପାତର ବିକାଶ ପାଇଁ ୪ କୋଟି ୫୦ ଲକ୍ଷ ଟଙ୍କା ଅର୍ଥ ଅନୁମୋଦନ କରାଯାଇଛି। ଏହା ଛଡ଼ା କନ୍ଧମାଳରେ ଥିବା ଅନ୍ୟ ପର୍ଯ୍ୟଟନ ସ୍ଥଳୀଗୁଡ଼ିକୁ ମଧ୍ୟ ଉନ୍ନତିକରଣ କରାଯାଇ ପର୍ଯ୍ୟଟନ ଶିଳ୍ପର ବିକାଶ କରାଯିବ। ଫଳରେ ଏଠିକାର ଲୋକମାନେ ପର୍ଯ୍ୟଟନ କ୍ଷେତ୍ରରେ ନିୟୋଜିତ ହୋଇପାରିବେ ବୋଲି ମୁଖ୍ୟମନ୍ତ୍ରୀ ମତପୋଷଣ କରିଥିଲେ ।

ସେ କହିଥିଲେ ଯେ କନ୍ଧମାଳ ଜିଲ୍ଲାର ପ୍ରାୟ ୫୪% ଅଧିବାସୀ ହେଉଛନ୍ତି ଆଦିବାସୀ ସମ୍ପ୍ରଦାୟର। ଆମ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଦାୟିତ୍ୱ ନେବା ପରଠାରୁ ଜନଜାତି ସମ୍ପ୍ରଦାୟଙ୍କ ଉନ୍ନତି ଓ କଲ୍ୟାଣ ସାଧନ ପାଇଁ ଆନେକ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ଆଦିବାସୀମାନଙ୍କର ଜଙ୍ଗଲ ଜମି ଅଧୀକାର ପ୍ରଦାନ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ତତ୍ପରତାର ସହିତ କାର୍ଯ୍ୟ କରୁଛି। ଜଙ୍ଗଲ ଜମି ଅଧିକାର ଆଇନ ଦ୍ୱାରା ଗତ ଛଅ ମାସ ମଧ୍ୟରେ ୨୦ହଜାରରୁ ଉର୍ଦ୍ଧ୍ୱ ବ୍ୟକ୍ତିଗତ ପଟ୍ଟା ପ୍ରଦାନ କରଯାଇଛି। ସରକାର ନୀତିଗତ ନିଷ୍ପତ୍ତି ନେଇଛନ୍ତି ଯେ ଏଣିକି ରାଜ୍ୟରେ ଜଣେ ବି ଭୂମିହିନ ରହିବେ ନାହିଁ, ତେଣୁ ଆଗାମୀ ଦିନରେ ଜିଲ୍ଲାର ସମସ୍ତ ଭୂମିହୀନଙ୍କୁ ଜମି ଯୋଗାଇ ଦିଆଯିବ। ତିନି ଡେସିମିଲରୁ କମ୍ ଜମି ଥିବା ଲୋକେ ବି ଏଥିରେ ଅନ୍ତର୍ଭୁକ୍ତ। ପିଭିଟିଜି ବର୍ଗଙ୍କୁ ଜଙ୍ଗଲ ଜମି ଅଧିକାର ପ୍ରଦାନ କରି ଓଡ଼ିଶା ସର୍ବଭାରତୀୟ ସ୍ତରରେ ପ୍ରଶଂସା ହାସଲ କରିଛି। ମୁଖ୍ୟମନ୍ତ୍ରୀ ପରିଶେଷରେ କହିଛନ୍ତି ଯେ ଆଜି ଆମେ ୨୦୩୬ରେ ସମୃଦ୍ଧ ଓଡ଼ିଶା ଗଠନ ଓ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ କରିବା ଦିଗରେ ଅଗ୍ରସର ହେଉଛୁ। ୨୦୩୬ ସୁଦ୍ଧା ଆମେ ଲକ୍ଷ୍ୟ ରଖିଛୁ ରାଜ୍ୟର ସର୍ବାଙ୍ଗୀନ ବିକାଶ, ସାମଗ୍ରିକ ଅଭିବୃଦ୍ଧି ଏବଂ ଜନଜାତି ସଶକ୍ତିକରଣ ଜରିଆରେ ଏକ ସମୃଦ୍ଧ ଓଡ଼ିଶା ଗଠନ କରିବା। ସମୃଦ୍ଧ ଓଡ଼ିଶାରେ ଆମେ ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ଭିତ୍ତିଭୂମି ଆଦି ସବୁ କ୍ଷେତ୍ରରେ ଉତ୍କର୍ଷ ହାସଲ କରିବାର ଲକ୍ଷ୍ୟ ରଖିଛୁ। ସମସ୍ତଙ୍କୁ ବିଶୁଦ୍ଧ ପାଣି, ଉନ୍ନତ ସ୍ୱାସ୍ଥ୍ୟସେବା, ଗୁଣାତ୍ମକ ବିଜୁଳି, ଗମନାଗମନ ସୁବିଧା ଏସବୁ ଉପଲବ୍ଧ ହେବ। ତାହା ସହିତ ସମାଜର ଶେଷଧାଡ଼ିରେ ରହୁଥିବା ଭାଇଭଉଣୀଙ୍କୁ ଯେପରି ସବୁପ୍ରକାର ମୌଳିକ ସୁବିଧା ଉପଲବ୍ଧ ହେବ, ସେ ଦିଗରେ ମଧ୍ୟ ଆମର ଉଦ୍ୟମ ରହିଛି। ଉକ୍ତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ, କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଓ ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ ପ୍ରମୁଖ ମଞ୍ଚାସୀନ ଥିଲେ।

# ନିଃଶୁଳ୍କ ଆଇନ ସେବା ପାଇଁ ଭ୍ରାମ୍ୟମାଣ ରଥ ପରିକ୍ରମା



**ନୟାଗଡ଼,୭।୬/ଏନ୍‌ଏନ୍‌ଏସ୍:** ନୟାଗଡ଼ ରାଜ୍ୟ ଆଇନ୍‌ସେବା ପ୍ରାଧିକରଣ, କଟକଙ୍କ ତରଫରୁ ନିଃଶୁଳ୍କ ଆଇନ ସେବା ଏବଂ ଲୋକ ଅଦାଲତ ପାଇଁ ଭ୍ରାମ୍ୟମାଣ ରଥକୁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ଅଞ୍ଜଳି ମଚ୍ଛଖଣ୍ଡ ସ୍ୱାଗତ କରିବା ସହିତ ଜିଲ୍ଲାର କୋଣ ଅନୁକୋଣରେ ଏହି ରଥ ପହଂଚି ନିଃଶୁଳ୍କ ଆଇନ୍‌ସେବା ଏବଂ ଲୋକ ଅଦାଲତ ସମ୍ବନ୍ଧରେ ଜନସାଧାରଣଙ୍କ ନିକଟରେ ବାର୍ତ୍ତା ପହଚିଂଇବାକୁ ଏହାର ଶୁଭାରମ୍ଭ କରିଥିଲେ। ସକାଳ ୯ ଘଣ୍ଟା ସମୟରେ ଭ୍ରାମ୍ୟମାଣ ରଥ କୋର୍ଟ ପରିସରରେ ପହଞ୍ଚିବା ପରେ ଅଧିକାର ମିତ୍ର ପ୍ରାଧିକରଣ କର୍ମଚାରୀ, ପ୍ରାଧିକରଣ ସଦସ୍ୟା, ପ୍ରାଧିକରଣ ତରଫରୁ ନିଯୁକ୍ତ ଓକିଲଙ୍କୁ ନେଇ ନିଃଶୁଳ୍କ ଆଇନ୍‌ସେବ ଏବଂ ଲୋକ ଅଦାଲତର ପ୍ରଚାର ପ୍ରସାର ପାଇଁ ବାହାରିଥିଲେ। ସଚିବ ଶ୍ରୀମତୀ ମଚ୍ଛଖଣ୍ଡ ମଧ୍ୟ ନିଜେ ନୟାଗଡ଼ ସହରେ ପ୍ରଚାର କାର୍ଯ୍ୟରେ ସାମିଲ ହୋଇଥିଲେ। ଏହି ଭ୍ରାମ୍ୟମାଣ ରଥ ପ୍ରଥମ ଦିବସରେ ନୟାଗଡ଼, ନୂଆଗାଁ, ଦଶପଲ୍ଲା ବ୍ଲକ୍‌ର ବିଭିନ୍ନ ପଞ୍ଚାୟତ, ଗ୍ରାମାଞ୍ଚଳର ଅବହେଳିତ ଗ୍ରାମରେ ଡାକବାଜି ଯନ୍ତ୍ର ଓ ପ୍ରଚାର ପତ୍ର ମାଧ୍ୟମରେ ନିଃଶୁଳ୍କ ଆଇନ୍‌ସେବା କ'ଣ ଏବଂ ଲୋକ ଅଦାଲତ କ'ଣ ଏହାର ସୁଯୋଗ ନେବାକୁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ଦ୍ୱିତୀୟ ଦିବସରେ ଗଣିଆ, ଖଣ୍ଡପଡ଼ା, ଭାପୁର ଠିକ୍ ସେହିପରି ତୃତୀୟ ଦିବସରେ ରଣପୁର, ଓଡ଼ଗାଁ ବ୍ଲକ୍‌ର ଗ୍ରାମାଞ୍ଚଳରେ ପ୍ରଚାର କରିଥିଲେ। ୧୫୧୦୦ ନମ୍ବରକୁ ଫୋନ୍ କରି ନିଃଶୁଳ୍କ ଆଇନ୍‌ସେବା ପାଇବା ପାଇଁ ଅଧିକାରମିତ୍ରମାନେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ନିଃଶୁଳ୍କ ଆଇନ୍‌ସେବା ପାଇବା ପାଇଁ ଭ୍ରାମ୍ୟମାଣ ରଥ ୩ଦିନ ଧରି ଜନସାଧାରଣଙ୍କ ନିକଟତର ହେବାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ଅଧିବକ୍ତା ରମେଶଚନ୍ଦ୍ର ମହାରଣା, କାମାକ୍ଷା ପ୍ରସାଦ ଦାଶ, ସ୍ୱେଚ୍ଛାସେବୀ ଅମନ୍ ମିଶ୍ର, ପ୍ରାଧିକରଣ ସଦସ୍ୟା କ୍ଷଣପ୍ରଭା କର, ଅଧିକାର ମିତ୍ର ପ୍ରଫୁଲ୍ଲ କୁମାର ବେହେରା, ଲିପ୍‌ସା ଦାସ, ସନ୍ଧ୍ୟାରାଣୀ ବେହେରା, ମମତା ବେହେରା, ରାଜେଶ କୁମାର ମିଶ୍ର, ପୂଜା ନାୟକ, ପ୍ରଣତୀ ପରିଡା, ଅନୁପମା ରାଉତ, ଶୁବାସିନୀ ମହାପାତ୍ର, ଏସ୍. ଇପ୍‌ସିତା ଦେବଦର୍ଶିନୀ, କୃପାସିନ୍ଧୁ, ବାସୁଦେବ, ସୂର୍ଯ୍ୟ, ବିଷ୍ଣୁଚରଣ ପଟ୍ଟନାୟକ ଏବଂ ପ୍ରାଧିକରଣ କର୍ମଚାରୀ ପବନ ବେହେରା, ପ୍ରଶାନ୍ତ ସାହୁ, ଗଦାଧର ବିଶ୍ୱାଳ, ରାଜେଶ ବାରିକ ପ୍ରମୁଖ ସାମିଲ ହୋଇଥିଲେ।

## ଜଟଣୀର ବିଭିନ୍ନ ସ୍ଥାନରେ 'ଇଦ୍-ଉଲ୍-ଜୁହା'



**ଜଟଣୀ,୭।୬/ଏନ୍‌ଏନ୍‌ଏସ୍:** ଜଟଣୀ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି ଇସଲାମ ସମ୍ପ୍ରଦାୟର ବଳିଦାନର ପର୍ବ ଇଦ-ଉଲ-ଜୁହା। ଜଟଣୀ ସହରରେ ଥିବା ୬ଟି ମସଜିଦ୍ ଓ ଇଦଗାହରେ ଏହି ଇଦ-ଉଲ-ଜୁହା ନମାଜ ପାଠ କରାଯାଇଛି। ଇସଲାମ ଧର୍ମାମ୍ବଲମ୍ବୀ ମୁସଲମାନ ଭାଇମାନଙ୍କର ଦାନ ଓ ଧର୍ମର ପର୍ବ ଇଦ-ଉଲ-ଫିତର ପରେ ବଳିଦାନର ପର୍ବ ଇଦ-ଉଲ-ଜୁହା ଅନ୍ୟତମ। ଆଜି ସକାଳ ସାଢ଼େ ୮ଟା ଠାରୁ ସମସ୍ତ ମସଜିଦ ଗୁଡ଼ିକରେ ଇଦ-ଉଲ-ଜୁହା ନମାଜପାଠ କରାଯାଇଥିଲା ବେଳେ ଆଉ କେତେକ ମସଜିଦରେ ସାଢ଼େ ସାଢ଼େ ଆଠଟା ସମୟରେ ନମାଜପାଠ କରାଯାଇଥିଲା। ଜଟଣୀରେ ରହିଥିବା ଏକମାତ୍ର ଇଦଗାହରେ ନମା ଜୀଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ମସଜିଦରେ ମହିଳାଙ୍କ ପ୍ରବେଶ ବାରଣ ରହିଥିବାରୁ ସେମାନେ ମସଜିଦ ବଦଳରେ ବିଭିନ୍ନ ଅଞ୍ଚଳ ବୁଲାବୁଲି କରି ଏହି ପର୍ବର ମଜା ଉଠାଇଥିଲେ। ଜଟଣୀ ସହରରେ ଥିବା ୬ଟି ମସଜିଦ ସହିତ ଇଦଗାହ, ଜଟଣୀ ଅଞ୍ଚଳର ଗଡ଼ରଥୀପୁରରେ ଥିବା ୨ଟି ମସଜିଦ ଓ ଇଦଗାହ, ବେଣାପଞ୍ଜରୀରେ ଥିବା ୨ଟି ମସଜିଦ ଓ ଇଦଗାହ ସହିତ ଗଡ଼ତରାବୋଇରେ ଥିବା ୨ଟି ମସଜିଦ ଏବଂ ଇଦଗାହରେ ସମୂହ ନମାଜପାଠ କରଯାଇଥିଲା। ଅନ୍ୟପଟେ ଏହି ପର୍ବ ଅବସରରେ ସମସ୍ତ ମୁସଲମାନ ସମ୍ପ୍ରଦାୟଙ୍କ ଘରେ ଖାଦ୍ୟ ପସ୍ତୁତ କରାଯାଇଥିବା ବେଳେ ସମସ୍ତେ ନୂତନ ବସ୍ତ୍ର ପରିଧାନ କରି ଜଣେ ଅନ୍ୟଜଣକୁ ଆଲିଙ୍ଗନ କରି ଏହି ପର୍ବର ଶୁଭେଚ୍ଛା ଜଣାଇଥିଲେ।

## କୋଣାର୍କ ବ୍ଲକ ପାଗୋଡ଼ା ଟାଏକ୍ୱୋଣ୍ଡୋ ଏକାଡେମୀର ଦୁଇ ଛାତ୍ରୀଙ୍କୁ ବ୍ଲାକ୍‌ବେଲ୍ଟ

**କୋଣାର୍କ,୭।୬/ଏନ୍‌ଏନ୍‌ଏସ୍:** କୋଣାର୍କ ବ୍ଲକ ପାଗୋଡା ଟାଏକ୍ୱୋଣ୍ଡୋ ଏକାଡେମୀର ପ୍ରଶିକ୍ଷକ ଶଶି ଭୂଷଣ ବାରିକଙ୍କ ଦ୍ୱାରା ପ୍ରଶିକ୍ଷିତ କୋଣାର୍କ ଅଞ୍ଚଳର ଦୁଇ ଛାତ୍ରୀ ପାୟଲ କୁମାରୀ ସାହୁ ଓ ପ୍ରୀତି ପ୍ରିୟଦର୍ଶିନୀ ମୁଦୁଲି ଅନ୍ତର୍ଜାତୀୟ ଟାଏକ୍ୱୋଣ୍ଡୋ ମାଷ୍ଟର ତଥା ଓଡ଼ିଆ ଟାଏକ୍ୱୋଣ୍ଡୋ ସଂଘର ସାଧାରଣ ସମ୍ପାଦକ, ବିଶ୍ୱ ଟାଏକ୍ୱୋଣ୍ଡୋ ଏକାଡେମୀର ସ୍ୱୀକୃତିପ୍ରାପ୍ତ ସଦସ୍ୟ ଓ ପ୍ରଶିକ୍ଷକ ମନମୋହନ ଭଞ୍ଜଙ୍କ ଅଧୀନରେ ଏହି ଦୁଇ ଛାତ୍ରୀ ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହୋଇଛନ୍ତି। ଆଜି ଦୁଇ ସଫଳ ଖେଳାଳିଙ୍କୁ ଅନ୍ତର୍ଜାତୀୟ ଟାଏକ୍ୱୋଣ୍ଡୋ ମାଷ୍ଟର ମନମୋହନ ଭଞ୍ଜ କୋଣାର୍କ ସ୍ଥିତ ବ୍ଲକ ପାଗୋଡ଼ା ଟାଏକ୍ୱୋଣ୍ଡୋ ଏକାଡେମୀରେ ବ୍ଲାକ ବେଲ୍ଟ ସାର୍ଟିଫିକେଟ୍ ପ୍ରଦାନ ସହ ଖେଳାଳିମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏକାଡେମୀର ପ୍ରଶିକ୍ଷକ ଶଶୀ ଭୂଷଣ ବାରିକ ଖେଳାଳିଙ୍କ ଏହି ସଫଳତା ପାଇଁ ଶୁଭେଚ୍ଛା ଜଣାଇବା ସହ ଭବିଷ୍ୟତ ପ୍ରସ୍ତୁତି ପାଇଁ ପରାମର୍ଶ ଦେଇଥିଲେ।



## ଐତିହାସିକ ପଲ୍ଟନ୍ ପଡ଼ିଆର ସ୍ଥିତି ଶୋଚନୀୟ



**ତିନିମାସ ହେଲା ଶୋଇରହିଛି ପୂର୍ତ୍ତବିଭାଗ**

**କଣ୍ଟିଲୋ,୭।୬/ଏନ୍‌ଏନ୍‌ଏସ୍:** ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ କଣ୍ଟିଲୋ ଗସ୍ତ ଆଜକୁ ଠିକ୍ ୭୪ଦିନ ବିତିଥିବା ବେଳେ ରାଷ୍ଟ୍ରପତିଙ୍କ କଣ୍ଟିଲୋ ଗସ୍ତ ପୂର୍ବରୁ ରାଜ୍ୟ ସରକାରଙ୍କ ଓ ନୟାଗଡ଼ ଜିଲ୍ଲାର ପ୍ରତ୍ୟେକ ବିଭାଗୀୟ ଅଧିକାରୀଙ୍କ ମାଧ୍ୟମରେ ରାତାରାତି କୋଟି କୋଟି ଟଙ୍କା ବ୍ୟୟରେ ତରବରିଆ ଭାବେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍ଣ୍ଣ କରିଥିବା ନଜିର ଅଛି। ସେଥି ମଧ୍ୟରୁ କଣ୍ଟିଲୋ ପଲ୍ଟନ ପଡ଼ିଆରେ ତିନିଟି ଅସ୍ଥାୟୀ ହେଲି ପ୍ୟାଡ୍ ନିର୍ମାଣ ହୋଇଥିଲା। ଆଜକୁ ୭୪ ଦିନ ହେଲା ରାଷ୍ଟ୍ରପତିଙ୍କ ପ୍ରୋଗ୍ରାମ ଶେଷ ହେଲାଣି।ତେଣୁ ମାର୍ଚ୍ଚ ୧୦ ରୁ ଆଜ ସୁଦ୍ଧା ୮୯ ଦିନ ଅତିବାହିତ ହୋଇଥିଲେ ହେଁ ଆଜ ସୁଦ୍ଧା ନୟାଗଡ଼ ଓ ଖଣ୍ଡପଡ଼ା ପୂର୍ତ୍ତ ବିଭାଗ କଣ୍ଟିଲୋର ମୁଖ୍ୟ ଖେଳପଡିଆକୁ ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ପଡ଼ିଆର ସ୍ଥିତି ଯାହା ଥିଲା ସେପରି ନକରି ଶୋଚନୀୟ ଅବସ୍ଥାରେ ପକାଇ ରଖିଛନ୍ତି। ବର୍ତ୍ତମାନ୍ ବର୍ଷା ଋତୁ ଆସିଥିବାରୁ ସେହି ପଡ଼ିଆରେ ଫୁଟବଲ ଖେଳ ଅଭ୍ୟାସ ଏବଂ ମ୍ୟାଚ୍ ଆସନ୍ତା ଜୁନ ମାସ ୧୫ରୁ ଆରମ୍ଭ ହେବ। ପୂର୍ତ୍ତବିଭାଗ ଅଧିକାରୀ ଓ କର୍ମଚାରୀ ମାନଙ୍କ ଅବହେଳା, ଇଚ୍ଛାଶକ୍ତିର ଅଭାବ ଓ ମନମାନୀ ଯୋଗୁ ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ପଡ଼ିଆର ଉଭୟପାର୍ଶ୍ୱରୁ ଭାଙ୍ଗିଥିବା ଗୋଲ ପୋଷ୍ଟ ନିର୍ମାଣ ଆଜି ସୁଦ୍ଧା କରିନାହାନ୍ତି କି ଘାସ ଓ ମାଟିକୁ ତାଡି ପିଟୁରେ ନିର୍ମାଣ କରିଥିବା ହେଲିପ୍ୟାଡକୁ ତାଡି ନେବା ପରେ ପୂର୍ବବତ୍ ଘାସ ଲଗାଇ ନାହାନ୍ତି। ବାରମ୍ବାର ଦାବି ହେଉଥିଲେ ମଧ୍ୟ ପୂର୍ତ୍ତ ବିଭାଗ ଅଧିକାରୀମାନେ ଅଚିନ୍ତା ନିଦରେ ଶୋଇଛନ୍ତି। ତେଣୁ ଆସନ୍ତା ଜୁନ ୧୫ ପୂର୍ବରୁ ଯଦି ସର୍ବସାଧାରଣଙ୍କ ଖେଳପଡିଆକୁ ପୂର୍ବବତ ଖେଳ ଉପଯୋଗୀ କରାନଯାଏ, ତେବେ ବାଧ ହୋଇ ଖେଳାଳିମାନେ ବିକଳ୍ପ ପନ୍ଥା ଗ୍ରହଣ କରିବେ ବୋଲି କହିଛନ୍ତି। ସ୍ଥାନୀୟ ବିଧାୟକ ଓ ଜିଲ୍ଲାପାଳ ନୟାଗଡ଼ ଏଥିରେ ହସ୍ତକ୍ଷେପ କରି ସମସ୍ୟାର ସମାଧାନ କରିବାକୁ ଦାବି କରିଛନ୍ତି।

## ଯୁବକଙ୍କ ଉନ୍ମତ୍ତକାଣ୍ଡ, ଭାଙ୍ଗିଲା ଗାଡ଼ି କାଚ

**ଦଶପଲ୍ଲା,୭।୬/ଏନ୍‌ଏନ୍‌ଏସ୍:** ଦଶପଲ୍ଲାର ଜନଗହଳିପୂର୍ଣ୍ଣ ବ୍ୟବସାୟିକ ସ୍ଥଳରେ ଦେଖିବାକୁ ମିଳିଛି ଜଣେ ନିଶାସକ୍ତ ଯୁବକଙ୍କ ଉନ୍ମତକାଣ୍ଡ। ଯୁବକ ଜଣକ ନିଶାସକ୍ତ ଅବସ୍ଥାରେ ପ୍ରଥମେ ଜଣେ ମହିଳା ଶ୍ରମିକଙ୍କ ସହ ପାଟିତୁଣ୍ଡ କରି ଗାଳିଗୁଲଜ କରିଥିଲେ। ଏହାଦେଖି ଉପସ୍ଥିତ ଲୋକମାନେ ଯୁବକଙ୍କୁ ଛଡ଼ାଛଡ଼ି କରିବା ପରେ ସେଠାରୁ ଯୁବକ ଜଣକ ଚାଲିଯାଇଥିଲେ। ପରେ ଜାତୀୟ ରାଜପଥ ପାର୍ଶ୍ୱରେ ଠିଆ ହୋଇଥିବା ଏକ ଗାଡ଼ିର ସମ୍ମୁଖ କାଚ ଭାଙ୍ଗି ଦେଇ ଚାଲିଯାଇଥିଲେ। ଖୋଜା ଖୋଜି କରି ଲୋକମାନେ ତାକୁ ଧରି ପଚରାଉଚରା କରୁଥିବା ବେଳେ ସେ ପକେଟ୍‌ରେ ଧରିଥିବା ଏକ ହାତ ତିଆରି ବମ୍ ଫୁଟାଇ ସେଠାରୁ ଚମ୍ପଟ ମାରିଥିଲେ। ବମ୍ ବାଣ ଫୁଟିବା ଦ୍ୱାରା ସେଠାରେ ଉପସ୍ଥିତ ଥିବା ସୁମନ୍ତ ରଥ, ପ୍ରସନ୍ନ ପ୍ରଧାନ ଏବଂ ଟୁଟୁ ନାୟକ ସାମାନ୍ୟ ଆହତ ହୋଇଥିଲେ। ଚମ୍ପଟ ମାରିଥିବା ଯୁବକଙ୍କ ନାମ ଜଣା ପଡ଼ି ନଥିବା ବେଳେ ତାଙ୍କ ଘର ଗଞ୍ଜାମ ଜିଲ୍ଲାରେ ବୋଲି ପ୍ରାଥମିକ ଭାବେ ଜଣାପଡ଼ିଛି। ଏହି ଘଟଣାରେ ପୁଲିସ ତଦନ୍ତ ଆରମ୍ଭ କରିଛି।

### ସୁରକ୍ଷାକର୍ମୀଙ୍କ ଗୁଳିରେ ...

ସିଆର୍‌ପିଏଫ୍ ବାହିନୀ ପକ୍ଷରୁ କରାଯାଇଥିବା ମିଳିତ ଅପରେସନ୍‌ରେ ସେ ନିହତ ହୋଇଥିବା ନେଇ ଶନିବାର ସୂଚନା ଦେଇଛନ୍ତି ବସ୍ତର ଆଇଜି ପି. ସୁନ୍ଦରରାଜ। ଆଇଜି କହିଛନ୍ତି, ନକ୍ସଲ ବିରୋଧୀ ଅଭିଯାନରେ ସ୍ପେଶାଲ୍ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଏବଂ ରାଜ୍ୟ ପୁଲିସର ଜିଲ୍ଲା ରିଜର୍ଭ ଗାର୍ଡ (ଡିଆର୍‌ଜି) ସହ ସିଆର୍‌ପିଏଫ୍‌ର ସ୍ୱତନ୍ତ୍ର ୟୁନିଟ୍ 'କୋବ୍ରା' ପକ୍ଷରୁ ମିଳିତ ସର୍ଚ୍ଚ ଅପରେସନ୍ ବେଳେ ସୁରକ୍ଷାବାହିନୀଙ୍କୁ ଏହି ସଫଳତା ମିଳିଛି। ଗତ ୩ଦିନ ମଧ୍ୟରେ ୭ ମାଓବାଦୀ ନିହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ୨ ବଡ଼ ମାଓନେତା ସାମିଲ ଅଛନ୍ତି। ଦୁଇଦିନ ପୂର୍ବରୁ ସୁରକ୍ଷାକର୍ମୀଙ୍କ ଗୁଳିରେ କେନ୍ଦ୍ରୀୟ କମିଟି ସଦସ୍ୟ ବାଲକ୍ରୀଷ୍ଣ ସୁଧାକର ମଧ୍ୟ ନିହତ ହୋଇଥିବା ବେଳେ ଗତକାଲି ଭାସ୍କର ପ୍ରାଣ ହରାଇଛନ୍ତି। ତେବେ ବାକି ୫ ମୃତ ମାଓବାଦୀଙ୍କୁ ଚିହ୍ନଟ କରାଯିବା ପାଇଁ ଚେଷ୍ଟା ଜାରି ରହିଛି। ମୃତ ମାଓବାଦୀଙ୍କ ନିକଟରୁ ଏକେ ୪୭, ବିସ୍ଫୋରକ ସାମଗ୍ରୀ ସହ ମାଓପୋଷ୍ଟର୍, ମ୍ୟାପ୍ ଆଦି ଜବତ କରାଯାଇଛି। ଆହୁରି କିଛି ମାଓବାଦୀ ଏହି ଅଞ୍ଚଳରେ ଥିବା ଆଶଙ୍କା କରାଯାଉଥିବାରୁ ସର୍ଚ୍ଚ ଅପରେସନ୍ ଜାରିରହିବ ବୋଲି ଆଇଜି ପି.ସୁନ୍ଦରରାଜ କହିଛନ୍ତି। ପ୍ରକାଶ, ବିଜାପୁରର ଜାତୀୟ ଉଦ୍ୟାନ ଅଞ୍ଚଳରେ କିଛି ବରିଷ୍ଠ ନକ୍ସଲ କ୍ୟାଡର୍‌ଙ୍କ ଉପସ୍ଥିତି ବିଷୟରେ ଗୁଇନ୍ଦା ସୂଚନା ମିଳିଥିଲା। ଫଳରେ ଜିଲ୍ଲା ରିଜର୍ଭ ଗାର୍ଡ (ଡିଆର୍‌ଜି) ଏବଂ ସ୍ପେଶାଲ୍ ଟାସ୍କଫୋର୍ସ (ଏସ୍‌ଟିଏଫ୍)ର ଏକ ମିଳିତ ଦଳ ଜଙ୍ଗଲ ଅଞ୍ଚଳରେ ଏକ ମିଳିତ ଅପରେସନ୍ ଆରମ୍ଭ କରିଥିଲା।

### ସୁବର୍ଣ୍ଣପୁର ହେବ ସୁନାର ଜିଲ୍ଲା ...

ପ୍ରତିଶ୍ରୁତି ଦେଇଥିବା ୨୧ଟି କାର୍ଯ୍ୟକ୍ରମ ମଧ୍ୟରୁ ଏକ ବର୍ଷ ଭିତରେ ୧୧ଟି କାର୍ଯ୍ୟକାରୀ କରିଛୁ। ସରକାର ଆସିବାର ୨୪ ଘଣ୍ଟା ମଧ୍ୟରେ କ୍ୟାବିନେଟ୍ ନିଷ୍ପତ୍ତି ନେଇ ଆମେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛୁ। ଚାଷୀମାନଙ୍କୁ ଅସମୟରେ ସାହାଯ୍ୟ କରିବା ପାଇଁ ଅଦିନିଆ ବର୍ଷା କ୍ଷୟକ୍ଷତିକୁ ଇତିହାସ ସୃଷ୍ଟିକରି ରିଲିଫ୍ କୋଡ୍‌ରେ ଅନ୍ତର୍ଭୁକ୍ତ କରିଛୁ। ଆଜି ବିକାଶ ପଥରେ ଓଡ଼ିଶା ଅଗ୍ରସର ହେଉଛି। ଆପଣମାନେ ପ୍ରସ୍ତାବ ଦିଅନ୍ତୁ ମୁଁ ସମସ୍ତ ସହଯୋଗ ଦେବି। ଜିଲ୍ଲାର ବିକାଶ ପାଇଁ କୌଣସି ପ୍ରତିବନ୍ଧକ ରହିବନାହିଁ ବୋଲି ସେ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା ସ୍ୱାଗତ ଭାଷଣ ଦେଇଥିଲେ। ଜିଲ୍ଲାପାଳ ଅନ୍ୟା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ହୋଟେଲ୍‌କୁ ମାଡ଼ିଗଲା ଟ୍ରେଲର୍, ଜଣେ ମୃତ

**ସାଲେପୁର,୭।୬/ଏନ୍‌ଏନ୍‌ଏସ୍:** କଟକ-ଚାନ୍ଦବାଲି ରାସ୍ତାର ସାଲେପୁର ଥାନା ଅଧୀନ ଶିଶୁଆ ବଜାରସ୍ଥିତ ସିଦ୍ଧି ହୋଟେଲ୍ ଉପରକୁ ଏକ ୧୮ଚକିଆ ଟ୍ରେଲର୍ ମାଡ଼ିଯିବାରୁ ଜଣେ ହୋଟେଲ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ଗୋଟିଏ ବାଇକ୍ ନଷ୍ଟ ହୋଇଥିବା ବେଳେ ହୋଟେଲ୍‌ର କିଛି ଅଂଶ ନଷ୍ଟ ହୋଇଯାଇଛି। ସୂଚନା ମୁତାବକ, ଗତକାଲି ବିଳମ୍ବିତ ରାତିରେ ଟ୍ରେଲରଟି କଟକରୁ କେନ୍ଦ୍ରାପଡ଼ ଅଭିମୁଖେ ଯାଉଥିଲା। ଦ୍ରୁତ ଗତିରେ ଯାଉଥିବା ଟ୍ରେଲରଟି ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ସିଦ୍ଧି ହୋଟେଲକୁ ମାଡ଼ିଯିବାରୁ ହେଟେଲ୍‌ରେ କାର୍ଯ୍ୟରତ କର୍ମଚାରୀ ଆଠଗଡ଼ ଅଞ୍ଚଳର ମନୋଜ ଟ୍ରେଲର୍ ତଳେ ଚାପି ହୋଇଯାଇଥିଲେ। ଘଟଣାସ୍ଥଳରେ ମନୋଜଙ୍କର ମୃତ୍ୟୁ ଘଟିଥିଲା। ଏଥିସହ ହୋଟେଲ ମାଲିକ ଥିଲୁ ପ୍ରତାପଙ୍କ ବାଇକ୍ ଭାଙ୍ଗି ଯାଇଛି। ଦୁର୍ଘଟଣାସ୍ଥଳରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଉତ୍ତେଜନା ଲାଗି ରହିବା ସହ ରାସ୍ତାରୋକ ହୋଇଥିବାରୁ ପୁଲିସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି ରାସ୍ତାରୋକ ହଟାଇଥିଲା। ସାଲେପୁର୍ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ଟ୍ରେଲରକୁ ଜବତ କରିଛି ଓ ଡ୍ରାଇଭର୍‌କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି।

## ନାଗ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ



**କୋଣାର୍କ,୭।୬/ଏନ୍‌ଏନ୍‌ଏସ୍:** କୋଣାର୍କ କାକଟପୁର ମୁଖ୍ୟ ରାସ୍ତା ନିକଟ ଅବଧାନ ପଞ୍ଚାୟତ କୋଣାର୍କ ଥାନା ଅଧୀନ ନଡ଼ିଆମଠ ଗ୍ରାମରେ ଜଣେ ମହିଳାଙ୍କୁ ଏକ ନାଗସାପ କାମୁଡ଼ିଦେବା ଫଳରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଛି। ସୂଚନା ମୁତାବକ ଗତ ଶୁକ୍ରବାର ଅପରାହ୍ଣରେ ନଡ଼ିଆମଠ ଗ୍ରାମର ନିରୂପମା ସ୍ୱାଇଁ(୪୨) ନାମକ ଜନୈକା ମହିଳା ନିଜ ଘର ଅଗଣାରେ ଥିବା ଏକ ଚୁଲି ନିକଟରେ କିଛି ଜାଳକୁ ସଜାଡ଼ି ରଖୁଥିଲାବେଳେ ତାଙ୍କ ଅଜାଣତରେ ଏକ ଗାତ ମଧ୍ୟରୁ ନାଗସାପଟି ବାହାରି ଆସି ପଛପଟୁ ମହିଳା ଜଣକୁ କାମୁଡ଼ି ଦେଇଥିଲା। ତୁରନ୍ତ ପରିବାର ଲୋକ ତାଙ୍କୁ ନିକଟସ୍ଥ ବାଙ୍ଗୁରିଗାଁ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ପୁରୀ ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଛି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**କୋଣାର୍କ,୭।୬/ଏନ୍‌ଏନ୍‌ଏସ୍:** ଶନିବାର କୋଣାର୍କ ଏନଏସିର ୬ନମ୍ବର ୱାର୍ଡ ରାଉଳପାଟଣା ଗ୍ରାମ ଦଳିତସାହିର ଜନାର୍ଦ୍ଦନ କାଣ୍ଡି(୪୭) ନାମକ ଜଣେ ଯୁବକର ମୃତଦେହ ନିଜ ଘରେ ଝୁଲିଥିବା ଅବସ୍ଥାରେ ପୁଲିସ ଉଦ୍ଧାର କରିଥିବା ଜଣାପଡ଼ିଛି। ଖବର ମୁତାବକ ମୃତ ଜନାର୍ଦ୍ଦନ ଗତ ଶୁକ୍ରବାର ବିଳମ୍ବିତ ରାତିରେ ନିଜ ଶୋଇବା ଘରର ଏକ କାଠ ସେଣିରେ ଏକ ନୀଳ ରଙ୍ଗର ଗାମୁଛା ନିଜ ବେକରେ ବାନ୍ଧି ଆତ୍ମହତ୍ୟା କରିଥିବା ପରିବାର ଲୋକ ଦେଖି କୋଣାର୍କ ପୁଲିସକୁ ଖବର ଦେଇଥିଲେ। ଖବର ପାଇ କୋଣାର୍କ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଶବ ଜବତକରି ଏକ ଅପମୃତ୍ୟୁ ମାମଲା ରୁଜୁକରିବା ସହ ବ୍ୟବଚ୍ଛେଦ ପାଇଁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିବା କୋଣାର୍କ ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି। ମୃତ ଜନାର୍ଦ୍ଦନଙ୍କର ସ୍ତ୍ରୀ, ଦୁଇଟି ଝିଅ ଓ ଗୋଟିଏ ପୁଅ ଥିବା ଜଣାପଡ଼ିଛି। ସେ ରୋଗଗ୍ରସ୍ତ ଥିବାରୁ ମାନସିକ ଭାରସାମ୍ୟ ହରାଇ ଏପରି କାର୍ଯ୍ୟ କରିଥିବା ପରିବାର ପକ୍ଷରୁ ସୂଚନା ମିଳିଛି।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ମୁଣ୍ଡମୁହାଣ,୭।୬/ଏନ୍‌ଏନ୍‌ଏସ୍:** ଶୁକ୍ରବାର ଇନ୍‌ଫୋଭ୍ୟାଲି ଥାନା ୧୬ ନମ୍ବର ଜାତୀୟ ରାଜପଥ ମହୁରା ଛକ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ସ୍କୁଟି ରଖି ଠିଆ ହୋଇଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ସ୍କର୍ପିଓ ଗାଡ଼ି ଧକ୍କା ଦେବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ଜଣକ ହେଲେ ଡୁମୁଡୁମା ଅଞ୍ଚଳରେ ରହୁଥିବା ଗଞ୍ଜାମ ଜିଲ୍ଲା ଆସିକା ଥାନା ସାମନ୍ତରାୟପଲ୍ଲୀର ସାଗର ନାଏକ (୩୦)। ମିଳିଥିବା ସୂଚନା ଅନୁସାରେ ସାଗର ଯାଁଳା ଅଞ୍ଚଳରେ ଏକ ଘରୋଇ ସଂସ୍ଥାରେ ଦେଖାରଖା କାମ କରନ୍ତି। ଆଜି ସେ ପୂର୍ବାହ୍ନରେ ତାଙ୍କ କାମ ଉପରକୁ ଆସିଥିଲେ। ଅପରାହ୍ନ ୩ଟାବେଳେ ହଠାତ୍ ବର୍ଷା, ପବନ ହୋଇଥିଲା। ପାଣି ପବନ ଦେଖି ସାଗର ଡୁମୁଡୁମା ଯିବା ପାଇଁ ବାହାରି ଯାଇଥିଲେ। ଯାଁଳାରୁ ଡୁମୁଡୁମା ଯିବା ବେଳେ ବର୍ଷା ଓ ପବନ ଆରମ୍ଭ ହୋଇଯାଇଥିଲା। ସାଗରଙ୍କ ଆଗରେ ଯାଉଥିବା ଏକ ମିନି ଟ୍ରକ୍ ଆଗ କାଚରେ କିଛି ଜରି ଉଡ଼ି ଲାଗି ଯିବାରୁ ଉକ୍ତ ଗାଡିଟି ଅଟକି ଯାଇଥିଲା। ସାଗରଙ୍କ ସ୍କୁଟି ମିନି ଟ୍ରକ୍ ପଛରେ ଥିବାରୁ ସେ ମଧ୍ୟ ବର୍ଷା ପବନ ଦେଖି ମହୁରା ଛକରେ ସ୍କୁଟିରୁ ରଖି ଅଟକିଯାଇଥିଲେ। ରାସ୍ତା ପାର୍ଶ୍ୱରେ ଠିଆ ହୋଇଥିବା ବେଳେ ଖୋର୍ଦ୍ଧାରୁ ଭୁବନେଶ୍ୱର ଦିଗରେ ବେପରୁଆ ଭାବେ ଗାଡ଼ି ଚଳାଇ ଦ୍ରୁତ ଗତିରେ ଆସୁଥିବା ଏକ ସ୍କର୍ପିଓ ସାଗରଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣା ସ୍ଥଳରେ ସାଗରଙ୍କ ମୃତ୍ୟୁ ହୋଇଥିଲା। ଆଗରେ ଏକ ମିନି ଟ୍ରକ୍ ଠିଆ ହୋଇଥିବାରୁ ସ୍କର୍ପିଓ କାରଟି ଖସି ଯାଇପାରି ନଥିଲା। ସ୍ଥାନୀୟ ଲୋକ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଅଟକାଇଥିଲେ। କିନ୍ତୁ ସ୍କର୍ପିଓରେ ଥିବା ଦୁଇ ଜଣ ବ୍ୟକ୍ତି ଓହ୍ଲାଇ ଦୌଡ଼ି ପଳାଇ ଯାଇଥିଲେ। କିନ୍ତୁ ଚାଳକ ଜଣକ ଅତ୍ୟଧିକ ମଦ୍ୟପାନ କରିଥିବାରୁ ସ୍ଥାନୀୟ ଲୋକ ଧରି ପୁଲିସ ଜିମା ଦେଇଥିଲେ। ଖବର ପାଇ ଇନ୍‌ଫୋଭ୍ୟାଲି ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଭୁବନେଶ୍ୱର ଏମ୍ସ ଡାକ୍ତରଖାନାକୁ ପଠାଇଥିଲେ। ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ ସହ ଚାଳକକୁ ଗିରଫ କରିଛି ପୁଲିସ।



## ପଦ୍ମପାଦ

**ମାନମୟୀ ରଥ**

ବୋଉ କେବଳ କାନ୍ଦୁଥିଲା । କାନ୍ଦି ପାରୁଥିଲା ଲୁହ ଝରେଇ ତ କେବେ ଗଁ ଗଁ ହୋଇ । ମଝିରେ ମଝିରେ ଏପରି ବାହୁନି କାନ୍ଦୁଥିଲା ଯେ ଯିଏ ତା' ପାଖକୁ ବୁଝେଇବାକୁ ଯାଉଥିଲା ସେ ବି ନିଜ ଲୁହ ସମ୍ଭାଳି ପାରୁ ନଥିଲା । ଷାଠିଏ ବର୍ଷ କାଳ ନିଜ ବାପଘରର ସୁଖ ଆଦରକୁ ତେଜି ଶାଶୁଘରେ ଅବିଶ୍ରାନ୍ତ କାମ କରି କରି ଘୋରି ହୋଇଯାଇଥିବା ତା'ର ହଳଦୀ ଗୋରୀ ଦେହରେ ଫିଟି ଦିଶୁଥିଲା ସବୁଜ ରଙ୍ଗର ଗଣ୍ଠିଗଣ୍ଠିଆ ଶିରାପ୍ରଶିରା । ଦିଶୁଥିଲା ଶେଥା ପଡି ଯାଇଥିବା ମୁହଁରୁ କେତେ କେତେ ଅଲିଭା ଦାଗ । ବୟସର ଝୁଲନ୍ତା ଚମ ତଳେ ଛୋଟ ଦିଶୁଥିବା ଆଖି କାନ୍ଦି କାନ୍ଦି ଫୁଲି ଯାଇଥିଲା । ଚାହିଁ ହେଉ ନଥିଲା ତା' ମୁହଁକୁ । ପାନ ପତରିଆ ସୁନ୍ଦରୀ, ଧାରୁଆ ନାକୀ ବୋଉଟି ମୋର କାନ୍ଦୁଛି । ରଙ୍ଗା ପଡ଼ିଗଲାଣି ଗୋରାମୁହଁ ।

ବେସିନରେ ହାତ ଧୋଉଥିଲା ନଜର ପଡିଗଲା ଦର୍ପଣ ଉପରେ । କପାଳର ମଝିଆ ମଝି ସ୍ଥାନରେ ବଡ଼ ଆକୃତିର ଗାଢ଼ ଲାଲ ରଙ୍ଗର ସିନ୍ଦୂର ଠୋପାଟି ନାହିଁ । ସେଇଆକୁ ଦେଖିଦେଇ ମୂର୍ଚ୍ଛା ଗଲା । ଥରେ ନୁହେଁ ଦୁଇ ତିନି ଥର ତା' ପୁଣି ଲଗାତାର । ଫୁଙ୍ଗୁଳା ହାତ, ଗୋଡ଼, ବେକକୁ ଅଣ୍ଡାଳି ହୋଇ ସେ ଯେଉଁ ଛାତିଫଟା କାନ୍ଦ କାନ୍ଦୁଥିଲା ସେ ବିଷୟରେ ନକହିଲେ ଭଲ । ତା' ପିନ୍ଧିବା, ଖାଇବା, ଲଗେଇବା, ଉଠିବା, ବସିବାକୁ ନେଇ ନିଇତି ତିଆରି ହେଉଥିବା ହଜାରେ ନଜରର ଜହରରେ ସେ କାନ୍ଦିବା ସମୟ ବ୍ୟତିରେକ ବାକି ସମୟ ନିସ୍ତେଜ ରହୁଥିଲା ।

ବାପାଙ୍କ ବ୍ରେନ୍ ଷ୍ଟ୍ରୋକ ହେବା ପରେ ଦିନେଅଧେ ନୁହେଁ ସାଢ଼େ ତିନିବର୍ଷ କାଳ ବୋଉ ଲାଗିଥିଲା ବାପାଙ୍କ ସେବାରେ । ତାଙ୍କ ଶୁଶ୍ରୁଷା କରିବା ଭିତରେ ବୋଉର ଅଖଣ୍ଡ ବିଶ୍ୱାସ ଥିଲା ବାପା ପୁଣି ଉଠି ଚଲାବୁଲା କରିବେ, ଦୋକାନ ବଜାର ଯିବେ, ସବୁ ସନ୍ଧ୍ୟାରେ ବୋଉ ସହ ଚା' ପିଇଲାବେଳେ ଦୁଃଖସୁଖ ହେବେ । କାଲିକୁ ବାପାଙ୍କ ଚେତା ଆସିଯିବ ବୋଲି ସେ ଆମକୁ ପ୍ରତିଦିନ କହୁଥିଲା ଫୋନ୍‌ରେ । ସେହି କାଲି ଲମ୍ବି ଲମ୍ବି ସାଢେ ତିନି ବର୍ଷ କାଳ ଲମ୍ବୁ ହିଁ ଥିଲା । ବାପାଙ୍କୁ ନେଇ ବୋଉ ଭିତରେ ବାରି ହେଉ ନଥିଲା କ୍ଳାନ୍ତି କି ବିରକ୍ତି ବରଂ ଦିନକୁ ଦିନ ସେ ଆହୁରି ଦୃଢ଼ ଏବଂ ଯତ୍ନଶୀଳ ହୋଇପଡୁଥିଲା ବାପାଙ୍କ ପ୍ରତି କାହା କାହାଠାରୁ କବିରାଜି କି ପୂଜାବିଧି ଶିଖି । ବାପା ପ୍ରାୟ ସମୟ ନିଦରେ ଶୋଇଲା ଭଳି ଆଖି ଖୋଲୁ ନଥିଲେ । ଯେତେବେଳେ ବି ଖୋଲୁଥିଲେ ତାଙ୍କ ଆଖିରୁ କିଛି ଭାବ ସ୍ପଷ୍ଟ ଦିଶୁ ନଥିଲା । ବୋଉକୁ କିନ୍ତୁ ସବୁ ବୁଝା ପଡୁଥିଲା । ହେଇଟି ବାପାଙ୍କୁ ଭୋକ ଲାଗିଲାଣି । ଯାଏ ଟିକେ ବୂଢ଼ା ଗୁଣ୍ଡ କ୍ଷୀର ଗୋଳେଇ ଖୁଆଇ ଦିଏ । ହେଇଟି ବାପାଙ୍କୁ ଭଲ ଲାଗୁନି ଗହଳି । ଟିକେ ତୁନି ପଡ଼ିଯାଅ, ବାପା ଶୋଇଲା ପରେ କଥା ହେବ । ବାବୁରେ ଆଉ କେଉଁ ଡାକ୍ତରଙ୍କୁ ପଚାରିବୁ ତ ବାପାଙ୍କ ଖାଇବା କାହିଁ କମି କମି ଯାଉଛି । ଭଲ ଚେରମୂଳି ମିଳୁଛି ଝିଅଲୋ ଏହି ରୋଗକୁ କୁଆଡେ ମାଲକାନାଗିରି ଆଡ଼େ । ଟିକିଏ ଦେଖନ୍ତୁନି ତୋ ସାଙ୍ଗସାଥି କାହାକୁ ପଠେଇ ! କିଛି ନାହିଁ ମଁ କିଏ କହୁଛି ସେ ଦୋକାନ ବଜାରକୁ ଯାଆନ୍ତୁ । ନିଜ ନିତ୍ୟକର୍ମ ଟିକେ କରିପାରିଲେ କେତେ କଥା । ବେଶୀ ନୁହେଁ ଲୋ ଗଣି ଗଣି ଦୁଇ ଧାଡ଼ି କଥା ମୋତେ ଦୁଇ ଦିନରେ ଥରେ କହିଲେ ମୋର କାହାକୁ ପରବାୟ ରହନ୍ତାନି ।

ଆମେ ଆମ ଚିହ୍ନା ଜଣାରେ ଥିବା ଡାକ୍ତରଙ୍କୁ ବାପାଙ୍କ ବିଷୟରେ ପଚାରି ଦେଉ । ବାର୍ଦ୍ଧକ୍ୟ ଯୋଗୁଁ ଏଇଟା ହୁଏ । ବେଶି ଭାବି ଚିନ୍ତି କିଛି ଲାଭ ନାହିଁ । ଡାକ୍ତରଖାନାକୁ ଗଲେ ଆଇସିୟୁରେ ପକେଇ ଟଙ୍କା ଗଣିବା ସାର, ଆମେ ନିଜକୁ ବୁଝାଉ । ବରଂ ଗାଁ ଘରେ ରୁହନ୍ତୁ, ଶାନ୍ତିରେ ମରନ୍ତୁ ବୋଲି ମାନସିକତା ଅର୍ଜୁ । ବୋଉକୁ କହିହୁଏନି ଯେ ଆମେ ବାପାଙ୍କ ଜୀବାବସ୍ଥାରୁ ତାଙ୍କ ଅବର୍ତ୍ତମାନ ପାଇଁ ମାନସିକ ପ୍ରସ୍ତୁତି ନେଇ ସାରିଲୁଣି । ବୋଉ ମାନିବନି ଆମେ ଜାଣୁ । ସକାଳୁ ରାତି ଯାଏଁ ପୂଜା ପାଠ ଠୁ ଘର କାମ ବୋଉ ଏକା ଏକା କରୁଥାଏ । ବାପାଙ୍କ ପ୍ରିୟ ଚ୍ୟାନେଲ ପ୍ରାର୍ଥନା ଦିନ ରାତି ହାଉ ହାଉ ହୋଇ ବାଜୁଥାଏ ।

ଯିଏ ଯାହାର ଚାକିରୀ କରି ବାହାତୋଳା ହୋଇ ବାହାରେ ରହିଲେ । ବଡ଼ ଦୁଇ ଭାଇ ତ ପୂରା ରାଜ୍ୟ ବାହାରେ । କେବେ କେମିତି ଦେଖାହୁଏ ବନ୍ଧୁବାନ୍ଧବ କିଏ ଲୋଡିଥିଲେ ବିବାହ ବ୍ରତରେ । କୁଆଡେ ନଯାଇ ଆମ ସମସ୍ତଙ୍କୁ ଗାଁ ଘରେ ଅପେକ୍ଷା କରିଥାନ୍ତି ବାପା ବୋଉ । ଅଭିଯୋଗ ନାହିଁ, ଅଶାନ୍ତି ନାହିଁ । ଓଲଟା ଆମେ ସବୁ ଗଲେ ଅତିଥିଙ୍କୁ ଚର୍ଚ୍ଚା କଲାଭଳି ଦୁହେଁ ଲାଗିପଡିଥାନ୍ତି । ସବୁ ଠିକ୍ ଥିଲା ହଠାତ୍ ସାଇକେଲରୁ ଖସି ପଡି ବାପା ବେହୋସ ହୋଇଗଲେ । ବିପି ଥିଲା ଆଗରୁ । ସେଇ ଯେ ପଡିଲେ ଆଉ ଉଠିଲେ ଆଉ କାହିଁ !



'ଏ ଅଲକ୍ଷଣୀ ମୁହଁ କାହାକୁ ଦେଖେଇବିରେ ପୁଅ କହି ବୋଉ ବାପାଙ୍କ ଦେହାନ୍ତର ସାତ ଦିନରେ ପହଞ୍ଚିଥିବା ମଝିଆ ଭାଇଙ୍କୁ ଧରି କାନ୍ଦୁଥିଲା ରାହା ଧରି । ଭାଇ ବୋଉକୁ ସମ୍ଭାଳିବେ କଣ ଲୁହ ପୋଛୁଥିଲେ ନିଜର । ମଝିଆ ଭାଉଜ ପଛରୁ ବୋଉକୁ କୁଣ୍ଢେଇ ଧରିଲେ । କାନ୍ଦନି ବୋଉ ? ଆମେମାନେ ବରଂ କାନ୍ଦିବା କଥା । ପିଲା ହୋଇ କେହି ଗୋଟେ ଭଲା ବାପାଙ୍କ କାମ ଭଲରେ କରିଥାନ୍ତୁ କି ! ସବୁ କାମ ତୁମେ କରିଛ ତପସ୍ୟା କଲା ଭଳି । ଏକୁଟିଆଟି କରି ତୁମକୁ ଛାଡ଼ି ବାପା ଆଖି ବୁଜିଲେ ବୋଉ । ତୁମେ ତ ତାଙ୍କ ପାଖେ ଛାଇ ଭଳି ଥିଲ । ବାପା ଖୁବ୍ ଭାଗ୍ୟବାନ ତୁମକୁ ପାଇ । ଭାବିଲ ଦେଖି ବାପାଙ୍କ ବଦଳରେ ତୁମେ ପଡ଼ିଥିଲେ ସେ ତୁମ ଭଳି କରିପାରିଥାନ୍ତେ ! ତୁମର କିଛି ହୋଇଯାଇଥିଲେ ବାପା କେମିତି ଚଳିଥାନ୍ତେ ବୋଉ ? ଜୀବନ ଥାଉ ଥାଉ ଯେମିତି କରିଛ ଢେର କରିଛ । ମୁଁ ଯା କରିନି କି ତା କରିପାରିନି ବୋଲି ଗ୍ଳାନି ଅଛିକି ବୋଉ ଯେମିତି ଆମ ପିଲାଙ୍କର ଅଛି ? ମଲା ପରେ କେଉଁ ଜୀବନ ଥାଏ ବୋଉ ? ଏବେ ବାପା ତ ଠାକୁର । ସେ ତୁମକୁ ଏମିତି କଷ୍ଟରେ ଦେଖି ସହିପାରୁଥିବେ କି ? ବାପାଙ୍କ ପାଇଁ ଫିଟି ପାରୁ ନଥିଲ ଗାଁରୁ । ଏବେ ତୁମ ଲକ୍ଷ୍ମୀ ପାଦ ସବୁ ପିଲାଙ୍କ ଘରେ ପଡୁ ବୋଉ । ପଦ୍ମ ଫୁଟୁ ଆମ ଘରେ । ବାପାଙ୍କୁ ଖାଲି ଦେଖୁଥିଲ ଏବେ ଆମ ସମସ୍ତଙ୍କୁ ଦେଖ । ବୋଉ କାନ୍ଧରେରେ ମୁଣ୍ଡ ରଖି ଛୋଟ ଛୁଆଟେ ଭଳି ସଶବ୍ଦେ ଭାଉଜ କାନ୍ଦୁଥିଲେ ଏବଂ ବୋଉକୁ କହୁଥିଲେ ।

ବୋଉଠୁଁ ଅଧିକ ଜୋରରେ କାନ୍ଦୁଥିବା ଭାଉଜଙ୍କୁ ବୋଧ କରିବାକୁ ବୋଉ ନିଜ ଲୁହ ପୋଛିଲା ... । ବିଦେଶରୁ ଭୋକ ଉପାସରେ ପଡି ଉଠି ଗାଁ ଘରେ ପହଞ୍ଚିଥିବା ପିଲାଏ କଣ ଖାଇବେ ବୋଲି ଭାବି ଭିତର ଖଞ୍ଜା ଆଡକୁ ତା' ପାଦ ବୋହିନେଲା ।

**ଅଧକ୍ଷା, ସେଣ୍ଟ ଜାଭିଅର କିଡ୍ସ**
**ବାଲିପୁଟ, ପୁରୀ**
ମୋ-୭୯୭୮୫୭୯୩୯୯

## ଅଫଳନ୍ତି ଗଛ



**ଲିଜାଲିନ ବିଶ୍ୱାଳ**

ଟହଟହ ସକାଳ ଉଇଁଲେ
ଟିପେ ହସ ପରି ଫୁଟି ଉଠେ କଲରା ଫୁଲ
ଛାଇ ନେଉଟିଲେ ଧୀରେ ମଉଳି ଯାଏ ।

ସେ ମଉଳେ, ହଳଦୀ ରଙ୍ଗରୁ
ଧୂସର ପାଲଟେ, କ୍ରମେ ଶୁଖି ଆସେ
ନିଜକୁ ବିର୍ସଜିତ କରିବା ପୂର୍ବରୁ କିନ୍ତୁ
ଫଳଟେ ଭେଟି ଦେଇ ପାରି ନଥାଏ ଭାଡ଼ିରେ ।

ଫଳନ୍ତି ଗଛର ଭାଗ୍ୟରେ ଥାଏ
ଯେତେ ସବୁ ଲୋଡ଼ିବାପଣ ଓ ଆଦର ।
ଅଫଳନ୍ତି ଗଛର ମୂଳରେ
ଢଳାଯାଏ ତାସଲ୍ୟ ଓ ପରିହାସର ଖତ ସାର ।

ସେତିକି ଯଥେଷ୍ଟ ହୁଏ
ଶେଷ ହେବାକୁ ଗୋଟେ ଗଛର ଜୀବନ ।

ତା'ର ବନ୍ଧେଇ ଆମ୍ଭୁରାରେ
ଅଳିଆ ସବୁ ଆମ୍ଭୁରି ନେଲାବେଳେ
ଓଟାରି ହେଇଯାଏ ଅଫଳନ୍ତି ଗଛ
ସେଥିରେ ନିଆଁ ଲାଗେ, କୁହୁଳି କୁହୁଳି ଧୂଆଁ ଉଠେ

ସେ ଧୂଆଁରେ ଅବିକଳ ଦିଶୁଥାଏ
ଜଣେ କାନ୍ଦୁଥିବା ସ୍ତ୍ରୀ ଲୋକ ।

ଗଛ ଓ ନାରୀଟିଏର ଭାଗ୍ୟରେ କାହିଁକି ଥାଏ
ପୋଡ଼ି ଜଳି ଯିବାର ଦୁଃଖ ।
ଯାହା ମୁହଁ ଚାହିଁଲେ ଅଶୁଭ
ହୁରି ପକାଉ ଥାଆନ୍ତି ନିଜ ଲୋକ ।

ଗଛଟିର ସମସ୍ତ ସାର୍ଥକତା
କ'ଣ ଫଳ ଧରିବା ?
ତା' ଡାଳ, ପତ୍ର, ଛାଇ ?
ତା' ସ୍ନେହ, ପ୍ରେମ, ଆଦର ?

ସେମାନେ କାହିଁକି
ଛିଡ଼ା ହେଇ ପାରିବେନି ଜୀବନର ଧାଡ଼ିରେ ?

**ଭିରଙ୍ଗ, ତିରଣ, ଜଗତସିଂହପୁର,**
**ମୋ- ୯୦୭୮୨୬୬୫୬୧**

## ବାପାଙ୍କ ପାଦ



**ମୂଳ ହିନ୍ଦୀ- ନରେନ୍ଦ୍ର ପୁଣ୍ଡରିକ**
**ଅନୁବାଦ - ଇପ୍ସିତା ଷଡ଼ଙ୍ଗୀ**

ମୋ ଜୋତାର ଆକାର
ବାପାଙ୍କ ଜୋତା ଅପେକ୍ଷା ଦୁଇ ସାଇଜ ଛୋଟ ଥିଲା,
ତେଣୁ ମୋ ପାଦ ସହଜରେ
ବାପାଙ୍କ ଜୋତାରେ ପଶିପାରୁଥିଲା ।

ସହରର ଦୋକାନଗୁଡ଼ିକ ଖୋଜିବା ପରେ ମଧ୍ୟ
ଆମେ ବାପାଙ୍କ ଆକାରର ଜୋତା,
ଗଞ୍ଜି ଏବଂ ସ୍ୱେଟର ପାଇଲୁ ନାହିଁ ।

ପ୍ରାୟତଃ ତାଙ୍କ ପାଦ ମାପ ଦେଇ
ଜୋତା ତିଆରି କରୁଥିଲେ ବାପା
ଧୀରେ ଧୀରେ, ଜୋତା କାରିଗରମାନେ
ଭରୁଓ୍ୱା ବଜାରକୁ ଆସିବା ବନ୍ଦ କରିଦେଲେ ।
ବାପା ଲଖାନି ଚପଲ ପିନ୍ଧିବା ଆରମ୍ଭ କଲେ,
ତାହା ମଧ୍ୟ ଦଶ ନମ୍ବର ସାଇଜରୁ
ଅଧିକ ଆକାରରେ ଉପଲବ୍ଧ ନଥିଲା ।
ତେଣୁ ବାପାଙ୍କ ପାଦ ମାଟିରେ ଅଧା ଘଷି ହେଉଥିଲା ।

ଜୋତା ନପାଇବାରୁ ବାପାଙ୍କ ପାଦରେ
ଫାଟ ଦେଖାଯିବା ଆରମ୍ଭ ହୋଇଥିଲା,
ବାପା ଲାଲ ତେଲ ଏବଂ ଭେସଲିନ୍ ଲଗାଉଥିଲେ
ସେଥିରେ ।

ବାପା ପ୍ରାୟତଃ ଭରୁଓ୍ୱା ବଜାର ଜୋତା ପିନ୍ଧୁଥିଲେ
ଯାହା ଘରେ ପହଞ୍ଚିବା ପୂର୍ବରୁ
ତାଙ୍କ ଆଗମନର ସୂଚନା ଦେଉଥିଲା ।
ଜୋତାର ଶବ୍ଦ
ବିଶ୍ୱର ସବୁଠାରୁ ଭଲ ଶବ୍ଦ ମଧ୍ୟରୁ ଗୋଟିଏ ଥିଲା ।

ବାପା ହାଟବଜାର ଯିବା ପାଇଁ
ହଳେ ଜୋତା ସାଇତି ରଖୁଥିଲେ ।
ଏବେ ବାପା ନାହାନ୍ତି ।
ଅନେକ ଦିନ ପର୍ଯ୍ୟନ୍ତ ଘରେ ରଖାଯାଇଥିବା
ବାପାଙ୍କ ଜୋତା, ବାପାଙ୍କ ଜ୍ୟାକେଟ୍, କୁର୍ତ୍ତା, ଶାଲ୍, କୋର୍ଟସବୁ
କେହି ନା କେହି ନେଇଗଲେ ।
ମାତ୍ର ଜୋତା ଯେପରି ଥିଲା ସେହିପରି ହିଁ ଥିଲା,
କେହି ସେଗୁଡ଼ିକୁ ନେଇ ନଥିଲେ କି ପିନ୍ଧି ନଥିଲେ ।

ଦିନେ ମାଆ କହିଲା ଯେ
ମୃତ ବ୍ୟକ୍ତିଙ୍କ ଜୋତା ପିନ୍ଧିବା ଉଚିତ୍ ନୁହେଁ,
ତାକୁ କୌଣସି ସ୍ଥାନରେ ଫୋପାଡ଼ି ଦିଅ ।
ସେଇ ଦିନରୁ ବାପାଙ୍କ ଜୋତା ଧରି
ମୁଁ ଘୁରି ବୁଲୁଛି ଏଠାକୁ ସେଠାକୁ,
ଏ ଦେଶରୁ ସେ ଦେଶକୁ
ମୋ ବାପାଙ୍କ ପାଦ କେଉଁଠି ବା ଫିଙ୍ଗିବି ?

**ଗତିକୃଷ୍ଣ ଗ୍ରୀନ୍, ଋଗ ବଜାର, ଭୁବନେଶ୍ୱର,**
**ମୋ-୯୮୬୧୩୩୩୯୪୪**

## ତିନୋଟି କବିତା



**ଡ. ଲିଙ୍ଗରାଜ ରଥ**

**ପକ୍ଷୀଟି ନିତି ଗୀତଗାଏ**
ଭୋକେ ଥାଉ... ଅବା ଶୋଷେ ଥାଉ
ଦୁଃଖ ଯେତେ ବି ପାଉ ସିଏ
ତଥାପି ସେସବୁ ଭୁଲିଯାଇ
ପକ୍ଷୀଟି ନିତି ଗୀତ ଗାଏ ।

**ବାଣୀ ଆଉ ପାଣି**
ବାଣୀ ଆଉ ପାଣି ... ଦୁଇଟି ଭିତରେ
ମଣିଷର ଛବି ଭାସେ,
ପାଣି ସ୍ୱଚ୍ଛ ଥିଲେ ଚେହେରା ଦିଶଇ
ବାଣୀରେ ହିଁ ସଦା...
ଲୋକର ଚରିତ୍ର ଦିଶେ ।

**ଜୀବନ ଇଏ**
ଅତୀତଟା କେବେ ଫେରିଆସେ ନାହିଁ
ଭବିଷ୍ୟତକୁ ଜାଣିଛି କିଏ ?
ବର୍ତ୍ତମାନରେ ଭଲ କାମ କଲେ...
ଜିଇଁବା ଭଲରେ ଜୀବନ ଇଏ ।

**ଅବସରପ୍ରାପ୍ତ ଅତିରିକ୍ତ ଶାସନ ସଚିବ,**
**ମୋ- ୯୪୩୭୦୧୪୨୪୪**

## ଚମ୍ପାଗଡ଼



**ଡ. ଭରତ ବେହେରା**

କଅଁଳିଆ ପତ୍ରସବୁ ଆଲିଙ୍ଗନ କରିଥିବେ
ଚମ୍ପାରାଣୀ କୋମଳ ଅଧର
ରୋମାଞ୍ଚରେ ଭରି ଯାଇଥିବ ରାଣୀ ଦେହ ପ୍ରାଣ
ମୁଗ୍ଧ ହେଇଥିବେ ପାହାଡ଼ିଆ ଗଛଲତା
ଝରଣା ହୁଡ଼ିଆ ।
କିଏ ଚମ୍ପା ? କେମିତିକା ଦିଶୁଥିବ
ରାଣୀଙ୍କର ଆପାଦ ମସ୍ତକ ।
ସମ୍ଭବତଃ, ମାଟି ଫଟେଇ ବାହାରି ଆସିଚି
ସୁବିଶାଳ ପଥର ଚଟିରି
ଭ୍ରମ ସୃଷ୍ଟି କରୁଥାଏ
ମନୋରମ ଗଡ଼ ପରିବେଶ
ନାଁ ତାର ଚମ୍ପାଗଡ଼, ଚମତ୍କାରୀ ଶିଳା ।
ନୀଳଗିରି ରାଜାରାଣୀ ଅଳିଅଳୀ ଜେମା
ପାରିଷଦବର୍ଗ ସହ ଆସିଥିବେ
ଉପଶମ କରିବାକୁ ପ୍ରଜାକୁଳ ହାରିକି ଗୁହାରି ।
ବସିଥିବ ଅଭିଯୋଗ ଶୁଣାଣି ବୈଠକ
ମୁକୁନ୍ଦପୁର, କଚେରି ପଦା ମୁକ୍ତ ମଇଦାନ ।
ଆସିଥିବେ ଚମ୍ପାଗଡ଼ ପାଦଦେଶ
ବିଶ୍ୱେଶ୍ୱର ପୀଠ ବୁଲିବାକୁ
ଦେଖିଥିବେ ଚଟିରି ଚାରିପାଖର
ଶୋଭାମୟ ଗୁମ୍ଫା ଓ ଆଶ୍ରମ
ଶୁଣିଥିବେ ପ୍ରକୃତି ମୁହଁରୁ
ପ୍ରଜାପାଳନର ଗୁମର ସାରାଂଶ
ଶୁଣିଥିବେ: ଚୁଆ ଓ ଝରଣାର କୁଳୁକୁଳୁ ନାଦ
ଶୁଣିଥିବେ: ବଣ କୋଇଲିର ମଧୁର କାକଳି ।
ହାତୀ ପିଠିରେ ବସି ବୁଲିଥିବେ
ଗୋହିରି ଓ ବଣବିଲ ରାସ୍ତା
ଉଜାଗ୍ରତ କରିବାକୁ ସେ ଯାତ୍ରାର ସ୍ମୃତି ଚିରକାଳ
ନାମକରଣ କରିଥିବେ ଜେମା ଗୋହିରି ଓ
ଚମ୍ପାଗଡ଼ ବଣ ।
ହାଲ୍‌କା କରିବା ଲାଗି ଭାରିମନ ଗମ୍ଭୀର ହୃଦୟ
ନାଟ ମନ୍ଦିର ହୁଡ଼ିତଳ ମୁକ୍ତ ପଡ଼ିଆରେ
ଉପଭୋଗ କରିଥିବେ
ପାହାଡ଼ୀ ନାଚବାଲୀର ମନ ଖୋଲା
ଆଦିମ ସଙ୍ଗୀତ ।
ହଁ, ଆଜି ନାହିଁ ରାଜୁଡ଼ା ଶାସନ
ନାହିଁବି ତ ଗହଳ ଅରଣ୍ୟ
ଅଛି କିନ୍ତୁ ହାତୀପଦା, ଚମ୍ପାଗଡ଼
ଜେମା ଗୋହିରି, ନାଟ ମନ୍ଦିର
ବିଶ୍ୱେଶ୍ୱର ମହାଦେବ ସ୍ମୃତିସିକ୍ତ ସ୍ଥଳ ।

**ଏମଆଇଜି-୨୨, ଜିଏସ ନଗର, ଜଗତପୁର, କଟକ**
**ମୋ- ୯୪୩୭୫୭୦୧୨୦**

## ବୋଉର ଶାଢ଼ି



**ଦେବଯାନୀ ଦାସ**

ମ୍ୟା ଟ୍ରିକ ପରେ ପ୍ଲସ୍‌ଟୁ ପଢିବାକୁ ବାହାରକୁ ଯିବା ଯାଏଁ ଅରୁ ଶୋଉଥିଲା ବୋଉ ପାଖରେ । ବୋଉ ଯେତେବେଳେ ମାମୁ ଘରକୁ ଯାଉଥିଲା ବୋଉ ବଦଳରେ ତା' ପିନ୍ଧା ଶାଢ଼ିକୁ ପାଖରେ ରଖି ସେଥିରେ ମୁହଁ ନାକ ଗେଞ୍ଜୁ ଥିଲା ସେ । ସେଇ ଶାଢ଼ି ଉପରେ ହାତ ଗୋଡ଼ ପକେଇ ଶୋଉଥିଲା ।

ସକାଳୁ ବେଡ୍ ସଜାଡିବାକୁ ଗଲାବେଳେ ମୁଁ କହୁଥିଲି, ଆଲଣାରେ ଥିବା ବୋଉର ଶାଢ଼ିକୁ ବିଛଣାରେ ପକେଇ ଏମିତି ଘାଣ୍ଟୁଛୁ କାହିଁକି । .....ବୋଉର ପିନ୍ଧା ଶାଢ଼ି ବୋଉ ବୋଉ ବାସେ ତ, ସେଇ ବାସ୍ନା ନହେଲେ ମୋତେ ନିଦ ହୁଏନି, ଜାଣିନୁ କି.....

ବୋଉର ଶାଢ଼ିକୁ ଚଉତି ରଖୁ ରଖୁ ମୁଁ ଅରୁକୁ କହେ.... ହଁ, ଶାଢ଼ିରୁ ବୋଉର ବାସ୍ନା ବାହାରୁଛି ନା...କିନ୍ତୁ ଅନୁଭବ କରେ, ସତରେ ବୋଉର ବି ଗୋଟେ ବାସ୍ନା ଥାଏ ।

ମ୍ୟାଟ୍ରିକ ପରୀକ୍ଷାରେ ଖୁବ୍ ଭଲ ନମ୍ବର ରଖି ଚନ୍ଦ୍ରଶେଖରପୁର ଡିଏଭି ସ୍କୁଲରେ ପଢିବା ପାଇଁ ହଷ୍ଟେଲରେ ରହିବାକୁ ଗଲା ଅରୁ, ବୋଉ କହିବା ଅନୁଯାୟୀ ମନେ ପକେଇ ପକେଇ ତା'ର ସବୁ ଜିନିଷ ରଖି ଆଟାଚି ସଜାଡି ଦେଇଥିଲି ମୁଁ ।

ଅରୁ ବାହାରି ଯିବା ବେଳକୁ କଣ ଦେଲି ନଦେଲି, କିଛି ଭୁଲି ଗଲି କି ବୋଲି ଆଉ ଥରେ ଆଟାଚି ଚେକ୍ କରିବା ବେଳକୁ ବୋଉର ନିତି ପିନ୍ଧା ଶାଢ଼ି ଗୋଟେ ଗେଞ୍ଜା ହେଇଛି ଗୋଟେ କଡକୁ । ଅରୁ କେତେବେଳେ ଆଣି ପୂରେଇଛି ତା'ହେଲେ ।

ଅନେଇଲି ଅରୁକୁ, ଏଡେ ପିଲାଟେ ହେଲାଣି, ଗୋଟେ କୋଣକୁ ଯାଇ କାନ୍ଦୁଛି । କୋହ ଚାପି ଧରି ତା' ଆଟାଚି ବନ୍ଦ କରି ସେଠୁ ଚାଲି ଆସିଲି ।

ଅରୁ, ଏବେ ଉଚ୍ଚ ପଦସ୍ଥ ଅଫିସର । ଭୁବନେଶ୍ୱରରେ ଆଖି ଲାଖିଗଲା ଭଳି କୋଠା । ସ୍ତ୍ରୀ ରୀମା, ଗୋଟେ ପୁଅ, ଗୋଟେ ଝିଅ ଓ ସେମାନଙ୍କ ଆୟା ରୁହନ୍ତି ସେଠି ।

କେତେବେଳେ କେମିତି ବୋଉ ସେଠିକି ଗଲେ, କିମ୍ବା ସେମାନେ ଘରକୁ ଆସିଲେ, ବୋଉର ପାଖକୁ ତା' ପିଲାଙ୍କୁ ଛାଡେନା ରୀମା, ବୋଉର ଶାଢିକୁ ବି ଛୁଇଁବାକୁ ଦିଅନ୍ତନି ସେମାନେ ତାଙ୍କ ପିଲାମାନଙ୍କୁ । ଇନ୍‌ଫେକ୍‌ସନ୍ ହେଇଯିବ.. ସ୍କିନ୍ ଆଲର୍ଜି ହେଇ ଯିବ କହି ।

ରାତିରେ ନିଦ ହେବା ପାଇଁ ଅରୁ ଏବେ ଆଉ ବୋଉର ଶାଢି ଲୋଡେନି । ଅରୁ ସ୍ଲିପିଂ ଟାବଲେଟ ନିଏ ।

**ଚୁନଭାଟି ଲେନ, ଶ୍ରୀକଣ୍ଠପୁର, ବାଲେଶ୍ୱର,**
**ମୋ-୭୯୭୮୮୮୪୧୮୮**



## ନବ ପ୍ରକାଶ

### ଏକା ଏକା

**ସମ୍ପାଦନା-ଆଭାସ ବରାଳ, ସୂର୍ଯ୍ୟ ମିଶ୍ର**
**ମୂଲ୍ୟ-୧୦୦/-**




ସାହିତ୍ୟର ଭିନ୍ନ ପ୍ରୟାସରେ ଏକା ଏକା ସଂକଳନଟି ଟିକେ ଧାରାର ପରିବର୍ତ୍ତନ କରି ଯେଉଁ ଋଦ୍ଧିମନ୍ତ କଳେବରଟି ପ୍ରସ୍ତୁତ ହୋଇଛି, ତାହା ଅନେକ ମର୍ଯ୍ୟାଦା ବହନ କରେ । ପ୍ରେରଣାଦାୟୀ କବି ରମାକାନ୍ତ ରଥଙ୍କ ଠାରୁ ଆରମ୍ଭ ହୋଇ ସୀତାକାନ୍ତ ମହାପାତ୍ର, ପ୍ରଫୁଲ୍ଲ କୁମାର ମହାନ୍ତି, ବଂଶୀଧର ଷଡ଼ଙ୍ଗୀ, ସୌଭାଗ୍ୟ କୁମାର ମିଶ୍ର, ରାଜେନ୍ଦ୍ର କିଶୋର ପଣ୍ଡା, ହରପ୍ରସାଦ ଦାସ, ଆଶୁତୋଷ ପରିଡ଼ା, ବିପିନ୍ ନାୟକ, ସଂଘମିତ୍ର ମିଶ୍ର, ରବି ସ୍ୱାଇଁ, ପିନାକୀ ଦେରକ୍ଷକ ନାୟକ, ଦୁର୍ଗାପ୍ରସାଦ ପଣ୍ଡା, ପ୍ରୀତିଧାରା ସାମଲ, ଦେବ ବ୍ରତ ଦାସ, ବାଦଲ ମହାନ୍ତି, ସତ୍ୟରଞ୍ଜନ ପ୍ରହରାଜ, ସୂର୍ଯ୍ୟ ଦେଓ, ପ୍ରେମାନନ୍ଦ ଶ୍ରୀ ଆର୍ଯ୍ୟବ୍ରତ ଦାସ, ଶୁଭସ୍ମିତା ତ୍ରିପାଠୀ, ପିନାକୀ ମିଶ୍ର, ରମେଶ ପଟ୍ଟନାୟକ, ଅଜୟ ପ୍ରଧାନ, ମନୋଜ କୁମାର ପଣ୍ଡା, ଶୈବାଳିନୀ ସାହୁ, ମନୁଆ ଦାସ, ଦେବବ୍ରତ ଜେନା, ଶଶୀ ରଥ, ଇପସିତା ଷଡ଼ଙ୍ଗୀ, ସୁରେଶ ନାୟକ, ମୋନାଲିସା ମିଶ୍ର, ଅଭୟ ନାରାୟଣ ନାୟକ, ପାରମିତା ଷଡ଼ଙ୍ଗୀ, ବୀରେନ୍ଦ୍ର ନାୟକ, ପ୍ରଦୀପ କୁମାର ପଣ୍ଡା ପ୍ରମୁଖ ଆଲେଖ୍ୟ ଏହି ସଂକଳନକୁ ବଳିଷ୍ଠ କରିବାରେ ବେଶ ପ୍ରୟାସ କରିଛନ୍ତି । କବିତା, ଆଲୋଚନା, ଗପର ସମ୍ମିଶ୍ରଣରେ ବେଶ ମନଛୁଆଁ ହୋଇପାରିଛି ଓ ଚିରାଚରିତ ଢ଼ଙ୍ଗରୁ ଟିକେ ଭିନ୍ନ କରି ଏହାର ପରିକଳ୍ପନା କରାଯାଇଛି । ଓଡ଼ିଆ ସାହିତ୍ୟରେ ଏଭଳି କରାଯାଇଥିବା ପ୍ରୟାସ ନିଶ୍ଚିତଭାବରେ ସ୍ୱାଗତଯୋଗ୍ୟ ।

# ‘ନନ୍ଦକିଶୋର ସାମଲଙ୍କ ୨୨ତମ ଶ୍ରାଦ୍ଧୋତ୍ସବ



**କଟକ,୭।୬/ଏନ୍‌ଏନ୍‌ଏସ୍:** ଯାଜପୁର ବାଲିଚନ୍ଦ୍ରପୁରସ୍ଥିତ କବି ନନ୍ଦକିଶୋର ସାମଲ ସ୍ମୃତି ସଂସଦ ପକ୍ଷରୁ କବି ନନ୍ଦକିଶୋର ସାମଲଙ୍କ ୨୨ତମ ଶ୍ରାଦ୍ଧୋତ୍ସବ ଶ୍ରୀରାମଚନ୍ଦ୍ର ଭବନଠାରେ ଶନିବାର ପାଳିତ ହୋଇଯାଇଛି। ସଂସଦର ଅଧ୍ୟକ୍ଷ ଗଣେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ପ୍ରଶାସକ ରତ୍ନାକର ରାଉତ ଯୋଗଦେଇ କହିଲେ ଯେ କବି ନନ୍ଦକିଶୋର ସାମଲ ଓଡ଼ିଆ ଅସ୍ମିତାର କଥାଗୁଡ଼ିକୁ ତାଙ୍କ ସୃଷ୍ଟିରେ ପ୍ରତିଫଳିତ କରିଯାଇଛନ୍ତି।

ମୁଖ୍ୟବକ୍ତା ସ୍ୱାସ୍ଥ୍ୟକୁଶଳୀ ବିଶେଷଜ୍ଞ ଡା. ରବି ନାରାୟଣ ପଣ୍ଡା କହିଲେ ଯେ କବି ନନ୍ଦକିଶୋରଙ୍କ ସାହିତ୍ୟରେ ମାନବବାଦର କଥା ବେଶ ଗ୍ରହଣୀୟ ହୋଇଛି। ସମ୍ମାନିତ ବକ୍ତା ଡ. ନୃସିଂହ ଚରଣ ବେହେରା କହିଲେ ଯେ କବି ଲେଖିଥିବା ଆମ ଘର କବିତାର ପ୍ରାସଙ୍ଗିକତା ଆଜି ବାରି ହୋଇଯାଉଛି। ସଭାପତି ସ୍ୱାଇଁ କହିଲେ ଯେ ନନ୍ଦକିଶୋର ସାମଲଙ୍କ ସାହିତ୍ୟକୃତି ଠିକଣା ଢଙ୍ଗରେ ଚର୍ଚ୍ଚିତ ହେବାର ଆବଶ୍ୟକତା ରହିଛି। ଏହି ଅବସରରେ ଅନ୍ତରାଷ୍ଟ୍ରୀୟ ଓଡ଼ିଶୀ ନୃତ୍ୟଶିଳ୍ପୀ ଡ. ଚିତ୍ତରଞ୍ଜନ ସାହାଣୀ, ଶିକ୍ଷୟିତ୍ରୀ ଗୀତାଞ୍ଜଳି ପୃଷ୍ଟି, ଶିଶୁ ସାହିତ୍ୟିକ ପ୍ରଫୁଲ୍ଲ ସାମଲ, ଛବିରାମ ସେଠୀ, ପଲ୍ଲବୀ ଦାସ, ଲଳିତ ମୋହନ ରଥ ଓ ଡା. ରବିନାରାୟଣ ପଣ୍ଡା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସଦର ସମ୍ପାଦକ ବ୍ରହ୍ମାନନ୍ଦ ପଣ୍ଡା ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ, ରାଜୀବ ଷଡ଼ଙ୍ଗୀ ଅତିଥି ପରିଚୟ ଓ କ୍ଷୀରୋଦ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ଡ. ଅଜୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ମନୋରଞ୍ଜନ ପଣ୍ଡା, ସୁଶୀଲ କୁମାର ରାଉତ, ନିରୁପମା ମିଶ୍ର ଓ ସୁଶ୍ରୀ ପ୍ରଜ୍ଞାଲୀନ ସାହୁ ସଂଯୋଜନା କରିଥିଲେ।

# ଦୀପକ ଦେ’ଙ୍କ ବିୟୋଗରେ ଶୋକସଭା



**କଟକ,୭।୬/ଏନ୍‌ଏନ୍‌ଏସ୍:** ବିଶିଷ୍ଟ ରାଜନେତା ତଥା ଆଇନଜୀବୀ ଦୀପକ ଦେଙ୍କ ବିୟୋଗରେ ବାଖରାବାଦ ସ୍ଥିତ ଗାନ୍ଧୀଭବନଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। କଟକ ମହାନଗର ନାଗରିକ ମହାସଭା ଆନୁକୂଲ୍ୟରେ ଅନୁଷ୍ଠାନର ସଭାପତି ଡ଼ାକ୍ତର ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ସଭା ପ୍ରାରମ୍ଭରେ ସ୍ୱର୍ଗତ ଆତ୍ମାଙ୍କ ସଦ୍‌ଗତି କାମନା କରି ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ନିର୍ଭୀକ, ସ୍ପଷ୍ଟବାଦୀ, ସଂଗ୍ରାମୀ, ପ୍ରଚଣ୍ଡ ସ୍ୱାଭିମାନୀ ଓ ବିପ୍ଳବୀ ଭାବେ ସବୁ ମହଲରେ ଦୀପକ ଦେଙ୍କ ପରିଚିତ ଥିଲା। ଅଣ କଂଗ୍ରେସ ରାଜନୀତିର ସେ ଥିଲେ ଅନ୍ୟତମ ବାର୍ତ୍ତାବହ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ଚିତ୍ତରଞ୍ଜନ ମହାନ୍ତି, ପ୍ରତାପ ଶତପଥୀ, ଜୟନ୍ତ ବିଶ୍ୱାଳ, ଜ୍ୟୋତ୍ସ୍ନା ପାଣି, ରଞ୍ଜନ ମିତ୍ର, ଧର୍ମେଶ ନାୟକ, କୃଷ୍ଣକେଶବ ମିଶ୍ର, ବଳରାମ ମହାନ୍ତି, ପ୍ରକାଶ ଦାଶ, ପ୍ରଫୁଲ୍ଲ ବେହେରା, ମନୋରଞ୍ଜନ ମିଶ୍ର, ପଦ୍ମଲୋଚନ ମିଶ୍ର, ଦୀପ୍ତିରଞ୍ଜନ ପଣ୍ଡା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶେଷରେ ପୂର୍ବତନ କର୍ପୋରେଟର୍ କେଦାର ପୃଷ୍ଟି ଧନ୍ୟବାଦ୍ ଦେଇଥିଲେ।

# ରାମଲୀଳା ପ୍ରଚାର ସମିତି ପକ୍ଷରୁ ରାମଲୀଳା



**କଟକ,୭।୬/ଏନ୍‌ଏନ୍‌ଏସ୍:** କଟକ ସଦର ବିଦ୍ୟାଧରପୁରଠାରେ ରାମଲୀଳା ପ୍ରଚାର ସମିତି ପକ୍ଷରୁ ଦୁଇରାତି ଶ୍ରୀରାମଲୀଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଧରପୁର ରାମଲୀଳା ସମିତିର କଳାକାରମାନଙ୍କ ଦ୍ୱାରା ଲେଖକ ସ୍ୱର୍ଗତ ମନମୋହନ ଚାଟାର୍ଜୀଙ୍କ ‘ବନ ପଥେ ରାକ୍ଷସୀ ସୂପର୍ଣ୍ଣଖା’ ଏବଂ ‘ସୀତା ଚୋରି’ ଦୁଇ ଦିନ ଧରି ମଞ୍ଚସ୍ଥ ହୋଇଯାଇଛି। ତାପସ କୁମାର ଲେଙ୍କା ଓ ପ୍ରାଣକୃଷ୍ଣ ଓଝା ନିର୍ଦ୍ଦେଶନା ଦେଇଥିଲାବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ଅଶୋକ କୁମାର ସାହୁ ଓ ସନ୍ତୋଷ ମହାରଣା। ଏହି ଅବସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠାନର ସଭାପତି ଜୟନ୍ତ କୁମାର ଓଝାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବିଧାୟକ ଇଂ. ମହମ୍ମଦ ମୋକିମ୍, ସିଆର୍‌ଆଇ ଥାନା ଭାରପ୍ରାପ୍ତ ଅଧିକାରୀ ବିଜୟ କୁମାର ବାରିକଙ୍କ ସମେତ ପଡ଼ୋଶୀ ରାମଲୀଳା ସମିତିର ଅଧିକାରୀ ମୂରବୀ, ଲେଖକ, କଳାକାର ଏବଂ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ଅଜୟ କୁମାର ମହାରଣା ସ୍ୱାଗତ ଭାଷଣ ଦେଇଥିଲା ବେଳେ ଉପ ସଭାପତି ପ୍ରଦୀପ୍ତ କୁମାର ପଣ୍ଡା ଧନ୍ୟବାଦ୍ ଦେଇଥିଲେ। ରାମଲୀଳା ପ୍ରଚାର ସମିତିର ବିଜୟ କୁମାର ପଣ୍ଡା, ବିଦ୍ୟାଧର ଜେନା, ନବକିଶୋର ଲେଙ୍କା, ରବୀନ୍ଦ୍ର ମହାରଣା, ମାନସ ମହାରଣା, ଚଗନ୍ ଲେଙ୍କା, ସନାତନ ବାରିକ, ପ୍ରଫୁଲ୍ଲ କୁମାର ଓଝା, ଲିଟୁ ନନ୍ଦ, ନଗେନ ମହାରଣା, ନାରାୟଣ ସାହୁ, ସୁନିଲ କୁମାର ପଣ୍ଡା, ପ୍ରଶାନ୍ତ ମହାରଣା, ଦୀପକ କୁମାର ସାହୁ, ପ୍ରଭାକର ସାହୁ, କୈଳାସ ବେହେରା ଏବଂ ଲକ୍ଷ୍ମୀଧର ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ଜନତା ରଙ୍ଗମଞ୍ଚର କାର୍ଯ୍ୟକାରୀ କମିଟି ବୈଠକ

# ଦୁଇଟି ନାଟକର ସଫଳତା ପରେ ତୃତୀୟ ନାଟକ ପାଇଁ ନିଷ୍ପତ୍ତି



**କଟକ,୭।୬/ଏନ୍‌ଏନ୍‌ଏସ୍:** ଜନତା ରଙ୍ଗମଞ୍ଚ ପରିଚାଳନା କମିଟି ବୈଠକ ରଙ୍ଗମଞ୍ଚ ପରିସରରେ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଡ଼. ଅଙ୍ଗଦ ଦ୍ୱିବେଦୀ ସଭାପତିତ୍ୱ କରିଥିଲେ। ସମ୍ପାଦକ ବିନୋଦ କୁମାର ବେହେରା କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ। ଜନତା ରଙ୍ଗମଞ୍ଚରେ ‘ମୁଖାଗ୍ନି’ଓ ‘ଚଇତୁ’ ଦୁଇଟି ସଫଳ ନାଟକର ସୁପରିଚାଳନା ପାଇଁ ସଭ୍ୟମାନଙ୍କୁ ସମ୍ପାଦକ ଶ୍ରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଗଣମାଧ୍ୟମ ପ୍ରତିନିଧିମାନଙ୍କ ଅକୁଣ୍ଠ ସହଯୋଗରେ ମଞ୍ଚ ନାଟକର ଅଗ୍ରଗତି ସମ୍ଭବ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଦୁଇଟି ନାଟକର ସଫଳତା ପରେ ଆଗାମୀ ଦିନରେ ଖୁବ୍ ଶୀଘ୍ର ନୂତନ ନାଟକ ପରିବେଷଣ କରାଯିବା ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଅଭିନେତା ଗୌରବ ମହାନ୍ତି, ପ୍ରଯୋଜକ ବାପୁ ଲେଙ୍କା, ନିର୍ଦ୍ଦେଶକ ଶ୍ରୀକାନ୍ତ ଚୌଧୁରୀ, ଅଭିନେତା ଅନନ୍ତ ଦାସ, ଶିବାନୀ ମହାପାତ୍ର, ପ୍ରଣବ କର, ଇନ୍ଦ୍ରଜିତ ଘୋଷ, ଧୀରାଜ ଚୌଧୁରୀ, ରବିନାରାୟଣ ରଥ, ସୁକାନ୍ତ ମହାପାତ୍ର, ସୁକାନ୍ତ କୁମାର ପଣ୍ଡା, ବବି ବାବୁ ରେଡ଼ିଓ ଲାଇଟ୍, ସଂଗୀତ ନିର୍ଦ୍ଦେଶକ ବିନୟ ଦାଶ, ଅଭିନେତା ବିଶ୍ୱଭୂଷଣ ମହାନ୍ତି, ଅଭିନେତ୍ରୀ ସୁଲଗ୍ନା ନାୟକ, ମିନୁ ପାଢ଼ୀ, ଶ୍ୱେତାଶ୍ରୀ ପାଢ଼ୀ ଓ ସୋନାଲି ସେନ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ସହଦେବ ବେହେରା ବୈଠକ ପରିଚାଳନା କରିଥିଲେ।

# ୯ରେ ଡମପଡ଼ା ବ୍ଲକରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

**କଟକ,୭।୬/ଏନ୍‌ଏନ୍‌ଏସ୍:** ଆସନ୍ତା ୯ ତାରିଖ ଡମପଡ଼ା ବ୍ଲକ କାର୍ଯ୍ୟାଳୟଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଏହି ଅଭିଯୋଗ ଶୁଣାଣି ଶିବିର ସକାଳ ୭ଟାରେ ଆରମ୍ଭ ହୋଇ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟେକ ସୋମବାର ହେଉଥିବା ଜନ ଅଭିଯୋଗ ଶୁଣାଣି ଶିବିରରେ ନିଜର ଅଭିଯୋଗ ଦାଖଲ ନିମନ୍ତେ ଜନଶୁଣାଣି ୱେବ୍ ପୋର୍ଟାଲ, ମୋବାଇଲ ଆପ୍ଲିକେସନ ମାଧ୍ୟମରେ ସ୍ଲଟ୍ ବୁକିଂ କରିବାକୁ ଅନୁରୋଧ କରାଯାଇଛି। ଶୁକ୍ରବାର ପୂର୍ବାହ୍ନ ୧୧ଟାରୁ ଶନିବାର ରାତ୍ର ୧୧ଟା ୫୯ ମିନିଟ ପର୍ଯ୍ୟନ୍ତ ଜନଶୁଣାଣି ପୋର୍ଟାଲ janasunani.odisha.gov.inରେ ସ୍ଲଟ ବୁକିଂ କରାଯାଇପାରିବ। ଅଞ୍ଚଳବାସୀ ଏହାର ସୁଯୋଗ ନେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

# ୨୨ରେ ଗୃହରକ୍ଷୀ ପଦବୀ ପାଇଁ ଲିଖିତ ପରୀକ୍ଷା

**କଟକ,୭।୬/ଏନ୍‌ଏନ୍‌ଏସ୍:** କଟକ ଜିଲ୍ଲାରେ ଖାଲି ପଡିଥିବା ମୋଟ ୨୧୨ଟି ଗୃହରକ୍ଷୀ ପଦବୀ ନିମନ୍ତେ ଲିଖିତ ପରୀକ୍ଷା ଆସନ୍ତା ୨୨ତାରିଖ ଦିନ ଅନୁଷ୍ଠିତ ହେବ। କଟକ ଜିଲ୍ଲାର ବିଭିନ୍ନ ଉପଖଣ୍ଡମାନଙ୍କରେ ଅନୁଷ୍ଠିତ ହେବାକୁ ଥିବା ଏହି ପରୀକ୍ଷା ପାଇଁ ଆଡ୍‌ମିଟ୍ କାର୍ଡ ପ୍ରାର୍ଥୀମାନେ ଆବେଦନ କରିଥିବା ନିଜ ନିଜର ଥାନା ଅଞ୍ଚଳରେ ଉପଲବ୍ଧ ହେବ। ବୈଧ ଆବେଦନପତ୍ରଗୁଡ଼ିକର ଆବେଦନକାରୀମାନଙ୍କୁ ପରୀକ୍ଷା କେନ୍ଦ୍ରରେ ପ୍ରବେଶ ନିମନ୍ତେ ପ୍ରବେଶ ପତ୍ର ବା ଆଡମିଟ୍ କାର୍ଡ ଆସନ୍ତା ୧୭ରୁ ୨୦ତାରିଖ ମଧ୍ୟରେ ଥାନାଗୁଡ଼ିକରେ ପ୍ରଦାନ କରାଯିବ। ଆଡମିଟ୍ କାର୍ଡ ନେବା ସମୟରେ ପ୍ରାର୍ଥୀମାନେ ନିଜ ପରିଚୟ ପ୍ରମାଣ ପତ୍ର (ଆଧାର କାର୍ଡର) ଏବଂ ପାସପୋର୍ଟ ସାଇଜ୍ ଫଟୋ ଦାଖଲ କରିବା ବାଧ୍ୟତାମୂଳକ। ଅବୈଧ ଆବେଦନପତ୍ରଗୁଡ଼ିକର ତାଲିକା ନିଜ ନିଜର ଥାନା ତଥା ସମାଦେଷ୍ଟା ଗୃହରକ୍ଷୀ କାର୍ଯ୍ୟାଳୟ କଟକ, ବକ୍ସିବଜାର, ରିଜର୍ଭ ଲାଇନ୍ ଫଳକ ଏବଂ କାନ୍ଥରେ ପ୍ରକାଶ କରାଯାଇଛି। ପରୀକ୍ଷା କେନ୍ଦ୍ର ଓ ସମୟ ସମ୍ପର୍କରେ ପ୍ରାର୍ଥୀମାନଙ୍କ ଆଡ୍‌ମିଟ୍ କାର୍ଡରେ ଉଲ୍ଲେଖ ରହିବ। ଏଠାରେ ସୂଚନାଯୋଗ୍ୟ ଗୃହରକ୍ଷୀ ସେବା ସ୍ଥାୟୀ ଚାକିରୀ ନୁହେଁ, ଏହା ଏକ ସ୍ୱେଚ୍ଛାକୃତ ସେବା ଏବଂ ଏହାର ଅବଧି ୩ ବର୍ଷ ସମୟସୀମା ମଧ୍ୟରେ ସୀମିତ।

# ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ପରିବେଶ ଦିବସ



**କଟକ,୭।୬/ଏନ୍‌ଏନ୍‌ଏସ୍:** ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ବକ୍ସିବଜାରଠାରେ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି। କର୍ମକର୍ତ୍ତାମାନେ ପ୍ଲା କାର୍ଡ ଧରି ସ୍ଲୋଗାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସଂଘର ସାଧାରଣ ସମ୍ପାଦକ ରତ୍ନାକର ପ୍ରଧାନ ସହ ସମ୍ପାଦକ ପ୍ରଶାନ୍ତ ସାହୁ, ମିଡିଆ ସେଲ୍ ଅଧ୍ୟକ୍ଷ ପ୍ରଭାସ ପ୍ରଧାନ, ବିଷ୍ଣୁ ବିଶୋଇ, ରବି ପାଲ, ଅଶୋକ ସାହୁ, ଉମେଶ ସାହୁ, ନବଘନ ସାହୁ, ହେମନ୍ତ ପଟ୍ଟନାୟକ, ସନ୍ତୋଷ ରାଓ ଓ ପ୍ରତାପ ସାହୁ ପ୍ରମୁଖ ଯୋଗଦେଇଥିଲେ।

# ନାରୀ ସେବା ସଂଘ ପକ୍ଷରୁ ଚାରାରୋପଣ



**କଟକ,୭।୬/ଏନ୍‌ଏନ୍‌ଏସ୍:** ସାମ୍ପ୍ରତିକ ପରିସ୍ଥିତିରେ ରାଜ୍ୟରେ ତଥା ଦେଶରେ ଅହେତୁକ ତାପମାତ୍ରା ବୃଦ୍ଧି ହୋଇ ପରିବେଶ ଧୀରେ ଧୀରେ ପ୍ରଦୂଷିତ ହେଉଛି। ତାପମାତ୍ରା ବୃଦ୍ଧି ଓ ପରିବେଶ ପ୍ରଦୂଷଣକୁ ଦୃଷ୍ଟିରେ ରଖି ଓଡ଼ିଶା ନାରୀ ସେବା ସଂଘ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ ଉପଲକ୍ଷେ ସଂଘର ସଭାନେତ୍ରୀ ଡ଼. ପ୍ରତିମା ମହାପାତ୍ରଙ୍କ ନେତୃତ୍ୱରେ ନାରୀ ସେବା ସଦନର ଉଦ୍ୟାନରେ ବିଭିନ୍ନ ଔଷଧୀୟ ତଥା ଫୁଲ ଓ ଫଳ ଗଛର ଚାରା ରୋପଣ କରାଯାଇଥିଲା। ସଂଘର ସମ୍ପାଦିକା ଆଭା କାନୁନ୍‌ଗୋ, ହଲ୍ ସମ୍ପାଦିକା ମଞ୍ଜୁ ସିଂ, ସଂଗଠନ ସମ୍ପାଦିକା ମୀରା ବେଉରା, କୋଷାଧ୍ୟକ୍ଷା ନୟନତାରା ନନ୍ଦ, ଗୀତାଶ୍ରୀ ଦାସ, ନଳିନୀ ଦାସ, ନିବେଦିତା ମହାନ୍ତି ଓ ବବିତା ଦାସ ମହାପାତ୍ର ପ୍ରମୁଖ ଯୋଗଦେଇ ଏହି ଫଳ ଫୁଲ ଚାରାଗୁଡ଼ିକୁ ସଦନର ଉଦ୍ୟାନରେ ରୋପଣ କରିଥିଲେ। ପ୍ଲାଷ୍ଟିକ ମୁକ୍ତ ପରିବେଶ ସୃଷ୍ଟି କରିବା ନିମିତ୍ତ ସଂଘ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ ଉପଲକ୍ଷେ ସଂଘର ସଦସ୍ୟାମାନେ ଶପଥ ପାଠ ମଧ୍ୟ କରିଥିଲେ।

# ଜାତୀୟ ଧାନ ଗବେଷଣା ଅନୁଷ୍ଠାନର ବୃକ୍ଷରୋପଣ ଅଭିଯାନ



**କଟକ,୭।୬/ଏନ୍‌ଏନ୍‌ଏସ୍:** ପ୍ଲାଷ୍ଟିକ୍ ପ୍ରଦୂଷଣ ମୁକାବିଲା ବିଷୟବସ୍ତୁକୁ ଗୁରୁତ୍ୱ ଦେଇ ଏହି ବର୍ଷ ବିଶ୍ୱ ପରିବେଶ ଦିବସ ୨୦୨୫ପାଳିତ ହୋଇଯାଇଛି। ଜାତୀୟ ଧାନ ଗବେଷଣା ଅନୁଷ୍ଠାନ ପକ୍ଷରୁ ପରିବେଶଗତ ସ୍ଥିରତା ଏବଂ ପରିବେଶ-ଅନୁକୂଳ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ ବୃକ୍ଷରୋପଣ ଅଭିଯାନ କରାଯାଇଛି। ଅନୁଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ଡକ୍ଟର ଏମ. ଜେ. ବେଗ୍ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଅନୁଷ୍ଠାନରର ନିର୍ଦ୍ଦେଶକ ଡକ୍ଟର ଜି.ଏ.କେ. କୁମାର କ୍ୟାମ୍ପସରେ ଚାରା ରୋପଣ କରିବାରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ ଏବଂ କର୍ମଚାରୀ ଏବଂ ବୈଜ୍ଞାନିକମାନଙ୍କୁ ଉତ୍ସାହର ସହିତ ଏହି ପ୍ରୟାସରେ ଯୋଗଦେବାକୁ ପ୍ରୋତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମ ପ୍ଲାଷ୍ଟିକ୍ ବ୍ୟବହାର ହ୍ରାସ କରିବା, ପ୍ରାକୃତିକ ସମ୍ପଦ ସଂରକ୍ଷଣ କରିବା ଏବଂ ଏକ ସ୍ୱଚ୍ଛ, ସବୁଜ ଏବଂ ଅଧିକ ସ୍ଥାୟୀ ପରିବେଶର ଆବଶ୍ୟକତା ବିଷୟରେ ସଚେତନତା ବୃଦ୍ଧି କରିବା ପାଇଁ ପ୍ରତିଷ୍ଠାନର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା।

# ନେହରୁ ଉଚ୍ଚବିଦ୍ୟାଳୟରେ ପରିବେଶ ଦିବସ

**କଟକ,୭।୬/ଏନ୍‌ଏନ୍‌ଏସ୍:**ନେହରୁ ନୋଡାଲ୍ ଉଚ୍ଚବିଦ୍ୟାଳୟ ପରିସରରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିରେନ୍ଦ୍ର କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବିଶିଷ୍ଟ ପରିବେଶବିତ୍ ଡ. ଅର୍ଜୁନ କୁମାର ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲା ବେଳେ ସମ୍ମାନିତ ବକ୍ତା ଭାବେ ପୂର୍ବତନ ପ୍ରଧାନଶିକ୍ଷକ ହରିହର ସାମଲ ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ଗଙ୍ଗାଧର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହିରଣ୍ମୟୀ ସାମଲ, ଦିଲ୍ଲୀପ କୁମାର ରାଉତ, କଳ୍ପନାମୟୀ ବେହେରା, ତ୍ରିଲୋଚନ ବେହେରା, ବଦ୍ରିନାରାୟଣ ଦାସ,ସସ୍ମିତା ସ୍ୱାଇଁ ଓ ସସ୍ମିତା ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଡ୍ରିମ୍‌ସ ଅଧ୍ୟକ୍ଷ ଡ. ପ୍ରମୋଦ ରଥଙ୍କୁ ନାଗରିକ ସମ୍ବର୍ଦ୍ଧନା



**କଟକ,୭।୬/ଏନ୍‌ଏନ୍‌ଏସ୍:** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଜରିପଡ଼ା ପଞ୍ଚାୟତ ସାମନ୍ତରାପୁର ସ୍ଥିତ ଶ୍ରୀ ଶ୍ରୀ ନାରାୟଣୀ ନାଟ୍ୟକଳା ପରିଷଦର ଏକାଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ସଂଧ୍ୟାରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲାବେଳେ ଜୀବନ ବ୍ୟାପୀ ସାଧନା ଓ ସଫଳତା ପାଇଁ ତାଙ୍କୁ ନାଗରିକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଡ. ରଥ ସମ୍ବର୍ଦ୍ଧନାର ଉତ୍ତରରେ ଗ୍ରାମାଞ୍ଚଳରେ ଏଭଳି ନାଟ୍ୟ ଅନୁଷ୍ଠାନ ଲୋକଙ୍କ ମନୋରଞ୍ଜନ ସହିତ ଭାଇଚାରା ଓ ସାଂସ୍କୃତିକ ସମନ୍ୱୟ ରଖିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ଉଲ୍ଲେଖ କରି ଅନୁଷ୍ଠାନର କର୍ମକର୍ତ୍ତା ଓ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ଉପଲକ୍ଷେ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ଦୁଇଦିନ ଧରି ନାଟକ ମଞ୍ଚସ୍ଥ ହୋଇଥିଲା। କିଶୋର କୁମାର ଜେନା ମାନପତ୍ର ପାଠ କରିଥିଲେ। ବରିଷ୍ଠ ଶିକ୍ଷାବତ୍ କ୍ଷେତ୍ରବାସୀ ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ସାଂସଦଙ୍କ ପ୍ରତିନିଧି ତଥା ଯୁବ ସଂଗଠକ ପ୍ରଫୁଲ୍ଲ କୁମାର ସ୍ୱାଇଁ ସ୍ୱାଗତ ଅଭିଭାଷଣ ସହ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା, କର୍ମକର୍ତ୍ତା ଓ ଗ୍ରାମବାସୀ ଉତ୍ସବ ପରିଚାଳନା କରିଥିଲେ।

# ଗୌରୀ ମା’ ସାଂସ୍କୃତିକ କଳା ପରିଷଦର ରଜ ପ୍ରସ୍ତୁତି



**କଟକ,୭।୬/ଏନ୍‌ଏନ୍‌ଏସ୍:** ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ୩ନଂ ୱାର୍ଡ ସ୍ଥିତ ବ୍ରଜବିହାରୀପୁରରେ ‘ଗୌରୀ ମା’ସାଂସ୍କୃତିକ କଳା ପରିଷଦ’ ଆନୁକୂଲ୍ୟରେ ରଜ ମହୋତ୍ସବର ପ୍ରସ୍ତୁତି ବୈଠକ ସଭାପତି ସୁଶାନ୍ତ କୁମାର ବରାଳ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସମ୍ପାଦିକା ସ୍ୱର୍ଣ୍ଣପ୍ରଭା ସାହୁ, ଉପଦେଷ୍ଟା ପ୍ରଶାନ୍ତ କୁମାର ସାହୁ, ଡ. ଏଲ୍ ରବିକୁମାର, ନିଶାକର ଦାସ, ନୟନା ନାୟକ ଓ ମୁକେଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟିର କର୍ମକର୍ତ୍ତା ଜଗଦୀପ୍ ସାହୁ, ଅଭିଜିତ୍ ଦାସ, ସୂର୍ଯ୍ୟକାନ୍ତ ଦାସ, ଜ୍ୟୋତିର୍ମୟ ଦାସ, ବିଭୂତି ରଞ୍ଜନ ସେନାପତି, ଡଃ ବିପ୍ଳବ ଶିଳାଦିତ୍ୟ ଓ ନୃତ୍ୟଗୁରୁ ନମିତା ରାଣୀ ଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୧୩ ଓ ୧୪ ଦୁଇଦିନ ଧରି ରଜ ମହୋତ୍ସବ ପାଳିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି।

ଶ୍ରୀ ୩୪୮ ରନ୍‌ରେ ଭାରତ (ଏ)ଦଳର ପାଳି ସମାପ୍ତ

# ୧୯୨/୩ରେ ଇଂଲଣ୍ଡ ଲାୟନ୍ସ

**ଇଂଲଣ୍ଡ,୭।୬/ଏଜେନ୍ସି:** ଇଂଲଣ୍ଡ ଲାୟନ୍ସ ସହ ଦ୍ୱିତୀୟ ଅଣଆନୁଷ୍ଠାନିକ ଟେଷ୍ଟର ପ୍ରଥମ ଇନିଂସରେ ଭାରତ-ଏ ଦଳ ୩୪୮ ରନ୍‌ରେ ଅଲଆଉଟ୍ ହୋଇଯାଇଛି। ନର୍ଥମ୍ପଟନ୍‌ରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଭାରତ-ଏ ଦଳର ପାଳି ସମାପ୍ତ ହେବା ପରେ ଦ୍ୱିତୀୟ ଦିନ ଷ୍ଟମ୍ପ୍ ଅପସାରଣ ହେବା ବେଳକୁ ଇଂଲଣ୍ଡ ଲାୟନ୍ସ ୩ ୱିକେଟ୍ ହରାଇ ୧୯୨ ରନ୍ କରି ଶେଷ କରିଛି। ଜୋର୍ଡାନ କକ୍ସ ୩୧ ରନ୍‌ରେ ଅଛନ୍ତି। ଏମିଲିଓ ଗେ (୭୧ ରନ) ଏବଂ ଓପନର ଟମ୍ ହେନ୍ସ (୫୪ ରନ) ଅର୍ଦ୍ଧଶତକ ହାସଲ କରିଛନ୍ତି। ବେନ୍ ମ୍ୟାକକିନି ୧୨ ରନ୍ କରିଛନ୍ତି। ତନୁଶ କୋଟିଆନ୍, ତୁଷାର ଦେଶପାଣ୍ଡେ ଏବଂ ଅସଲମ୍ କାମ୍ବୋଜ ପ୍ରତ୍ୟେକେ ଗୋଟିଏ ଲେଖାଏ ୱିକେଟ୍ ପାଇଛନ୍ତି।

ଶନିବାର, ଭାରତ ଏ ୩୧୯/୭ ସ୍କୋରରୁ ଖେଳିବା ଆରମ୍ଭ କରିଥିଲା ଏବଂ ୨୯ ରନ୍ ମଧ୍ୟରେ ଶେଷ ୩ ୱିକେଟ୍ ହରାଇଥିଲା। ଇଂଲଣ୍ଡ ଲାୟନ୍ସ ପକ୍ଷରୁ କ୍ରିସ୍ ୱକ୍ସ ୩ ୱିକେଟ୍ ନେଇଥିଲେ। ଜୋଶ୍ ଟାଙ୍ଗ ଏବଂ ଗ୍ରେସ୍ ହିଲ୍ ୨-୨ ୱିକେଟ୍ ପାଇଥିଲେ। ପ୍ରଥମ ଦିନରେ କେଏଲ ରାହୁଲ ୧୧୬ ରନର ଶତକୀୟ ଇନିଂସ ଖେଳିଥିଲେ। ରାହୁଲଙ୍କ ବ୍ୟତୀତ ଧ୍ରୁବ ଜୁରେଲ୍ (୫୨ ରନ) ସ୍କୋର କରିଥିଲେ। କରୁଣ ନାୟାର ୪୦ ଏବଂ ନୀତିଶ କୁମାର ରେଡ୍ଡୀ ୩୪ ରନ କରିଥିଲେ। ପ୍ରଥମ ଦିନରେ ବର୍ଷା ଯୋଗୁଁ କେବଳ ୮୩ ଓଭର ଖେଳାଯାଇଥିଲା।



ଫ୍ରେଞ୍ଚ୍ ଓପନ୍-୨୦୨୫ ମହିଳା ସିଙ୍ଗଲ୍ସ

# କୋକୋ ଗୌଫ୍ ନୂଆ ଚାମ୍ପିଅନ୍



## ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଲେ ବିଶ୍ୱର ନଂ୧ ଖେଳାଳି ସାବାଲେଙ୍କା

**ପ୍ୟାରିସ୍,୭।୬/ଏଜେନ୍ସି:** ଫ୍ରେଞ୍ଚ୍ ଓପନ୍-୨୦୨୫ ମହିଳା ସିଙ୍ଗଲ୍ସର ନୂଆ ଚାମ୍ପିଅନ୍ ହୋଇଛନ୍ତି ୨୧ ବର୍ଷୀୟା ଆମେରିକାନ୍ ଖେଳାଳି କୋକୋ ଗୌଫ୍। ଫାଇନାଲ ମ୍ୟାଚ୍‌ରେ ବିଶ୍ୱର ୧ ନମ୍ବର ମହିଳା ଖେଳାଳି ତଥା ବେଲାରୁଷର ଆରିନା ସାବାଲେଙ୍କାଙ୍କୁ କଡା ଟକ୍କର ଦେବା ସହ ପରାସ୍ତ କରିଛନ୍ତି କୋକୋ ଗୌଫ୍। ଫାଇନାଲ୍ ମ୍ୟାଚ୍‌ରେ ଉଭୟଙ୍କ ମଧ୍ୟରେ କଡା ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। କୋକୋ ଗୌଫ୍ ଫ୍ରେଞ୍ଚ ଓପନ୍ ୨୦୨୫ ମହିଳା ସିଙ୍ଗଲ୍ସ ଫାଇନାଲ୍‌ରେ ସାବାଲେଙ୍କା ଉପରେ ପ୍ରାଧାନ୍ୟ ବିସ୍ତାର କରି ମ୍ୟାଚ୍ ୬-୭ (୫-୭), ୬-୨, ୬-୪ରେ ଏହି ପ୍ରତିଯୋଗିତାକୁ ଜିତିଥିଲେ। ଏହା ଏକ କଡ଼ା ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ପ୍ରଥମ ସେଟ୍ ଥିଲା ଯାହା ଟାଇବ୍ରେକରରେ ପ୍ରବେଶ କରିଥିଲା, ଉଭୟ ଖେଳାଳି ପରସ୍ପରକୁ ତିନିଥର ଟକ୍କର ଦେଇଥିଲେ। ସାବାଲେଙ୍କା ମଧ୍ୟ ପ୍ରାଧାନ୍ୟ ସହିତ ସେଟ୍ ଆରମ୍ଭ କରିଥିଲେ, କିନ୍ତୁ ଗୌଫ୍ ସୁନ୍ଦର ଭାବରେ ଖେଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ ଏବଂ କଡ଼ା ଟକ୍କର ଦେଇଥିଲେ। ସାବାଲେଙ୍କା, ଗୌଫ୍‌ଙ୍କୁ ୭-୬ (୭-୫) ଏକ କଠିନ ସଂଘର୍ଷପୂର୍ଣ୍ଣ ବିଜୟ ସହିତ ଅଗ୍ରଣୀ ହାସଲ କରିଥିଲେ। କିନ୍ତୁ ପରବର୍ତ୍ତୀ ସେଟ୍‌ରେ, ଗୌଫ୍ ଏକ ପ୍ରଭାବଶାଳୀ ପ୍ରଦର୍ଶନ କରି ଏହାକୁ ୬-୨ ରେ ଜିତିଥିଲେ।

ଏହି ବିଜୟ ସହ କୋକୋ ଗୌଫ୍ ସେରେନା ୱିଲିୟମ୍ସଙ୍କ ପରେ ପ୍ରଥମ ୟୁନାଇଟେଡ୍ ଷ୍ଟେଟସ୍‌ର ଖେଳାଳି ହେବାର କୃତୀତ୍ୱ ହାସଲ କରିଛନ୍ତି। କୋକୋ ଗୌଫ୍‌ଙ୍କ ପାଇଁ ଫ୍ରେଞ୍ଚ୍ ଓପନ୍ ଟାଇଟଲ୍ ତାଙ୍କ ଜୀବନର ପ୍ରଥମ ସଫଳତା ହୋଇଥିବା ବେଳେ ଏହା ତାଙ୍କର ୨ୟ ଗ୍ରାଣ୍ଡସ୍ଲାମ୍ ଚାମ୍ପିଅନ୍‌ସିପ୍ ଟ୍ରଫି। ୨୦୨୨ରେ କୋକୋ ଗୌଫ୍ ଫ୍ରେଞ୍ଚ୍ ଓପନ୍‌ର ଫାଇନାଲ୍‌ରେ ପ୍ରବେଶ କରିଥିଲେ ମଧ୍ୟ ରନର୍ସ ଅପ୍‌ରେ ସନ୍ତୁଷ୍ଟ ରହିବାକୁ ବାଧ୍ୟ ହୋଇଥିଲେ। ସେ ସମୟରେ ସେ ମାତ୍ର ୧୮ ବର୍ଷର ଥିଲେ। ତେବେ ଅତୀତର ଭୁଲ୍‌ରୁ ଅନେକ କିଛି ଶିକ୍ଷା ଲାଭ କରିଥିବା କୋକୋ ଫ୍ରେଞ୍ଚ୍ ଓପନ୍‌ରେ ନିଜ ଶ୍ରେଷ୍ଠ ପରାକାଷ୍ଠା ପ୍ରତିପାଦିତ କରିଥିଲେ। ଏହା ୨୦୧୮ ପରଠାରୁ ପ୍ରଥମ ଗ୍ରାଣ୍ଡ ସ୍ଲାମ୍ ଫାଇନାଲ୍ ଥିଲା ଯେଉଁଥିରେ ଦୁଇ ଶ୍ରେଷ୍ଠ ସିଡେଡ୍ ମହିଳା ସାମିଲ ହୋଇଥିଲେ।

ଫ୍ରେଞ୍ଚ୍ ଓପନ୍: ପୁରୁଷ ସିଙ୍ଗଲ୍ସ

# ସେମିଫାଇନାଲ୍‌ରେ ହାରିଲେ ଜୋକୋଭିଚ୍



**ପ୍ୟାରିସ୍,୭।୬/ଏଜେନ୍ସି:** ସର୍ବିଆର ମହାନ୍ ଖେଳାଳି ନୋଭାକ୍ ଜୋକୋଭିଚ୍ ସେମିଫାଇନାଲ୍‌ରେ ଇଟାଲୀୟ ପ୍ରତିପକ୍ଷ ସିନେରଙ୍କ ଠାରୁ ପରାସ୍ତ ହୋଇଛନ୍ତି। ନିଜ ଜୀବନରେ ୨୪ଟି ଗ୍ରାଣ୍ଡ ସ୍ଲାମ୍ ଟାଇଟଲ୍ ଜିତିଥିବା ଜୋକୋଭିଚ୍ ଏବେ ୩୮ ବର୍ଷ ବୟସରେ ଉପନୀତ ହୋଇଛନ୍ତି। ତେବେ ୨୩ ବର୍ଷୀୟ ସିନେରଙ୍କ ପାଖରୁ ୬-୪,୭-୫ ଏବଂ ୭-୬ ସେଟ୍‌ରେ ପରାସ୍ତ ହେବା ପରେ ଅତ୍ୟନ୍ତ ଭାବୁକ ହୋଇପଡଇଥିଲେ ଜୋକୋଭିଚ୍। ସେ ନିଜ ପ୍ରତିକ୍ରିୟାରେ କହିଥିଲେ ଏହି ମ୍ୟାଚ୍ ହୁଏତ ତାଙ୍କ ଜୀବନର ଅନ୍ତିମ ମ୍ୟାଚ୍ ଥିଲା। ଏହାପରେ ସେ ଆଉ ହୁଏତ ଫ୍ରେଞ୍ଚ୍ ଓପନ୍ ଖେଳିବେ ନାହିଁ। ସେ ନିଜ ପ୍ରଶଂସକଙ୍କ ପ୍ରତି ତାଙ୍କୁ ଦେଇଥିବା ସ୍ନେହ, ଆଦର ତଥା ସମର୍ଥନ ପାଇଁ ଆଭାର ବ୍ୟକ୍ତ କରିଥିଲେ।

ଦେଶ ବିଦେଶ

## ସ୍ତ୍ରୀର କଟାମୁଣ୍ଡ ଧରି ଥାନାରେ ପହଞ୍ଚିଲା ସ୍ୱାମୀ

**ବେଙ୍ଗାଲୁରୁ,୭।୬/ଏଜେନ୍ସି:** କର୍ଣ୍ଣାଟକ ରାଜଧାନୀ ବେଙ୍ଗାଲୁରୁରୁ ଏକ ଅତ୍ୟନ୍ତ ଭୟଙ୍କର ଘଟଣା ସାମ୍ନାକୁ ଆସିଛି। ଆନ୍‌କେଲ ଅଞ୍ଚଳରେ ରହୁଥିବା ଜଣେ ୨୮ବର୍ଷୀୟ ଯୁବକ ତାଙ୍କ ପତ୍ନୀଙ୍କୁ ଅତ୍ୟନ୍ତ ବିଭତ୍ସ ଭାବେ ହତ୍ୟା କରିଛି। ପରେ ପତ୍ନୀର ମୁଣ୍ଡଗଣ୍ଡି ଅଲଗା କରିବା ପରେ କଟାମୁଣ୍ଡ ଧରି ପୁଲିସ୍ ଷ୍ଟେସନ୍‌ରେ ପହଞ୍ଚି ଆତ୍ମସମର୍ପଣ କରିଛି। ଅଭିଯୁକ୍ତ ଯୁବକର ନାମ ଶଙ୍କର ଏବଂ ମୃତ ମହିଳାଙ୍କ ନାମ ମାନସା। ଶଙ୍କର ପୁଲିସକୁ ଦେଇଥିବା ବୟାନ୍ ଅନୁସାରେ ଉଭୟ ସ୍ୱାମୀ ସ୍ତ୍ରୀ କିଛି ଦିନ ପୂର୍ବରୁ ହିଲାଲିଗେ ଗାଁରେ ଏକ ଭଡା ଘରେ ରହିବାକୁ ଆସିଥିଲେ। ଶଙ୍କର ନିକଟସ୍ଥ ଏକ ସ୍ଥାନରେ କାମ କରୁଥିଲା। କିନ୍ତୁ ଜୁନ ୩ ତାରିଖ ରାତିରେ ସେ କାମକୁ ଗଲାବେଳେ ମାନସାଙ୍କୁ କହିଥିଲା ଯେ ସେ ସକାଳ ସୁଦ୍ଧା ଆସିବ। କିନ୍ତୁ, ସେଦିନ ରାତିରେ କାମ ନହେବାରୁ ସେ ଶୀଘ୍ର ଘରକୁ ଫେରିଆସିଥିଲା। ଏହି ସମୟରେ ସେ ମାନସାଙ୍କୁ ଅନ୍ୟ ଜଣେ ପୁରୁଷ ସହିତ ଦେଖିଥିଲା।

ଭାରତ ବିରୋଧରେ ବଡ଼ ଷଡ଼ଯନ୍ତ୍ର ରଚୁଛି ପାକିସ୍ତାନ

# ରୋହିଙ୍ଗ୍ୟାଙ୍କୁ ଆତଙ୍କବାଦୀ ସଜାଉଛି ଜେଇଏମ୍

**ଇସଲାମାବାଦ,୭।୬/ଏଜେନ୍ସି:** ଭାରତ ପାଇଁ ଆଉ ଏକ ବଡ଼ ବିପଦ ଘନୀଭୂତ ହେବାରେ ଲାଗିଛି। ପାକିସ୍ତାନ ଏବେ ରୋହିଙ୍ଗ୍ୟା ଶରଣାର୍ଥୀଙ୍କୁ ନିଜ ଏକ ଘାତକ ଅସ୍ତ୍ର ଭାବେ ଭାରତ ବିରୋଧରେ ବ୍ୟବହାର କରିବାକୁ ଯୋଜନା କରୁଛି। ଏଭଳି କିଛି ରିପୋର୍ଟ ହସ୍ତଗତ ହୋଇଛି। ଗୁଇନ୍ଦା ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁସାରେ ଭାରତ ବିରୋଧରେ ରୋହିଙ୍ଗ୍ୟାଙ୍କୁ ଅସ୍ତ୍ର ଭାବେ ବ୍ୟବହାର କରିବା ପାଇଁ ପାକିସ୍ତାନର କୁଖ୍ୟାତ ଆତଙ୍କବାଦୀ ସଂଗଠନ ଜୈଶ-ଏ-ମହମ୍ମଦ (ଜେଇଏମ୍) ଯୋଜନା କରୁଛି। ରୋହିଙ୍ଗ୍ୟା ଶରଣାର୍ଥୀଙ୍କୁ ଆତଙ୍କବାଦୀ ଭାବେ ପ୍ରସ୍ତୁତ କରିବା ଠାରୁ ଆରମ୍ଭ କରି ଭାରତରେ ଆତଙ୍କବାଦର ଖେଳ ଖେଳିବା ପର୍ଯ୍ୟନ୍ତ ସବୁକିଛି ଦାୟିତ୍ୱ ଜେଇଏମ୍ ଗ୍ରହଣ କରିଛି। ତେବେ ଏସବୁ ପାଇଁ ପାକିସ୍ତାନ, ଜେଇଏମ୍‌କୁ ପ୍ରଚୁର ଅର୍ଥ ଯୋଗାଇବ ବୋଲି ମଧ୍ୟ ଜଣାପଡିଛି।



ଗୁଇନ୍ଦା ବିଭାଗ ଦର୍ଶାଇଛି ଯେ, ଜେଇଏମ୍ ଠାରୁ ଆତଙ୍କବାଦୀ ଭାବେ ଟ୍ରେନିଂ ପାଇବା ପରେ ଏହି ରୋହିଙ୍ଗ୍ୟା ଆତଙ୍କବାଦୀମାନେ କେବଳ କାଶ୍ମୀରରେ ନୁହେଁ ବରଂ ଭାରତର ପଡ଼ୋଶୀ ଦେଶ ମିଆଁମାରରେ ମଧ୍ୟ ନିଜର କାୟା ବିସ୍ତାର କରିବାକୁ ଲକ୍ଷ୍ୟ ରଖିଛନ୍ତି। ଜେଇଏମ୍ ଏହି ରୋହିଙ୍ଗ୍ୟା ଶରଣାର୍ଥୀଙ୍କୁ ଦୁଇଟି କଥା କହି ପ୍ରଲୋଭିତ କରୁଛି। ପ୍ରଥମତଃ ସେମାନଙ୍କୁ ମୋଟା ଅଙ୍କର ଅର୍ଥ ଦେବ ଏବଂ ସେମାନଙ୍କୁ ମିଆଁମାର ସେନା ବିରୋଧରେ ସ୍ୱର ଉତ୍ତୋଳନ କରିବା ଦିଗରେ ସାମରିକ ଭାବେ ସଶକ୍ତ କରିବ। ତେବେ ଏସବୁ ପାଇଁ ପ୍ରଥମେ ଭାରତରେ ବିଶେଷକରି କାଶ୍ମୀରରେ ଅସ୍ଥିରତା ସୃଷ୍ଟି କରିବାକୁ ହେବ ବୋଲି ଜେଇଏମ୍ ଏହି ନୀରିହ ରୋହିଙ୍ଗ୍ୟାଙ୍କ ନିକଟରେ ସର୍ତ୍ତ ରଖିଛି। ତେବେ ଅନେକ ରୋହିଙ୍ଗ୍ୟା ଏସବୁ କରିବାକୁ ମନା କରୁଥିବା ବେଳେ ଅନେକ ରୋହିଙ୍ଗ୍ୟା କେବଳ ନିଜ ପରିବାରଙ୍କ ମୁହଁକୁ ଚାହିଁ ଜେଇଏମ୍‌ର ଏପ୍ରକାର ପ୍ରସ୍ତାବରେ ରାଜି ହେଉଛନ୍ତି। ଗୁଇନ୍ଦା ରିପୋର୍ଟ ଏବଂ ସାମ୍ନାକୁ ଆସିଥିବା କିଛି ଫଟୋ ସ୍ପଷ୍ଟ କରୁଛି ଯେ ମସୁଦ ଆଜାରଙ୍କ ନେତୃତ୍ୱରେ ଏହି ଆତଙ୍କବାଦୀ ସଂଗଠନ ଏବେ ରୋହିଙ୍ଗ୍ୟା ମୁସଲିମ ଯୁବକଙ୍କୁ ମୌଳବାଦୀ କରୁଛି ଏବଂ ମିଆଁମାରରେ ଏକ ଜିହାଦୀ ନେଟୱାର୍କ ସୃଷ୍ଟି କରୁଛି। ରିପୋର୍ଟ ଅନୁଯାୟୀ, ଜୈଶ ମିଆଁମାରକୁ ନିକଟରେ ପ୍ରାୟ ୪୨ ଲକ୍ଷ ଟଙ୍କା (ପ୍ରାୟ ୫୦ ହଜାର ଡଲାର) ପଠାଇଛି। ଏହି ଟଙ୍କା "ବର୍ମି ମୁଜାହିଦ୍ଦିନ"ଙ୍କୁ ଅସ୍ତ୍ରଶସ୍ତ୍ର ଏବଂ ଅପରେଶନ ପାଇଁ ଦିଆଯାଇଛି। ଜୈଶ-ଏ-ମହମ୍ମଦ ରୋହିଙ୍ଗା ସମ୍ପ୍ରଦାୟର ବେକାର ଏବଂ କ୍ରୋଧିତ ଯୁବକମାନଙ୍କୁ ନିଜ ଜାଲରେ ଫସାଉଛି। ମିଆଁମାରର ରାଖାଇନ ରାଜ୍ୟ ପୂର୍ବରୁ ଅଶାନ୍ତ ରହିଛି। ତେଣୁ ସେଠାରେ ମୌଳବାଦୀ ସଂଗଠନ ପାଇଁ ଭୂମି ପ୍ରସ୍ତୁତ ହେଉଛି। ଏହା ମଧ୍ୟ ଆଶଙ୍କା ରହିଛି ଯେ ଜୈଶ ଏହି ରୋହିଙ୍ଗ୍ୟା ଯୁବକମାନଙ୍କୁ ଭାରତରେ ଉପସ୍ଥିତ ଶରଣାର୍ଥୀଙ୍କ ମାଧ୍ୟମରେ କାଶ୍ମୀର କିମ୍ବା ଅନ୍ୟାନ୍ୟ ସ୍ଥାନରେ ଆକ୍ରମଣ ପାଇଁ ବ୍ୟବହାର କରିବ।

ପ୍ରକାଶ, ହଜାର ହଜାର ରୋହିଙ୍ଗା ଶରଣାର୍ଥୀ ପୂର୍ବରୁ ଜମ୍ମୁ ଏବଂ କଶ୍ମୀର, ଦିଲ୍ଲୀ ଏବଂ ହାଇଦ୍ରାବାଦରେ ରହୁଛନ୍ତି। ମିଆଁମାରରେ ଜୈଶର ଉପସ୍ଥିତି ଭାରତ ପାଇଁ ସିଧାସଳଖ ବିପଦ ହୋଇପାରେ, ବିଶେଷକରି ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକ ପାଇଁ। ମଣିପୁର, ମିଜୋରାମ ଏବଂ ନାଗାଲାଣ୍ଡ ଭଳି ରାଜ୍ୟ ମିଆଁମାର ସହିତ ସଂଲଗ୍ନ। ଏହି ଅଞ୍ଚଳଗୁଡ଼ିକରେ ପୂର୍ବରୁ ବିଦ୍ରୋହର ସମସ୍ୟା ରହିଛି। ଏବେ ଯଦି ଜୈଶ ମିଆଁମାରରେ ଏକ ଘାଟି ସ୍ଥାପନ କରେ, ତେବେ ସେଠାରୁ ଆତଙ୍କବାଦୀ ଏବଂ ଅସ୍ତ୍ରଶସ୍ତ୍ର ଭାରତରେ ଅନୁପ୍ରବେଶ କରିବା ସହଜ ହୋଇଯିବ। ଗୋଟିଏ ପଟେ ଭାରତ-ମିଆଁମାର ମଧ୍ୟରେ ଏବେ ଦ୍ୱିପାକ୍ଷିକ ସମ୍ପର୍କ ସୁଧାର ଦିଗରେ ପ୍ରୟାସ କରାଯାଉଥିବା ବେଳେ ଯଦି ମିଆଁମାର ମାଟିରୁ ଭାରତ ବିରୁଦ୍ଧରେ ଆତଙ୍କବାଦୀ ଷଡ଼ଯନ୍ତ୍ର ରଚାଯାଏ, ତେବେ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ଫାଟ ସୃଷ୍ଟି ହୋଇପାରେ। ପାକିସ୍ତାନ ଏହା ହିଁ ଚାହୁଁଛି।

# ହସ୍ପିଟାଲ୍‌ରେ ଭର୍ତ୍ତି ହେଲେ ସୋନିଆ ଗାନ୍ଧୀ

**ନୂଆଦିଲ୍ଲୀ,୭।୬/ଏଜେନ୍ସି:** ବରିଷ୍ଠ କଂଗ୍ରେସ ନେତ୍ରୀ ତଥା ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ପୁଣିଥରେ ଅସୁସ୍ଥ ହୋଇପଡିଛନ୍ତି। ସମ୍ପ୍ରତି ସୋନିଆ ଶିମ୍‌ଲା ଗସ୍ତରେ ଥିବାବେଳେ ସେଠାରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ ହୋଇଯାଇଛି। ଏହାପରେ ତାଙ୍କୁ ଶନିବାର ଇନ୍ଦିରା ଗାନ୍ଧୀ ମେଡିକାଲ କଲେଜ ଏବଂ ହସ୍ପିଟାଲ (ଆଇଜିଏମ୍‌ସି) କୁ ନିଆଯାଇଥିଲା। ସେଠାରେ ତାଙ୍କର ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇଛି। ଡାକ୍ତରମାନେ ତାଙ୍କର ଇସିଜି ଏବଂ ଏମ୍‌ଆରଆଇ ସ୍କାନ ଭଳି ପରୀକ୍ଷା କରିଛନ୍ତି। ପ୍ରକାଶ, ସୋନିଆ ଗାନ୍ଧୀ ସୋମବାର ଛୁଟି କାଟିବା ପାଇଁ ଶିମଲା ଯାଇଥିଲେ। ସେ ତାଙ୍କ ଝିଅ ତଥା କଂଗ୍ରେସ ମହାସଚିବ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ଚାରବ୍ରା ଠାରେ ଥିବା ଏକ ବ୍ୟକ୍ତିଗତ ବାସଭବନରେ ରହୁଛନ୍ତି। କିନ୍ତୁ ଏଠାରେ ସୋନିଆଙ୍କ ହଠାତ ସ୍ୱାସ୍ଥ୍ୟାବସ୍ଥା ହଠାତ ଖରାପ ହୋଇପଡିଥିଲା। ସୋନିଆଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ଜାଣିବା ପରେ ହିମାଚଳ ପ୍ରଦେଶର ମୁଖ୍ୟ ସଚିବ ପ୍ରବୋଧ ସକ୍ସେନା ନିଜେ ହସ୍ପିଟାଲ ଯାଇ ସେଠାରେ ସୋନିଆଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରିବୁଝିଥିଲେ। ଏହାବ୍ୟତୀତ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମଧ୍ୟ ହସ୍ପିଟାଲରେ ପହଞ୍ଚି ସିଧା ରେଡିଓଲୋଜି ବିଭାଗକୁ ଯାଇ ସୋନିଆଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ତେବେ ବର୍ତ୍ତମାନ ପୂର୍ବତନ କଂଗ୍ରେସ ଅଧ୍ୟକ୍ଷାଙ୍କ ଅବସ୍ଥା ସ୍ଥିର ଥିବା କୁହାଯାଉଛି। ପରୀକ୍ଷା ପରେ ସୋନିଆ ଘରକୁ ଫେରିଆସିଥିବା ଜଣାପଡିଛି।






ଟ୍ରମ୍ପ୍‌ଙ୍କ ସହ ଏଲନ୍‌ଙ୍କ ଶୀତଳ ଯୁଦ୍ଧ

# ନୂଆ ରାଜନୈତିକ ଦଳ ଗଠନ କରିବେ ମସ୍କ!



**ୱାଶିଂଟନ୍,୭।୬/ଏଜେନ୍ସି:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଓ ଟେସଲା ସିଇଓ ଏଲନ ମସ୍କଙ୍କ ମଧ୍ୟରେ ଦେଖା ଦେଇଥିବା ବିବାଦ ଆହୁରି ଘନେଇବାରେ ଲାଗିଛି। ପରିସ୍ଥିତି ଏପରି ହୋଇଛି ଏଲନ୍ ମସ୍କ ଏବେ ନିଜର ଏକ ରାଜନୈତିକ ଦଳ ଗଠନ କରିବାକୁ ଆଗଭର ହୋଇଛନ୍ତି। ସେ ନିଜେ ଏସମ୍ପର୍କରେ ସୂଚନା ଦେଇଛନ୍ତି। ରିପୋର୍ଟ ଅନୁସାରେ ମସ୍କ ନିଜର ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ'ରେ ଏକ ପୋଲ କରି ଆମେରିକାବାସୀଙ୍କ ନିକଟରେ ଏକ ପ୍ରଶ୍ନ ରଖିଥିଲେ। ମସ୍କ ଲେଖିଥିଲେ, ଆମେରିକାରେ ମଧ୍ୟମଣ୍ଡଳୀୟ ବର୍ଗରଲୋକଙ୍କୁ ପ୍ରତିନିଧିତ୍ୱ କରୁଥିବା ଏକ ନୂଆ ରାଜନୈତିକ ଦଳ ଗଠନର ସମୟ ଆସିଛି କି ? ଏହି ପୋଲରେ ୮୧% ଭୋଟର ହଁ ବୋଲି ମତ ଦେଇଥିଲେ। ମସ୍କ ଏହାକୁ ଭାଗ୍ୟର ନିର୍ଦ୍ଦେଶ ବୋଲି ଅଭିହିତ କରି ନୂଆ ଦଳର ନାମ 'ଦି ଆମେରିକାନ୍ ପାର୍ଟି' ରଖିବାକୁ ସମର୍ଥନ ଦେଇଛନ୍ତି।

ମସ୍କ, ଟ୍ରମ୍ପ୍‌ଙ୍କ ଟିକସ ବିଲ୍ (ବିଗ୍ ବ୍ୟୁଟିଫୁଲ୍ ବିଲ୍) ଉପରେ ଅସନ୍ତୋଷ ପ୍ରକାଶ କରିବା ପରେ ଟ୍ରମ୍ପ୍ ସୋସିଆଲ ମିଡ଼ିଆରେ ମସ୍କଙ୍କ ମନୋଭାବ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। ମସ୍କ ସୋସିଆଲ ମିଡିଆରେ କହିଥିଲେ ଯେ, ଟ୍ରମ୍ପ୍ ଜଣେ ମାନସିକ ଅସ୍ଥିର ବ୍ୟକ୍ତି। ଟ୍ରମ୍ପ୍ ଜଣେ ସ୍ୱେଚ୍ଛାଚାରୀ ଶାସକଙ୍କ ଭଳି ନିଷ୍ପତ୍ତି ନେଉଛନ୍ତି। 'ବିଗ୍ ବ୍ୟୁଟିଫୁଲ ବିଲ'ରେ ଟ୍ୟାକ୍ସ କମେଇବା, ପ୍ରତିରକ୍ଷା ଖର୍ଚ୍ଚ ବୃଦ୍ଧି କରିବା ଓ ସରକାରୀ ଋଣ ବୃଦ୍ଧି କରୁଥିବା ବ୍ୟବସ୍ଥା ରହିଛି। ଏହା ଆମେରିକାର ଅର୍ଥନୀତିକୁ ଦୁର୍ବଳ କରିବ ବୋଲି ମସ୍କ କହିଛନ୍ତି। କେବଳ ସେତିକି ନୁହେଁ ମସ୍କ ଦାବି କରିଛନ୍ତି ଯେ, ଯଦି ତାଙ୍କର ୨୫୯ ମିଲିୟନ ଡଲାରରୁ ଅଧିକ ଆର୍ଥିକ ସହାୟତା ନଥାନ୍ତା ତେବେ ଟ୍ରମ୍ପ ୨୦୨୪ ନିର୍ବାଚନ ଜିତିପାରିନଥାନ୍ତେ। ଏହାପର ଠାରୁ ମସ୍କ-ଟ୍ରମ୍ପ୍ ବିବାଦ ଶିଖର ସ୍ତରରେ ପହଞ୍ଚିଛି। ଅନ୍ୟପକ୍ଷେ ଟ୍ରମ୍ପ କହିଛନ୍ତି ମସ୍କ ଜଣେ ଦେଶଦ୍ରୋହୀ। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ। ଟ୍ରମ୍ପ୍, ମସ୍କଙ୍କୁ ମନରୁ ଅସୁସ୍ଥ ବୋଲି ଅଭିହିତ କରି ତାଙ୍କ କମ୍ପାନୀ ଟେସଲା ଓ ସ୍ପେସଏକ୍ସର ସରକାରୀ ଚୁକ୍ତି ଓ ସବ୍‌ସିଡି ବାତିଲ କରିବାକୁ ଧମକ ଦେଇଛନ୍ତି। ପ୍ରକାଶ, ଆମେରିକାରେ ଆଜି ପର୍ଯ୍ୟନ୍ତ ଦୁଇ ରାଜନୈତିକ ଦଳୀୟ (ରିପବ୍ଲିକାନ୍ ଏବଂ ଡେମୋକ୍ରାଟ୍) ନିର୍ବାଚନ ବ୍ୟବସ୍ଥା ପ୍ରଚଳିତ ରହିଆସିଛି।

ବିମାନ ଉଡାଇବାକୁ ମନାକଲେ ପାଇଲଟ୍

# ୪୫ ମିନିଟ୍ ପର୍ଯ୍ୟନ୍ତ ଫସିରହିଲେ ଏକନାଥ

**ନୂଆଦିଲ୍ଲୀ,୭।୬/ଏଜେନ୍ସି:** ଜଲଗାଓଁ ବିମାନବନ୍ଦରରେ ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କୁ ଏକ ଅଭାବନୀୟ ଘଟଣାର ସମ୍ମୁଖୀନ ହେବାକୁ ପଡିଛି। ରିପୋର୍ଟ ଅନୁସାରେ ସେ ନିଜର ଏକ ବିମାନ ଯୋଗେ କେଉଁ ଏକ ଅଞ୍ଚଳକୁ ଗସ୍ତ କରିବାର ଥିଲା। କିନ୍ତୁ ଠିକ୍ ଏହି ସମୟରେ ବିମାନର ପାଇଲଟ୍ ଉଡାଣ ଭରିବାକୁ ମନା କରିଦେଇଥିଲେ। ପାଇଲଟ୍ କହିଥିଲେ ଗତ ୧୨ ଘଣ୍ଟା ଧରି ସେ ନିୟମିତ ଭାବେ ବିମାନ ଉଡାଉଛନ୍ତି। ସେ ଏବେ ବହୁତ କ୍ଲାନ୍ତ ଅନୁଭବ କରୁଛନ୍ତି। ତେଣୁ ସେ ବିମାନ ଉଡାଇପାରିବେ ନାହିଁ। ପାଇଲଟ୍‌ଙ୍କ ଏପ୍ରକାର ଜବାବ ଏବଂ ସ୍ୱାସ୍ଥ୍ୟଗତ କାରଣ ପାଇଁ ଉପମୁଖ୍ୟମନ୍ତ୍ରୀ ସେହି ବିମାନବନ୍ଦରରେ ହିଁ ଦୀର୍ଘ ୪୫ ମିନିଟ୍ ଧରି ଫସିରହିଥିଲେ। ପରେ ଅବଶ୍ୟ ପାଇଲଟ୍ ଯେଉଁ ଏୟାରଲାଇନ୍ସ ସହ ଅନୁବନ୍ଧିତ ରହିଛନ୍ତି ଉକ୍ତ ଏୟାରଲାଇନ୍ସର କର୍ମକର୍ତ୍ତାଙ୍କ ସହ ଯୋଗାଯୋଗ କରାଯାଇଥିଲା କିନ୍ତୁ ପାଇଲଟଜଣକ ଏୟାରଲାଇନ୍ସର ଅର୍ଡର ମାନିବାକୁ ମଧ୍ୟ ମନା କରିଦେଇଥିଲେ। ପରେ ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ନିଜେ ପାଇଲଟ୍‌ଙ୍କ ସହ କଥା ହୋଇଥିଲେ। ଏହାପରେ ଯାଇ ପାଇଲଟ୍ ବିମାନ ଉଡାଇବାକୁ ରାଜି ହୋଇଥିଲେ। ତେବେ ଏସବୁ ଡ୍ରାମା ପ୍ରାୟ ୪୫ ମିନିଟ ପର୍ଯ୍ୟନ୍ତ ଚାଲିଥିଲା। ଶୁକ୍ରବାର ଏକନାଥ ଶିନ୍ଦେ ମୁକ୍ତାଇନଗର ଗସ୍ତରେ ଥିଲେ। ଗସ୍ତ ପରେ, ଯେତେବେଳେ ସେ ମୁମ୍ବାଇ ଫେରିବା ପାଇଁ ଜଲଗାଓଁ ବିମାନବନ୍ଦରରେ ପହଞ୍ଚିଥିଲେ ଠିକ୍ ଏହି ସମୟରେ ତାଙ୍କ ସହ ଏପରି କିଛି ଘଟିଥିଲା।

ପହଲଗାମ ଆକ୍ରମଣକୁ ନିନ୍ଦାକଲେ ବ୍ରିକ୍ସ ରାଷ୍ଟ୍ରସମୂହ

# ୨୦୨୬ରେ ଆୟୋଜକ ସାଜିବ ଭାରତ

**ନୂଆଦିଲ୍ଲୀ, ୭।୬/ଏଜେନ୍ସି:** ୨୦୨୫ ବର୍ଷ ପାଇଁ ବ୍ରିକ୍ସ ସମ୍ମିଳନୀ ଶେଷ ହୋଇଛି। ଏହି ଅବସରରେ ବ୍ରିକ୍ସ ରାଷ୍ଟ୍ର ସମୂହ ଭାରତର ଜାମ୍ମୁ-କାଶ୍ମୀର ଅନ୍ତର୍ଗତ ପହଲଗାଓଁରେ ଘଟିଥିବା ଆତଙ୍କବାଦୀ ଆକ୍ରମଣକୁ ମିଳିତ ଭାବେ ଦୃଢ଼ ନିନ୍ଦା କରିଥିଲେ। ଏହା ସହିତ ଆତଙ୍କବାଦ ବିରୋଧରେ ଗଠନମୂଳକ ଭାବେ ଶୂନ୍ୟ ସହନଶୀଳ ନୀତି ଆପଣାଇବାକୁ ରାଷ୍ଟ୍ରଗୁଡ଼ିକ ଆହ୍ୱାନ କରିଛନ୍ତି। ବୃତ୍ତାନ୍ତ ଘୋଷଣାନାମାରେ ବ୍ରିକ୍ସ ରାଷ୍ଟ୍ରସମୂହ ଏକତ୍ର ହୋଇ ଆତଙ୍କବାଦ ବିରୋଧରେ ଲଢ଼େଇ କରିବାକୁ ସହମତି ପ୍ରକାଶ କରିଛନ୍ତି। ବ୍ରିକ୍ସ ରାଷ୍ଟ୍ରଗୁଡ଼ିକ ବିଭିନ୍ନ ପ୍ରସଙ୍ଗ ଯେପରିକି କୃତ୍ରିମ ବୁଦ୍ଧିମତ୍ତା, ଅର୍ଥନୈତିକ ସହଯୋଗ ଏବଂ ସଂସଦୀୟ ସହଯୋଗ କ୍ଷେତ୍ରରେ ଏକତ୍ର ହୋଇ କାର୍ଯ୍ୟ କରିବାକୁ ପ୍ରତିବଦ୍ଧତା ପ୍ରଦର୍ଶନ କରିଛନ୍ତି। ତେବେ ଆସନ୍ତା ୨୦୨୬ ବ୍ରିକ୍ସ ଶିଖର ସମ୍ମିଳନୀ ଆୟୋଜନ କରିବ ଭାରତ। ଲୋକସଭା ବାଚସ୍ପତି ଓମ୍ ବିର୍ଲା ବ୍ରାଜିଲ୍‌ର ବ୍ରାସିଲିଆ ଠାରେ ଆୟୋଜିତ ବ୍ରିକ୍ସ ଶିଖର ସମ୍ମିଳନୀର ଉଦ୍‌ଯାପନୀ ଦିବସରେ ଏ ନେଇ ଘୋଷଣା କରିଛନ୍ତି।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra